

ରଣବୀରଙ୍କ 'ଲୁକ୍' ଲିକ୍
▶ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-250 ♦MONDAY ♦09 MARCH 2026 ♦PAGE-12 ♦₹ 7.00 | PANIKOILI | ♦ବର୍ଷ-୪୩ ♦ସଂଖ୍ୟା-୨୫୦ ♦ସୋମବାର ♦୦୯ ମାର୍ଚ୍ଚ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


ଭାରତ-ନ୍ୟୁଜିଲାଣ୍ଡ ଟି-୨୦ ବିଶ୍ୱକପ୍ ଫାଇନାଲ

## ମୋଟେରାରେ ତ୍ରିମୂର୍ତ୍ତି ବିସ୍ଫୋରଣ










### ତେହେରାନ ଉପରେ ପୁଣି ଆମେରିକା-ଇସ୍ରାଏଲର ପ୍ରଚଣ୍ଡ ଆକ୍ରମଣ

# ୪୦୦ ସ୍ଥାନରେ ବୋମାମାଡ଼

■ ତେହରାନ/ ତେଲ ଆଭିଭ, ୮।୩ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ମହାଯୁଦ୍ଧ ଭୟଙ୍କର ସ୍ଥିତି ସୃଷ୍ଟି କରିଛି। ସପ୍ତାହରୁ ଅଧିକ ସମୟ ହୋଇ ଯାଇଥିଲେ ବି ଯୁଦ୍ଧ ବନ୍ଦ ହେବାର ନା ଧରୁନି। ଏଭଳି ସ୍ଥିତି ମିଳିତ ଜାତିସଂଘ (ୟୁଏନ) ଅସ୍ତିତ୍ୱ ଉପରେ ପୁଣି ପ୍ରଶ୍ନବାଚୀ ସୃଷ୍ଟି କରିଥିବାବେଳେ ଯୁଦ୍ଧର କଳାବାଦଲ ଧିରେ ସମ୍ପୂର୍ଣ୍ଣ ଅଞ୍ଚଳକୁ କବଳିତ କରିବାରେ ଲାଗିଛି। ସାରା ବିଶ୍ୱ ପ୍ରଭାବିତ ହେଉଥିବାବେଳେ କୌଣସି ଦେଶ ଅସ୍ତ୍ରବିରତି ପାଇଁ ରାଜି ହେଉନାହାନ୍ତି। ଆମେରିକା ରାଷ୍ଟ୍ରପତିଙ୍କ ଧମକକୁ ଇରାନ ଖାତିର କରୁନାହିଁ। ଏପରି ସମୟରେ ଆମେରିକା ଏବଂ ଇସ୍ରାଏଲ ଯୁଦ୍ଧ ବିମାନ ଆଜି ସକାଳେ ଇରାନ ଆକାଶରେ ଆତଙ୍କ ସୃଷ୍ଟି କରିଛି। ଇରାନର ଜୀବନ ରେଖା

**ଖାମନେଇଙ୍କ ଉତ୍ତରାଧିକାରୀ ବାଛିଲା ଇରାନ**

**ଇସ୍ରାଏଲ୍ ସମେତ ୮ ଦେଶରେ ଇରାନର ପାଲଟା ଆକ୍ରମଣ**

କୁହାଯାଉଥିବା ପ୍ରମୁଖ ତୈଳ ଭଣ୍ଡାର ସମେତ ୪୦୦ ସ୍ଥାନରେ ଆକ୍ରମଣ କରି ଧ୍ୱଂସସ୍ତୁପ ସୃଷ୍ଟି କରିଛି। ଏପରି କରି ଯୋଗାଣ ଶୃଙ୍ଖଳକୁ କାଟି ଦିଆଯାଇଛି। ଫଳରେ ତେହରାନରେ ଅନ୍ଧକାର ଛାଇ ଯାଇଛି। ଏହାର ଜବାବରରେ ଇରାନ ଉପସାଗରୀୟ ଦେଶକୁ ନିଶାଣ କରିଛି।

ରାଷ୍ଟ୍ରପତି ମାସୁଦ ପେଜସକିଆନ ନିଜେ ଦେଇଥିବା ମନ୍ତବ୍ୟରୁ ୟୁଟର୍ଣ୍ଣ ନେଇଛନ୍ତି। ସେ ଦେଇଥିବା ମନ୍ତବ୍ୟକୁ ଶତ୍ରୁ ଭୁଲ ଭାବି ନେଇଥିବା କହିଛନ୍ତି। ଯେଉଁ ଦେଶରୁ ଇରାନ ଉପରେ ଆକ୍ରମଣ ହେବ ସେହି ଦେଶକୁ ନିଶାଣ କରାଯିବ ବୋଲି ସ୍ପଷ୍ଟ କରିଛନ୍ତି। ଏହି କ୍ରମରେ ଇରାନ ଆଜି ଇସ୍ରାଏଲ,ଜୋର୍ଡାନ, ବାହାରିନ, କୁଏତ, କାତାର, ସାଉଦି ଆରବ, ୟୁଏଇ ଉପରେ କ୍ଷେପଣାସ୍ତ୍ର ଏବଂ ଡ୍ରୋନ ଆକ୍ରମଣ ▶ପୃଷ୍ଠା-୭



ସଂସଦ ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ

## ଆଜି ବାଚସ୍ପତିଙ୍କ ବିରୋଧରେ ଅନାସ୍ଥା



■ ନୂଆଦିଲ୍ଲୀ, ୮।୩ (ଏଜେନ୍ସି): ଆସନ୍ତାକାଲି ଠାରୁ ଆରମ୍ଭ ହେବାକୁ ଯାଉଛି ସଂସଦର ଦ୍ୱିତୀୟ ପର୍ଯ୍ୟାୟ ବଜେଟ ଅଧିବେଶନ। ଆସନ୍ତାକାଲି ପ୍ରଥମ ଦିନରେ ବାଚସ୍ପତି ଓମ୍ ବିର୍ଲାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଉପରେ ଆଲୋଚନା ହେବ। ଗତ ଅଧିବେଶନରେ ଏନେଇ ବିରୋଧୀ ଦଳ ନୋଟିସ ଦେଇଥିଲେ। ଏହାସହିତ ମଧ୍ୟପ୍ରାଚ୍ୟ ଯୁଦ୍ଧ, ତୈଳ ସଙ୍କଟ, ଏପ୍‌ଷ୍ଟିନ ଫାଇଲ ଏବଂ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିକୁ ନେଇ ଏହି ଅଧିବେଶନରେ ସରଗରମ ଆଲୋଚନା ହେବ ବୋଲି ଜଣାପଡ଼ିଛି। ଆସନ୍ତା ଏପ୍ରିଲ ୨ ତାରିଖ ପର୍ଯ୍ୟନ୍ତ ଏହି ଅଧିବେଶନ ଚାଲିବ।

କାଲି ପ୍ରଥମ ଦିନରେ ବିରୋଧୀ ଦଳ ବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିବେ। ସଂଖ୍ୟା ଦୃଷ୍ଟିରୁ ଏହି ପ୍ରସ୍ତାବ କାଟ୍ ଖାଇବାର ସମ୍ଭାବନା ରହିଛି। ତେବେ ଓମ୍ ବିର୍ଲାଙ୍କୁ ଟାର୍ଗେଟ କରିବା ଲାଗି ବିରୋଧୀ ଦଳ ଏହାର ଉପଯୋଗ କରିବେ ବୋଲି କହିଛନ୍ତି। ଗୃହ ପରିଚାଳନାରେ ବିର୍ଲା ନିରପେକ୍ଷ ଭୂମିକା ଗ୍ରହଣ କରୁ ନାହାନ୍ତି ଏବଂ ବିରୋଧୀଙ୍କ କଣ୍ଠରୋଧ କରୁଛନ୍ତି ବୋଲି ବିରୋଧୀ ଦଳ ଅଭିଯୋଗ କରିଛନ୍ତି। ଅନାସ୍ଥା ଆଲୋଚନା ବେଳେ ବିର୍ଲା ଗୃହରେ ଉପସ୍ଥିତ ରହି ନିଜର ପକ୍ଷ ରଖିବେ ବୋଲି ଜଣାପଡ଼ିଛି। କିନ୍ତୁ ଗୃହ ପରିଚାଳନା କରିବେ ନାହିଁ ▶ପୃଷ୍ଠା-୭

ବିଧାନସଭା ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ

## ଆରମ୍ଭରୁ ତାତିବ ଗୃହ

■ ଭୁବନେଶ୍ୱର, ୮।୩ (ସମିସ): ସପ୍ତଦଶ ବିଧାନସଭାର ଷଷ୍ଠ ଅର୍ଥାତ୍ ବଜେଟ ଅଧିବେଶନ ଦ୍ୱିତୀୟ ପର୍ଯ୍ୟାୟ ଆସନ୍ତାକାଲି (ସୋମବାର)ଠାରୁ ଆରମ୍ଭ ହେବ। ରାଜ୍ୟରେ ଧାନ କିଣାରେ ଚରମ ଅବହେଳା ପ୍ରସଙ୍ଗକୁ ନେଇ ବିରୋଧୀ ପ୍ରଥମ ପର୍ଯ୍ୟାୟରେ ପ୍ରବଳ ହଙ୍ଗାମା କରିଥିଲେ। ପ୍ରଥମ ଦିନରେ ରାଜ୍ୟପାଳଙ୍କ ଅଭିଭାଷଣ ବ୍ୟତୀତ ଅନ୍ୟ କୌଣସି ଦିନରେ ଗୃହ ସୁରୁଖୁରୁରେ ଚାଲି ପାରି ନ ଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ମଧ୍ୟ ସମାନ ଭାବରେ ସରକାରଙ୍କୁ ଗୃହରେ ଘେରିବା ପାଇଁ ବିରୋଧୀ ପ୍ରସ୍ତୁତ ହୋଇ ରହିଥିବା ଜଣାପଡ଼ିଛି। ବିଜେଡି ଚାଷୀ, ଆଇନଶୃଙ୍ଖଳା, ମହାନଦୀ ଓ ପୋଲଭରମକୁ ମୁଖ୍ୟ ଅସ୍ତ୍ର କରିବ ବୋଲି ସୂଚନା ଦେଇଥିବା ବେଳେ କଂଗ୍ରେସ ଆଇନ ଶୃଙ୍ଖଳା, 'ପେସା' ଆଇନ ଲାଗୁରେ ସରକାରଙ୍କ ଟାଳଟୁଳ ନୀତି ସହ ପିଇବା ପାଣି ଏବଂ ବେକାରୀ ପ୍ରସଙ୍ଗକୁ ନେଇ ଗୃହରେ ଗର୍ଜିବା ପାଇଁ ରଣନୀତି ପ୍ରସ୍ତୁତ କରିଛି।

ବଜେଟ ଅଧିବେଶନର ପ୍ରଥମ ପର୍ଯ୍ୟାୟରେ ଗୃହ ୭ ଦିନ ଚାଲିଥିବା ବେଳେ ତନ୍ମଧ୍ୟରୁ ୬ ଦିନ ବିରୋଧୀଙ୍କ ହଙ୍ଗାମା କାରଣରୁ ଚାଲି ପାରି ନ ଥିଲା। ଧାନ କିଣାରେ ▶ପୃଷ୍ଠା-୭



**ଚାଷୀ, ଆଇନଶୃଙ୍ଖଳା ଓ ମହାନଦୀ ପ୍ରସଙ୍ଗରେ ସରକାରଙ୍କୁ ଘେରିବ ବିଜେଡ**

**'ପେସା' ଆଇନ, ପାନୀୟ ଜଳ ପ୍ରକଳ୍ପରେ ବିଳମ୍ବକୁ ନେଇ ଗର୍ଜିବ କଂଗ୍ରେସ**

**ଆସନ୍ତା ୩୧ ତାରିଖରେ ଗୃହରେ ଆଗତ ହେବ ବ୍ୟୟମଞ୍ଜୁରୀ ବିଧେୟକ**




ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ରବିବାର ଶଙ୍ଖ ଭବନରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଓଡ଼ିଶାର ମହିୟସୀ ନାରୀ ନେତ୍ରୀମାନଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି।

ରାଜ୍ୟ ସରକାରଙ୍କ ଉପରେ ବର୍ଷିଲେ ନବୀନ

## ନେତୃତ୍ୱ ସଙ୍କଟ; ବଢୁଛି ନାରୀ ନିର୍ଯାତନା

■ ଭୁବନେଶ୍ୱର,୮।୩ (ସମିସ): ରାଜ୍ୟରେ ବିଜେପି ସରକାରରେ ନେତୃତ୍ୱ ସଙ୍କଟ ସୃଷ୍ଟି ହୋଇଛି। ଏଥିପାଇଁ ନାରୀମାନଙ୍କ ଉପରେ ଅତ୍ୟାଚାର ବଢ଼ି ଚାଲିଛି। ସରକାରରେ ଶୁଣିବାକୁ କେହି ନାହିଁ ବୋଲି କହି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ। ରବିବାର ଶଙ୍ଖ ଭବନରେ ଆୟୋଜିତ ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ବିଜୁ ମହିଳା ଜନତା ଦଳ ପକ୍ଷରୁ ଆୟୋଜିତ ସମାବେଶକୁ ଉଦ୍‌ଘାଟନ କରି ନବୀନ କହିଛନ୍ତି, ବିଜୁ ଜନତା ଦଳ ମା'ମାନଙ୍କ ସମ୍ପୂର୍ଣ୍ଣ ସଶକ୍ତୀକରଣରେ ବିଶ୍ୱାସ କରେ। ଅନ୍ୟ ଦଳମାନଙ୍କ ପରି ଲୋକଦେଖାଣିଆ କାମ କରେ ନାହିଁ। ମା'ମାନଙ୍କ ▶ପୃଷ୍ଠା-୭

**ମା'ଙ୍କ ନିରାପତ୍ତା ଓ ମର୍ଯ୍ୟାଦା ପାଇଁ ଲଢ଼େଇ ଜାରି ରଖିବ ବିଜେଡି**

**ବିଜୁ ବାବୁ ଥିଲେ ଦେଶରେ ମହିଳା ସଶକ୍ତିକରଣର ପଥପ୍ରଦର୍ଶକ**

# ୧୦୦ ଡଲାର ଟପିବ ତେଲ

## ଦୋହଲିଯିବ ଭାରତର ଅର୍ଥ ବ୍ୟବସ୍ଥା

■ ନୂଆଦିଲ୍ଲୀ, ୮।୩ (ଏଜେନ୍ସି): ଇରାନ-ଇସ୍ରାଏଲ ଯୁଦ୍ଧ କମିବାର କୌଣସି ସଙ୍କେତ ଦେଖାଯାଉନାହିଁ। ଏହି ଯୁଦ୍ଧରେ ଆମେରିକା ମଧ୍ୟ ଇସ୍ରାଏଲ ସହିତ ରହିଛି। ବର୍ତ୍ତମାନ ଯୁଦ୍ଧ ଉପସାଗରୀୟ ଦେଶରେ ପର୍ଯ୍ୟନ୍ତ ପହଞ୍ଚିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ଏହି ଯୁଦ୍ଧ ଦୀର୍ଘକାଳୀନ ହୋଇପାରେ, ଯାହା ବିଶ୍ୱରେ ଅଶୋଧିତ ତୈଳ ମୂଲ୍ୟରେ ତୀବ୍ର ବୃଦ୍ଧି ଆଣିପାରେ। ଏଥିଯୋଗୁ ଭାରତର ଅର୍ଥନୀତି ପ୍ରଭାବିତ ହେବାର ସମ୍ଭାବନା ରହିଛି।

ଆଜି ଇରାନ-ଇସ୍ରାଏଲ ଯୁଦ୍ଧ ୯ମ ଦିନରେ ପହଞ୍ଚିଛି। ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ଅଶୋଧିତ ତୈଳ ମୂଲ୍ୟ ପ୍ରତି ବ୍ୟାରେଲ ପ୍ରାୟ ୬୨ ଡଲାର ରହିଥିଲା। ଗତ ସପ୍ତାହରେ ଅଶୋଧିତ ତୈଳ ମୂଲ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଇଛି। ଶୁକ୍ରବାର ତେଲ ମୂଲ୍ୟ ପ୍ରତି ବ୍ୟାରେଲ ୯୦ ଡଲାର ଉପରେ ପହଞ୍ଚିଥିଲା। ଆମେରିକୀୟ ଅଶୋଧିତ ତୈଳ ୱେଷ୍ଟ ଟେକ୍ସାସ ଇଣ୍ଟରମିଡିଏଟ୍ (ଡବ୍ଲ୍ୟୁଟିଆଇ)ର ମୂଲ୍ୟ ୯୦.୯୦ ଡଲାରରେ ସ୍ଥିର ରହିଛି, ଯାହା ସପ୍ତାହକ ପୂର୍ବର ଦର ତୁଳନାରେ ୩୬% ବୃଦ୍ଧି। ଏହି ସମୟରେ, ଅନ୍ତର୍ଜାତୀୟ ବେଞ୍ଚମାର୍କ ବ୍ରେଣ୍ଟ ଅଶୋଧିତ ତୈଳର ମୂଲ୍ୟ ସପ୍ତାହରେ ୨୭% ବୃଦ୍ଧି ପାଇ ୯୨.୬୯ ଡଲାରରେ ପହଞ୍ଚିଛି। ସମ୍ପ୍ରତି ତୈଳ ମୂଲ୍ୟ ପ୍ରତି ବ୍ୟାରେଲ ୧୦ ରୁ ୧୫ ଡଲାର ବୃଦ୍ଧି ପାଇଛି। ଏହା ଭବିଷ୍ୟତରେ ଦେଶର ଜିଡିପି ଅଭିବୃଦ୍ଧିରେ ନକାରାତ୍ମକ ପ୍ରଭାବ ପକାଇବ। ବିଶ୍ୱ ଅଶୋଧିତ ତୈଳ ମୂଲ୍ୟରେ ପ୍ରତ୍ୟେକ ୧୦ ଡଲାର ବୃଦ୍ଧି ଭାରତର ଜିଡିପି ▶ପୃଷ୍ଠା-୭



**ଦୀର୍ଘ ସମୟ ଧରି ଲାଗି ରହିବ ଅନିଶ୍ଚିତତା**

**ଅଲୋଡ଼ା ରେକର୍ଡ**

# ଶିଶୁ ନିଖୋଜରେ ଓଡ଼ିଶା ଦେଶରେ ପଞ୍ଚମ

■ ନୂଆଦିଲ୍ଲୀ/ ଭୁବନେଶ୍ୱର, ୮।୩ (ସମିସ): ପ୍ରତିବର୍ଷ ଦେଶରୁ ନିଖୋଜ ହେଉଛନ୍ତି ହଜାର ହଜାର ଶିଶୁ। ଏମାନଙ୍କ ମଧ୍ୟରୁ କିଛି ଶିଶୁଙ୍କୁ ଉଦ୍ଧାର କରାଯାଇପାରୁଛି; ମାତ୍ର ଆଉ କିଛି ଶିଶୁଙ୍କ ପତ୍ତା ବର୍ଷବର୍ଷ ଧରି ମିଳୁନାହିଁ। ପ୍ରତିବର୍ଷ ଶିଶୁ ନିଖୋଜ ମାମଲା ବଢ଼ି ବଢ଼ି ଚାଲିଥିବାବେଳେ ସରକାର ଏମାନଙ୍କୁ ସୁରକ୍ଷା ଦେବା ଓ ନିଖୋଜ ଶିଶୁଙ୍କୁ ଉଦ୍ଧାର କରିବାରେ ବିଫଳ ହୋଇଛନ୍ତି। ଏହି ଶିଶୁମାନେ କୁଆଡ଼େ ଯାଉଛନ୍ତି, ସେମାନେ କିପରି ଅଛନ୍ତି, ତାହାର ସନ୍ଧାନ ମିଳୁନାହିଁ। ୨୦୨୫ରେ ସାରା ଦେଶରେ ୩୩୫୭୭ ଶିଶୁ ନିଖୋଜ ହୋଇଥିବାବେଳେ କେବଳ ଓଡ଼ିଶାରେ ନିଖୋଜ ହୋଇଛନ୍ତି ୧୬୨୪ ଶିଶୁ। ଓଡ଼ିଶାରେ ନିଖୋଜ ହୋଇଥିବା ପିଲାମାନଙ୍କ ମଧ୍ୟରୁ ୫୩୬ ଜଣଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରାଯାଇ ପାରିଛି। ଏବେ ବି ୧୦୮୮ ଶିଶୁଙ୍କର ପତ୍ତା ମିଳିନାହିଁ। ସବୁଠାରୁ ସ୍ୱର୍ଶକାତର ବିଷୟ ହେଉଛି ଶିଶୁ ନିଖୋଜ ମାମଲା କ୍ଷେତ୍ରରେ ଓଡ଼ିଶା ସାରା ଦେଶର ଶ୍ରେଷ୍ଠ ୫ କୁଖ୍ୟାତ ରାଜ୍ୟରେ ସ୍ଥାନ ପାଇଛି। ନିଖୋଜ ଶିଶୁ ମାମଲାରେ ପଶ୍ଚିମବଙ୍ଗ ଦେଶରେ ପ୍ରଥମ ସ୍ଥାନରେ ରହିଛି ଓ ମଧ୍ୟପ୍ରଦେଶ ଦ୍ୱିତୀୟ ସ୍ଥାନରେ। ୨୦୨୫ ଜାନୁଆରୀ ୩୧ ତାରିଖରୁ ୨୦୨୬ ଜାନୁଆରୀ ୩୧ ମଧ୍ୟରେ ସାରା ଦେଶରେ ପଞ୍ଜୀକୃତ ନିଖୋଜ ମାମଲାକୁ ନେଇ କେନ୍ଦ୍ର ସରକାରଙ୍କ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଏହି ତଥ୍ୟ ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ଏହି ଶିଶୁ ନିଖୋଜ ମାମଲାରେ ଜାତୀୟ ବା ଆନ୍ତର୍ଜାତୀୟ ରାକେଟର ସମ୍ପୃକ୍ତି ଅଛି କି ନାହିଁ ତାହା ଏବେ ଅନୁସନ୍ଧାନର ପ୍ରସଙ୍ଗ ହୋଇଛି। କଠୋର ଆଇନର ଅଭାବ ଏବଂ ଆଇନ ପ୍ରତି ଅପରାଧୀଙ୍କ ଭୟ ନ ଥିବାରୁ ଏଭଳି ଗମ୍ଭୀର ମାମଲା ନିଧଡ଼କ ଭାବେ ଚାଲିଥିବା କୁହାଯାଇଛି।

ପ୍ରକାଶିତ ରିପୋର୍ଟ ଅନୁସାରେ, ଗତ ବର୍ଷ ପଶ୍ଚିମବଙ୍ଗରେ ସର୍ବାଧିକ ୧୯,୧୪୫ ନିଖୋଜ ହୋଇଥିଲେ। ଏଥିମଧ୍ୟରୁ ୧୫,୪୬୫ ଶିଶୁଙ୍କୁ ଠାବ କରାଯାଇଛି; ମାତ୍ର ଏଯାବତ୍ ୩,୬୮୦ ▶ପୃଷ୍ଠା-୭

**ପ୍ରଥମ ସ୍ଥାନରେ ପଶ୍ଚିମବଙ୍ଗ, ଦ୍ୱିତୀୟରେ ମଧ୍ୟପ୍ରଦେଶ**

**ବର୍ଷକରେ ସାରା ଦେଶରୁ ୩୩,୫୭୭ ଶିଶୁ ନିଖୋଜ**







## ୭ ଦିନରେ ଉପସାଗରୀୟ ଦେଶରୁ ଫେରିଲେଣି ୫୨ ହଜାର ଭାରତୀୟ

ନୂଆଦିଲ୍ଲୀ, ୮।୩ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଭାରତୀୟଙ୍କ ମଧ୍ୟରେ ଛନକା ସୃଷ୍ଟି କରିଛି। ଇରାନ ଯୁଦ୍ଧର ପରିସର କ୍ରମାଗତ ଭାବେ ବଢୁଥିବାରୁ ଉପସାଗରୀୟ ଦେଶରେ ରହୁଥିବା ଭାରତୀୟ ନାଗରିକଙ୍କ ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହୋଇଛି। ଏଭଳି ସ୍ଥିତିରେ ନାଗରିକ ସ୍ୱଦେଶ ଫେରିବାରେ ଲାଗିଛନ୍ତି। ଗତ ଦିନ ମଧ୍ୟରେ ଉପସାଗରୀୟ ଦେଶରୁ ୫୨ ହଜାରରୁ ଅଧିକ ଭାରତୀୟ ସୁରକ୍ଷିତ ଭାବେ ସ୍ୱଦେଶ ଫେରିଲେଣି ବୋଲି ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏମାନଙ୍କ ମଧ୍ୟରୁ ୩୨,୧୦୭ ଜଣ ଭାରତୀୟ ଏୟାରଲାଇନ୍ସ ମାଧ୍ୟମରେ ଏବଂ ବାକି ଲୋକମାନେ ବିଦେଶୀ ବାଣିଜ୍ୟିକ ବିମାନ ଓ ଅଣ-ନିର୍ଦ୍ଧାରିତ ବିମାନ ଯୋଗେ ଫେରିଛନ୍ତି।

ମନ୍ତ୍ରଣାଳୟ ଅନୁଯାୟୀ, ଉପସାଗରୀୟ ଦେଶଗୁଡ଼ିକରେ ଫସିଥିବା ଭାରତୀୟଙ୍କ ସହାୟତା ପାଇଁ ଏକ ସ୍ୱତନ୍ତ୍ର କଣ୍ଟ୍ରୋଲ୍ ରୁମ୍ ଖୋଲା ଯାଇଛି। ଏହା ମାଧ୍ୟମରେ ପ୍ରଭାବିତ ଲୋକ ଏବଂ ସେମାନଙ୍କ ପରିବାରର ପ୍ରଶ୍ନର ଉତ୍ତର ଦିଆଯାଉଛି। ସେହି ଅଞ୍ଚଳରେ ରହୁଥିବା ସମସ୍ତ ଭାରତୀୟ ନାଗରିକଙ୍କୁ ସ୍ଥାନୀୟ ପ୍ରଶାସନ ଏବଂ ଭାରତୀୟ ଦୂତାବାସ/ବାଣିଜ୍ୟ ଦୂତାବାସ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ପାଳନ କରିବାକୁ ପରାମର୍ଶ ଦିଆଯାଇଛି। ସେହିପରି ଆଞ୍ଚଳିକ ଆକାଶମାର୍ଗ ଆଂଶିକ ଭାବେ ଖୋଲିବା ପରେ ଭାରତୀୟ ଏବଂ ବିଦେଶୀ ଏୟାରଲାଇନ୍ସ ବାଣିଜ୍ୟିକ ଓ ସ୍ୱତନ୍ତ୍ର ବିମାନ ଚଳାଚଳ କରୁଛନ୍ତି। ଆଗାମୀ ଦିନରେ ଅଧିକ ବିମାନ ଚଳାଚଳ ପାଇଁ ଯୋଜନା ରହିଛି। ଯେଉଁଠାରେ ବର୍ତ୍ତମାନ ବାଣିଜ୍ୟିକ ବିମାନ ଉପଲବ୍ଧ ନାହିଁ, ସେଠାରେ ରହୁଥିବା ଭାରତୀୟ ନାଗରିକଙ୍କୁ ନିକଟସ୍ଥ ଭାରତୀୟ ଦୂତାବାସ ସହ ଯୋଗାଯୋଗ କରିବାକୁ କୁହାଯାଇଛି।ଦୂତାବାସର ୱେବସାଇଟକୁ କ୍ରମାଗତ ଭାବେ ଚେକ୍ କରିବାକୁ କୁହାଯାଇଛି। ବିନା କାରଣରେ ଇଆଡେ ସିଆଡେ ନ ଯାଇ ସୁରକ୍ଷିତ ସ୍ଥାନରେ ରହିବାକୁ ପରାମର୍ଶ ଦିଆଯାଇଛି। ବିଦେଶରେ ଭାରତୀୟଙ୍କ ସୁରକ୍ଷା ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ବୋଲି ବୈଦେଶିକ ମନ୍ତ୍ରାଳୟ କହୁଛି।

# ପ୍ରଚଣ୍ଡ ଆକ୍ରମଣରେ ଥରୁଛି ମଧ୍ୟପ୍ରାଚ୍ୟ

ତେହରାନ, ୮।୩ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଜାରି ଯୁଦ୍ଧ ନବମ ଦିନରେ ଅତ୍ୟନ୍ତ ଭୟାବହ ରୂପ ଧାରଣ କରିଛି। ଆମେରିକା ଏବଂ ଇସ୍ରାଏଲର ପ୍ରଚଣ୍ଡ ଆକ୍ରମଣରେ ତେହାରନ ସମେତ ଇରାନର ଅନେକ ଅଞ୍ଚଳ ଥରି ଉଠିଛି। ଏଭଳି ପ୍ରଚଣ୍ଡ ଆକ୍ରମଣ ହୋଇଛି ଯେ ତେହରାନ ଆକାଶ କଳା ପଡ଼ିଯାଇଛି। ରାଜଧାନୀରେ ବର୍ଷା ବି କଳା ପାଲଟି ଯାଇଛି। ଲୋକେ ଏହା ଦେଖି ଭୟରେ ଥରି ଉଠିଛନ୍ତି। ସେହିପରି ଇରାନର ଆର୍ଥିକ ସ୍ଥିତିକୁ ଭୁଶୁଡ଼ାଇବା ପାଇଁ ଇସ୍ରାଏଲ ନୂଆ ରଣନୀତି ଆପଣାଇଛି। ଇରାନର ତୈଳ ଭଣ୍ଡାର ଏବଂ ସଂରକ୍ଷଣ କେନ୍ଦ୍ର ଉପରେ କ୍ରମାଗତ ଭାବେ ଆକ୍ରମଣ କରିଛି। ଦକ୍ଷିଣ ଏବଂ ପଶ୍ଚିମ ତେହରାନରେ ଥିବା ୫ଟି ପ୍ରମୁଖ ତୈଳ ବିଶୋଧନ କେନ୍ଦ୍ରରେ ରବିବାର ସକାଳେ ଇସ୍ରାଏଲ ଯୁଦ୍ଧ ବିମାନ ଗୁଡ଼ିକ ବୋମା ବର୍ଷା କରିଛନ୍ତି। ଏଥିରେ ବିପୁଳ କ୍ଷୟକ୍ଷତି ହୋଇଛି। ୪ ଜଣ ଲୋକ ମଧ୍ୟ ପ୍ରାଣ ହରାଇଛନ୍ତି। ତୈଳ ଲିକ୍ ହୋଇ ନିଆଁ ଲାଗିଯିବାରୁ ନିଆଁ ନଦୀ ପ୍ରବାହିତ ହେଉଥିବାର ଭ୍ରମ ସୃଷ୍ଟି ହୋଇଛି। ଇସ୍ରାଏଲୀ ଯୁଦ୍ଧ ବିମାନର ଆକ୍ରମଣ ପରେ ତୈଳ ଡିପୋ ଏବଂ ରିଫାଇନାରୀଗୁଡ଼ିକରେ ନିଆଁ ଜଳୁଥିବାର ଦୃଶ୍ୟ ଭାଇରାଲ ହେବାରେ ଲାଗିଛି। ତୈଳ ଡିପୋରେ ବିସ୍ଫୋରଣ ଯୋଗୁଁ ଭୟଙ୍କର ଅଗ୍ନିକାଣ୍ଡ ହୋଇଥିଲା। ଫଳରେ ଭୟଙ୍କର ରୂପ ଧାରଣ କରି କଳା ଧୂଆଁ ଉଠୁଥିବା ଦେଖା ଯାଇଥିଲା। ସକାଳ ସମ୍ପୂର୍ଣ୍ଣ ତେହରାନ କଳା ଧୂଆଁ ଏବଂ ବାଦଲରେ ଘୋଡ଼େଇ ହୋଇଯାଇଥିଲା। ଧୂଆଁ ଏବଂ ଅଗ୍ନିକାଣ୍ଡ ବ୍ୟତୀତ ବୋମାମାଡ଼ ପରେ ତେହେରାନର କିଛି ଅଞ୍ଚଳରେ ଅସ୍ୱାଭାବିକ ଭାବେ ବର୍ଷା ହୋଇଥିଲା। ଏହାର ରଙ୍ଗ କଳା ଥିବାରୁ ଲୋକଙ୍କ ମନରେ ଛନକା ପଶିଥିଲା। ଅଗ୍ନିକାଣ୍ଡ ଯୋଗୁଁ ତୈଳ କେନ୍ଦ୍ରରୁ ନିର୍ଗତ ପ୍ରଦୂଷିତ ଧୂଆଁ ବର୍ଷା ବାଦଲ ସହ ମିଶିଯିବା ଫଳରେ କଳା ଏବଂ ତେଲିଆ ବର୍ଷା ହୋଇଥିଲା। ଏହି ବର୍ଷା ସମ୍ପୂର୍ଣ୍ଣ ଭାବେ ତୈଳରେ ପରିପୂର୍ଣ୍ଣ ଥିବା ସ୍ଥାନୀୟ ଲୋକେ କହିଛନ୍ତି।

- ଇରାନର ତୈଳ ଭଣ୍ଡାର ଉପରେ ଇସ୍ରାଏଲ ଆକ୍ରମଣ
- ବର୍ଷା ପାଲଟିଲା କଳା; ପ୍ରବାହିତ ହେଲା ନିଆଁ ନଦୀ
- ଇରାନ ଆକ୍ରମଣରେ ଇସ୍ରାଏଲର ସର୍ବବୃହତ ତୈଳ ବିଶୋଧନ କେନ୍ଦ୍ର ଧ୍ୱଂସ

ଅନ୍ୟପଟେ ଇରାନ ମଧ୍ୟ ଦୃଢ଼ ଜବାବ ଦେଇଛି। ଇସ୍ରାଏଲର ଆଇଫା ସ୍ଥିତ ସର୍ବବୃହତ ତୈଳ ବିଶୋଧନ କେନ୍ଦ୍ର, ଜୋର୍ଡାନ ସ୍ଥିତ ଆମେରିକା ଘାଟୀ ଉପରେ ଡ୍ରୋନ ଏବଂ କ୍ଷେପଣାସ୍ତ୍ର ମାଡ଼ କରାଯାଇଛି। ଏଥିରେ ବିପୁଳ କ୍ଷୟକ୍ଷତି ହୋଇଥିବା ଦାବି କରାଯାଇଛି। ଏହା ମଧ୍ୟରେ ଯୁଦ୍ଧ ଯୋଗୁଁ ଇରାନର ଅନେକ ସହର ଧ୍ୱଂସସ୍ତୁପରେ ପରିଣତ ହୋଇଯାଇଛି। ଏ ପର୍ଯ୍ୟନ୍ତ ଯୁଦ୍ଧରେ ୧୭୦୦ ରୁ ଅଧିକ ଲୋକ ପ୍ରାଣ ହରାଇଲେଣି। ଲୋକମାନେ ନିଜ ନିଜ ଘର ଛାଡ଼ି ସୁରକ୍ଷିତ ସ୍ଥାନରେ ଆଶ୍ରୟ ନେବାକୁ ବାଧ ହେଉଛନ୍ତି। ଆଜି ଇରାନ ମହିଳାମାନେ ଯୁଦ୍ଧରେ ପ୍ରାଣ ହରାଇଥିବା ଶିଶୁଙ୍କୁ ସାମୂହିକ କବର ଦେଇଛନ୍ତି। ଘରଦ୍ୱାରଭାଙ୍ଗି ଯାଇଥିବାରୁ ଲୋକେ ରାସ୍ତାରେ କାଳତିପାତ କରିବାକୁ ବାଧ ହେଉଛନ୍ତି। ଏପରି ସମୟରେ ସାରା ବିଶ୍ୱରେ ଏହି ଯୁଦ୍ଧ ବିରୋଧରେ ଏବଂ ସମର୍ଥନରେ ପ୍ରଦର୍ଶନ ହେଉଛି। ବ୍ରିଟେନରେ ଶନିବାର ଦିନ ଉଭୟ ଇରାନ ସମର୍ଥକ ଏବଂ ଆମେରିକା ସମର୍ଥକମାନେ ଏକାସାଙ୍ଗରେ ପୃଥକ ପୃଥକ ବିରୋଧ କରିଛନ୍ତି। ସେହିପରି ଲେବାନନରେ ଇରାନ ସମର୍ଥିତ ଗୋଷ୍ଠୀ ହିଜବୁଲ୍ଲା ବିରୋଧରେ ଇସ୍ରାଏଲ ଆକ୍ରମଣ ଜାରି ରଖିଛି। ଯୁଦ୍ଧର ବିଭୀଷିକା ଏବଂ ଭୟ ମଧ୍ୟରେ ସାଧାରଣ ନାଗରିକଙ୍କ ଜୀବନ ଦୁର୍ବିସହ ହୋଇଯାଇଛି।







# ଇରାନରେ ପଶିବ ଆମେରିକା ସେନା, ଟ୍ରମ୍ପଙ୍କ ଅନୁମତିକୁ ଅପେକ୍ଷା

ୱାସିଂଟନ, ୮।୩ (ଏଜେନ୍ସି): ମଧ୍ୟ-ପ୍ରାଚ୍ୟରେ ଜାରି ରହିଥିବା ଯୁଦ୍ଧ ଏବେ ଭୟଙ୍କର ମୋଡ଼ ନେଇଛି। ଆମେରିକା ଏବଂ ଇସ୍ରାଏଲ୍ ଇରାନକୁ ନିଜର ସ୍ପେଶାଲ ଫୋର୍ସ ପଠାଇବା ପାଇଁ ଯୋଜନା କରୁଥିବା ରିପୋର୍ଟ ପ୍ରକାଶ ପାଇଛି। ରିପୋର୍ଟ ଅନୁଯାୟୀ, ଆମେରିକା ଏବଂ ଇସ୍ରାଏଲ୍ ଇରାନର ସମୃଦ୍ଧ ୟୁରେନିୟମ ଭଣ୍ଡାରକୁ ସୁରକ୍ଷିତ କରିବା ପାଇଁ ନିଜର ସ୍ପେଶାଲ ଫୋର୍ସ ପଠାଇବା ଉପରେ ଆଲୋଚନା କରିଛନ୍ତି। ଯୁଦ୍ଧର ପରବର୍ତ୍ତୀ ପର୍ଯ୍ୟାୟରେ ଏହି ପଦକ୍ଷେପ ନିଆଯାଇପାରେ। ଏଥିପାଇଁ ଟ୍ରମ୍ପଙ୍କ ଅନୁମତିକୁ ଅପେକ୍ଷା କରାଯାଇଛି। ଏହା ମଧ୍ୟରେ ଆମେରିକା ପ୍ରତିରକ୍ଷା ସଚିବ ପିଟ୍ ହେଗସେଥ୍ ଚେତାବନୀ ଦେଇ କହିଛନ୍ତି ଯେ ଯଦି କେହି ଆମେରିକୀୟ ନାଗରିକଙ୍କୁ କ୍ଷତି ପହଞ୍ଚାଏ କିମ୍ବା ଧମକ ଦିଏ, ତେବେ ଆମେରିକା ତାକୁ ଖୋଜି ଖୋଜି ବାହାର କରି ଶେଷ କରିଦେବ। ଏପରି ସମୟରେ ରାଷ୍ଟ୍ରପତି ଟ୍ରମ୍ପ ବଡ଼ ଦାବି କରିଛନ୍ତି। ଆମେରିକା କାର୍ଯ୍ୟାନୁଷ୍ଠାନରେ ଇରାନର ଶୀର୍ଷ ନେତୃତ୍ୱ ଶେଷ ହୋଇଯାଇଥିବା କହିଛନ୍ତି। ଇରାନର ନୌସେନା ମଧ୍ୟ ପ୍ରାୟତଃ ଧ୍ୱଂସ ହୋଇଯାଇଛି। ୪୪ଟି ଯୁଦ୍ଧ ଜାହାଜ ନଷ୍ଟ ହୋଇସାରିଛି। ଏହାସହ ଇରାନର ଅଧିକାଂଶ ଲଢୁଆ ବିମାନ ଏବଂ ମିସାଇଲ୍ ତିଆରି କାରଖାନାକୁ ଧ୍ୱଂସସ୍ତୁପରେ ପରିଣତ ହୋଇଯାଇଛି। ଅନ୍ୟପଟେ ଆମେରିକାର ସେଣ୍ଟ୍ରାଲ କମାଣ୍ଡ ପକ୍ଷରୁ ଏକ ୨୧ ସେକେଣ୍ଡର ଭିଡିଓ ଜାରି କରାଯାଇଛି। ଏଥିରେ ଆମେରିକୀୟ ସେନା ଶତ୍ରୁପକ୍ଷର ଗାଡ଼ି ଏବଂ ଅଟ୍ଟାଳିକାକୁ ଧ୍ୱଂସ କରୁଥିବା ଦେଖାଯାଇଛି।



## ଆମେରିକାକୁ ଇରାନ୍‌ର ସତର୍କବାଣୀ
## ଟ୍ରମ୍ପଙ୍କୁ ଏକାକୀ ଛାଡ଼ ନାହିଁ

ତେହରାନ, ୮।୩ (ଏଜେନ୍ସି): ଇରାନର ସର୍ବୋଚ୍ଚ ନେତା ଅୟତୁଲ୍ଲା ଅଲି ଖାମେନେଇଙ୍କ ମୃତ୍ୟୁ ପରେ ପଶ୍ଚିମ ଏସିଆରେ ଯୁଦ୍ଧ ସ୍ଥିତି ଅତ୍ୟନ୍ତ ଗମ୍ଭୀର ହୋଇଯାଇଛି। ରବିବାର ଇରାନର ସୁରକ୍ଷା ମୁଖ୍ୟ ତଥା ଖାମନେଇଙ୍କ ଘନିଷ୍ଠ ସହଯୋଗୀ ଅଲି ଲାରିଜାନୀ ଆମେରିକାକୁ ଧମକ ଦେଇଛନ୍ତି। ପ୍ରତିଶୋଧ ନିଆଯିବ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ କହିଛନ୍ତି। ସେ ସାମାଜିକ ଗଣମାଧ୍ୟମରେ ଲେଖିଛନ୍ତି ଯେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଏହାର ମୂଲ୍ୟ ଦେବାକୁ ପଡ଼ିବ। ଆମେ ନେତା ଏବଂ ଜନସାଧାରଣଙ୍କ ରକ୍ତର ପ୍ରତିଶୋଧ ନିଶ୍ଚୟ ନେବୁ। ଟ୍ରମ୍ପଙ୍କୁ ଆମେ କଦାପି ଛାଡ଼ିବୁ ନାହିଁ। ରାଷ୍ଟ୍ରପତିଙ୍କୁ ଏକାକୀ ନ ଛାଡ଼ିବା ପାଇଁ ସେ ଚେତାବନୀ ମଧ୍ୟ ଦେଇଛନ୍ତି। ମାତ୍ର ଟ୍ରମ୍ପ ଏହି ଧମକକୁ ହାଲକା ଭାବେ ନେଇଛନ୍ତି। ସେ ଏକ ସାକ୍ଷାତକାରରେ କହିଛନ୍ତି ଯେ ଲାରିଜାନୀ କିଏ ଏବଂ କ'ଣ କହୁଛନ୍ତି ତାହା ମୁଁ ଜାଣି ନାହିଁ। ଏହାକୁ ଆଦୌ ଖାତିର କରେନାହିଁ। ଟ୍ରମ୍ପ ପୁଣିଥରେ ନିଃସର୍ତ୍ତ ଆତ୍ମସମର୍ପଣ ଇରାନକୁ କହିଛନ୍ତି। ଇରାନ ଉପରେ ଆକ୍ରମଣ ଜାରି ରହିବ ବୋଲି ସ୍ପଷ୍ଟ କରିଛନ୍ତି। ଅନ୍ୟପଟେ ଲାରିଜାନୀ ଇରାନର ପଡ଼ୋଶୀ ଦେଶଗୁଡ଼ିକୁ ଚେତାବନୀ ଦେଇ କହିଛନ୍ତି ଯେ, ସେମାନେ ନିଜ ମାଟିକୁ ଆମେରିକାକୁ ବ୍ୟବହାର କରିବାକୁ ଦିଅନ୍ତୁ ନାହିଁ। ଯଦି ଆଞ୍ଚଳିକ ସାମରିକ ଘାଟିରୁ ଆକ୍ରମଣ ହୁଏ, ତେବେ ଆମେ ତାହାର କଡ଼ା ଜବାବ ଦେବୁ।

## ଦିଲ୍ଲୀ ବିସ୍ଫୋରଣ: ଅଲ୍ ଫଲାହ ମାଲିକଙ୍କୁ ଜାମିନ

ନୂଆଦିଲ୍ଲୀ, ୮।୩ (ଏଜେନ୍ସି):ଦିଲ୍ଲୀ ବିସ୍ଫୋରଣ ମାମଲାରେ ଆତଙ୍କବାଦୀଙ୍କ ଶିକ୍ଷା କେନ୍ଦ୍ର ପାଲଟିଥିବା ଅଲ ଫଲାହ ୟୁନିଭର୍ସିଟିର ମାଲିକ ତଥା ଗ୍ରୁପ୍‌ର ଅଧ୍ୟକ୍ଷଙ୍କୁ ଜାଭେଦ ସିଦ୍ଦିକିଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ମନି ଲଣ୍ଡରିଂ ମାମଲାରେ ଦିଲ୍ଲୀର ଏକ କୋର୍ଟ ତାଙ୍କୁ ଦୁଇ ସପ୍ତାହ ପାଇଁ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ମାତ୍ର ଅତିରିକ୍ତ ସେସନ୍ସ ଜଜ୍ ଶୀତଲ ଚୌଧୁରୀ ପ୍ରଧାନ ଏଥିପାଇଁ କିଛି ସର୍ତ୍ତ ରଖିଛନ୍ତି। ପତ୍ନୀଙ୍କ ସ୍ୱାସ୍ଥ୍ୟକୁ ଆଧାର କରି ସିଦ୍ଦିକ ଏହି ଜାମିନ ଆବେଦନ କରିଥିଲେ। ଚିକିତ୍ସା ସମୟରେ କର୍କଟରେ ପୀଡ଼ିତ ପତ୍ନୀଙ୍କ ଯତ୍ନ ନେବାକୁ ଅନୁମତି ଦେବା ପାଇଁ ନିବେଦନ କରିଥିଲେ। ଏବେ ସିଦ୍ଦିକଙ୍କ ପତ୍ନୀ ଜରାୟୁ କର୍କଟ (ଚତୁର୍ଥ ପର୍ଯ୍ୟାୟ)ରେ ପୀଡ଼ିତ ଅଛନ୍ତି। ସେହିପରି ବିନା ଅନୁମତିରେ ସିଦ୍ଦିକିଙ୍କ ଦିଲ୍ଲୀ-ଏନସିଆର ଛାଡିବା ଉପରେ କୋର୍ଟ କଟକଣା ଲଗାଇଛନ୍ତି। ମୋବାଇଲ୍ ସକ୍ରିୟ ରଖିବା ସହିତ ପାସପୋର୍ଟ ହସ୍ତାନ୍ତର, ମୁକ୍ତି ପରେ ସାକ୍ଷୀଙ୍କୁ ପ୍ରଭାବିତ କିମ୍ବା ଅଭିଯୋଗକାରୀଙ୍କ ସହ କୌଣସି ଯୋଗାଯୋଗ ନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ରାଷ୍ଟ୍ରପତିଙ୍କ ଗସ୍ତ ବିବାଦ

# ପଶ୍ଚିମବଙ୍ଗ ସରକାରଙ୍କୁ ରିପୋର୍ଟ ମାଗିଲେ କେନ୍ଦ୍ର ସରକାର

ନୂଆଦିଲ୍ଲୀ, ୮।୩ (ଏଜେନ୍ସି): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ କାର୍ଯ୍ୟକ୍ରମରେ ଅବ୍ୟବସ୍ଥାକୁ ନେଇ ପୁଣିଥରେ କେନ୍ଦ୍ର ଏବଂ ପଶ୍ଚିମବଙ୍ଗ ସରକାର ମୁହାଁମୁହିଁ ହୋଇଛନ୍ତି। ସାନ୍ତାଳୀ ଭାଷା ସମ୍ମିଳନୀରେ ପ୍ରୋଟୋକଲ ଉଲ୍ଲଙ୍ଘନକୁ ନେଇ ରାଷ୍ଟ୍ରପତି ଅସନ୍ତୋଷ ପ୍ରକାଶ କରିବାର ଦିନକ ପରେ ସ୍ୱରାଷ୍ଟ୍ର ସଚିବ ଗୋବିନ୍ଦ ମୋହନ ଏ ନେଇ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସରକାରକୁ ରିପୋର୍ଟ ମାଗିଛନ୍ତି। ରାଜ୍ୟର ମୁଖ୍ୟ ସଚିବଙ୍କୁ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ, ସ୍ୱରାଷ୍ଟ୍ର ସଚିବ ଚାରୋଟି ପ୍ରସଙ୍ଗରେ ଜବାବ ମାଗିଛନ୍ତି। ରିପୋର୍ଟରେ କୁହାଯାଇଛି ଯେ ରାଷ୍ଟ୍ରପତିଙ୍କ ପାଇଁ ନିର୍ମାଣ କରାଯାଇଥିବା ଗାଧୁଆଘରେ ପାଣି ନ ଥିଲା। ରାଷ୍ଟ୍ରପତି ଯିବା ପାଇଁ ପ୍ରଶାସନ ଯେଉଁ ମାର୍ଗ ବାଛିଥିଲା ସେଥିରେ ଆବର୍ଜନା ପରିପୂର୍ଣ୍ଣ ଥିଲା। ଏଥିପାଇଁ ଦାର୍ଜିଲିଂ ଜିଲ୍ଲାପାଳ, ସିଲିଗୁଡ଼ି ପୁଲିସ କମିଶନର ଏବଂ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ ଦାୟୀ। ସେହିପରି ରାଷ୍ଟ୍ରପତିଙ୍କୁ ପାଛୋଟି ଆଣିବାକୁ ଏବଂ ବିଦାୟ ଦେବାକୁ ମୁଖ୍ୟମନ୍ତ୍ରୀ, ମୁଖ୍ୟ ସଚିବ ଏବଂ ପୁଲିସ ମହାନିର୍ଦ୍ଦେଶକ କାହିଁକି ଯାଇ ନ ଥିଲେ ବୋଲି ପଚରା ଯାଇଛି।



ଅନ୍ୟପକ୍ଷରେ ଏହି ମାମଲାକୁ ନେଇ ରାଜନୀତି ଜୋର ଧରିଛି। ବିଜେପି ଏବଂ ଟିଏମସି ମଧ୍ୟରେ ଦୋଷ ଲଦାଲଦି ଆରମ୍ଭ ହୋଇଯାଇଛି। ଏହି ବିବାଦକୁ ନେଇ ମୋଦୀ କହିଛନ୍ତି ଯେ ଯେଉଁମାନେ ଗଣତନ୍ତ୍ର ଏବଂ ଆଦିବାସୀ ସମ୍ପ୍ରଦାୟକୁ ସୁଦୃଢ଼ କରିବାରେ ବିଶ୍ୱାସ କରନ୍ତି ସେମାନେ ଏହି ଘଟଣାରେ ଗଭୀର ଦୁଃଖିତ। ରାଷ୍ଟ୍ରପତି ପଦବୀ ରାଜନୀତିଠାରୁ ଊର୍ଦ୍ଧ୍ୱରେ। ଏହି ପଦବୀର ମର୍ଯ୍ୟାଦା ସର୍ବଦା ବଜାୟ ରହିବା ଉଚିତ। ଆଦିବାସୀ ସମ୍ପ୍ରଦାୟରୁ ଆସିଥିବା ରାଷ୍ଟ୍ରପତି ଅପମାନକୁ ନେଇ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଏହା ଭାରତୀୟଙ୍କୁ ମଧ୍ୟ ଗଭୀର ଆଘାତ ଦେଇଛି। ପଶ୍ଚିମବଙ୍ଗର ଟିଏମସି ସରକାର ସବୁ ସୀମା ଲଙ୍ଘନ କରିଦେଇଛି। ରାଷ୍ଟ୍ରପତିଙ୍କ ଏହି ଅପମାନ ପାଇଁ ରାଜ୍ୟ ପ୍ରଶାସନ ଦାୟୀ। ଖୁବଶୀଘ୍ର ଟିଏମ୍‌ସିର ଚେତା ଫେରିବ ବୋଲି ମୋଦୀ ଆଶା କରିଛନ୍ତି। ମମତାଙ୍କୁ ଜନତା ଉଚିତ ଶିକ୍ଷା ଦେବେ ବୋଲି କହିଛନ୍ତି।

### ରାଷ୍ଟ୍ରପତି ପ୍ରଥମେ ବିଜେପିଶାସିତ ରାଜ୍ୟର ସ୍ଥିତି ଦେଖନ୍ତୁ: ମମତା

ସେହିପରି ରାଷ୍ଟ୍ରପତି ମୁର୍ମୁଙ୍କ ବୟାନର ଜବାବରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି ଯେ ପଶ୍ଚିମବଙ୍ଗ ଉପରେ ମନ୍ତବ୍ୟ ଦେବା ପୂର୍ବରୁ ବିଜେପି ଶାସିତ ରାଜ୍ୟଗୁଡ଼ିକର ଅବସ୍ଥା ଦେଖିବା ଉଚିତ ଥିଲା। କେବଳ ଗୋଟିଏ ରାଜନୈତିକ ଦଳର ମତକୁ ଆଧାର କରି ମନ୍ତବ୍ୟ ଦେବା ଠିକ୍ ନୁହେଁ। ବିଜେପି ଏତେ ତଳକୁ ଖସିଯାଇଛି ଯେ ସେମାନେ ରାଜ୍ୟକୁ ବଦନାମ କରିବା ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ବ୍ୟବହାର କରୁଛି। ତାଙ୍କ କାର୍ଯ୍ୟକ୍ରମରେ ରାଜ୍ୟ ପ୍ରତିନିଧିଙ୍କ ଅନୁପସ୍ଥିତି ବିଷୟରେ ରାଷ୍ଟ୍ରପତିଙ୍କୁ ପ୍ରଦାନ କରାଯାଇଥିବା ସୂଚନା ଭୁଲ ଥିଲା ବୋଲି ମମତା କହିଛନ୍ତି। ଯଦି ରାଷ୍ଟ୍ରପତି ବର୍ଷକୁ ଥରେ ଆସନ୍ତି ତେବେ ସ୍ୱାଗତ କରିପାରିବି। ମାତ୍ର ନିର୍ବାଚନ ସମୟରେ ଆସିଲେ ପ୍ରତ୍ୟେକ କାର୍ଯ୍ୟକ୍ରମରେ ସାମିଲ ହେବା ସମ୍ଭବ ନୁହେଁ। କାରଣ ମୁଁ ଲୋକଙ୍କ ଅଧିକାର ପାଇଁ ବ୍ୟସ୍ତ ଥିବି ବୋଲି ମୁଖ୍ୟମନ୍ତ୍ରୀ ମମତା କହିଛନ୍ତି।

## ଏସ୍‌ଆଇଆର ବିରୋଧରେ ମମତା ବାନାର୍ଜୀଙ୍କ ଧାରଣା ତୃତୀୟ ଦିନରେ

କୋଲକାତା, ୮।୩ (ଏଜେନ୍ସି): ସ୍ପେସିଆଲ ଇଣ୍ଟେନସିଭ ରିଭିଜନ (ଏସଆଇଆର) ବିରୋଧରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗତ ତିନି ଦିନ ହେଲା ଧାରଣା ଦେଉଛନ୍ତି। ମମତା ଆଜି ବିଜେପି ଏବଂ ନିର୍ବାଚନ କମିଶନ (ଇସି) ଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ସେ ଇସିଙ୍କୁ 'ଭ୍ୟାନିସ କହିଛନ୍ତି। ଭୋଟର ତାଲିକାରୁ ଲୋକଙ୍କ ନାମ ହଟାଇବା ପାଇଁ ବିଜେପି ଇସିଙ୍କୁ ଏଜେଣ୍ଟ ଭଳି ବ୍ୟବହାର କରୁଛି। ଭ୍ୟାନିସ କମିଶନଙ୍କ ଅପବ୍ୟବହାର କରାଯାଉଛି। ବିଜେପିକୁ ନିଶାଣ କରି ମମତା କହିଛନ୍ତି ଯେ ଏହି ଦଳ ମୁଣ୍ଡରେ 'ଏକ ଦେଶ, ଏକ ନେତା ଏବଂ ଏକ ପାର୍ଟି'ର ଭୂତ ବସିଛି। ଏଥିପାଇଁ ବିଜେପି ପାଗଳପ୍ରାୟ ହୋଇଯାଇଛି। ଏହି ଇଚ୍ଛାକୁ ପୂରଣ କରିବା ପାଇଁ ବିଜେପି ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଧ୍ୱଂସ କରିବାକୁ ଚେଷ୍ଟା କରୁଛି। ସାମ୍ବିଧାନିକ ପଦକୁ ବ୍ୟବସ୍ଥାଗତ ଭାବେ ଅସ୍ତ୍ର କରାଯାଇଛି। ବାବା ସାହେବ ଆମ୍ବେଦକରଙ୍କ ଦ୍ୱାରା ଲିଖିତ ସମ୍ବିଧାନକୁ ଦଳୀୟ ଘୋଷଣାପତ୍ରରେ ବଦଳାଇବାକୁ ବିଜେପି ପ୍ରୟାସ କରୁଛି। ଉପନିବେଶର ଶିକୁଳିକୁ ଭାଙ୍ଗିବା ପାଇଁ ଯେଭଳି ପଶ୍ଚିମବଙ୍ଗ ଗର୍ଜି ଥିଲା ସେପରି ଭାବେ ବିଜେପିର ପତନର ମାର୍ଗ ପ୍ରଶସ୍ତ କରିବାକୁ ପୁଣି ରାଜ୍ୟ ଉଠିବ ବୋଲି ମମତା କହିଛନ୍ତି। ଏସଆଇଆର ପ୍ରକ୍ରିୟାରେ ରାଜ୍ୟରୁ ୬୦ ଲକ୍ଷ ଭୋଟରଙ୍କ ନାମ କାଟିବା ପାଇଁ ଷଡ଼ଯନ୍ତ୍ର ଚାଲିଛି ବୋଲି ସେ ଦାବି କରିଛନ୍ତି। ଏହା ବିରୋଧରେ ସେ କୋଲକାତାର ଏସପ୍ଲାନେଡ୍‌ଅଞ୍ଚଳରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିଛନ୍ତି। ମମତା କହିଛନ୍ତି, ବିଗତ ଅନେକବର୍ଷ ଧରି ସେମାନେ କେନ୍ଦ୍ରୀୟ ଏଜେନ୍ସି, ଜାତୀୟ କମିଶନ, ଗୋଲାମ 'ଗୋଦୀ ମିଡିଆ' ଏବଂ ନ୍ୟାୟପାଳିକାର ଏକ ଆଜ୍ଞାଧୀନ ଅଂଶକୁ ବଙ୍ଗଳା ବିରୋଧରେ ବ୍ୟବହାର କରୁଛନ୍ତି। ବିଜେପି ନେତୃତ୍ୱ ହେଉଛନ୍ତି ଦିଲ୍ଲୀର ଜମିଦାର। ବଙ୍ଗଳାକୁ ନିଜ ଅଧୀନକୁ ନେବାର ଅଭିଯାନକୁ ଆମେ କେବେବି ସଫଳ ହେବାକୁ ଦେବୁ ନାହିଁ। ଧର୍ମତଲାରେ ଏହି ଧାରଣା ପ୍ରତ୍ୟେକ ବଙ୍ଗଳା-ବିରୋଧୀ ଏଜେଣ୍ଡାର ଜବାବ। ବିଜେପି କେବଳ କ୍ଷମତା ଚାହୁଁଛି। ମାତ୍ର ଟିଏମସି ସବୁବେଳେ ରାଜ୍ୟର ଜନସାଧାରଣଙ୍କୁ ପ୍ରାଥମିକତା ଦେଉଛି ବୋଲି ମମତା କହିଛନ୍ତି।

### 'ଏକ ଦେଶ, ଏକ ନେତା, ଏକ ଦଳ ପାଇଁ ବିଜେପି ପାଗଳ'

# ଜେଡିୟୁରେ ସାମିଲ ହେଲେ ନୀତୀଶଙ୍କ ପୁଅ

ପାଟନା, ୮।୩ (ଏଜେନ୍ସି): ଦୀର୍ଘ ଦିନ ହେଲା ବଂଶବାଦ ରାଜନୀତିରୁ ଦୂରେଇ ରହୁଥିବା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ପୁଅ ନିଶାନ୍ତ କୁମାର ଶେଷରେ ଜେଡିୟୁରେ ସାମିଲ ହୋଇଛନ୍ତି। ସେ ଆଜି ଜେଡିୟୁ ସଦସ୍ୟତା ଗ୍ରହଣ କରିଛନ୍ତି। ଦଳର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ସଞ୍ଜୟ ଝା ତାଙ୍କୁ ଦଳୀୟ ସଦସ୍ୟତା ପ୍ରଦାନ କରିଛନ୍ତି। ସେହିପରି ଲଲନ ସିଂହ ତାଙ୍କୁ ଦଳୀୟ ଗାମୁଛା ଦେଇଥିଲେ। ସଦସ୍ୟତା ନେଇ ସାରିବା ପରେ ଲଲନ ଏବଂ ସଞ୍ଜୟଙ୍କ ପାଦ ଛୁଇଁଥିଲେ। ତେବେ ଏହି କାର୍ଯ୍ୟକ୍ରମରେ ନିଶାନ୍ତଙ୍କ ବାପା ନୀତୀଶ ଉପସ୍ଥିତ ନ ଥିଲେ। ଏହି ଅବସରରେ ନିଶାନ୍ତ କହିଥିଲେ ଯେ ସେ ଦଳ ପାଇଁ କଠିନ ପରିଶ୍ରମ କରିବେ। ବାପା ଗତ ୨୦ ବର୍ଷ ମଧ୍ୟରେ ଯେଉଁ ସବୁ କାମ କରିଛନ୍ତି, ସେ ତାକୁ ଆଗେଇ ନେବେ। ବାପା ନିଜେ ରାଜ୍ୟସଭା ଯିବାର ନିଷ୍ପତ୍ତି ନେଇଥିଲେ। ବିହାର ଏବଂ ଦେଶର ଜନସାଧାରଣଙ୍କୁ ସେ ନୀତୀଶଙ୍କ ଉପରେ ବିଶ୍ୱାସ ବଜାୟ ରଖିବାକୁ ଅନୁରୋଧ ମଧ୍ୟ କରିଛନ୍ତି।

ଏହା ପୂର୍ବରୁ ନିଶାନ୍ତ ନିଜ ବାପା ନୀତୀଶଙ୍କ ଶୈଳୀରେ ହାତ ଯୋଡ଼ି ସମସ୍ତଙ୍କୁ ଅଭିବାଦନ ଜଣାଇଥିଲେ। ସେ ଧଳା କୁର୍ତ୍ତା ଏବଂ ପ୍ୟାଣ୍ଟ ପିନ୍ଧି କାର୍ଯ୍ୟକ୍ରମ ସ୍ଥଳରେ ପହଞ୍ଚିଥିଲେ। ଏହି ସମୟରେ ଲୋକେ 'ନୀତୀଶ କୁମାର' ଏବଂ 'ନିଶାନ୍ତ କୁମାର ଜିନ୍ଦାବାଦ' ସ୍ଲୋଗାନ । ଏପରିକି 'ବିହାରର ମୁଖ୍ୟମନ୍ତ୍ରୀ ନିଶାନ୍ତ କୁମାରଙ୍କ ପରି ହେବା ଦରକାର' ବୋଲି ସ୍ଲୋଗାନ ଦେଇଥିଲେ। ଏହି ସମୟରେ କିଛି କର୍ମୀ ଲଲନ ସିଂହଙ୍କ ସପକ୍ଷରେ ସ୍ଲୋଗାନ ଦେବାରୁ ଦୁଇ ଗୋଷ୍ଠୀ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ପରେ ଏହା ହିଂସାର ରୂପ ନେଇଥିଲା। ଜେଡିୟୁ କାର୍ଯ୍ୟାଳୟ ପରିସରରେ କର୍ମୀମାନେ ପରସ୍ପରକୁ ମାଡ଼ ମାରିଥିଲେ। ଏଥିଯୋଗୁଁ ଦଳୀୟ କାର୍ଯ୍ୟାଳୟରେ ଭୟର ବାତାବରଣ ଖେଳି ଯାଇଥିଲା। ବିଧାୟକ ନଚିକେତା ମଣ୍ଡଳଙ୍କୁ ମଧ୍ୟ ଆକ୍ରମଣ କରିବାକୁ ଚେଷ୍ଟା କରାଯାଇଥିଲା। ସ୍ଥିତି ବିଗୁଡୁ ଥିବା ଦେଖି ପୁଲିସ ହସ୍ତକ୍ଷେପ କରି ମାମଲାକୁ ଶାନ୍ତ କରିଥିଲା।



## ଟ୍ରମ୍ପଙ୍କୁ କମଲ ହାସନଙ୍କ ପରାମର୍ଶ: ନିଜ କାମରେ ମନ ଦିଅ

ନୂଆଦିଲ୍ଲୀ, ୮।୩ (ଏଜେନ୍ସି): ବିଶ୍ୱରେ ଅସ୍ଥିରତା ସୃଷ୍ଟି କରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଅଭିନେତା କମଲ ହାସନ ଖୋଲା ଚିଠି ଲେଖିଛନ୍ତି। ସେ ଇଥିରେ ଟ୍ରମ୍ପଙ୍କୁ ନିଜ ଦେଶ ଉପରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଛନ୍ତି। ରୁଷରୁ ତୈଳ କିଣିବା ପାଇଁ ଭାରତକୁ ଟ୍ରମ୍ପ ଦେଇଥିବା ଆଶ୍ୱସ୍ତିକୁ ନେଇ କମଲ ହାସନ ଆମେରିକା ରାଷ୍ଟ୍ରପତିଙ୍କୁ କଟାକ୍ଷ କରିଛନ୍ତି। ସେ ଲେଖିଛନ୍ତି ଯେ ରାଷ୍ଟ୍ରପତି ଜୀ, ଭାରତୀୟମାନେ ସ୍ୱାଧୀନ। ଆମେ ନିଜ ନିଷ୍ପତ୍ତି ନିଜେ ନେଉଥିବା ଦେଶର ନାଗରିକ। ଆମେ ଏବେ ଅନ୍ୟ କୌଣସି ଦେଶଠାରୁ ନିର୍ଦ୍ଦେଶ ଗ୍ରହଣ କରୁନାହୁଁ। ଦୟାକରି ନିଜ କାମରେ ମନ ଦିଅନ୍ତୁ। ଦେଶଗୁଡ଼ିକ ମଧ୍ୟରେ ପାରସ୍ପରିକ ସମ୍ମାନ ହିଁ ବିଶ୍ୱରେ ଶାନ୍ତି ବଜାୟ ରଖିବ। ଏହା ହିଁ ଶାନ୍ତିର ପ୍ରମୁଖ ଉପାୟ। ଆପଣଙ୍କ ଦେଶ ଏବଂ ସେଠାକାର ଲୋକଙ୍କ ପାଇଁ ଆମେ ଶାନ୍ତି ଓ ପ୍ରଗତି କାମନା କରୁଛୁ। ସୂଚନାଯୋଗ୍ୟ ଯେ ମଧ୍ୟ-ପ୍ରାଚ୍ୟରେ ଯୁଦ୍ଧ ଯୋଗୁଁ ସ୍ଥିତି ଗମ୍ଭୀର ରହିଛି। ଇରାନ ହର୍ମୁଜ ଷ୍ଟ୍ରେଟକୁ ବ୍ଲକ୍ କରିଦେଇଛି। ଏହି ମାର୍ଗରେ ବିଶ୍ୱର ପ୍ରାୟ ୨୦% ତୈଳ ଯୋଗାଣ ହୋଇଥାଏ। ଏଭଳି ସ୍ଥିତିରେ ଭାରତକୁ ଏପ୍ରିଲ ୩ ପର୍ଯ୍ୟନ୍ତ ରୁଷରୁ ଅଶୋଧିତ ତୈଳ କିଣିବା ପାଇଁ ଆମେରିକା ଆଶ୍ୱସ୍ତି ଦେଇଥିବା ଟ୍ରମ୍ପ କହିଛନ୍ତି। ଏହାକୁ ନେଇ ଆମେରିକା ରାଷ୍ଟ୍ରପତିଙ୍କୁ କମଲ ହାସନ ନିଶାଣ କରିଛନ୍ତି।

## ଶଙ୍ଖ ଭବନରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

# ବିଜେପି ସରକାରରେ ମହିଳା ଅସୁରକ୍ଷିତ: ବିଜେଡି



ଭୁବନେଶ୍ୱର,୮।୩(ସମିସ): ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ରାଜ୍ୟରେ ବଢୁଥିବା ମହିଳା ବିରୋଧୀ ଅପରାଧକୁ ନେଇ ବିଜୁ ମହିଳା ଜନତା ଦଳ ରାଜ୍ୟ ସରକାରଙ୍କୁ କଡ଼ା ନିନ୍ଦା କରିଛି। ମହିଳାଙ୍କୁ ସୁରକ୍ଷା ପ୍ରଦାନ କ୍ଷେତ୍ରରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ଦଳ ଦାବି କରିବା ସହ ଶଙ୍ଖ ଭବନରେ ଆନ୍ତର୍ଜାତିକ ମହିଳା ଦିବସ ପାଳନ ଅବସରରେ ଦଳ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛି। ଏହି କାର୍ଯ୍ୟକ୍ରମକୁ ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ସ୍ନେହାଙ୍ଗୀନୀ ଛୁରିଆ ପରିଚାଳନା କରିଥିବା ବେଳେ ଏହି ଅବସରରେ ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାମ କରିଥିବା ମହିଳାଙ୍କୁ ସମ୍ମାନିତ କରାଯାଇଛି।

ପୁରସ୍କୃତଙ୍କ ମଧ୍ୟରେ ମଞ୍ଜୁଲତା ପଣ୍ଡା, ଶ୍ୱେତପଦ୍ମା ଦାସ, ସରୋଜିନୀ ଷଡ଼ଙ୍ଗୀ, ନାଜିଆ ଆଲାମ, ସୁବୋଦ୍ଧଏନୀ ୱାଡେକା, ନିବେଦିତା ଆଚାର୍ଯ୍ୟ ଓ ଆଶାଲତା ଦାସ ପ୍ରମୁଖ ରହିଛନ୍ତି। କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ପ୍ରାଚୀନ କାଳରୁ ଏପର୍ଯ୍ୟନ୍ତ ଓଡିଶାର ନାରୀ ଶକ୍ତି ନିଜର ପରାକାଷ୍ଠା ଦେଖାଇ ଆସିଛନ୍ତି ବୋଲି କହିଥିଲେ। ରମା ଦେବୀ, ମାଳତୀ ଦେବୀ, ପାର୍ବତୀ ଗିରି, କୁନ୍ତଳା କୁମାରୀ ସାବତ, ସାରଳା ଦେବୀ, ଶୈଳବାଳା ଦାସ ପ୍ରମୁଖ ଓଡିଶା ସମାଜ, ସାହିତ୍ୟ ଓ ସ୍ୱାଧୀନତା ଆନ୍ଦୋଳନରେ ନିଜର ଉଲ୍ଲେଖନୀୟ ଅବଦାନ ଦେଇ ସ୍ମରଣୀୟ ହୋଇ ରହିଛନ୍ତ ବୋଲି ସେ କହିଛନ୍ତି।

**■ ରାଜ୍ୟରେ ମହିଳାଙ୍କ ଉପରେ ଅତ୍ୟାଚାର ଅହେତୁକ ବୃଦ୍ଧି**
**■ ମହିଳା ବିରୋଧୀ ଅପରାଧ ସାରା ବିଶ୍ୱରେ ନିନ୍ଦିତ ହେଉଛି ରାଜ୍ୟ**

କାର୍ଯ୍ୟକ୍ରମ ପରେ ମହିଳା ଜନତା ଦଳ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିରୋଧୀ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି, ବିଜେଡି ସରକାର ସମୟରେ ମହିଳାମାନଙ୍କର ସାମାଜିକ, ଆର୍ଥିକ ସୁରକ୍ଷା ସ୍ୱଚ୍ଛଳ ଥିଲା ବେଳେ ବର୍ତ୍ତମାନର ବିଜେପି ସରକାରରେ ନାରୀମାନେ ଆର୍ଥିକ ଓ ସାମାଜିକ ଦୁର୍ବିସହର ସମ୍ମୁଖୀନ ହେଉଛନ୍ତି। ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କୁ ଅତ୍ୟାଚାର କରାଯାଉଛି। ମହିଳାମାନଙ୍କୁ ଅସମ୍ମାନ କରିବା, ଅତ୍ୟାଚାର କରିବା ଏ ଡବଲ ଇଂଜିନ ବିଜେପି ସରକାରର ଏକ ଧର୍ମ ହୋଇଯାଇଛି ବୋଲି ସେ କହିଛନ୍ତି।

ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି, ରାଜ୍ୟରେ ବିଜେପି ସରକାର କ୍ଷମତାସୀନ ହେବାର ୨୦ମାସ ଭିତରେ ମହିଳା ମାନଙ୍କ ଉପରେ ଅତ୍ୟାଚାର ଅହେତୁକ ଭାବେ ବୃଦ୍ଧି ପାଇଛି। ମହିଳା ମାନଙ୍କ, ବିଶେଷ କରି ଦଳିତ ଓ ଆଦିବାସୀ ମହିଳାଙ୍କ ଉପରେ ଦୁଷ୍କର୍ମ, ଗଣଦୁଷ୍କର୍ମ ଓ ଅନ୍ୟାନ୍ୟ ଅତ୍ୟାଚାର ଖବର ପ୍ରତିଦିନ ଖବର କାଗଜର ପୃଷ୍ଠା ମଣ୍ଡନ କରୁଛି। ରାଜ୍ୟ ସରକାର ନିଦାବିଷ୍ଟ ସାଜିଛନ୍ତି। ଓଡ଼ିଆ ଅସ୍ମିତା ଓ ମହିଳାଙ୍କୁ ସଶକ୍ତ କରିବାର ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିବା ରାଜ୍ୟ ବିଜେପି ସରକାର ସମସ୍ତ କ୍ଷେତ୍ରରେ ବିଫଳ ହୋଇଛି। ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ବିଜୁ ମହିଳା ଜନତା ଦଳ ରାଜ୍ୟ ବିଜେପି ସରକାରଙ୍କୁ ଚେତାବନୀ ଦେଉଛି ଯଦି ମହିଳାମାନଙ୍କୁ ସଶକ୍ତ କରିବା ନାମରେ ଶୋଷଣ ଜାରି ରୁହେ, ମହିଳାମାନଙ୍କ ସୁରକ୍ଷା ସ୍ଥିତିରେ ସୁଧାର ନ ଆସେ, ଆଗାମୀ ଦିନରେ ଆମେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ଶ୍ରୀମତୀ ଛୁରିଆ କହିଥିଲେ।

ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ନେତ୍ରୀ ସ୍ୱର୍ଣ୍ଣଲତା ସାମଲ ଉପସ୍ଥିତ ଥିଲେ। ଶଙ୍ଖଭବନରେ ଆୟୋଜିତ ଏହି ଆନ୍ତର୍ଜାତିକ ମହିଳା ଦିବସ କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ଡଃ ସଂତୃପ୍ତ ମିଶ୍ର, ପ୍ରମିଳା ମଲ୍ଲିକ, ଟୁକୁନି ସାହୁ, ସୁଲୋଚନା ଦାସ, ସୁଶାନ୍ତ ରାଉତ, ଅନନ୍ତ ନାରାୟଣ ଜେନା, ଚିନ୍ମୟ ସାହୁ, ଇପସିତା ସାହୁ, ବିଜୟ ନାୟକ, ଡଃ ଲେନିନ ମହାନ୍ତି, ଡଃ ପ୍ରିୟବ୍ରତ ମାଝୀ, ସୁମିତ୍ରା ଜେନା, ଲେଖାଶ୍ରୀ ସାମନ୍ତସିଂହାର, ଶର୍ମିଷ୍ଠା ସେଠୀ, ରାଜଶ୍ରୀ ମଲ୍ଲିକ, ରଞ୍ଜିତା ସାହୁ, ଡଃ ଲୋପାମୁଦ୍ରା ବକ୍ସିପାତ୍ର, ଡଃ ଗୀତାଞ୍ଜଳି ବସ୍ତିଆ, କସ୍ତୁରୀ ମହାପାତ୍ର, ବର୍ଷା ସିଂ ବରିହାଙ୍କ ସମେତ ବହୁ ନାରୀନେତ୍ରୀ ଉପସ୍ଥିତ ଥିଲେ।

# ମହିଳା ଇଞ୍ଜିନିୟରଙ୍କୁ ଦୁଷ୍କର୍ମ ଅଭିଯୋଗ

ଭୁବନେଶ୍ୱର,୮।୩(ସମିସ): ରାଜଧାନୀରେ ଜଣେ ଟେକ୍ ପ୍ରଫେସନାଲଙ୍କୁ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତ ଜଣଙ୍କ ଯୁବତୀଙ୍କୁ ହୋଟେଲରେ ଆକ୍ରମଣ କରିବା ସହ ଦୁଷ୍କର୍ମ, ଅପହରଣ କରି ରାଜ୍ୟ ବାହାରକୁ ଚାଲାଣ କରିବାକୁ ଯୋଜନା କରୁଥିଲେ। ଏହା ସହ ବହୁଦିନ ଧରି ପୀଡ଼ିତାଙ୍କୁ ନିଜ ନାମ ପରିବର୍ତ୍ତନ କରି ବିବାହର ପ୍ରତିଶ୍ରୁତି ଦେଇ ପ୍ରତାରଣା କରି ଚାଲିଥିଲେ ବୋଲି ଥାନାରେ ଅଭିଯୋଗ ହୋଇଛି। ଏହାକୁ ଭିତ୍ତିକରି ପୁଲିସ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ଇରଫାନ୍ ଅନ୍‌ସାରି ଓରଫ ଜୟରାଜ ଶର୍ମା। ସେ ଏକ ତାରକା ହୋଟେଲରେ ୪ ଘଣ୍ଟା ଧରି ଯୁବତୀଙ୍କୁ ମାଡ଼ ମାରି ଲହୁ ଲୁହାଣ କରିଥିଲା। ଅଭିଯୋଗ ପରେ ପୁଲିସ ହୋଟେଲର ସିସିଟିଭି ସହ ଅଭିଯୁକ୍ତର ପରିଚୟପତ୍ର ଜବତ କରିଛି। ଏହାସହ କାର୍, ଖଣ୍ଡା, ମୋବାଇଲ୍ ଫୋନ୍ ଜବତ କରିଛି।

ଅଭିଯୋଗ ମୁତାବକ, ପୀଡ଼ିତା ଫ୍ରିୟାର ନାମକ ଅନ୍‌ଲାଇନ୍ ଗେମିଂ ଆପ୍‌ରେ ଗେମ୍ ଖେଳୁଥିଲେ। ଏହି ଆପ୍ ମାଧ୍ୟମରେ ଇରଫାନ୍‌ଙ୍କ ସହ ତାଙ୍କର ଯୋଗାଯୋଗ ହୋଇଥିଲା। ଇରଫାନଙ୍କ ଘର ଚେନ୍ନାଇ ହୋଇଥିଲା ବେଳେ ସେ ନିଜକୁ ଜଣେ ହିନ୍ଦୁ ଯୁବକ ଓ ତାଙ୍କ ନାମ ଜୟରାଜ ଶର୍ମା ବୋଲି ପରିଚୟ ଦେଇଥିଲେ। ଏହାପରେ ଉଭୟଙ୍କ ମଧ୍ୟମରେ ବନ୍ଧୁତା ବଢ଼ିଥିଲା। ପରେ ଏହା ପ୍ରେମର ରୂପ ନେଇଥିଲା। ଉଭୟ ଚେନ୍ନାଇରେ ସାଙ୍ଗ ହୋଇ ରହିବାକୁ ଲାଗିଲେ। ଏହାପରେ ହାଇଦରାବାଦ୍ ଏବଂ ପୁରୀ ବୁଲି ବିଭିନ୍ନ ହୋଟେଲରେ ରହିଲେ। ସେମାନେ ଭୁବନେଶ୍ୱର ସହିଦନଗରସ୍ଥିତ ଏକ ଷ୍ଟାର ହୋଟେଲରେ ରବିବାର ରହିଥିଲେ। ସେହି ସମୟରେ ପୀଡ଼ିତା ସମ୍ପୃକ୍ତ ଯୁବକଙ୍କ ପ୍ରକୃତ ପରିଚୟ ଜାଣି ପାରିଥିଲେ। ସେ ଅନ୍ୟ ଏକ ଧର୍ମର ବୋଲି ଜାଣିବା ପରେ ତାଙ୍କ ସହ ତୁରନ୍ତ ସମ୍ପର୍କ ଛିନ୍ନ କରିଥିଲେ। ଏହାପରେ ଇରଫାନ୍ ନିଜର ଅସଲ ଚେହେରା ଦେଖାଇବାକୁ ଲାଗିଥିଲେ। ପୀଡ଼ିତାଙ୍କ ଇଚ୍ଛା ବିରୋଧରେ ଦୁଷ୍କର୍ମ କରିବା ସହ ହୋଟେଲ ରୁମ୍‌ରେ ୪ଘଣ୍ଟା ଧରି ନିସ୍ତୁକ ମାଡ଼ ମାରିଥିଲେ। ଫଳରେ ଯୁବତୀ ଜଣଙ୍କ ଲହୁଲୁହାଣ ଅବସ୍ଥାରେ ପୁଲିସକୁ ଖବର ଦେଇଥିଲେ। ପୁଲିସ ଖବରପାଇ ଘଟଣାସ୍ଥଳରେ ପହଞ୍ଚିବା ସହ ପୀଡ଼ିତାଙ୍କୁ ସେଠାରୁ ଉଦ୍ଧାର କରି ଥାନାକୁ ଆଣିଥିଲା ଏବଂ ଇରଫାନ୍‌ଙ୍କୁ ଗିରଫ କରିଥିଲା। ତେବେ ଇରଫାନ୍ ଯୁବତୀଙ୍କ ଧର୍ମ ପରିବର୍ତ୍ତନ କରିବାକୁ ପ୍ରବର୍ତ୍ତାଇ ଥିଲେ ବୋଲି ପୀଡ଼ିତା ଅଭିଯୋଗ କରିଛନ୍ତି।

# ସୁଭଦ୍ରା ଯୋଜନାର ଚତୁର୍ଥ କିସ୍ତି ପ୍ରଦାନ

ପୁରୀ,୮।୩(ସମିସ): ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୁଭଦ୍ରା ଯୋଜନାର ଚତୁର୍ଥ କିସ୍ତି ପ୍ରଦାନ କରିଛନ୍ତି। ତାଳବଣିଆ ଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ୧କୋଟି ୨ ଲକ୍ଷ ୧୨ ହଜାର ୬୬୫ ଜଣ ସୁଭଦ୍ରା ହିତାଧିକାରୀଙ୍କୁ ୫ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରିଛନ୍ତି। ସମୁଦାୟ ୫୧୦୬ କୋଟି ୩୩ ଲକ୍ଷ ୨୫ ହଜାର ଟଙ୍କାର ସହାୟତା ରାଶି ହିତାଧିକାରୀଙ୍କୁ ପ୍ରଦାନ କରାଯାଇଛି। ଏଥିରେ ପୁରୀ ଜିଲ୍ଲାର ୪ ଲକ୍ଷ ୨୦ ହଜାର ୮୫୪ ଜଣ ହିତାଧିକାରୀ ଅଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସୁଭଦ୍ରା ଯୋଜନା ରାଜ୍ୟର ମହିଳାମାନଙ୍କ ପାଇଁ ଆତ୍ମବିଶ୍ୱାସ ଓ ଆତ୍ମନିର୍ଭରତାର ସ୍ରୋତ ହୋଇପାରିଛି। ଅନୁଗୁଳ, ବଲାଙ୍ଗିର, ବରଗଡ଼, ଭଦ୍ରକ ଓ କଟକ ଭଳି ଅନେକ ଜିଲ୍ଲାର ମହିଳାମାନେ ଏହି ସହାୟତା ରାଶିକୁ ବ୍ୟବହାର କରି ଛତୁ ଚାଷ, କୁକୁଡ଼ା ପାଳନ, ବାଉଁଶ ବ୍ୟବସାୟ ଓ ଛୋଟ ବ୍ୟବସାୟ ଆରମ୍ଭ କରି ସଫଳତାର ଦୃଷ୍ଟାନ୍ତ ସୃଷ୍ଟି କରୁଛନ୍ତି। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା, ବ୍ରହ୍ମଗିରି ବିଧାୟକ ଉପାସନା ମହାପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର,




ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶିକା ମନିଷା ବାନାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ। ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ମୃଣାଳିନୀ ଦର୍ଶୱାଲ ସ୍ୱାଗତ ଭାଷଣ ଦେଇଥିବାବେଳେ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

## ସରକାରଙ୍କ ଘୋଷଣା ଧୂଆଁବାଣ

# ୬ ମାସ ପରେ ବି ନିୟମିତ ହେଲେନି କନିଷ୍ଠ ଶିକ୍ଷକ

ଭୁବନେଶ୍ୱର, ୮।୩(ସମିସ): ରାଜ୍ୟର ଶିକ୍ଷା ବ୍ୟବସ୍ଥାରୁ ଠିକା ନିଯୁକ୍ତି ବ୍ୟବସ୍ଥା ଉଚ୍ଛେଦ କରାଗଲା। ଏହାସହ କନିଷ୍ଠ ଶିକ୍ଷକ (ସ୍କିମାଟିକ୍) ପଦକୁ ମଧ୍ୟ ନିୟମିତ କରାଗଲା। ଗତ ଅଗଷ୍ଟ ୨୨ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଘୋଷଣା କରିବା ପରେ ଶିକ୍ଷା ଓ ଶିକ୍ଷକ ମହଲରେ ଏକ ନୂତନ

## ୧୭ରୁ ବିଧାନସଭା ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ଆନ୍ଦୋଳନ

ଆଶା ସଂଚାର ହୋଇଥିଲା। ମାତ୍ର ଘୋଷଣାକୁ ୬ ମାସ ବିତିଥିଲେ ମଧ୍ୟ କାର୍ଯ୍ୟକାରୀ କରାଯାଉ ନ ଥିବାରୁ କନିଷ୍ଠ ଶିକ୍ଷକଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଧୂଆଁବାଣ କି ବୋଲି ପ୍ରଶ୍ନ କରିବା ସହ ଆସନ୍ତା ୧୭ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବିଧାନସଭା ସମ୍ମୁଖରେ ଆନ୍ଦୋଳନ କରିବେ ବୋଲି ସଂଘ ପକ୍ଷରୁ ଘୋଷଣା କରାଯାଇଛି।

ରବିବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶିକ୍ଷକଙ୍କ ଅଭିଯୋଗ ଅନୁଯାୟୀ, ମୁଖ୍ୟମନ୍ତ୍ରୀଙ୍କ ଘୋଷଣା



ପରେ ଚୁକ୍ତିଭିତ୍ତିକ ପ୍ରଥାର ମୂଳୋତ୍ପାଟନ କରୁଥିବା ନେଇ ମୋହନ ସରକାର ବ୍ୟାପକ ପ୍ରଚାରପ୍ରସାର କରିଥିଲେ। ଏକାଧିକ ସଭାରେ ମୁଖ୍ୟମନ୍ତ୍ରୀ ଓ ଗଣଶିକ୍ଷା ମନ୍ତ୍ରୀ ପ୍ରମୁଖ ଏହାକୁ ବାରମ୍ବାର ଦୋହରାଇଥିଲେ। ମାତ୍ର ଦୀର୍ଘ ୬ ମାସ ମଧ୍ୟରେ ଘୋଷଣାକୁ କାର୍ଯ୍ୟକାରୀ କରିବା ପାଇଁ ସରକାର କୌଣସି ପଦକ୍ଷେପ ନେଉ ନାହାନ୍ତି। ରାଜ୍ୟ ଶାସନର ମୁଖ୍ୟଙ୍କ ଘୋଷଣା ଯଦି କାର୍ଯ୍ୟକାରୀ ହେଉନାହିଁ, ତା'ହେଲେ ସରକାର କିପରି ଚାଲୁଛି ବୋଲି କନିଷ୍ଠ ଶିକ୍ଷକମାନେ ପ୍ରଶ୍ନ କରିଛନ୍ତି। ୩ ମାସ ପୂର୍ବରୁ ସେମାନେ ଆନ୍ଦୋଳନକୁ ଓହ୍ଲାଇଥିବାବେଳେ ସରକାର ଓ ବିଭାଗୀୟ ମନ୍ତ୍ରୀ ସେମାନଙ୍କ ଦାବି ଶୀଘ୍ର ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏବେ ସୁଦ୍ଧା ନାଲିଫିତା ତଳେ ଫାଇଲ୍ କାର୍ଯ୍ୟ ଚାପି ହୋଇ ରହିଛି। ମୁଖ୍ୟମନ୍ତ୍ରୀଙ୍କ ଘୋଷଣାକୁ କାର୍ଯ୍ୟକାରୀ କରିବା ପାଇଁ ଆସନ୍ତା ୧୬ ତାରିଖ ପୂର୍ବରୁ ସରକାରୀ ନିର୍ଦ୍ଦେଶନାମା ପ୍ରକାଶ କରା ନ ଗଲେ ୧୭ ତାରିଖରୁ ସେମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସଂଘର ସଭାପତି ଶେଷଦେବ ଯଜ୍ଞକାମ ଦେଓ କହିଛନ୍ତି। ଆଜିର ସାମ୍ବାଦିକ ସମ୍ମିଳନୀରେ ଭୁବନେଶ୍ୱର ସଭାପତି କରୁଣାକର ବାରିକ୍, ବିରଞ୍ଚି ନାରାୟଣ ଜେନାଙ୍କ ସମେତ ବହୁ ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

# ଜଙ୍ଗଲ ଜମିର ସୀମା ନିର୍ଦ୍ଧାରଣ, ପଟ୍ଟା ଓ ନକ୍ସାର ହେବ ସଂଶୋଧନ

ଭୁବନେଶ୍ୱର,୮।୩(ସମିସ): ରାଜ୍ୟରେ ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କର (ଜଙ୍ଗଲ ଅଧିକାର ସ୍ୱୀକୃତି) ସଂଶୋଧନ ଆଇନରେ ଉଲ୍ଲିଖିତ ଅଧିକାର ଅନୁଯାୟୀ ରାଜସ୍ୱ ବିଭାଗ ଦ୍ୱାରା ସେଥିରେ ନିର୍ଦ୍ଦିଷ୍ଟ ଥିବା ଜଙ୍ଗଲ ଜମିର ଅନ୍ତିମ ନକ୍ସା ପ୍ରସ୍ତୁତ କରାଯିବ। ରାଜସ୍ୱ ଅଥବା ଜଙ୍ଗଲ ବିଭାଗର ଯେଉଁ ରେକର୍ଡରେ ସେହି ଜମି ରହିଛି, ସମ୍ପୃକ୍ତ କର୍ତ୍ତୃପକ୍ଷ ସେହି ରେକର୍ଡରେ ତାକୁ ସମ୍ମିଳିତ କରିବେ। ଏଥିନିମନ୍ତେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଜାରି କରିଛନ୍ତି। ରାଜ୍ୟର ନିୟମର ପ୍ରାସଙ୍ଗିକତାକୁ ନେଇ ଦିଆଯାଇଥିବା ସମୟସୀମା କିମ୍ବା ତିନି ମାସର ସମୟସୀମା ମଧ୍ୟରେ ଏହାକୁ ସମ୍ପୂର୍ଣ୍ଣ କରିବାକୁ ଚିଠିରେ ଉଲ୍ଲେଖ ରହିଛି।

ଏହି ପରିପ୍ରେକ୍ଷୀରେ ସମସ୍ତ ଜିଲ୍ଲାପାଳଙ୍କୁ କ୍ଷେତ୍ର ଅଧିକାରୀଙ୍କ ଦ୍ୱାରା ସ୍ୱୀକୃତ ହୋଇଥିବା ଜଙ୍ଗଲ ଜମିର ପର୍ଯ୍ୟବେକ୍ଷଣ କରି ବକେୟା ଥିବା ଜଙ୍ଗଲ ଜମି ସ୍ୱତ୍ତ୍ୱ ଗୁଡ଼ିକର ସୀମା ନିର୍ଦ୍ଧାରଣ (ଡିମାର୍କେସନ୍) ସହ 'ଭୂଲେଖ' ଡାଟାବେସରେ ବକେୟା ଥିବା ପଟ୍ଟା ଓ ନକ୍ସା ସଂଶୋଧନ କାର୍ଯ୍ୟକୁ ୩୦ ଏପ୍ରିଲ୍ ୨୦୨୬ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ସମ୍ବନ୍ଧୀୟ ସମସ୍ତ ସଂଶୋଧିତ ସୂଚନା ସରକାରୀ ରେକର୍ଡରେ ତୁରନ୍ତ ସମ୍ମିଳିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ମୋକିମ୍‌ଙ୍କ ନୂଆ ରାଜନୈତିକ ସଂକଳ୍ପ

# ଏପ୍ରିଲ୍ ୮ରେ ଜନ୍ମ ନେବ 'ଓଡ଼ିଶା ଜନତା କଂଗ୍ରେସ'

କଟକ,୮।୩(ସମିସ): କଂଗ୍ରେସରୁ ନିଲମ୍ବିତ ହେବା ପରେ ବାରବାଟୀ-କଟକର ପୂର୍ବତନ ବିଧାୟକ ଇଂ ମହମ୍ମଦ ମୋକିମ୍ ଏକ ନୂତନ ଆଞ୍ଚଳିକ ଦଳ ଗଠନ କରିବା ନେଇ ଚାଲିଥିବା ଚର୍ଚ୍ଚାରେ ଏବେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ଆସନ୍ତା ଏପ୍ରିଲ ୮ ତାରିଖରେ ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ଏକ ବଡ଼ ଧରଣର ସମାବେଶ ମାଧ୍ୟମରେ ସେ ନିଜର ନୂଆ ଦଳ "ଓଡ଼ିଶା ଜନତା କଂଗ୍ରେସ' ଲଞ୍ଚ୍ କରିବାକୁ ଯାଉଛନ୍ତି। ନିର୍ବାଚନ କମିସନଙ୍କଠାରୁ ଦଳର ନାମ ନେଇ ସବୁଜ ସଙ୍କେତ ମିଳିସାରିଥିବା ବେଳେ ଏହା ରାଜ୍ୟ ରାଜନୀତିରେ ଏକ ନୂତନ ସମୀକରଣ ସୃଷ୍ଟି କରିବ ବୋଲି ଅନୁମାନ କରାଯାଉଛି।






ଦଳର ବିଧିବଦ୍ଧ ଘୋଷଣା ପୂର୍ବରୁ ଆଜି ସୋସିଆଲ୍ ମିଡିଆରେ ମୋକିମ୍‌ଙ୍କ ଦଳୀୟ ପତାକାର ଫଟୋ ଭାଇରାଲ୍ ହୋଇଛି। ଏହି ପତାକାରେ ହଳଦିଆ, ଧଳା ଓ ଆକାଶୀ ଏହି ତିନୋଟି ରଙ୍ଗର ମିଶ୍ରଣ ରହିଛି। ମୋକିମ୍‌ଙ୍କ କହିବା ଅନୁସାରେ, ଏହି ରଙ୍ଗଗୁଡ଼ିକ ଯୁବଶକ୍ତି ଓ ନୂତନ ଓଡ଼ିଶାର ଆଶା ଓ ଆକାଂକ୍ଷାର ପ୍ରତୀକ। ସେ ନିଜ ହ୍ୱାଟସ୍‌ଆପ୍ ଷ୍ଟାଟସ୍‌ରେ ପତାକାଟିକୁ ରଖିଥିବା ବେଳେ ତାହା ପ୍ରଘଟ ହୋଇଯାଇଥିଲା। ତଥାପି ଏହି ପତାକା ରାଜ୍ୟର ଯୁବପିଢ଼ିଙ୍କୁ ଏକାଠି କରିବାରେ ସହାୟକ ହେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। "ଓଡ଼ିଶା ଜନତା କଂଗ୍ରେସ' ମୁଖ୍ୟତଃ ଓଡ଼ିଆଙ୍କ ହକ୍, ଦୁର୍ନୀତି ବିରୋଧରେ ସ୍ୱର ଏବଂ ନାରୀ ନିର୍ଯାତନା ରୋକିବା ପାଇଁ କାର୍ଯ୍ୟ କରିବ। ମୋକିମ୍‌ଙ୍କ ଘୋଷଣା ଅନୁଯାୟୀ, ତାଙ୍କ ଦଳ ଶାସନକୁ ଆସିଲେ ରାଜ୍ୟରେ ମଦ ସମ୍ପୂର୍ଣ୍ଣ ବ୍ୟାନ୍ କରାଯିବା ସହ ଜଳ, ଜଙ୍ଗଲ ଓ ଜମିର ସୁରକ୍ଷାକୁ ଅଗ୍ରାଧିକାର ଦିଆଯିବ। ବର୍ଷକ ମଧ୍ୟରେ ଦଳକୁ ତୃଣମୂଳସ୍ତରରେ ସୁଦୃଢ଼ କରିବାକୁ ସେ ଲକ୍ଷ୍ୟ ରଖିଛନ୍ତି। ଦଳର ନିର୍ବାଚନୀ ଚିହ୍ନ ପରବର୍ତ୍ତୀ ସମୟରେ ଘୋଷଣା କରାଯିବ। ଏହି ନୂଆ ଦଳର ଜନ୍ମ ଓଡ଼ିଶାର ଶାସକ ଓ ବିରୋଧୀ ଉଭୟ ଶିବିର ପାଇଁ କିଭଳି ଚ୍ୟାଲେଞ୍ଜ ସୃଷ୍ଟି କରୁଛି, ତାହା ଦେଖିବାକୁ ବାକି ରହିଲା।

## ଆଜି ବି ବିଭିନ୍ନ ସ୍ଥାନରେ କୋହଲା ପାଗ

# ୨ ଦିନ ପରେ ବଢ଼ିବ ତାପମାତ୍ରା

ଭୁବନେଶ୍ୱର,୮।୩(ସମିସ): ରାଜ୍ୟରେ ସୋମବାର ମଧ୍ୟ ବିଭିନ୍ନ ସ୍ଥାନରେ କୋହଲା ପାଗ ଲାଗି ରହିବ। ଓଡ଼ିଶା ଉପରେ ଏବେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହି ଘୂର୍ଣ୍ଣିବଳୟ ଗାଙ୍ଗେୟ ପଶ୍ଚିମବଙ୍ଗରୁ ଉତ୍ତର ଓଡ଼ିଶା ପର୍ଯ୍ୟନ୍ତ ଲମ୍ବିଛି। ଏହା ପ୍ରଭାବରେ ରବିବାର ରାଜ୍ୟର ଅଧିକାଂଶ ସ୍ଥାନରେ ପାଗ କୋହଲା ସାଙ୍ଗକୁ ସ୍ଥାନେ ସ୍ଥାନେ କାଁ ଭାଁ ବର୍ଷା ମଧ୍ୟ ଅନୁଭୂତ ହୋଇଛି। ୯ ତାରିଖ ଯାଏଁ ରାଜ୍ୟର ବିଭିନ୍ନ ସ୍ଥାନରେ ଏହି ସ୍ଥିତି ଜାରି ରହିବା ନେଇ ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକାଙ୍କ ସୂଚନା ଅନୁସାରେ ଓଡ଼ିଶା ଉପରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି, ଯାହାକି ସମୁଦ୍ର ପତନଠାରୁ ଦେଢ଼ କିଲୋମିଟର ପର୍ଯ୍ୟନ୍ତ ବିସ୍ତାରିତ ହୋଇଛି। ଏଥିପାଇଁ ସୋମବାର ଯାଏଁ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଆଶଙ୍କା କରାଯାଉଛି। ଏ ସମୟରେ ରାଜ୍ୟର ଅଧିକାଂଶ ସ୍ଥାନରେ ପାଗ ମେଘୁଆ ରହିବା ସହ ସ୍ଥାନେ ସ୍ଥାନେ କୁଆପଥର ବର୍ଷା ମଧ୍ୟ ହୋଇପାରେ। ଏହି କ୍ରମରେ ସୋମବାର ପାଇଁ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଓ ଭଦ୍ରକ ପାଇଁ ବିଜୁଳି ଘଡ଼ଘଡ଼ି ସହିତ ବର୍ଷା ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି। ଅନ୍ୟପଟେ ୧୦ ପରେ ପାଗରେ ପରିବର୍ତ୍ତନ ଆସିବ ଓ କ୍ରମାଗତ ଭାବେ ତାପମାତ୍ରା ବୃଦ୍ଧି ପାଇବ। ପାଣିପାଗ କେନ୍ଦ୍ର କହିଛି, ୨ ଦିନ ମଧ୍ୟରେ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବାକୁ ନ ଥିବା ବେଳେ ଏହା ପରେ ୨-୩ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇବାର ସମ୍ଭାବନା ରହିଛି।

## ଚାଲିଛି କଇଁଛଙ୍କ ପ୍ରଜନନ ଋତୁ

# ବେଳାଭୂମିରେ ପ୍ରି ୱେଡିଂ ଶୁଟ୍; ବନ ବିଭାଗ ଚୁପ୍

ପୁରୀ,୮।୩(ସମିସ): ବର୍ତ୍ତମାନ ଅଲିଭ୍‌ରିଡ୍‌ଲେ କଇଁଛଙ୍କ ପ୍ରଜନନ ଋତୁ ଚାଲିଛି। ଏମାନଙ୍କ ଅଣ୍ଡାଦାନ ଏବଂ ପ୍ରଜନନ ପାଇଁ ମାଛଧରା ଉପରେ କଟକଣା ଲଗାଯାଇଛି। କିନ୍ତୁ ସମୁଦ୍ର କୂଳରେ ଚାଲିଛି ପ୍ରି ୱେଡିଂ ଶୁଟ୍। ଏହା ଉପରେ କାହାର ଅଙ୍କୁଶ ନାହିଁ। ବେଲେଶ୍ୱର ବେଳାଭୂମି, କୁଶଭଦ୍ରା ବ୍ରିଜ୍ ନିକଟ, ରାମଚଣ୍ଡୀ, ଚନ୍ଦ୍ରଭାଗା ଆଦି ବିଭିନ୍ନ ଜାଗାରେ ଏମିତି ଦୃଶ୍ୟ ଦେଖିବାକୁ ମିଳୁଛି। ହେଲେ ଏ ଦିଗରେ ବନ ବିଭାଗ ନିରବ ରହିବା ପ୍ରକୃତିପ୍ରେମୀଙ୍କୁ ବ୍ୟଥିତ କରିଛି। ଓଡ଼ିଶା ଉପକୂଳକୁ ସୁରକ୍ଷିତ ମନେ କରି ପ୍ରତିବର୍ଷ ଏକ ନିର୍ଦ୍ଦିଷ୍ଟ ସମୟରେ ମାଇଲ୍ ମାଇଲ୍ ଜଳପଥ ଅତିକ୍ରମ କରି ଅଲିଭ୍‌ରିଡ୍‌ଲେ କଇଁଛ ଅଣ୍ଡାଦାନ ଏବଂ ପ୍ରଜନନ ପାଇଁ ଆସିଥା'ନ୍ତି। ତେଣୁ ଏମାନଙ୍କ ସୁରକ୍ଷା ପାଇଁ ସମୁଦ୍ରରେ ମାଛ ମାରିବା ଉପରେ କଟକଣା ଲଗାଯାଇଛି। ଅଲିଭରିଡ୍‌ଲେଙ୍କ ଆଗମନ ଏବଂ ଅଣ୍ଡାଦାନ ଲାଗି ନଭେମ୍ବର ୧ରୁ ମେ' ୩୧ ପର୍ଯ୍ୟନ୍ତ ଏହି କଟକଣା ଅବଧି ରହିଛି। ଏହି ସମୟ ମଧ୍ୟରେ ନିଷିଦ୍ଧାଞ୍ଚଳରେ କୌଣସି ଟ୍ରଲର ମାଛ ମାରିପାରିବେ ନାହିଁ ବୋଲି ନିର୍ଦ୍ଦେଶ ଦିଆଯାଇଛି। ହେଲେ ଏହି କଟକଣାକୁ ଅନେକ ସମୟରେ ବେଖାତିର୍ କରାଯାଇ ନିଷିଦ୍ଧାଞ୍ଚଳରେ ଟ୍ରଲର ବୁଲୁଥିବାବେଳେ





କିଛି ବର୍ଷ ହେବ ପୁରୀ ସମୁଦ୍ର କୂଳରେ ପ୍ରି ୱେଡିଂ ଶୁଟ୍ ଏମାନଙ୍କ ପାଇଁ ବିପଦ ସାଜିଛି।

ଆପ୍ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି କହିଛନ୍ତି, ପୁରୀ ଜିଲ୍ଲାର ବେଲେଶ୍ୱର ବେଳାଭୂମି, ରାମଚଣ୍ଡୀ, ସାହୁଖଣତି ଓ ଚନ୍ଦ୍ରଭାଗା ବେଳାଭୂମିରେ ଅଧିକାଂଶ ସମୟରେ ଏଭଳି ପ୍ରି ୱେଡିଂ ଶୁଟ୍ ହେଉଛି। ଦିନରେ କୁଶଭଦ୍ରା ନଦୀ ବ୍ରିଜ୍ ନିକଟରୁ ସମୁଦ୍ର ଆଡ଼କୁ ସୁସଜ୍ଜିତ ଡଙ୍ଗାରେ ଯାଇ ସଂରକ୍ଷିତ ଜଙ୍ଗଲରେ ନିଆଁ ଜାଳି ଡ୍ରୋନ୍ ଶୁଟ୍ କରିଥା'ନ୍ତି। ଏଥିପାଇଁ ଜଙ୍ଗଲୀ ଜୀବଜନ୍ତୁମାନେ ମଧ୍ୟ ଅନେକ ସମୟରେ ପ୍ରଭାବିତ ହେବାର ନଜିର ରହିଛି। ସେହିପରି ସୂର୍ଯ୍ୟାସ୍ତ ସମୟରେ ଡ୍ରୋନ୍ ଉଡ଼ାଇ ଫଟୋ ଶୁଟ୍ କରୁଥିବାବେଳେ ରାତିରେ ଏମାନଙ୍କ ଆସର କଇଁଛଙ୍କ ଅଣ୍ଡାଦାନରେ ବାଧକ ସାଜିଥା'ନ୍ତି। ସାଧାରଣତଃ ରାତିର ପ୍ରଥମ ପ୍ରହରରେ ଅଧିକାଂଶ କଇଁଛ ବେଳାଭୂମିକୁ ଉଠି ଅଣ୍ଡାଦାନ କରିବାକୁ ପସନ୍ଦ କରିଥା'ନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବର୍ତ୍ତମାନ ବେଳାଭୂମି ଶାନ୍ତ ରହିବା ଦରକାର। କାରଣ କୌଣସି ପ୍ରକାର ଲାଇଟ୍, ସାଉଣ୍ଡ ହେଲେ କଇଁଛଙ୍କ ପ୍ରଜନନରେ ବାଧା ଉପୁଜିଥାଏ। ହେଲେ ଏ ସବୁକୁ ଅଣଦେଖା କରାଯାଇ ଚାଲୁଛି ପ୍ରି ୱେଡିଂ ଶୁଟ୍। କଟକ, ଭୁବନେଶ୍ୱର ଆଦି ସ୍ଥାନରୁ ପ୍ରି ୱେଡିଂ ଶୁଟ୍‌ର ଦାୟିତ୍ୱ ନେଇଥିବା ସଂସ୍ଥା ପୁରୀ-କୋଣାର୍କ ବେଳାଭୂମିକୁ ସବୁଠୁ ଭଲ ସ୍ଥାନ ବୋଲି ବାଛିଛନ୍ତି। ଶୁଟ୍ ପାଇଁ ତିଆରି ହୋଇଥିବା ଅସ୍ଥାୟୀ ଟେଣ୍ଟ, ସୁସଜ୍ଜିତ ରଙ୍ଗୀନ ଆଲୋକମାଳା ଯୋଗୁଁ କଇଁଛମାନେ ବେଳାଭୂମିକୁ ଆସିବାକୁ ସୁରକ୍ଷିତ ମଣି ନ ଥାନ୍ତି।

ଆପ୍ ଜିଲ୍ଲା ସଭାପତି ଶ୍ରୀ ମହାନ୍ତି କହିଛନ୍ତି, କଇଁଛଙ୍କ ସୁରକ୍ଷା ପାଇଁ ଅନେକ କଟକଣା ଥିବାବେଳେ ବିଭିନ୍ନ ସମୟରେ ବେଳାଭୂମିରେ ପ୍ରି ୱେଡିଂ ଶୁଟ୍ ମାଧ୍ୟମରେ ଏହାକୁ ଉଲ୍ଲଂଘନ କରାଯାଉଛି। ହେଲେ ବନ ବିଭାଗ ପକ୍ଷରୁ ସେମାନଙ୍କ ବିରୋଧରେ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଫଳରେ ବେଲେଶ୍ୱର ବେଳାଭୂମି, ରାମଚଣ୍ଡୀ, ସାହୁଖଣତି ଓ ଚନ୍ଦ୍ରଭାଗା ବେଳାଭୂମିରେ ପ୍ରି ୱେଡିଂ ଶୁଟ୍ ବଢ଼ିବାରେ ଲାଗିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଅନେକ ସମୟରେ ଏମାନେ ଯେଉଁ ଡଙ୍ଗା ବ୍ୟବହାର କରିଥା'ନ୍ତି ସେଥିରେ ଲାଇଫ୍ ଜ୍ୟାକେଟ୍ ନ ଥାଏ। ସେହିପରି ଏଥିରେ ଯାତ୍ରା କରୁଥିବା ବର, ବଧୂ ଏବଂ ଶୁଟ୍ କରୁଥିବା ବ୍ୟକ୍ତି ପହଁରା ଜାଣିଛନ୍ତି କି ନାହିଁ ତାହାର ମଧ୍ୟ କେହି ଖୋଳତାଡ଼ ହେଉନାହିଁ। ତେଣୁ କିଭଳି ସବୁ କଟକଣାକୁ ଉଲ୍ଲଂଘନ କରି ପ୍ରି ୱେଡିଂ ଶୁଟ୍ ଚାଲୁଛି ପ୍ରଶ୍ନ କରିବା ସହ ବନ ବିଭାଗ କାହିଁକି ନିରବଦ୍ରଷ୍ଟା ସାଜୁଛି ବୋଲି ସଞ୍ଜୀବ କହିଛନ୍ତି। ଏ ସମ୍ପର୍କରେ ବାଲୁଖଣ୍ଡ ରେଞ୍ଜରଙ୍କ ପଚାରିବାରେ ବେଳାଭୂମିରେ ପ୍ରି ୱେଡିଂ ଶୁଟ୍‌କୁ ନେଇ ଆମ ପାଖରେ କୌଣସି ଖବର ନାହିଁ। ଯଦି ଏମିତି କେଉଁଠି କଟକଣାକୁ ଉଲ୍ଲଂଘନ କରାଯାଉଛି, ତୁରନ୍ତ ଜଣାଇଲେ ଆମେ ପଦକ୍ଷେପ ନେବୁ ବୋଲି କହିଛନ୍ତି।

ରାସ୍ତା ଦୁର୍ଘଟଣାରେ ଆହତ ଯୁବକଙ୍କ ମୃତ୍ୟୁ

# କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ

ବିଞ୍ଝାରପୁର,୮।୩(ସମିସ):



ବିଞ୍ଝାରପୁର ଥାନା ଅନ୍ତର୍ଗତ ବାଛୋଳ ପଞ୍ଚାୟତର ଯୁବକ ରାଜେନ୍ଦ୍ର ଦାସ (୪୨) ଙ୍କର ଗତ ଗୁରୁବାର ରାତିରେ ରାସ୍ତା ଦୁର୍ଘଟଣାରେ ଗୁରୁତର ଆହତ ହୋଇ ପ୍ରଥମେ କଟକ ବଡ଼ମେଡିକାଲ ଓ ପରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ମେଡିକାଲରେ ଚିକିତ୍ସା ହେଉଥିଲେ। ହେଲେ ରାଜେନ୍ଦ୍ରଙ୍କର ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ରାତିରେ ମୃତ୍ୟୁ ହୋଇଯାଇଥିଲା। ଏହି ଖବର ଜଣାପଡିଲା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଯିବା ସହ ରବିବାର ଅପରାହ୍ନରେ ଯୁବକଙ୍କ ମୃତଦେହ ବାଛୋଳ ଗ୍ରାମକୁ ଫେରିବା ପରେ ସ୍ଥାନୀୟ ଗ୍ରାମବାସୀ କ୍ଷତିପୂରଣ ଦାବିରେ ଯାଜପୁର-ସିଂହପୁର ମୁଖ୍ୟ ରାସ୍ତାର ବାଛୋଳ ଛକରେ ଅବରୋଧ କରି ବସିରହିଥିଲେ। ଖବର ପାଇ ବିଞ୍ଝାରପୁର ଥାନାଧିକାରୀ ବିଲ୍ୱମଙ୍ଗଳ ସେଠୀ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ଗ୍ରାମବାସୀ କ୍ଷତିପୂରଣ ଦାବିରେ ଅଟଳ ରହିଥିଲେ। ଫଳରେ ଖବରଲେଖା ବେଳକୁ ରାସ୍ତା ଅବରୋଧ ଜାରି ରଖିଛନ୍ତି। ତେବେ ରାସ୍ତା ଅବରୋଧ ପାଇଁ ଆପରାହ୍ନ ୪ଟାଠାରୁ ସିଂହପୁର-ଯାଜପୁର ରାସ୍ତାରେ ଯାତାୟତ ଠପ୍ ହୋଇପଡିଛି। ପ୍ରକାଶଥାଉକି ଗତ ଗୁରୁବାର ରାତି ୮ଟା ସମୟରେ ବାଛୋଳ ପଞ୍ଚାୟତର ରାଜେନ୍ଦ୍ର ଦାସ (୪୨) ତାଙ୍କର ତିନି ବର୍ଷର ପୁଅକୁ ନେଇ ବାଛୋଳ ଛକରେ ଗୁପଚୁପ ଖାଉଥିବା ସମୟରେ ମାଁସଡ଼ା ଗ୍ରାମର ଦିବ୍ୟପ୍ରକାଶ ପଣ୍ଡା ନିଜ ବୁଲେଟରେ ସିଂହପୁରରୁ ଫେରୁଥିବା ସମୟରେ ରାଜେନ୍ଦ୍ରଙ୍କୁ ଧକ୍କା ଦେଇଥିଲେ। ଏହି ଦୁର୍ଘଟଣାରେ ଉଭୟ ଦିବ୍ୟପ୍ରକାଶ ଓ ରାଜେନ୍ଦ୍ର ଗୁରୁତର ଭାବରେ ଆହତ ହୋଇଥିଲା ବେଳେ ରାଜେନ୍ଦ୍ରଙ୍କର ତିନି ବର୍ଷର ପୁଅ ଅଳ୍ପକେ ବର୍ତ୍ତି ଯାଇଥିଲେ। ସ୍ଥାନୀୟ ଲୋକେ ଦୁର୍ଘଟଣାସ୍ଥଳରୁ ଉଭୟଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ପ୍ରଥମେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଦିବ୍ୟପ୍ରକାଶ ଆରୋଗ୍ୟ ହୋଇ ଘରକୁ ଫେରିଥିଲା ବେଳେ ରାଜେନ୍ଦ୍ରଙ୍କର ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରୁ ତାଙ୍କର ଅଧିକା ଚିକିତ୍ସା ପାଇଁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏହି ଦୁର୍ଘଟଣାକୁ ନେଇ ମୃତ ରାଜେନ୍ଦ୍ରଙ୍କର ମାଆ ଶଶୀରେଖା ଦାସ ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲା ବେଳେ ପୁଲିସ କେଶ ନଂ ୧୨୬/୨୬ ରେ ଏକ ମାମଲା ରୁଜୁ କରିବା ସହିତ ଘଟଣାର ତଦନ୍ତ ଜାରି ରଖିଥିଲା।

## ରାସ୍ତା ସମସ୍ୟା ନେଇ ମହିଳା ଦିବସରେ ମହିଳାଙ୍କ ବିକ୍ଷୋଭ



**କୁଆଁଗୋଲା,୮।୩(ସମିସ):** ଦଶରଥପୁର ବ୍ଲକ ଅଧୀନସ୍ଥ କନିକାପଡା ପଞ୍ଚାୟତ ମାନସିଂପାଟଣା ଗାଁ ରାସ୍ତା ସମସ୍ୟା ନେଇ ଗ୍ରାମର ମହିଳାମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସୂଚନାରୁ ପ୍ରକାଶ ଯେ ମଙ୍ଗଳପୁର ନାରୀଗାଁ ମୁଖ୍ୟ ରାସ୍ତା ସଂଲଗ୍ନ ମାନସିଂପାଟଣା ଗ୍ରାମର ସେନାପତି ସାହି ଠାରୁ ଦଳିତ ସାହି ଯାଏଁ ଥିବା ରାସ୍ତାର ପ୍ରାରମ୍ଭରେ କିଛି ଅସାମାଜିକ ଲୋକ ଜାଗା ଅକ୍ତିଆର ପୂର୍ବକ ପାଚେରୀ, ଗୁହାଳ, ବାରଣ୍ଡା ଆଦି କରିନେଇଛନ୍ତି। ଫଳସ୍ୱରୂପ ଅଣଓସାରିଆ ହୋଇଯାଇଥିବା ଗାଁର ଏହି ରାସ୍ତାରେ ଦମକଳ ଗାଡି, ଆମ୍ବୁଲାନ୍ସ, ଜନନୀ ଏକ୍ସପ୍ରେସ ଭଳି ଜରୁରୀକାଳୀନ ସେବା ଯାନବାହନ ଆଦୌ ଗାଁ ଭିତରକୁ ଯାଇ ପାରୁନାହିଁ। ଏମିତି କି ଛାତ୍ରଛାତ୍ରୀ ମାନେ ବିଦ୍ୟାଳୟ ଯାତାୟତ ସମୟରେ ଅଣଓସାରିଆ ଏବଂ ସଂକୀର୍ଣ୍ଣ ବାଙ୍କ ଯୋଗୁଁ ଦୁର୍ଘଟଣାର ଶିକାର ହେଉଥିବା ନଜିର ମଧ୍ୟ ରହିଛି। ସରକାରୀ ଯୋଜନାରେ ମିଳୁଥିବା ଘର, ରାସ୍ତା, ନଳକୂପ ଆଦି ଲାଗି ବାଲି, ଗୋଡି, ରଡ୍ ଆଦି ଗାଡ଼ି ମଧ୍ୟ ପହଞ୍ଚି ପାରୁନାହିଁ। ପ୍ରକାଶ ଥାଉ କି ନକ୍ସା ଅନୁସାରେ ରାସ୍ତାଟି ୨୦ କଡ଼ି ଥିବା ବେଳେ ଏହା ଅବରୋଧ ହୋଇ ମାତ୍ର ୧୦-୧୧ କଡ଼ି ରହିଛି (ପ୍ଲଟ ନଂ ୪୯୩୮)। ଯଦ୍ଵାରା ୩ଶହରୁ ଊର୍ଦ୍ଧ୍ୱ ପରିବାର ଏବେ ଯାତାୟତ ନେଇ ଦୀର୍ଘଦିନ ହେବ ଅସୁବିଧାରେ ସମ୍ମୁଖିନ ହେଉଛନ୍ତି। ଏ ନେଇ ୨ ମାସ ତଳେ ଦଶରଥପୁର ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସ୍ଥାନୀୟ ଆର୍‌ଆଇ ଗାଁର ରାସ୍ତାକୁ ମାପଚୁପ ନିମନ୍ତେ ଆସିଥିଲେ। କିନ୍ତୁ ବଳପୂର୍ବକ ରାସ୍ତାକୁ ଅବରୋଧ କରିଥିବା କିଛି ଅସାମାଜିକ ବ୍ୟକ୍ତି ମାପଚୁପ କରାଇଦେଇନଥିଲେ। ତେଣୁ ଆଜି ଏହି ସମସ୍ୟାର ସମାଧାନ ନିମନ୍ତେ ମା' ଦକ୍ଷିଣେଶ୍ୱର ଆଞ୍ଚଳିକ ମଞ୍ଚ କନିକାପଡ଼ା, ତରଫରୁ ଶତାଧିକ ମହିଳା ଏକତ୍ରିତ ହୋଇ ବିକ୍ଷୋଭ ପ୍ରଦର୍ଶନ କରି ତୁରନ୍ତ ଏହି ରାସ୍ତା ସମସ୍ୟା ଦୂରୀକରଣ ଲାଗି ଦାବୀ କରିଛନ୍ତି।

## ଧାନମଣ୍ଡଳରେ ମହିଳା ଦିବସ



**ବଡଚଣା,୮।୩(ସମିସ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ଧାନମଣ୍ଡଳ ସ୍ଥିତ ବିକେ ଏଜୁକେସନାଲ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ହୋଲି ଜେସସ ବିଦ୍ୟାଳୟ ପରିସରରେ ଆଜି ଆନ୍ତର୍ଜାତୀକ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଟ୍ରଷ୍ଟ ଅଧକ୍ଷା କାମିନୀ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ସମାଜସେବୀ ଶାନ୍ତିଲତା ଚୌଧୁରୀ ଉଦଘାଟନ ପୂର୍ବକ ମହିଳା ମାନେ ଆଦର୍ଶମୁଖୀ ହୋଇ ଭଲ ସନ୍ତାନ ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ଅଭୟ କୁମାର ବେହେରା ଯୋଗଦେଇ ସମାଜ ଗଠନରେ ମାଆ ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ସାହିତ୍ୟିକ ତଥା ସାମ୍ବାଦିକ ଭକ୍ତ ଚରଣ ସାହୁ ଓ ସମ୍ମାନୀତ ଅତିଥି ଭାବେ ସମାଜସେବୀକା ମଞ୍ଜୁଲତା ସାହୁ ଏବଂ ଧର୍ମଶାଳା ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ମମତା ମହାନ୍ତି ପ୍ରମୁଖ ଯୋଗଦେଇ ମହିଳା ଦିବସ ସମ୍ପର୍କରେ ବିଭିନ୍ନ ଆଲୋଚନା କରିଥିଲେ। ଏହି ଅବସରରେ ଅଧ୍ୟାପିକା ସୁକେଶିନୀ ସାମଲ, ଅଧ୍ୟାପିକା ଡ. ସୁଜାତା ସେନାପତି, ଅଧ୍ୟାପିକା ଡ଼ଲୀନ ବାଳା ସାମଲ, ଶିକ୍ଷୟିତ୍ରୀ ମାମିନା ଅନୁରଞ୍ଜନୀ, ଆଦର୍ଶ ଗୃହିଣୀ ନୟନା ସୁନ୍ଦରୀ ସାମଲ ଓ ମାନସୀ ମହାନ୍ତିଙ୍କଙ୍କ ସମେତ ଉପସ୍ଥିତ ବହୁ ମହିଳାଙ୍କୁ ଉତ୍ତରୀୟଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ଛାତ୍ରୀ ଆରାଧ୍ୟା ପଣ୍ଡା ନୃତ୍ୟ ମାଧ୍ୟମରେ ଅତିଥି ମାନଙ୍କୁ ସ୍ୱାଗତ ପରିବେଷଣ କରିଥିଲେ। ଶିକ୍ଷକ ଲକ୍ଷ୍ମୀଧର ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ ଟ୍ରଷ୍ଟି ମଧୁସ୍ମିତା ରାଉତ। ଶେଷରେ ଧନ୍ୟବାଦ ଦେଇଥିଲେ ଶିକ୍ଷୟିତ୍ରୀ ମୌସୁମୀ ଦାସ। ହୋଲି ଜେସରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଧର୍ମଶାଳାରେ ମହିଳା ଦିବସ



**ଧର୍ମଶାଳା,୮।୩(ସମିସ):** ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଜାରକାସ୍ଥିତ ଧର୍ମଶାଳା ମହୋତ୍ସବ ପଡିଆରେ ସ୍ୱେଚ୍ଛାସେବୀ ସଙ୍ଗଠନ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ବିଶ୍ୱ ମହିଳା ଦିବସ ଅନୁଷ୍ଠିତ ହୋଇଯାଇଛି। ଲୋରିଆ ମହାନ୍ତିଙ୍କ ସଂଚାଳନାରେ ଆୟୋଜିତ ସଭାରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, କୋରେଇ ବିଧାୟକ ଆକାଶ ଦାସ ନାୟକ, ସମାଜସେବୀ ଋତୁପର୍ଣ୍ଣା ମହାନ୍ତି, ପୂର୍ବତନ ସାଂସଦ ରୀତା ତରେଇ, ପୂର୍ବତନ ବିଜେପି ଜିଲ୍ଲା ସଭାପତି ଗୌତମ ରାୟ, ଯାଜପୁର ଜିଲ୍ଲା ପରିଷଦ ସଭାପତି ନଳିନୀପ୍ରଭା ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲା। ଏହି ଅବସରରେ ମିଶନ ଶକ୍ତି, ଅଙ୍ଗନୱାଡୀ, ଆଶା ଦିଦି, ପୁଲିସ ବିଭାଗରେ କାର୍ଯ୍ୟକରୁଥିବା ମହିଳାମାନଙ୍କ ମଧ୍ୟରେ ଉଲ୍ଲେଖନୀୟ ଅବଦାନ ପାଇଁ ଅନେକ ମହିଳାଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଧର୍ମଶାଳା ନିର୍ବାଚନ ମଣ୍ଡଳୀରୁ ହଜାର ହଜାର ସଂଖ୍ୟାରେ ମହିଳାମାନେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଯୁବ ସଂଗଠକ ରାଜେଶ ପାଳ, ବିଶ୍ୱଜିତ ପୃଷ୍ଟି, ତପନ ମାହୁନ୍ତ, ସବ୍ୟସାଚୀ ସୁନ୍ଦରାୟ, ବାରବାଟୀ ମଣ୍ଡଳ ସଭାପତି ତୀର୍ଥରାଜ ପଣ୍ଡା, ଆରୁହା ମଣ୍ଡଳ ସଭାପତି ଜିତେନ୍ଦ୍ର ରାଉତ, ଜେନାପୁର ମଣ୍ଡଳ ସଭାପତି ଶ୍ରୀବତ୍ସ ଧୀର, ଜାରକା ମଣ୍ଡଳ ସଭାପତି ଦେବଦତ୍ତ ପଣ୍ଡା, କୋଟପୁର ମଣ୍ଡଳ ସଭାପତି ପ୍ରଶାନ୍ତ ନାୟକ, ଅଭିଷେକ ରାଉତ, ଆଲୋକ ଲେଙ୍କା, ରବୀନ୍ଦ୍ର ବରାଳ, ସୁଷମା ଜେନା, ସୁଜାତା ମହାନ୍ତି, ବିଶ୍ୱବନ୍ଦନା ଜେନା, ସ୍ମୃତିରେଖା ବେହେରା, କ୍ଷୀରବ୍ଧି ତନ୍ମୟା ମଲ୍ଲିକ, ସବନମ ପରୱିନ, ଚିନ୍ମୟୀ ବେହୁରା, ସୁନିତା ମଲ୍ଲିକ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।

● ମଦ୍ୟପ ଚାଳକ ଉପରେ ଚଢ଼ଉ

## ୧ଲକ୍ଷ ୫ ହଜାର ଜରିମାନା ଆଦାୟ

**ପାଣିକୋଇଲି,୮।୩(ସମିସ):** ଯାଜପୁର ପରିବହନ ବିଭାଗ ପକ୍ଷରୁ ପାଣିକୋଇଲି ଠାରେ ମଦ୍ୟପ ଚାଳକ ଉପରେ ଚଢ଼ଉ କରାଯାଇ ୧ଲକ୍ଷ ୫ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ମଦ୍ୟପ ଚାଳକ ମାନଙ୍କୁ ସୁଧାରିବା ପାଇଁ ପୁଲିସ ଓ ପରିବହନ ବିଭାଗ ପ୍ରୟାସ ଜାରି ରଖିଛି। ଏହି କ୍ରମରେ ଯାଜପୁର ପରିବହନ ବିଭାଗର ଏମ୍‌ଭିଆଇ ପ୍ରଦୀପ୍ତ ବେହେରା ସଦଳବଳେ ପାଣିକୋଇଲି ଠାରେ ଶନିବାର ରାତ୍ରୀରେ ଚଢାଉ କରିଥିଲେ। ଚଢ଼ଉ ସମୟରେ ୮ଟି ଗାଡ଼ିରୁ ୧ ଲକ୍ଷ ୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ଶ୍ରୀ ବେହେରା ସୂଚନା ଦେଇଛନ୍ତି।



## ବନଫୁଲ ସାହିତ୍ୟ ମହୋତ୍ସବ



**ଦଶରଥପୁର,୮।୩(ସମିସ):** ବନଫୁଲ ଆନୁକୂଲ୍ୟରେ ଚନ୍ଦନ ଶ୍ରୀକ୍ଷେତ୍ର (ନାରୀଗାଁ) ଜଗନ୍ନାଥ ମନ୍ଦିର ସଭାକକ୍ଷରେ ଅଧ୍ୟାପକ ଦାମୋଦର ବେହେରାଙ୍କ ପୌରୋହିତ୍ୟରେ ବନଫୁଲ ୨ୟ ସାହିତ୍ୟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ସାହିତ୍ୟ ମହୋତ୍ସବରେ ବନଫୁଲର ନିର୍ଦ୍ଦେଶକ ପବିତ୍ର ବ୍ରହ୍ମପୁତ୍ର ନାୟକ ସ୍ୱାଗତ ଅଭିଭାଷଣ ରଖି ନିଛକ ସାହିତ୍ୟ ଗାଁରୁ ଆରମ୍ଭ ବୋଲି କହିଥିଲେ। ଉଦ୍‌ଘାଟକ ଭାବେ ବିଶିଷ୍ଟ ସମାଜସେବୀ ପ୍ରମୋଦ କୁମାର ସାହୁ, ମୁଖ୍ୟବକ୍ତା ପ୍ରଫେସର ବଟକୃଷ୍ଣ ମହାପାତ୍ର, ସମ୍ମାନିତ ଅତିଥି ଗାଳ୍ପିକ ରବି ପଣ୍ଡା, ସମ୍ମାନିତ ବକ୍ତା ପତ୍ରକାର ଅକ୍ଷୟ କୁମାର ଦାଶ, ବିଶିଷ୍ଟ ଅତିଥି ଡ. ଶଶଧର ମହାପାତ୍ର ଯୋଗଦେଇ 'ସମାଜରେ ସାହିତ୍ୟରେ ଭୂମିକା' ସମ୍ପର୍କରେ ଆଲୋଚନା କରିଥିଲେ। ବିଶିଷ୍ଟ କବି ଶ୍ରୀହରି ଧଳ ଓ କୁଳମଣି ଜେନାଙ୍କୁ 'ବିରଜା ସାହିତ୍ୟ ପୁରସ୍କାର' ଓ ଅଧ୍ୟାପିକା ବିଦ୍ୟୁରେଖା ମହାପାତ୍ର, ମାଙ୍ଗଳିକା ଦାସ, ହରେରାମ ପଣ୍ଡା, ଡ. ବାସୁଦେବ ମିଶ୍ର, ଶୁଭେନ୍ଦୁ କୁମାର ମହାପାତ୍ର, ନିରଞ୍ଜନ ପତି, ଶିଶିର କୁମାର ପଣ୍ଡା, ପ୍ରମୋଦ କୁମାର ଦାସ, ଡ. ଦୀପକ ଜେନା, ବିକ୍ରମ କୁମାର ଦାସଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା କରାଯାଇଥିଲା। ଡ. ଶଶଧର ମହାପାତ୍ରଙ୍କ କବିତା ପୁସ୍ତକ 'ଅନ୍ଧକାରର ରଙ୍ଗ' କୁଳମଣି ଜେନାଙ୍କ କବିତା ସଂକଳନ 'ଧୂସର ସବୁଜ' ଓ 'ନାରୀମୁକ୍ତି ଇସ୍ତାହାର' ଅତିଥିମାନେ ଉନ୍ମୋଚିତ କରିଥିଲେ। ଅକ୍ଷୟ କୁମାର ଧଳଙ୍କ ସଭାପତିତ୍ୱରେ କବିତା ମଞ୍ଚରେ ପଚାଶରୁ ଊର୍ଦ୍ଧ୍ୱ କବି କବିତା ପାଠ କରିଥିଲେ। ଅତିଥିମାନଙ୍କ ଦ୍ୱାରା ମନ୍ଦିର ପରିସରରେ ପାଠାଗାର ଉଦଘାଟନ ହୋଇଥିଲା।

## ମହିଳା ଦିବସରେ ଆଇନ୍ ସଚେତନତା ସଭା

**ଯାଜପୁର,୮।୩(ସମିସ):** ଯାଜପୁର ଜିଲ୍ଲା ଦୌରାଜଜ୍ ତଥା ଆଇନ୍ ସେବା ପ୍ରାଧିକରଣ ଅଧକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶ କ୍ରମେ ଯାଜପୁର ବ୍ଲକ୍ ଅନ୍ତର୍ଗତ ବିଚିତ୍ରପୁର ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷ ଠାରେ ପ୍ରାଧିକରଣ ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ପାଳନ କରାଯିବା ସହିତ ଆଇନ୍ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାଧିକରଣ ସଚିବ ତଥା ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ନେହା ଅଗ୍ରୱାଲ୍ ଅଧକ୍ଷତା କରି ଜାତୀୟ ଆଇନ ସେବା ପ୍ରାଧିକରଣ କାର୍ଯ୍ୟଧାରା ଏବଂ ନୂତନ ଆଶା କାର୍ଯ୍ୟକ୍ରମ ସଚେତନତା, ସହଯୋଗ, ସାହାଯ୍ୟ ଓ କାର୍ଯ୍ୟାନ୍ୱୟନ ବିଷୟରେ ଆଲୋଚନା କରିଥିଲେ। ଏଥିରେ ଅତିଥି ଆଲୋଚକ ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗର ଡାକ୍ତର ଶାନ୍ତିପ୍ରିୟା ମୁର୍ମୁ, ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ କୁମାରସେନ ସେନାପତି, ଏଲ୍‌ପିଓ ରୋଜାଲିନ୍ ପଣ୍ଡା ପ୍ରମୁଖ ଯୋଗଦେଇ ପିଏନ୍‌ଡିଟି ଆକ୍ଟ, ବାଲ୍ୟବିବାହ ନିରୋଧ ଆଇନ୍, ଶିଶୁ ଶୋଷଣ ବିରୋଧି ଆଇନ୍, ଶିଶୁ ଅଧିକାର, କାର୍ଯ୍ୟକ୍ଷେତ୍ର ମହିଳାଙ୍କ ପ୍ରତି ହେଉଥିବା ଯୌନଗତ ଶୋଷଣ ବା ଅନୁଚିତ ବ୍ୟବହାର, ଯୌତୁକ ସମ୍ବନ୍ଧୀୟ ସଚେତନତା ଇତ୍ୟାଦି ବିଷୟରେ ବିସ୍ତୃତ ଭାବେ ଅବଗତ କରାଇଥିଲେ। ପ୍ରାଧିକରଣ ପ୍ରାକ୍ତନ ସଦସ୍ୟ ତଥା ସାମାଜିକ କାର୍ଯ୍ୟକର୍ତ୍ତା ଡ. ରୁଦ୍ରନାରାୟଣ ପୃଷ୍ଟି କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ସ୍ଥାନୀୟ ସରପଞ୍ଚ ଦେବାଶିଷ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଭାଗ ନେଇଥିବା ମହିଳାମାନେ ହାତରେ ବିଭିନ୍ନ ପ୍ରକାର ସଚେତନତାଧର୍ମୀ ପ୍ଲାକାର୍ଡ ଧରି ସଭା ପୂର୍ବରୁ ଏକ ଶୋଭାଯାତ୍ରାରେ ଯାଇଥିଲେ। ସଭା ଶେଷରେ ମହିଳା ଶୃଙ୍ଖଳର ଆୟୋଜନ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ପ୍ରାଧିକରଣ କର୍ମଚାରୀ ଓ ପଞ୍ଚାୟତ ଜନପ୍ରତିନିଧି କର୍ମଚାରୀଗଣ ସହଯୋଗ କରିଥିଲେ।



## ପାଣିକୋଇଲିରେ ପ୍ରତି ଗୁରୁବାର ହେବ ସାପ୍ତାହିକ ହାଟ

**ପାଣିକୋଇଲି,୮।୩(ସମିସ):** କୋରାଇ ବ୍ଲକ ପାଣିକୋଇଲି ପଞ୍ଚାୟତରେ ଏକ ସାପ୍ତାହିକ ହାଟ ବସାଇବା ଲାଗି ଦ୍ୱିତୀୟ ପ୍ରସ୍ତୁତି ବୈଠକ ପଞ୍ଚାୟତର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତର ସରପଞ୍ଚ ପଦ୍ମାବତୀ ପଣ୍ଡାଙ୍କ ଅଧକ୍ଷତାରେ ଆୟୋଜିତ ଉକ୍ତ ବୈଠକରେ ସ୍ଥାନୀୟ ଅଞ୍ଚଳର ବହୁ ବ୍ୟକ୍ତି ବିଶେଷ ଯୋଗ ଦେଇ ସାପ୍ତାହିକ ହାଟକୁ ସ୍ୱାଗତ କରିଥିଲେ। ଯେହେତୁ ପାଣିକୋଇଲିରେ ପୂର୍ବରୁ ଗ୍ରାମ ଦେବତୀ ମା' ଜାଗୁଳାଇଙ୍କ ନାମରେ ହାଟ ବସୁଥିଲା। ଉକ୍ତ ହାଟକୁ ମଧ୍ୟ ସେହି ନାମରେ ନାମିତ କରିବା ଲାଗି ବହୁ ବ୍ୟକ୍ତି ପ୍ରସ୍ତାବ ଦେଇଥିଲେ। ବୈଠକରେ ବରିଷ୍ଠ ଶିକ୍ଷାବିତ ଭୋଳାନାଥ ସାହୁ, ବୈଷ୍ଣବ ଚରଣ ସାହୁ, ସୂର୍ଯ୍ୟମଣି ପଣ୍ଡା, ନୃସିଂହ ଚରଣ ଦଳାଇ, ନିର୍ମଳ କୁମାର ମଲ୍ଲିକ, ଗଦାଧର ପରିଡ଼ା, ବିନୋଦ କୁମାର ଜେନା, ତାରିଣୀ ପ୍ରସାଦ ରାୟ, ପ୍ରଫୁଲ୍ଲ ଚନ୍ଦ୍ର ବେହେରା, ପ୍ରଫୁଲ୍ଲ କୁମାର ଦାଶ, ରାମଚନ୍ଦ୍ର ମଲିକ, ଗୋକୁଳାନନ୍ଦ ମହାରଣା, ବିଣାପାଣୀ ଜେନା, ଅବଦୁଲ ସଏଦ ଖାଁ, ଅଜୟ କୁମାର ସାହୁ, ରାମଚନ୍ଦ୍ର ବିଶ୍ୱାଳ, ବିଦ୍ୟାଧର ବେହେରା, ସୁକାନ୍ତ କୁମାର ସାହୁ, ଅଜିତ କୁମାର ସାହୁ, ଫିରୋଜ କୁମାର ପଣ୍ଡା, ଶିବ ପ୍ରସାଦ ଓଝାଙ୍କ ସମେତ ବହୁ ବ୍ୟକ୍ତି ଯୋଗ ଦେଇଥିଲେ। ପାଣିକୋଇଲି ପଞ୍ଚାୟତର କଲ୍ୟାଣ ମଣ୍ଡପ ସମ୍ମୁଖରେ ଥିବା ମହୋତ୍ସବ ପଡ଼ିଆରେ ଉକ୍ତ ହାଟ ପ୍ରତ୍ୟେକ ଗୁରୁବାର ଦିନ ବସିବ ବୋଲି ବୈଠକରେ ପ୍ରସ୍ତାବ ଆଗତ ହୋଇଥିଲା। ତେବେ ଚୂଡ଼ାନ୍ତ ବୈଠକ ଅନୁଷ୍ଠିତ ହୋଇ ହାଟ କମିଟି ଗଠନ ହେବାକୁ ସ୍ଥିରୀକୃତ ହୋଇଛି। ଶେଷରେ ନାଏବ ସରପଞ୍ଚ ଦେବେନ୍ଦ୍ର କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନ ପକ୍ଷରୁ ରକ୍ତଦାନ ଶିବିର



**କବାଟବନ୍ଧ,୮।୩(ସମିସ):** ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଧର୍ମଶାଳା ବ୍ଲକ ଅନ୍ତର୍ଗତ ବୃନ୍ଦାଦେଇପୁରସ୍ଥ ଅଗ୍ରଣୀ ସାମାଜିକ ଅନୁଷ୍ଠାନ ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନଆନୁକୂଲ୍ୟରେ ତୃତୀୟବାର୍ଷିକ ରକ୍ତଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରୀୟ ରେଡ୍‌କ୍ରସ ରକ୍ତ ଭଣ୍ଡାର ପକ୍ଷରୁ ବୃନ୍ଦାଦେଇପୁରସ୍ଥ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଜେନାପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ନାୟକ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ମଲ୍ଲିକ, କାହ୍ନୁଚରଣ ସାହୁ, ବିଷ୍ଣୁ ଚରଣ ଓଝା, ରଘୁନାଥ ବେହେରା, ଶିକ୍ଷକ କୃଷ୍ଣଚନ୍ଦ୍ର ଖଟୁଆ, କୃଷ୍ଣ ଚନ୍ଦ୍ର ସାହୁ, ସମାଜସେବୀ ଶରତ ମହାନ୍ତି, ପଦ୍ମନାଭ ଶତପଥୀ, ରାମଚନ୍ଦ୍ର ମହାନ୍ତି, ପ୍ରଦୀପ ଶତପଥି, ମନୋଜ ଧିର, ସୁଦର୍ଶନ ପ୍ରଧାନ, ପ୍ରମୋଦ ଦାସ, ଦୀପକ ଦାସ, ସାମ୍ବାଦିକ ବସନ୍ତ କୁମାର ମଲ୍ଲିକ, ବସନ୍ତ ସାହୁ, ଚନ୍ଦ୍ରମଣି ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ସ୍ଥାନରୁ ରକ୍ତଦାତା ଆସି ରକ୍ତଦାନ କରିଥିଲେ। ଅନେକ ଦମ୍ପତି ମଧ୍ୟ ରକ୍ତଦାନ କରିଥିବା ଦେଖିବାକୁ ମିଳିଥିଲା। ଏହି ଶିବିରରୁ ମୋଟ ୬୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ସାମ୍ବାଦିକ ଚିତ୍ରସେନ ନାଥଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ ସଭାପତି ଜୟଦେବ ଶତପଥୀ, ଉପସଭାପତି ନିର୍ମାଲ୍ୟ କୁମାର ପ୍ରଧାନ, କାର୍ଯ୍ୟକାରୀ ସମ୍ପାଦକ ସରୋଜ କାନ୍ତ ବେହେରା, ସମ୍ପାଦକ ମାନସ ରଞ୍ଜନ ପ୍ରଧାନ, ସଦସ୍ୟ ଲାଲମୋହନ ଶତପଥୀ, ପ୍ରଭାତ ସାହୁ, ସୁବ୍ରତ ସାହୁ, ସିଦ୍ଧାନ୍ତ ପଲାଇ, ସୁନିଲ ନାଥ, ଶୁଭମ୍ ବଳ, ଅଭିଷେକ ବାରାଳ, ଲିଙ୍ଗରାଜ ଶତପଥୀ, ଗୌରାଙ୍ଗ ରାଉତ, ସଦସ୍ୟା ମଧୁସ୍ମିତା ଖଟୁଆ, ଦମୟନ୍ତୀ ପ୍ରଧାନ, ଋତୁପର୍ଣ୍ଣା ମହାନ୍ତି, ଚିନ୍ମୟୀ ଦଳାଇ, ରାନୁ ଦଳାଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଷ୍ଠାନର ଏହି କାର୍ଯ୍ୟକ୍ରମ ପାଇଁ ରେଡକ୍ରସ୍ ତରଫରୁ ଅନୁଷ୍ଠାନକୁ ସମ୍ବର୍ଦ୍ଧନା କରାଯାଇଥିଲା।

# ଧର୍ମଶାଳା ପ୍ରେସ୍ କ୍ଲବର ବାର୍ଷିକ ଉତ୍ସବ

ଧର୍ମଶାଳା,୮।୩(ସମିସ):



ଧର୍ମଶାଳା ପ୍ରେସ୍ କ୍ଲବର ୨୩ତମ ବାର୍ଷିକ ଉତ୍ସବ ଜାରକାସ୍ଥିତ ଧର୍ମଶାଳା ଷ୍ଟାଡିୟମ ହଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରେସ୍ କ୍ଲବର ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଉଦ୍‌ଘାଟକ ଭାବେ ବିଧାୟକ ଅମର କୁମାର ନାୟକ ଯୋଗଦେଇ ସାମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ମିଶ୍ର, ସମ୍ମାନିତ ଅତିଥି ଭାବେ ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ମାନସ ମହାପାତ୍ର ଓ ସମାଜସେବୀ ଋତୁପର୍ଣ୍ଣା ମହାନ୍ତି ଯୋଗଦେଇ ସମ୍ବାଦପତ୍ର ସମାଜ ଓ ସରକାରଙ୍କୁ ସଠିକ ଦିଗଦର୍ଶନ ଦେଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପ୍ରେସ୍ କ୍ଲବର ମୁଖପତ୍ର ପ୍ରହରୀକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏଥିସହ ଚଳିତ ବର୍ଷ ପାଇଁ ବରିଷ୍ଠ ସାମ୍ବାଦିକ ବିଶ୍ୱନାଥ ସାମଲଙ୍କୁ ନରହରି ମହାନ୍ତି ସ୍ମୃତି ସମ୍ମାନ, କେନ୍ଦ୍ର ବାଲ୍ ସାହିତ୍ୟ ପୁରସ୍କାରପ୍ରାପ୍ତ ଶିଶୁ ସାହିତ୍ୟିକ ଡ. ରାଜକିଶୋର ପାଢ଼ିଙ୍କୁ ସାରସ୍ୱତ ସାଧକ ସମ୍ମାନ, ଅବସରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟ କୁମାର ଶତପଥୀଙ୍କୁ ସେବା ସମ୍ମାନ, ଜାତୀୟସ୍ତରୀୟ ସ୍ଥାପତ୍ୟ କଳା ବିଭାଗରେ କୃତିତ୍ୱ ହାସଲ କରିଥିବା ପ୍ରଭୁଦୟାନାଥ ସାହୁ ଓ କୃତି ଛାତ୍ରୀ ପ୍ରତୀକ୍ଷା ରାଉତଙ୍କୁ ଯୁବ ପ୍ରତିଭା ସମ୍ମାନରେ ଅତିଥିମାନେ ଉପଢୌକନ ଓ ପ୍ରମାଣପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ପ୍ରେସ୍ କ୍ଲବର ସାଧାରଣ ସମ୍ପାଦକ ଅବିନେଶ୍ୱର ଶତପଥୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସାମ୍ବାଦିକ, ବୁଦ୍ଧିଜୀବୀ ଓ ସାହିତ୍ୟିକମାନେ ଯୋଗଦେଇଥିଲା ବେଳେ ପ୍ରେସ୍ କ୍ଲବର କାର୍ଯ୍ୟକାରୀ ସଭାପତି ଅଖିଳ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଉପଦେଷ୍ଟା ରମାକାନ୍ତ ଜେନା, ବଟକୃଷ୍ଣ ପରିଡା, ଇନ୍ଦ୍ରମଣି ନାୟକ, ଗୁଲାମ ଗସ, ସୀତାକାନ୍ତ ସାମଲ ସମେତ ଉପସଭାପତି ମାନସ ରଞ୍ଜନ ଜେନା, ସହ ସମ୍ପାଦକ ପ୍ରଶାନ୍ତ ଗନ୍ତାୟତ, କୋଷାଧକ୍ଷ ବିବେକ ରାୟ, ଆଇନ ପରାମର୍ଶଦାତା କ୍ଷୀରୋଦ ଚନ୍ଦ୍ର ମୁଦୁଲି, କପିଳେନ୍ଦ୍ର ରାଉତ, ବିକ୍ରମ କୁମାର ମହାନ୍ତି, ଅକ୍ଷୟ କୁମାର ରାଉତ, ସୁବ୍ରତ କୁମାର ଜେନା, କିଶୋର କୁମାର ରାଉତ, ଅନିଲ କୁମାର ନାୟକ, ବିନୋଦ ପରିଡା ଓ ବିନୋଦ ସାହୁ ପ୍ରମୁଖ ପ୍ରେସ୍ କ୍ଲବର କର୍ମକର୍ତ୍ତା ଓ ସଦସ୍ୟମାନେ ପରିଚାଳନାରେ ସହାୟତା କରିଥିଲେ। ଶେଷରେ ମାନସ ରଞ୍ଜନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

### ଶିଳ୍ପାଞ୍ଚଳବାସୀଙ୍କୁ ଘାରିଛି ନିଶା ଯାତନା

# କ୍ଷତିକାରକ ସାଜିଛି ଅପମିଶ୍ରଣ ଦେଶୀ ମହୁଲି ମଦ

ଦାନଗଡ଼ି, ୮।୩(ସମିସ)

ଶିଳ୍ପର ରାଜଧାନୀ ଏବେ କଳିଙ୍ଗନଗର। ବ୍ୟାପକ ଶିଳ୍ପାୟନ ଯୋଗୁଁ ଏଠାକାର ଲୋକଙ୍କ ଆର୍ଥିକ ଅବସ୍ଥା ପୂର୍ବ ଅପେକ୍ଷା ବହୁ ସ୍ୱଚ୍ଛଳ ହୋଇପାରିଛି। କିନ୍ତୁ ପରିତାପର ବିଷୟ ହେଉଛି ଶିଳ୍ପାଞ୍ଚଳରେ ଏବେ ନିଶା କାରବାର ବ୍ୟାପକ ଭାବେ ବଢ଼ିଯାଇଛି। ବିଦେଶୀ ମଦ, ଦେଶୀ ମଦ, ଧଳା ଜହର, ଗଞ୍ଜେଇ ଆଦି ନିଶାଦ୍ରବ୍ୟର ବ୍ୟବହାର ୧୦ ଗୁଣା ବଢ଼ି ଯାଇଛି। ବିଶେଷ କରି ଯୁବ ପିଢ଼ି ଏହାକୁ ବ୍ୟବହାର କରି ମୃତ୍ୟୁ ମୁଖରେ ପଡୁଛନ୍ତି। ସହରରେ ବସବାସ କରୁଥିବା ଲୋକେ ବଡ଼ ବଡ଼ ହୋଟେଲ ଓ ବାରକୁ ଯାଇ ନାମୀ ଦାମୀ କମ୍ପାନୀର ମଦ ପିଉ ଥିବାବେଳେ ଗରିବ ଶ୍ରେଣୀର ଲୋକଙ୍କ ପାଇଁ ଏହା ସମ୍ଭବ ହୋଇ ନ ଥାଏ। ପ୍ରତ୍ୟେକ ଗାଁ ଗଳିରେ ଶସ୍ତାରେ ମିଳୁଥିବା ଦେଶୀ ମହୁଲି ମଦ ହେଉଛି ସେମାନଙ୍କ ପାଇଁ ଦୈନିକ ଆହାର। ମଦ ବିନା ଲୋକେ ବଞ୍ଚିବା କଷ୍ଟକର ହୋଇପଡ଼ିଛି। ଏହାର ସୁଯୋଗ ନେଇ ଦେଶୀ ମଦ ବେପାରୀମାନେ ଏବେ ଏହାକୁ ବ୍ୟାପକ ଅପମିଶ୍ରିତ କରୁଥିବା ଅଭିଯୋଗ ଆସୁଛି। ଖୁବ କମ ଦାମ ଓ ନିକଟରେ ସହଜରେ ମିଳିପାରୁଥିବା ଏହି ଦେଶୀ ମଦକୁ ଲୋକେ ପିଇବା ଫଳରେ କିଡ଼ନୀ, ଲିଭର ଓ ପାନକ୍ରିୟାଜ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ମୁଖରେ ପଡୁଛନ୍ତି। ଦେଶୀ ରନ୍ଧା ମଦକୁ ପିଇବା ପାଇଁ ବହୁ ଗ୍ରାମାଞ୍ଚଳ ଲୋକେ ପସନ୍ଦ କରନ୍ତି, କାରଣ ଏହା ବହୁତ ଶସ୍ତା ଏବଂ ସହଜରେ ସବୁ ସ୍ଥାନରେ ମିଳିଯାଉଥାଏ। କିନ୍ତୁ ଏହାର ସୁଯୋଗ ନେଇ ମଦ ମାଫିଆ ମାନେ ଏଥିରେ ବ୍ୟାପକ ଅପମିଶ୍ରଣ କରୁଥିବା ଅନୁସନ୍ଧାନରୁ ଜଣାପଡ଼ିଛି। ଏଥିରେ ମିଶୁଥିବା ବାଖର ଓ ୟୁରିଆ ସାର ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ କ୍ଷତିକାରକ ବୋଲି ଡାକ୍ତର ମାନେ କହୁଛନ୍ତି। ଶିଳ୍ପାଞ୍ଚଳର ଦୁବୁରୀ ଛକ ଓ ହାଟ, ନଡ଼ିଆଭଙ୍ଗା, ଶାଳିଜଙ୍ଗା, କିଆଝର, ଦେଉଳକଣ, ଟମକା, ରଣାଗୁଣ୍ଡି, ଓଚ୍ଛଳ, ଧୁଳିଗଡ଼, ଚାନ୍ଦିଆ, ପଙ୍କପାଳ, ମାଣତୀରା, ପଙ୍କପାଳ, ତ୍ରିଜଙ୍ଗା, ଗାଛିପୁର ଆଦି ପଞ୍ଚାୟତ ମାନଙ୍କରେ ବ୍ୟାପକ ଦେଶୀ ମଦ (ହାଣ୍ଡିଆ) ବିକ୍ରି ହେଉଛି। ନିୟମିତ ଭାବେ ପଙ୍କପାଳ ଛକ, ମାନପୁର ହାଟିଙ୍ଗ, ତ୍ରିଜଙ୍ଗା କଲୋନୀ ଓ ବ୍ଲକ ସାଇଡ ରେ ଏହି ଟମକା ଛକ, ମହୁଲ ମୂଳ ଛକ, ବାରାଖାଇ ଛକ, ସାତବାଟିଆ ଗାଁ, ମଣ୍ଡପଡ଼ା, କିଆଝର ଛକ, ଓଚ୍ଛଳ ଗାଁ, ମାନପୁର ସ୍କୁଆଁରେ ଗାଁ ଭିତରେ, ଶୋଳେଇ ଗାଁ ଆଦି ଜାଗା ମାନଙ୍କରେ ବ୍ୟାପକ ଦେଶୀ ମହୁଲି ମଦ ବିକ୍ରି ହେଉଥିବା ଦେଖିବାକୁ ମିଳିଛି। ଏହି ଦେଶୀ ମଦକୁ ପିଇବା ପରେ ଲୋକେ ଅଧିକ ନିଶାଶକ୍ତ ହୋଇ ବହୁ ଅପରାଧ ଘଟଣା ଘଟାଉଛନ୍ତି। ବିଶେଷ କରି ଦିନ ମଜୁରିଆମାନେ ଏଥିରେ ବେଶି ସମ୍ପୃକ୍ତ ଥିବା ଦେଖିବାକୁ ମିଳିଛି। ଦିନ ସାରା ଯାହା ରୋଜଗାର କରୁଛନ୍ତି ସନ୍ଧ୍ୟା ହେଲେ ଏହି ମଦ ଭାଟିରେ ଉଡ଼େଇ ଦେଉଛନ୍ତି। ଅଖାଦ୍ୟ ଅପିଆ ୟୁରିଆ ସାର ଓ ବାଖର ମିଶା ଏହି ମହୁଲି ମଦକୁ ପିଇବା ଦ୍ୱାରା ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ଅର୍ଥ ଅଭାବରୁ ମୃତ୍ୟୁ ମୁଖରେ ପଡୁଛନ୍ତି। ବହୁ ପରିବାରର ମୁଖିଆମାନେ ଚାଲିଯିବାରୁ ଗାଁ ମାନଙ୍କରେ ବିଧବା ମାନଙ୍କ ସଂଖ୍ୟା ଏବେ ବଢ଼ିବାରେ ଲାଗିଛି। ଯୁବପିଢ଼ି କିଛି ରୋଜଗାର ନ ପାଇ ଧାନ ଚାଉଳ ସବୁକୁ ବିକ୍ରି କରି ସର୍ବସ୍ୱାନ୍ତ ହେଉଛନ୍ତି। ଶିଳ୍ପାଞ୍ଚଳରେ ଏବେ କିଡ଼ନୀ ରୋଗୀଙ୍କ ସଂଖ୍ୟା ଅଣାୟତ୍ତ ହୋଇଗଲାଣି। ପ୍ରଶାସନ ପକ୍ଷରୁ ଏହାକୁ ନିୟନ୍ତ୍ରଣ କରିବା ପାଇଁ ତୁରନ୍ତ ପଦକ୍ଷେପ ନ ନେଲେ ଏହା ଦିନେ ମହାମାରୀ ଭଳି ଶିଳ୍ପାଞ୍ଚଳରେ ବ୍ୟାପି ଯିବ। ଏଥିରେ ସନ୍ଦେହ ନାହିଁ। ତୁରନ୍ତ ଅବକାରୀ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

**ବହୁ ପରିବାର ହେଲେଣି ସର୍ବସ୍ୱାନ୍ତ**

**ଅଣାୟତ୍ତ ହେଲାଣି କିଡ୍‌ନୀ ରୋଗୀଙ୍କ ସଂଖ୍ୟା**

## ରୋଷେଇ ଘରୁ ୩ ନାଗସାପ ଉଦ୍ଧାର



**ଦଶରଥପୁର, ୮।୩(ସମିସ):** ଦଶରଥପୁର ବ୍ଲକ ଅନ୍ତର୍ଗତ ଦଶରଥପୁର ପଞ୍ଚାୟତ ବ୍ରାହ୍ମଣ ସାହିର ରାମଚନ୍ଦ୍ର ମିଶ୍ରଙ୍କ ରୋଷେଇ ଘରୁ ଏକାକାଳୀନ ୩ଟି ନାଗସାପକୁ ସ୍ନେକ୍ ହେଲ୍ପ ଲାଇନ ଦ୍ୱାରା ଉଦ୍ଧାର କରାଯାଇଛି। ଆଜି ସକାଳେ ପରିବାରର ଜଣେ ମହିଳା ରୋଷେଇ ଘର ଭିତରକୁ ପ୍ରବେଶ କରିବା ବେଳେ ସାପ ଗର୍ଜନ ଶବ୍ଦ ଶୁଣି ପରିବାର ଲୋକଙ୍କୁ ଡାକ ପକାଇଥିଲେ। ପରିବାର ଲୋକେ ରୋଷେଇ ଘରେ ୩ଟି ବଡ଼ ନାଗ ସାପକୁ ଏକକାଳୀନ ଦେଖି ଭୟଭୀତ ହୋଇପଡ଼ିଥିଲେ। ତୁରନ୍ତ ସ୍ନେକ୍ ହେଲ୍ପଲାଇନକୁ ସୂଚନା ଦେବା ପରେ ହେଲ୍ପ ଲାଇନ ସଦସ୍ୟ ପ୍ରମୋଦ କୁମାର ସାହୁ ଏବଂ ଓଡ଼ିଶା କୋଡିନେଟର ଜାହାଙ୍ଗିର ଖାନ ପହଞ୍ଚି ରୋଷେଇ ଘରୁ ତିନୋଟି ନାଗ ସାପକୁ ସୁରକ୍ଷିତ ଭାବେ ଉଦ୍ଧାର କରି ଜନବସତି ଠାରୁ ଦୂରରେ ଥିବା ପ୍ରାକୃତିକ ଆବାସ ସ୍ଥଳିରେ ଛାଡି ଦେଇଥିଲେ। ହେଲ୍ପ ଲାଇନ ସଦସ୍ୟ ପ୍ରମୋଦ ସାହୁଙ୍କ କହିବାନୁସାରେ ବର୍ତ୍ତମାନ ଏହି ପ୍ରଜାତିର ସରୀସୃପଙ୍କ ମିଳନ ସମୟ ଚାଲିଥିବାରୁ ସେମାନଙ୍କୁ ଏକାକାଳୀନ ଗୋଟିଏ ସ୍ଥାନରେ ଏକାଠି ଦେଖିବାକୁ ମିଳିଥାଏ। ଏଣୁ ନିଜ ଘର କିମ୍ବା ଘରର ଚତୁପାର୍ଶ୍ୱକୁ ସଫା ରଖିବା ଓ ଘରେ ଅଦରକାରୀ ଆସବାବପତ୍ର ଜମା ନ କରିବାକୁ ପରାମର୍ଶ ଦେଇଛନ୍ତି।

## ଶିକ୍ଷକଙ୍କ ବିଦାୟ କାଳୀନ ସମ୍ବର୍ଦ୍ଧନା



**କବାଟବନ୍ଧ, ୮।୩(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ପଞ୍ଚାୟତ ଅଧୀନ ଜେନାପୁର ସରକାରୀ ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ବିଦ୍ୟାଧର କୁଣ୍ଡୁଙ୍କର ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଓଷ୍ଟାର ପୂର୍ବତନ ସମ୍ପାଦକ ରବୀନ୍ଦ୍ର କୁମାର ଶତପଥୀ ମୁଖ୍ୟଅତିଥି, ଜିଲ୍ଲା ପ୍ରାକ୍ତନ ହିନ୍ଦୀ ଶିକ୍ଷକ ସଙ୍ଘର ସଭାପତି ରଘୁନାଥ ବେହେରା ମୁଖ୍ୟବକ୍ତା, ସମ୍ମାନିତ ଅତିଥି ପ୍ରଫୁଲ୍ଲ ସ୍ୱାଇଁ, ବେଣୁଧର ମହାରଣା, ଭରତ ଚନ୍ଦ୍ର ନାୟକ, ବସନ୍ତ କୁମାର ସାହୁ, ଦାଶରଥି ସାହୁ, ବିଷ୍ଣୁଚରଣ ସାହୁ, ପ୍ରମୋଦ କୁମାର ମଲ୍ଲିକ, ବିଷ୍ଣୁ ଚରଣ ଓଝା, ନିରାଜ କୁମାର ମହାନ୍ତି, ଚନ୍ଦ୍ରଶେଖର ସ୍ୱାଇଁ, ଲୋକନାଥ ପୁରୀ, ରାମଚନ୍ଦ୍ର ମହାନ୍ତି, ସଞ୍ଜୟ କୁମାର ସାହୁ, ରଘୁନାଥ ଶତପଥୀ, ସୁଧୀର ପ୍ରଧାନ, କ୍ଷେତ୍ରବାସୀ ରାଉତ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପକ୍ଷରୁ ମାନପତ୍ର ଓ ଫଟୋ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ଶେଷରେ ଗ୍ରାମବାସୀ ଓ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଏକ ବିରାଟ ଶୋଭାଯାତ୍ରାରେ ବିଦାୟୀ ଶିକ୍ଷକଙ୍କୁ ତାଙ୍କ ନିଜ ଗ୍ରାମ କବାଟବନ୍ଧକୁ ନିଆଯାଇଥିଲା।

# ଧଳା ଜହର କବଳରେ ବିଞ୍ଝାରପୁର

**ବିଞ୍ଝାରପୁର, ୮।୩(ସମିସ):** ବିଞ୍ଝାରପୁର ପାଲଟିଛି ବ୍ରାଉନସୁଗର କାରବାରର ସୁରକ୍ଷିତ ମାର୍ଗ। ନିଶା ବେପାରୀମାନେ କଲେଜ ପଢ଼ୁଆ ଛାତ୍ରଛାତ୍ରୀ ଏବଂ ଯୁବ ଗୋଷ୍ଠୀଙ୍କୁ ଟାର୍ଗେଟ କରୁଛନ୍ତି। ପୁଲିସ ଗୋଇନ୍ଦା ବିଫଳତା କାରଣରୁ ଏହି ଧଳା ଜହର କାରବାର ବଢ଼ିଚାଲିଥିବା ବେଳେ ଏହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ଅଭିଭାବକ ଏବଂ ଅଞ୍ଚଳବାସୀ। ରାଜଧାନୀ ଭୁବନେଶ୍ୱରରେ କମିଶନରେଟ୍ ପୁଲିସର ଘନଘନ ଚଢ଼ଉ ପରେ ଏବେ ନିଶା ବେପାରୀମାନେ ରାଜ୍ୟରେ ଗ୍ରାମାଞ୍ଚଳ ମୁହାଁ ହୋଇଛନ୍ତି। ସହରତଳି ଅଞ୍ଚଳରେ ସେମାନେ ଯୋଜନାବଦ୍ଧ ଭାବେ ନିଜର ନେଟ୍‌ୱାର୍କ ବଢ଼ାଉଛନ୍ତି। ପୁଲିସ ସ୍କାନରରେ ନ ଥିବା ବ୍ୟକ୍ତିଙ୍କୁ ସେମାନେ ଏହି କାର୍ଯ୍ୟରେ ନିୟୋଜିତ କରୁଛନ୍ତି। ଫଳରେ ସେମାନଙ୍କୁ ଧରିବା କାଠିକର ପାଠ ହୋଇପଡୁଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଦୀର୍ଘଦିନ ହେଲା ବିଞ୍ଝାରପୁର ଅଞ୍ଚଳରେ ବ୍ରାଉନସୁଗର କାରବାର ଚାଲିଛି। ନିଶା ପ୍ରତି ଆକର୍ଷିତ ଥିବା ଯୁବଗୋଷ୍ଠୀକୁ ସେମାନେ ସହଜରେ ବ୍ରାଉନସୁଗର ଜାଲରେ ଫସାଉଛନ୍ତି। ଏଥିରେ ୧୬ରୁ ୨୦ବର୍ଷ ବୟସର ପିଲା ସର୍ବାଧିକ ପ୍ରଭାବିତ ହେଉଛନ୍ତି। ବିଞ୍ଝାରପୁରକୁ ବିଭିନ୍ନ ମାଧ୍ୟମରେ ବ୍ରାଉନସୁଗାର ଆସୁଛି। ଏ ନେଇ ଅବକାରୀ ବିଭାଗ ପାଖରେ ମଧ୍ୟ ସୂଚନା ରହିଛି। ହେଲେ ଅଭିଯୁକ୍ତଙ୍କୁ ଧରିବାରେ ସଫଳତା ମିଳୁ ପାରୁନାହିଁ। ଗତ କିଛିଦିନ ପୂର୍ବରୁ ପୂର୍ବତନ ଥାନା ଅଧିକାରୀ ରଞ୍ଜନ କୁମାର ମଲ୍ଲିକ ସୟଦପୁର ଅଞ୍ଚଳରୁ ଜଣେ ସଂଖ୍ୟାଲଘୁ ସମ୍ପ୍ରଦାୟର ମହିଳାଙ୍କୁ ଗିରଫ୍ କରିବା ସହ ୨୪ ଗ୍ରାମ ବ୍ରାଉନ୍‌ସୁଗାର ଜବତ କରିଥିଲେ। ଯାହାର ଆନୁମାନିକ ମୂଲ୍ୟ ୨ଲକ୍ଷ ୨୦ ହଜାର ଟଙ୍କା ହେବ। ଏହା ସହ ଚୋରି କେସ୍‌ରେ ଜଣେ ଚୋରକୁ ପୁଲିସ କାବୁ କରିଥିବା ବେଳେ ସେ ଧଳା ଜହର ପାଇଁ ପାଗଳ ପରି ହେବାର ଦୃଶ୍ୟ ମଧ୍ୟ ବିଭିନ୍ନ ଗଣମାଧ୍ୟମରେ ପ୍ରସାରଣ ହୋଇଥିଲା। କିନ୍ତୁ ଏବେ ପୁଣି ଧଳା ଜହର କାରବାର ବୃଦ୍ଧି ହେଉଛି। ଏହାପରେ ଉଭୟ ପୁଲିସ ଏବଂ ଅବକାରୀ ବିଭାଗ ଅଧିକାରୀମାନେ ନିଶା ବେପାରୀଙ୍କୁ କାବୁ କରିବରେ ବିଫଳ ହେଉଛନ୍ତି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ବିଞ୍ଝାରପୁର, ମାଁସଡ଼ା, କପିଳା, ବରୁଣେଶ୍ୱର, ଚିକଣା, ବାଳମକୂଳି, ଯଜ୍ଞପଡ଼ିଆ, ବଗମରା, ସିଂହପୁର ଅଞ୍ଚଳକୁ ବ୍ରାଉନସୁଗର ଆସୁଛି। ଶ୍ମଶାନ ପଡ଼ିଆମାନଙ୍କରେ ସନ୍ଧ୍ୟାରୁ ବିଳମ୍ବିତ ରାତି ଯାଏ ଏହି ଦାମୀ ନିଶା ବେପାର ଚାଲୁଛି। ଖାଲି ଦିଆସିଲି କିମ୍ବା ସିଗାରେଟ୍ ପ୍ୟାକେଟରେ ସୁରକ୍ଷିତ ଭାବେ ଗ୍ରାହକଙ୍କ ପାଖରେ ପହଞ୍ଚୁଛି ବ୍ରାଉନ୍ ସୁଗାର। ପୁଲିସ ପାଟ୍ରୋଲିଂ ଗାଡ଼ି ଦେଖି ଯୁବକମାନେ ଦୌଡ଼ି ପଳାଉଛନ୍ତି। ଏହି ନିଶାରେ ଅଭ୍ୟସ୍ତ ଧରାପଡୁଥିବା ନାବାଳକମାନଙ୍କୁ ତାଗିଦ୍ କରି ପୁଲିସ ଅଭିଭାବକଙ୍କ ଜିମା ଦେଉଛି। ଏଥିପ୍ରତି ସଚେତନ ହେବାକୁ ପରିବାର ଲୋକଙ୍କୁ କୁହାଯାଉଛି। ତଥାପି ଏହାକୁ ଘରେ କେହି ସେତେଟା ଗୁରୁତ୍ୱ ଦେଉନାହାନ୍ତି। ତେଣୁ କଲେଜ ପଢୁଆ ପିଲାମାନେ ଧୀରେ ଧୀରେ ନିଶା କବଳିତ ହେଉଛନ୍ତି।

## ପ୍ରାକ୍ତନ ପ୍ରଧାନ ଶିକ୍ଷକଙ୍କ ପରଲୋକ



**ସିଂହପୁର, ୮।୩(ସମିସ):** ବିଞ୍ଝାରପୁର ଥାନା ତଥା ବରୀ ବ୍ଲକ ଅଙ୍ଗାଲୋ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ବ୍ରଜକିଶୋର ସାମଲ (୮୪)ଙ୍କ ପରଲୋକ ହୋଇଯାଇଛି। ସେ ଦୀର୍ଘ ୩୬ ବର୍ଷ ଅଙ୍ଗାଲୋ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ତଥା ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟକରି ଅବସର ପରେ କିଛି ବର୍ଷ ବାଲାଜୀ ପାଠାଗାରର ସଭାପତି ଦାୟିତ୍ୱରେ ରହିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପରିବାର ଲେଶକ ଉପସ୍ଥିତ ଥିଲେ। ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା ସହ ବାଲାଜୀ ପାଠାଗାର, ଉଚ୍ଚ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଭିନ୍ନ ଅନୁଷ୍ଠାନରେ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ଜ୍ୟେଷ୍ଠ ପୁତ୍ର ପୁଷ୍ପକାନ୍ତ ସାମଲ ମୁଖାଗ୍ନି ଦେଇଥିଲେ। ଶୋଭାଯାତ୍ରାରେ ବରୀ ପ୍ରାକ୍ତନ ବିଧାୟକ ସୁନନ୍ଦା ଦାସ, ସମାଜସେବୀ ଦେବେନ୍ଦ୍ର ଦାସ, ଆଇନଜୀବୀ ଅମ୍ବିକା ପ୍ରସାଦ ସାମଲ, ଶ୍ରୀବତ୍ସ ସାମଲ, ଦେବେନ୍ଦ୍ର ସାମଲ, ଅଙ୍ଗାଲୋ ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ପକ୍ଷରୁ ଉମାକାନ୍ତ ରଥ, ଦିଗାମ୍ବର ପରିଡ଼ା, ଜୟରାମ ରଥ, ହେମନ୍ତ ସାମଲ, ଜଗବନ୍ଧୁ ସାମଲ, ପ୍ରହଲ୍ଲାଦ ରାୟ, ପ୍ରବୋଧ ସାମଲ, ସନ୍ତୋଷ ରାଉତ, ବିଭୂତି ରାୟ, ଚିନ୍ତାମଣି ସାମଲ, ପ୍ରାକ୍ତନ ସରପଞ୍ଚ ପ୍ରମୋଦ ସାମଲ, ହର୍ଷବର୍ଦ୍ଧନ ସାମଲ, ଧରଣୀଧର ବାରିକ, ଶ୍ରୀକାନ୍ତ ପରିଡ଼ା, ସୁଶାନ୍ତ ପରିଡ଼ା, ଶରତ ସାମଲ, ଶିଶିର ସାମଲ, ପରେଶ ସାମଲ, ସୁବ୍ରତ ଧଳ, ନବୀନ ସାମଲ, ରମେଶ ସେଠୀ, ଶତ୍ରୁଜିତ ସାମଲ, କାମାକ୍ଷା ରାଉତ, ତପନ ରାଉତ ପ୍ରମୁଖ ସାମିଲ ହୋଇଥିଲେ।

## ବଢ଼ୁଛି ରୋଡ୍ ରୋମିଓର ପ୍ରାଦୁର୍ଭାବ

**କୟାଁଗୋଲା, ୮।୩(ସମିସ):** ଦିନକୁ ଦିନ ରୋଡ୍ ରୋମିଓଙ୍କ ପ୍ରାଦୁର୍ଭାବ ବଢ଼ିବାର ଲାଗିଛି। ଏମାନଙ୍କୁ ପୁଲିସର ଛାଟ କେବେ ପଡ଼ିବ ବୋଲି ବିଭିନ୍ନ ମହଲରେ ଆଲୋଚନା ହୋଇଛି। ଦଶରଥପୁର ବ୍ଲକରେ ବଢ଼ୁଛି ରୋଡ୍ ରୋମିଓର ପ୍ରାଦୁର୍ଭାବ। କଲେଜ, ବଜାର, ଛକ ମାନଙ୍କ ରେ, ବ୍ଲକ ଅଫିସ୍ ଅଞ୍ଚଳରେ ବାଇକ୍ ଧରି ଚକ୍କର କାଟିବା ସହ ସ୍କୁଲ, କଲେଜ ଛାତ୍ରୀଙ୍କୁ କମେଣ୍ଟ ମାରୁଛନ୍ତି। କଲେଜ, ବେସରକାରୀ ଶିକ୍ଷାନୁଷ୍ଠାନ, ବଜାର ଅଞ୍ଚଳରେ ରୋଡ ରୋମିଓ ଏବଂ ଅସାମାଜିକ ଯୁବକଙ୍କ ପ୍ରାଦୁଭାର୍ବ ସୀମା ଟପିବାରେ ଲାଗିଛି। ବେପାରୁଆ ଗାଡ଼ି ଚାଳନା ଯୋଗୁଁ ପ୍ରତିଦିନ ଛୋଟମୋଟ ଦୁର୍ଘଟଣା ଘଟୁଥିବା ବେଳେ ବିକଟାଳ ଶବ୍ଦ କରୁଥିବା ହର୍ଣ୍ଣ ସାଇଲେନ୍ସର୍ ଯୋଗୁଁ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ପୂର୍ବାହ୍ନ ଓ ଅପରାହ୍ନ ସମୟରେ ଏହି ବ୍ଲକର ବିଭିନ୍ନ ଛକ ମଙ୍ଗଳପୁର, ଦକ୍ଷିଣ ବନ୍ଧ, କୟାଁଗୋଲା, ବିରିପଟା, କଲେଜ, ଦୁବକଣ, ବୋଉଲାଙ୍ଗ ସାମ୍ନା ଆଦି ଅଞ୍ଚଳରେ ଅନେକ ସମୟରେ ସ୍ପିଡରେ ଗାଡ଼ି ଚଳାଇବା ସହ ହଠାତ୍ ବ୍ରେକ ମାରି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରୁଥିବାରୁ ଯାତାୟାତ କରୁଥିବା ଲୋକ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। କିଛି ଅଞ୍ଚଳରେ ପୁଲିସ୍‌କୁ ଦେଖିଲେ ରୋଡ ରୋମିଓ ଗାଡ଼ିକୁ ସ୍ୱଳ୍ପ ସମୟ ପାଇ ସ୍ଲୋ କରୁଥିବା ବେଳେ ପୁଲିସ୍ ଗଲା ପରେ ପୁଣି ଦ୍ରୁତ ଗତିରେ ଗାଡ଼ି ଚାଳନା କରୁଛନ୍ତି। ଯୁବତୀ ଓ ମହିଳାମାନଙ୍କୁ କମେଣ୍ଟ ପାସ୍ କରିବା ଦ୍ୱାରା ଛାତ୍ରୀ ଓ ମହିଳାଙ୍କୁ ବୋହୁତ ଅସୁବିଧାର ସମ୍ମୁଖୀନରେ ପଡୁଛନ୍ତି। ସ୍କୁଲ, କଲେଜ, ବଜାର, ଟ୍ୟୁସନ ଯିବା ଆସିବା ବେଳେ କିଛି ଯୁବକ ହଇରାଣ ହରକତ କରୁଛନ୍ତି। ଏନେଇ ମଙ୍ଗଳପୁର ଥାନା ଅଧିକାରୀ ରଞ୍ଜନ କୁମାର ବେହେରାଙ୍କୁ ପଚାରିବାରୁ ଏ ବିଷୟରେ ମୁଁ ଅବଗତ ଅଛି ବୋଉଲାଙ୍ଗ ଛକ ଠାରୁ କୟାଁଗୋଲା ପ୍ରଯ୍ୟନ୍ତ ପୁଲିସ ପାଟ୍ରୋଲିଂ ବିଭିନ୍ନ ସମୟ ହେଉଛି। କଲେଜ ଛୁଟି ହେବା ସମୟରେ ପୁଲିସ ଭ୍ୟାନ ମଧ୍ୟ ବୁଲୁଛି। ଏହା ଉପରେ କଡ଼ା ନଜର ରଖିବେ ବୋଲି କହିଛନ୍ତି।

## ବଜେଟ୍‌କୁ ନେଇ ଆଲୋଚନା

**ଯାଜପୁର, ୮।୩(ସମିସ):** ଚଳିତ ବର୍ଷର ରାଜ୍ୟ ବଜେଟ୍ ୨୦୨୬-୨୭ ସମ୍ପର୍କରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯାଜପୁରରେ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇ ଆଲୋଚନା କରିଛନ୍ତି। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ପ୍ରେସ୍ ମିଟରେ ମନ୍ତ୍ରୀ ଏବଂ ଜିଲ୍ଲାପାଳ ଅମ୍ବର କୁମାର କର ବଜେଟ୍‌ର ବିଭିନ୍ନ ଦିଗ ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଅର୍ଥନୈତିକ ସର୍ଭେ ରିପୋର୍ଟରେ ଜାତୀୟ ହାର ତୁଳନାରେ ଓଡ଼ିଶାର ସ୍ଥିତି ସମ୍ପର୍କରେ ସେ ଉଲ୍ଲେଖ କରିଥିଲେ। ୨୦୨୫-୨୬ ଆର୍ଥିକ ବର୍ଷରେ ଓଡ଼ିଶାର ପ୍ରକୃତ ଜିଏସଡିପି ଅଭିବୃଦ୍ଧି ହାର ୭.୯ ପ୍ରତିଶତ ରହିଛି, ଯାହା ୨୦୨୪-୨୫ର ୭.୨ ପ୍ରତିଶତ ତୁଳନାରେ ଅଧିକ ଏବଂ ଏହା ଜାତୀୟ ହାର ୭.୪ପ୍ରତିଶତ ଠାରୁ ମଧ୍ୟ ଅଧିକ। ରାଜ୍ୟର ମୁଣ୍ଡପିଛା ଆୟ ୯.୨ ପ୍ରତିଶତ ବୃଦ୍ଧି ପାଇ ପ୍ରାୟ ୧ ଲକ୍ଷ ୮୬ ହଜାର ଟଙ୍କାରେ ପହଞ୍ଚିଛି। ଓଡ଼ିଶାର ଅର୍ଥନୀତିରେ କୃଷି କ୍ଷେତ୍ରର ଅବଦାନ ୧୯.୬ ପ୍ରତିଶତ ରହିଛି, ଯାହା ଜାତୀୟ ହାର ୧୬.୮ ପ୍ରତିଶତ ଠାରୁ ଅଧିକ। ଚଳିତ ବଜେଟର କିଛି ଉଲ୍ଲେଖନୀୟ ପଦକ୍ଷେପ ଓ ଯୋଜନା ସମ୍ପର୍କରେ ମନ୍ତ୍ରୀ ବିବରଣୀ ଦେଇଥିଲେ। ଏହି ଅବସରରେ ଯାଜପୁର ଜିଲ୍ଲାର ବିକାଶ ଓ ରାଜ୍ୟ ବଜେଟକୁ ନେଇ ମନ୍ତ୍ରୀ ଏବଂ ଗଣମାଧ୍ୟମ ପ୍ରତିନିଧିମାନଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଉପଖଣ୍ଡ ଲୋକ ସମ୍ପର୍କ ଅଧିକାରୀ ସତ୍ୟବ୍ରତ ପାଣିଗ୍ରାହୀ ଏବଂ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଜାରକା ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ



**ଧର୍ମଶାଳା, ୮।୩(ସମିସ):** ଧର୍ମଶାଳା ବ୍ଲକ ଜାରକା ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ନାରାୟଣ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସଭାରେ ମୁଖ୍ୟ ଅତିଥି ଭାବେ ଏବିଇଓ ମମିତାମହାନ୍ତି, ସମ୍ମାନିତ ଅତିଥି ଭାବେ ସିଆର୍‌ସିସି ନିବେଦିତା ପରିଡ଼ା, ଏସ୍‌ଏମ୍‌ସି ସଭାପତି ପ୍ରଦୀପ କୁମାରସେଠୀ, ସଦସ୍ୟ ଦିଲ୍ଲୀପ କୁମାର ବିଶ୍ୱାଳ ଓ ପୁରାତନ ଛାତ୍ର ସଂସଦ ସଭାପତି ତାରିଣୀ ମୋହନ ବିଶ୍ୱାଳ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା କୃତୀଛାତ୍ରଛାତ୍ରୀ ସ୍ୱାତି ସଙ୍ଗୀତା ବାରିକ, ଚିନ୍ମୟୀ ଭୂୟାଁ, ଯସ୍ମିନ୍ ସାମଲ, କୃତାର୍ଥା ମିଶ୍ର, ହରପ୍ରିୟାବାରିକ, ଦେବାଶିଷ ନାଥ, ଶ୍ରୁତିଶ୍ରୀ ବାରିକ, ସ୍ୱୟଂଆଶିଷ ମହାପାତ୍ର, ସ୍ନେହାସୁମନ ସିଂହ, ସ୍ୱର୍ଣ୍ଣପ୍ରିୟା ସାହୁଙ୍କ ସମେତ ପଞ୍ଚମ ଶ୍ରେଣୀରେ ବୃତି ପାଇଥିବା ଛାତ୍ରୀ ଶୁଭଲକ୍ଷ୍ମୀ ସେଠୀଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷୟିତ୍ରୀ ନର୍ମଦା ବେହେରା, କୁମୁଦିନୀ ପାଢ଼ୀ, ସୁଜାତାସାହୁ, ଏସ୍‌ଏମ୍‌ସି ସଦସ୍ୟା ଗୀତାଞ୍ଜଳିବାରିକ ଓ ସୟଦ୍ ଗୁଲାମ ମୁସ୍ତାଫା ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ବିଦ୍ୟୁତ୍‌ଲତା ରାଉତ ଧନ୍ୟବାଦ ଦେଇଥିଲେ।

## ଦେଶୀ ମଦ ଜବତ; ୨ ଗିରଫ

**କୁଆଖିଆ, ୮।୩(ସମିସ):** ରସୁଲପୁର ଓ ଧର୍ମଶାଳା ଅବକାରୀ ବିଭାଗର ମିଳିତ ଚଢ଼ଉରେ ଦୁଇ ଜଣ ଚୋରା ମଦ ବ୍ୟବସାୟୀ ଗିରଫ ହେଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ଆଜି ସନ୍ଧ୍ୟାରେ ସୁକିନ୍ଦା ଥାନା ଅଞ୍ଚଳ ନନ୍ଦଝର ଗ୍ରାମର ଅର୍ଜୁନ ମୁଣ୍ଡାଙ୍କ ପୁଅ ଦେବ ମୁଣ୍ଡା (୨୩)ଏବଂ ଯୁଗଳ ମୁଣ୍ଡାଙ୍କ ପୁଅ ଅର୍ଜୁନ ମୁଣ୍ଡା (୧୯) ଏକ ବୋଲେରୋରେ ୪୨୦ ଲିଟର ଦେଶୀ ମଦ ନେଇ ଯାଉଥିବା ଅବକାରୀ ପୁଲିସ ଖବର ମିଳିବା ପରେ ସଦଳ ବଳେ ଚଢ଼ଉ କରି ତାଙ୍କ ନିକଟରୁ ଦେଶୀ ମଦ ଜବତ ସହ ଉଭୟଙ୍କୁ ଗିରଫ କରିଥିଲେ। ଉଭୟଙ୍କ ବିରୁଦ୍ଧରେ ଅବକାରୀ ଆଇନ ଅଣ୍ଡର ସେକ୍ସନ ୧୪୪/୨୫-୨୬ ରେ ମାମଲା ରୁଜୁ କରି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି।

## ମେଳଣ ଦିନ ମେଳଣ କମିଟି ସଭାପତିଙ୍କ ପରଲୋକ

**ବାଲିଚନ୍ଦ୍ରପୁର, ୮।୩(ସମିସ):** ମେଳଣ ଉତ୍ସବ ଦିବସରେ ମେଳଣ କମିଟି ସଭାପତିଙ୍କର ପରଲୋକ ଘଟିଛି। ଏଭଳି ଏକ ଦୁଃଖଦ ଘଟଣା ଆଜି ବଡ଼ଚଣା ବ୍ଲକ ଅନ୍ତର୍ଗତ ମାଣ୍ଡୁକା ଗ୍ରାମରେ ଘଟିଥିବା ଦେଖିବାକୁ ମିଳିଛି। ସୂଚନା ମୁତାବକ ଆଜି ରାତିରେ ଅନୁଷ୍ଠିତ ହେବ ମାଣ୍ଡୁକା ମେଳଣ ଉତ୍ସବ। ହେଲେ ମସ୍ତିଷ୍କାଘାତର ଶିକାର ହୋଇ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଥିବା ମେଳଣ କମିଟି ସଭାପତି ମାଣ୍ଡୁକା ଗ୍ରାମର ରାହାସ ବିହାରୀ ମହାନ୍ତି (୭୨)ଙ୍କର ଆଜି ସକାଳେ ସେଠାରେ ପରଲୋକ ଘଟିଥିଲା। ତାଙ୍କ ମରଶରୀର ବାସଭବନରେ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପରେ ପରେ ଏକ ଶୋଭାଯାତ୍ରାରେ ତାଙ୍କ ମରଶରୀରକୁ ନିଆଯାଇ ଗ୍ରାମ ଶ୍ମଶାନରେ ସତ୍କାର କରାଯାଇଥିଲା। ବଡ଼ପୁଅ ରାଜ୍ୟ ବାହାରେ ଥିବାରୁ ସାନପୁଅ ସଂଗ୍ରାମ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ମହାନ୍ତି ଠାକୁର ଅନୁକୂଳଚନ୍ଦ୍ରଙ୍କ ସତ୍‌ଦିକ୍ଷା ଗ୍ରହଣ କରିଥିଲେ। ତାଙ୍କ ବିୟୋଗରେ ବର୍ଷୀୟାନ କମ୍ୟୁନିଷ୍ଟ ନେତା ଦିବାକର ବିଶ୍ୱାଳ, କଂଗ୍ରେସ ନେତା ଅଜୟ କୁମାର ସାମଲ, କାର୍ତ୍ତିକ ଚନ୍ଦ୍ର ମହାନ୍ତି, ନିରଞ୍ଜନ ସିଂହ, ଅମୂଲ୍ୟ କୁମାର ଦାସ, ପ୍ରତାପ ଚନ୍ଦ୍ର ନାୟକ, ସଞ୍ଜୟ କର, ମହନି ଚରଣ ମହାନ୍ତି, ଶ୍ରୀବତ୍ସ ମହାନ୍ତି ଓ ମାନସ ଦଳେଇଙ୍କ ସମେତ ମେଳଣ କମିଟି କର୍ମକର୍ତ୍ତା ମାନେ ଗଭୀର ଶୋକ ପ୍ରକାଶ କରିଛନ୍ତି।



# ନାରୀର ସ୍ୱାଭିମାନ ଓ ସମ୍ମାନ ମାନବ ଜାତିକୁ ସମୃଦ୍ଧି କରେ

ବଡଚଣା, ୮।୩(ସମିସ)



ନାରୀଟିଏ ଅନ୍ୟାୟରେ ଯନ୍ତ୍ରଣା ପାଇ ନିଗାଡି ଦେଉଥିବା ବୁନ୍ଦାଏ ଲୁହ କେବେ ବି ନିରର୍ଥକ ହୁଏ ନାହିଁ।। ନାରୀକୁ ସମ୍ମାନ ପ୍ରଦାନ ମାନବିକତାର ସଂକେତ। ନାରୀର ସ୍ୱାଭିମାନ ଓ ସମ୍ମାନ ହିଁ ମାନବ ଜାତିକୁ ଶାନ୍ତି, ସମୃଦ୍ଧି ପ୍ରଦାନ କରେ ବୋଲି ବିଶିଷ୍ଟ କବି ତଥା ଲେଖିକା ଡ. ଚନ୍ଦ୍ରକଳା ନାୟକ ମତ ପ୍ରକାଶ କରିଛନ୍ତି। ଯାଜପୁର ଜିଲ୍ଲାର ବଡ଼ଚଣା ବ୍ଲକ ଅନ୍ତର୍ଗତ ଧାନମଣ୍ଡଳଠାରେ ଉଦୀୟମାନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ଅନୁଷ୍ଠିତ ଆନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଚନ୍ଦ୍ରକଳା ନାୟକ କହିଥିଲେ ଯେ, ମହାନ ଭାରତୀୟ ସଂସ୍କୃତି ଏବଂ ଆମର ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ସଂସ୍କୃତି ସମଗ୍ର ମାନବ ଜାତିକୁ ଦିଗଦର୍ଶନ ଦେଇ ଆସିଛି। ଏହି ସଂସ୍କୃତି ନାରୀର ମର୍ଯ୍ୟାଦାକୁ ସର୍ବାଧିକ ଗୁରୁତ୍ୱ ଦେଇଛି। ବ୍ୟକ୍ତି, ପରିବାର ଓ ସମାଜ ଗଠନରେ ନାରୀର ସେବା, ତ୍ୟାଗ ଅତୁଳନୀୟ। ଏହି ଅନୁଷ୍ଠାନ ତରଫରୁ ଦୀର୍ଘ ଦୁଇମାସ ଧରି ମାଗଣା ସିଲାଇ ପ୍ରଶିକ୍ଷଣ ଶିବିର କରାଯାଇ ୭୪ ଜଣଙ୍କୁ ରୋଜଗାରକ୍ଷମ କରାଯାଇଛି। ସେହି ପ୍ରଶିକ୍ଷିକା ମାନଙ୍କୁ ମହିଳା ଦିବସରେ ସମ୍ବର୍ଦ୍ଧିତ କରାଯାଇଛି। ଗ୍ରାମାଞ୍ଚଳରେ ଉଦୀୟମାନ ସ୍ୱେଚ୍ଛାସେବୀ ପରି ଅନୁଷ୍ଠାନ ମାନେ ନାରୀ ପ୍ରଗତି କ୍ଷେତ୍ରରେ କରିଥିବା ଏଭଳି କାର୍ଯ୍ୟ ଉଲ୍ଲେଖନୀୟ ଓ ଦୃଷ୍ଟାନ୍ତଯୋଗ୍ୟ ବୋଲି କହିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ଅଧାପିକା ରଶ୍ମିତା ନାୟକ ଯୋଗଦେଇ ନାରୀର ମହାନତା ନେଇ ପୁରାଣ ଶାସ୍ତ୍ରରେ ଉଲ୍ଲେଖ ବିଭିନ୍ନ ଦୃଷ୍ଟାନ୍ତକୁ ପ୍ରକାଶ କରିଥିଲେ। ବିଶିଷ୍ଟ ପାଲା ଗାୟକ ରଜନୀକାନ୍ତ ପୃଷ୍ଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ରଶ୍ମିତା ସେଠୀ, ସୁଜାତା ସାମଲ, ହରପ୍ରିୟା ମହାନ୍ତି, ରଜନୀଗନ୍ଧା ନାୟକ ପରିଚାଳନା କରିଥିଲେ। ଏଥିରେ ନାରୀ ଶାଖାର ସମ୍ପାଦିକା ଅରୁଣୀନନ୍ଦ ବାର୍ଷିକ ବିବରଣୀ ପାଠ, ଉପସଭାପତି ପ୍ରକାଶ ନାୟକ ଅତିଥି ପରିଚୟ, ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ଜେନା ଧନ୍ୟବାଦ ପ୍ରଦାନ କରିଥିଲେ। କବୟତ୍ରୀ ଲବଙ୍ଗଲତା ପରିଡ଼ା, କାର୍ଯ୍ୟକାରୀ ସଭାପତି ଗାୟତ୍ରୀ ରାଉତ, ଉପସଭାପତି ବିନୋଦିନୀ ଦାସ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ଏଥିରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ମୁଖ୍ୟ ଅତିଥି ଚନ୍ଦ୍ରକଳା ବହୁ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା।

## ସ୍ୱାଧୀନତା ସଂଗ୍ରାମୀଙ୍କ ଜୟନ୍ତୀ ପାଇଁ ବୈଠକ

**କୁଆଖିଆ, ୮।୩(ସମିସ):** କୁଆଖିଆ ପ୍ରେସ୍ କ୍ଲବ ପକ୍ଷରୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପରମାନନ୍ଦ ମହାନ୍ତିଙ୍କ ୧୧୦ତମ ଜୟନ୍ତୀ ପାଳନ ପାଇଁ ପ୍ରେସ୍ କ୍ଲବ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ସଭାପତି ବିଶ୍ୱନାଥ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଆସନ୍ତା ବୁଧବାର ରସୁଲପୁର ବ୍ଲକ ସମ୍ମିଳନୀ କକ୍ଷରେ ହେବା ପାଇଁ ସ୍ଥିର କରାଯାଇଛି। ଉକ୍ତ ଜୟନ୍ତୀ ଉତ୍ସବରେ ଉଦ୍‌ଘାଟକ ଭାବେ ଶତାୟୁ ସ୍ୱାଧୀନତା ସଂଗ୍ରାମୀ ପଦ୍ମଚରଣ ନାୟକ, ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡ଼େଇ, ମୁଖ୍ୟବକ୍ତା ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ, ଅତିଥି ଭାବେ କୋରେଇ ବିଧାୟକ ଆକାଶ ଦାଶ ନାୟକ, ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର, ସମ୍ମାନିତ ଅତିଥି ଭାବେ ରସୁଲପୁର ବ୍ଲକ ଅଧ୍ୟକ୍ଷ ଅରୁଣ କୁମାର ରାଉତ, ରସୁଲପୁର ବିଡ଼ିଓ ସତ୍ୟାନନ୍ଦ ଦାଶ, ରସୁଲପୁର ତହସିଲଦାର ସିଦ୍ଧାର୍ଥ କୁମାର ବେହେରା, ସ୍ତମ୍ଭକାର ତଥା ଅଧ୍ୟାପକ ବିରଞ୍ଚି ନାରାୟଣ ଦାଶ, କୁଆଖିଆ ଥାନା ଅଧିକାରୀ ସୁଶାନ୍ତ କୁମାର ସେଠୀ ପ୍ରମୁଖ ଯୋଗଦେବା ପାଇଁ ସ୍ୱୀକୃତି ପ୍ରଦାନ କରିଛନ୍ତି। ଏହି ବୈଠକରେ ପ୍ରେସ୍ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ ମତାମତ ପ୍ରଦାନ କରିଥିଲେ। ବରିଷ୍ଠ ସଦସ୍ୟ ସଞ୍ଜୀବ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ମେଣ୍ଟ ସରକାର ଗଠନ କରିବା ଏବଂ ଏହାକୁ ଚଳାଇ ରଖିବା ପାଇଁ ଅନେକ ସାଲିସ୍ କରିବାକୁ ଓ ନମନୀୟ ହେବାକୁ ପଡ଼େ, ଯାହା ଭାରତ ପରି ଏକ ଦେଶରେ କାଠିକର ପାଠ।
- ପ୍ରଣବ ମୁଖାର୍ଜୀ

## ନୀତୀଶଙ୍କ ଶେଷ ଅଙ୍କ

ବିହାର ରାଜନୀତିରେ ସୁଶାସନର ପ୍ରତୀକ ନୀତୀଶ କୁମାର। ରାଜ୍ୟ କ୍ଷମତା ରାଜନୀତିରେ ସେ କ୍ରମାଗତ ୨୦ବର୍ଷ ଧରି ଶାସନର ମଙ୍ଗ ଧରି ଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ ପଦ ମର୍ଯ୍ୟାଦା ହାସଲ ସକାଶେ ତାଙ୍କୁ ମେଣ୍ଟ ଓ ଦଳୀୟ ସମର୍ଥନ ପରିବର୍ତ୍ତନ କରିବାକୁ ପଡ଼ିଥିଲା। ୧୯୯୪ରେ ସାମାଜିକ ନ୍ୟାୟର ପ୍ରମୁଖ ପ୍ରବକ୍ତା ରୂପେ ଜର୍ଜ ଫର୍ଣ୍ଣାଡେସଙ୍କ ସହ ହାତ ମିଳାଇ ସେ ଯେଉଁ ସମତା ରାଜନୀତି ଆରମ୍ଭ କରିଥିଲେ ତାହା ପରବର୍ତ୍ତୀ ସମୟରେ ଜେଡିୟୁରେ ପରିଣତ ହୋଇଥିଲା। ସମାଜବାଦ ଓ ଧର୍ମନିରପେକ୍ଷ ଆଦର୍ଶରେ ବିଶ୍ୱାସୀ ନୀତୀଶ କୁମାର କ୍ରମେ କ୍ଷମତା ରାଜନୀତି ପାଇଁ ବିଜେପି ସହ ହାତ ମିଳାଇବାକୁ ବାଧ୍ୟ ହୋଇଥିଲେ। ଏପରିକି ଆରଜେଡି ସମର୍ଥନରେ ଗତ ସରକାରଙ୍କୁ ନେତୃତ୍ୱ ଦେଇଥିବା ନୀତୀଶ ଜାତୀୟ ବିରୋଧୀ ମେଣ୍ଟ ପାଇଁ ଏକ ସମ୍ଭାବନାର ଝଲକ ସୃଷ୍ଟି କରିଥିବା ବେଳେ ହଠାତ୍ ୨୦୨୪ ରେ ବିଜେପି ନେତୃତ୍ୱରେ ଗଠିତ ଏନଡିଏରେ ଯୋଗଦେଇ ଜାତୀୟ ରାଜନୀତିରେ ହଟଚମଟ ସୃଷ୍ଟି କରିଥିଲେ। କ୍ଷମତା ପାଇଁ ବାରମ୍ବାର ସମର୍ଥନ ପରିବର୍ତ୍ତନ କରୁଥିବାରୁ ତାଙ୍କୁ ସମାଲୋଚକ ମାନେ 'ପଲଟୁରାମ' କହିପାରନ୍ତି। କିନ୍ତୁ ବିହାର ରାଜନୀତିର ବିଚିତ୍ର ପରିସ୍ଥିତିରେ ତାଙ୍କର ସମର୍ଥନ ଯେ ଅବିକଳ୍ପ ଏକଥା ବିଜେପି ଠିକ୍ ବୁଝିଥିଲା। ଏପରି କି ରାଜ୍ୟ ବିଧାନସଭାରେ ଜେଡିୟୁ ୪୭ ଆସନ ପାଇଥିଲେ ମଧ୍ୟ ନୀତୀଶଙ୍କ ନେତୃତ୍ୱ ଆଢୁଆଳରେ ଦଳୀୟ ସମର୍ଥନ ସଂଗ୍ରହ ପାଇଁ ବିଜେପି ଯୋଜନାବଦ୍ଧ ଉଦ୍ୟମ କରିଥିଲା। ୨୦୨୫ ବିଧାନସଭା ନିର୍ବାଚନରେ ୮୯ ଆସନ ହାସଲ କରି ବିଜେପି ନୀତୀଶଙ୍କ ନେତୃତ୍ୱକୁ ଏକ ପ୍ରକାର ଆହ୍ୱାନ ଦେଇଥିଲା।

ବିଜେପି ଓ ଜେଡିୟୁ ମଧ୍ୟରେ ମାତ୍ର ୪ଟି ଆସନର ପାର୍ଥକ୍ୟ ଥିଲେ ମଧ୍ୟ ବିହାର ରାଜନୀତିକୁ ନିଜ ନିୟନ୍ତ୍ରଣରେ ରଖିବା ସକାଶେ କେନ୍ଦ୍ର ନେତୃତ୍ୱ ଯେଉଁ ଯୋଜନାବଦ୍ଧ ଉଦ୍ୟମ ଆରମ୍ଭ କରିଥିଲେ ତାହାର ସୁଫଳ ଖୁବ୍ ଶୀଘ୍ର ବିହାର ରାଜନୀତିରେ ଅନୁଭୂତ ହେବାକୁ ଯାଉଛି। ବହୁ ବାଧ୍ୟବାଧକତା ମଧ୍ୟରେ ନୀତୀଶଙ୍କୁ ମୁଖ୍ୟମନ୍ତ୍ରୀ ପଦ ବିଜେପି ଛାଡ଼ି ଦେଇଥିଲେ ମଧ୍ୟ ତାଙ୍କ କ୍ଷମତା ରାଜନୀତିର ଗୋଟି ଚାଳନାକୁ ଅତି ଚତୁରତାର ସହ ନିଜ ନିୟନ୍ତ୍ରଣରେ ରଖିଆସିଛି। ଏଭଳି ଏକ ପ୍ରତିକୂଳ ପରିସ୍ଥିତିରେ ସେ ବିଧାନସଭାରେ ଛୋଟଛୋଟ ଦଳର ନେତାଙ୍କୁ ସାଙ୍ଗରେ ନେଇ ବୃହତ୍ତମ ଦଳର ମର୍ଯ୍ୟାଦା ହାସଲ ସକାଶେ ତାଙ୍କର ଶେଷ ଉଦ୍ୟମ ମଧ୍ୟ ବ୍ୟର୍ଥ ହୋଇଥିଲା। ବୟସର ଭାରରେ ଭାରାକ୍ରାନ୍ତ ନୀତୀଶଙ୍କ ଅସହାୟତା ବାରି ହୋଇପଡୁଥିଲା। ଦଳର ସୁପ୍ରିମୋ ହୋଇ ମଧ୍ୟ ତାଙ୍କ ନିୟନ୍ତ୍ରଣରେ ପ୍ରମୁଖ ନେତା ନାହାନ୍ତି। ଏତେ ବର୍ଷ ଧରି କ୍ଷମତା ରାଜନୀତିରେ ଥିଲେ ମଧ୍ୟ ସେ ଦଳରେ ଦକ୍ଷ ଉତ୍ତରାଧିକାରୀ ଗଢ଼ି ପାରି ନ ଥିଲେ। ରାଜ୍ୟର ମୁଖ୍ୟମନ୍ତ୍ରୀ ପଦରେ ଥାଇ ରାଜ୍ୟସଭା ସଦସ୍ୟତା ସକାଶେ ପ୍ରାର୍ଥିପତ୍ର ଦାଖଲ କରିବା ରାଜନୈତିକ ଇତିହାସରେ ଏକ ନୂଆଘଟଣା। ଏଥିରୁ ସ୍ପଷ୍ଟ ହୋଇଯାଇଛି ଯେ ତାଙ୍କ ଦଳ ମେଣ୍ଟ ସରକାରରେ ଥିଲେ ମଧ୍ୟ ତାଙ୍କୁ ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀ ପଦ ତ୍ୟାଗ କରି ବିଧାନସଭାରେ ଟ୍ରେଜେରି ବେଞ୍ଚରେ ଉପେକ୍ଷିତ ଆସନରେ ବସିବାକୁ ହେବ। ବିଜେପି ନେତୃତ୍ୱରେ ଗଠିତ ହେଉଥିବା ସରକାରରେ ପୁତ୍ର ନିଶାନ୍ତ କୁମାରଙ୍କ ପାଇଁ ଉପମୁଖ୍ୟମନ୍ତ୍ରୀ ପଦ ହିଁ ତାଙ୍କ ପାଇଁ ଶେଷ ଆଶା।

ଟ୍ୱିଟର ଏକ୍ସରେ ପ୍ରକାଶିତ ନୀତୀଶ କୁମାରଙ୍କ ବାର୍ତ୍ତା ଯେ ତାଙ୍କର ଇଚ୍ଛାପତ୍ର ଏକଥା ନୁହେଁ। ତାଙ୍କ ରାଜନୈତିକ ଜୀବନରେ ରାଜ୍ୟ ବିଧାନସଭା ଓ ପରିଷଦକୁ ନିର୍ବାଚିତ ହୋଇଛନ୍ତି। ତେବେ ସଂସଦୀୟ ରାଜନୀତିରେ ରାଜ୍ୟସଭା ସଦସ୍ୟତା ତାଙ୍କର ଏକ ଅପୂରଣୀୟ ଇଚ୍ଛା। ସେହି ଇଚ୍ଛାକୁ ସାକାର କରିବା ପାଇଁ ସେ କ'ଣ ରାଜ୍ୟସଭା ଆସନ ପାଇଁ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି? ତାଙ୍କ ରାଜନୈତିକ କାର୍ଯ୍ୟକଳାପ ଓ ଗତିବିଧି ଉପରେ ନଜର ରଖିଥିବା ପର୍ଯ୍ୟବେକ୍ଷକ ମହଲ କିନ୍ତୁ ସହଜରେ ତାହାକୁ ଗ୍ରହଣ କରିପାରୁନାହାନ୍ତି। ଏହି ଟ୍ୱିଟ୍‌ରେ ଗୋପନରେ ତାଙ୍କର ସ୍ୱାକ୍ଷର ଥିଲେ ମଧ୍ୟ ତାହା ପଛରେ ଅନ୍ୟକିଛି ଗୁମର ଥିବା ଭଳି ମନେ ହୁଏ। ସ୍ପଷ୍ଟ ରାଜନୈତିକ ବାଧ୍ୟବାଧକତାରୁ ସେ ଯେ କିଛି ହଟଚମଟ ନ କରିବେ ଏକଥା କିଏ କହିବ? ଏସବୁ ସତ୍ତ୍ୱେ ବିହାର ବିଜେପି ଶିବିରରେ ନୂଆ ଉତ୍ସାହ ପରିଲକ୍ଷିତ ହୋଇଛି। ହେଲେ କିଏ ମୁଖ୍ୟମନ୍ତ୍ରୀ ହେବେ ତାହା ସ୍ପଷ୍ଟ ହୋଇନାହିଁ। ସମ୍ରାଟ ଚୌଧୁରୀ, ନିତ୍ୟାନନ୍ଦ ରାୟ ଓ ଦିଲ୍ଲୀପ ଜୟସ୍ୱାଲ ଆଗଧାଡ଼ିରେ ଥିଲେ ମଧ୍ୟ ବିହାର ନିର୍ବାଚନରେ ମହିଳାଙ୍କ ପ୍ରମୁଖ ଭୂମିକାକୁ ଦୃଷ୍ଟିରେ ରଖି ଜଣେ ମହିଳାଙ୍କୁ ମୁଖ୍ୟମନ୍ତ୍ରୀ ପଦରେ ଅବସ୍ଥାପିତ କରାଯିବାର ସମ୍ଭାବନା ଅଧିକ।

ଦିଲ୍ଲୀ ପରେ ବିହାରରେ କ୍ଷମତା ଦଖଲ ବିଜେପି ପାଇଁ ଏକ ବଡ଼ ସଫଳତା। କ୍ରମାଗତ ଭାବେ ଦଳର ଶକ୍ତି ଓ ସାମର୍ଥ୍ୟ ବୃଦ୍ଧି ପାଉଥିଲେ ମଧ୍ୟ ଜେଡିୟୁର କନିଷ୍ଠ ସହଯୋଗୀ ରୂପେ ସମୟ ଓ ସୁଯୋଗକୁ ଅପେକ୍ଷା କରି ଆସିଛି ବିଜେପି। ଏକଥା କୁହାଯାଇପାରେ ଯେ ଗତ ବିଧାନସଭା ନିର୍ବାଚନରେ ଜେଡିୟୁ ବା ନୀତୀଶଙ୍କ ସହଯୋଗୀ ନଥିଲେ ବିଜେପି ୮୯ ଆସନ ପାଇବା ଏତେ ସହଜ ନଥିଲା। ତେଣୁ କ୍ରମାଗତ ଭାବେ ନୀତୀଶଙ୍କ ଲୋକପ୍ରିୟତା ଓ ବିହାରରେ ଥିବା ଜନସମର୍ଥନର ଏକ ବଡ଼ ଅଂଶ ସହଯୋଗୀ ଭାବେ ହାସଲ କରିଆସିଛି। ଏହି ସୂକ୍ଷ୍ମ ଭେଦକୁ ଅତିକ୍ରମ କରି ନୀତୀଶ ବିହାର କ୍ଷମତା ନାଟକରେ ଶେଷ ଅଙ୍କରେ ଉପନୀତ। ଅଣ ବିଜେପି ଶାସିତ ରାଜ୍ୟ ଦଖଲର ଗଣିତ ଯେତେ କଷ୍ଟକର ହେଉନା କାହିଁକି ଶାମ, ଦାମ, ଦଣ୍ଡ ଓ ଭେଦ ପ୍ରୟୋଗ ସହ ଧୈର୍ଯ୍ୟର ସହ ସମୟକୁ ଅପେକ୍ଷା କରି ସଫଳତା ହାସଲ କରିବା ଏକ ବିରଳ ନମୁନା ଭାବେ ଗ୍ରହଣ କରାଯାଇ ପାରେ। ମହାରାଷ୍ଟ୍ର ଓ ବିହାର କ୍ଷେତ୍ରରେ ଫର୍ମୁଲା ଏକ ହେଲେ ମଧ୍ୟ ପ୍ରୟୋଗ ଯେ ଭିନ୍ନ ତାହା ସ୍ପଷ୍ଟ ହୋଇଛି।

ମଣ୍ଡଳ ରାଜନୀତିର ସମସ୍ତ ପରୀକ୍ଷା ଓ ପ୍ରୟୋଗର ପ୍ରମୁଖ ରାଜ୍ୟ ଥିଲା ବିହାର। ଓବିସି, ଦଳିତ ଓ ପଛୁଆବର୍ଗଙ୍କୁ ସାମାଜିକ ନ୍ୟାୟ ପ୍ରଦାନ ରାଜନୀତିରେ ସକ୍ରିୟ ଓ ସଚେତନ ଥିବା ରାଜ୍ୟବାସୀ ଲାଲୁ ଓ ନୀତୀଶଙ୍କ ନେତୃତ୍ୱକୁ ପରଖିଛି। ଆଗକୁ କ୍ଷମତାକୁ ଆସୁଥିବା ମଣ୍ଡଳ ରାଜନୀତି କେତେଦୂର ରାଜ୍ୟବାସୀଙ୍କ ଆଶା ଆକାଂକ୍ଷା ପୂରଣ କରିବାକୁ ସମର୍ଥ ହେବ ତାହା ସମୟ କହିବ।

# ରାଷ୍ଟ୍ର କର୍ମ-ସଂସ୍କୃତି ଚାହେଁ, ମାଗଣା-ସଂସ୍କୃତି ନୁହେଁ

ଡକ୍ଟର ନୀଳମଣି ସୂତାର

ଭାରତବର୍ଷର ଗଣତାନ୍ତ୍ରିକ ସଂରଚନାରେ ବିଚାର ବିଭାଗ କେବଳ ଆଇନ ବ୍ୟାଖ୍ୟା କରେ ନାହିଁ, ସମୟସମୟରେ ସମାଜ ଓ ରାଷ୍ଟ୍ରର ନୈତିକ ଦିଗ ମଧ୍ୟ ଦର୍ଶାଏ। ସମ୍ପ୍ରତି ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟବେକ୍ଷଣରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ସ୍ପଷ୍ଟ ଭାଷାରେ ଜଣାଇଛନ୍ତି ଯେ ରାଷ୍ଟ୍ର 'ମାଗଣା ଉପହାର' ଉପରେ ନିର୍ଭର କରି ବିକଶିତ ହୋଇପାରିବ ନାହିଁ। ଏହି ମାଗଣା ବଣ୍ଟନ ସଂସ୍କୃତି ଛାଡ଼ି ସରକାରଙ୍କୁ କର୍ମସଂସ୍ଥାନ ସୃଷ୍ଟି ଏବଂ କର୍ମର ସୁଯୋଗ ବୃଦ୍ଧି ପ୍ରତି ମନୋଯୋଗୀ ହେବାକୁ ପଡ଼ିବ। ସର୍ବୋଚ୍ଚ ନ୍ୟାୟାଳୟଙ୍କ ଏହି ମନ୍ତବ୍ୟ ଭାରତର ବର୍ତ୍ତମାନର ରାଜନୈତିକ ସଂସ୍କୃତି, ଅର୍ଥନୈତିକ ନୀତି ଓ ସାମାଜିକ ମାନସିକତା ଉପରେ ଏକ ଗଭୀର ପ୍ରଶ୍ନଚିହ୍ନ। ଆଜି ଯେତେବେଳେ ଏକଦିଗରେ ବେକାରୀ ହାର ବଢ଼ିଚାଲିଛି, ଅନ୍ୟଦିଗରେ ନିର୍ବାଚନ ପୂର୍ବରୁ ମାଗଣା ବିଜୁଳି, ଜଳ, ନଗଦ ଅର୍ଥ କିମ୍ବା ସାମଗ୍ରୀ ଉପହାର ଘୋଷଣାର ପ୍ରତିଯୋଗିତା ଚାଲୁଛି ଏହି ସମୟରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ମନ୍ତବ୍ୟ ଭବିଷ୍ୟତ ପାଇଁ ଏକ ସତର୍କ ବାର୍ତ୍ତା।

ବିଗତ ଦଶ ବର୍ଷ ହେବ, ଆମ ଦେଶରେ 'ମାଗଣା ବା ଉପହାର ସଂସ୍କୃତି' ଗୋଟିଏ ଶକ୍ତିଶାଳୀ ନିର୍ବାଚନୀ ଅସ୍ତ୍ରରେ ପରିଣତ ହୋଇଛି। ବିଭିନ୍ନ ରାଜ୍ୟ ସରକାର ଭୋଟରମାନଙ୍କୁ ଆକୃଷ୍ଟ କରିବା ପାଇଁ ନାନାଦି ଧରଣର ବିନାମୂଲ୍ୟରେ ସେବା ଓ ସାମଗ୍ରୀ ଯୋଗାଇ ଦେବାର ପ୍ରତିଶ୍ରୁତି ଦେଉଛନ୍ତି। ପ୍ରାଥମିକ ଭାବେ ଏହି ପ୍ରକଳ୍ପଗୁଡ଼ିକ ଜନକଲ୍ୟାଣମୂଳକ ବୋଲି ମନେ ହେଉଥିଲେ ମଧ୍ୟ ବାସ୍ତବରେ ଏହା ପଛରେ ଲୁକ୍କାୟିତ ଅଛି ରାଜନୈତିକ ସୁବିଧା ହାସଲ କରିବାର ଅଭିସନ୍ଧି। ସର୍ବୋଚ୍ଚ ନ୍ୟାୟାଳୟ ପ୍ରଶ୍ନ ଉଠାଇଛନ୍ତି ଯେ ଯଦି ସରକାର ବିନାମୂଲ୍ୟରେ ସବୁକିଛି ଯୋଗାଇଦେବେ ତ କାମ କରିବ କିଏ? ଏହି ପ୍ରଶ୍ନ ପ୍ରକୃତରେ ସମାଜର କର୍ମସଂସ୍କୃତି ଓ ଶ୍ରମର ମର୍ଯ୍ୟାଦାକୁ ସାମ୍ନାକୁ ଆଣୁଛି। ଗୋଟିଏ ରାଷ୍ଟ୍ର କ'ଣ ଏମିତି ନାଗରିକ ସମାଜ ତିଆରି କରିବାକୁ ଚାହେଁ ଯେଉଁମାନେ ପ୍ରତିନିୟତ ସରକାରଙ୍କୁ ଅନେଇ ବସିଥିବେ କେତେବେଳେ ମାଗଣା ମିଳିବ? ଏହି ନିର୍ବାଚନୀକାଳୀନ ମାଗଣା ସଂସ୍କୃତି ନେତା ଓ ସରକାରଙ୍କ ଜନପ୍ରିୟତା ନା ଦେଶର ଭବିଷ୍ୟତ ପ୍ରତି ଦାୟିତ୍ୱହୀନତା?

ମାଗଣା ବା ଉପହାର ମଣିଷକୁ ସାମୟିକ ଆଶ୍ୱସ୍ତ କରିଥାଏ, କିନ୍ତୁ ଏହା ଦୀର୍ଘସ୍ଥାୟୀ ସମାଧାନ ନୁହେଁ। ଅନ୍ୟପକ୍ଷରେ ଦକ୍ଷତା ମଣିଷର ଭବିଷ୍ୟତକୁ ସୁଗଠିତ କରିଥାଏ। ଆଜିର ବିଶ୍ୱରେ ପ୍ରଯୁକ୍ତି ଓ ଜ୍ଞାନଭିତ୍ତିକ ଅର୍ଥନୀତିକୁ ବଞ୍ଚାଇ ରଖିବାକୁ ହେଲେ ପ୍ରଶିକ୍ଷଣ ଓ ଦକ୍ଷତା ଏକାନ୍ତ ଅପରିହାର୍ଯ୍ୟ। ଯଦି ସରକାର ବିନାମୂଲ୍ୟରେ ପଣ୍ୟ ଯୋଗାଇଦେବେ ଦେଶବାସୀ ଅଳସୁଆ ଓ କର୍ମବିମୁଖ ହୋଇଉଠିବେ। ଏସବୁ ନ କରି ସରକାର ଯଦି ପ୍ରଶିକ୍ଷଣ କେନ୍ଦ୍ର, କାରିଗରୀ ଶିକ୍ଷା ଓ କର୍ମମୁଖୀ ଶିକ୍ଷା ଏବଂ ଜ୍ଞାନକୌଶଳଭିତ୍ତିକ ଶିକ୍ଷାର ପରିସରକୁ ବ୍ୟାପକ କରିବେ ଏବଂ ଯୁବଗୋଷ୍ଠୀକୁ ଏହି ଦିଗରେ ଆକୃଷ୍ଟ କରାଇବା ପାଇଁ ଭିତ୍ତିଭୂମି ସୁଦୃଢ଼ କରିପାରିବେ ଏହାର ସୁଫଳ ଦୀର୍ଘମିଆଦୀ କାଳରେ ମିଳିବ।

ବିନାମୂଲ୍ୟରେ ଚାଲୁଥିବା ଏହିସବୁ ନିର୍ବାଚନୀ ପ୍ରକଳ୍ପଗୁଡ଼ିକର ବଡ଼ ପ୍ରଭାବ ରାଜ୍ୟର ଆର୍ଥିକ ସ୍ୱାସ୍ଥ୍ୟ ଉପରେ ପଡୁଛି। ବିପୁଳ ପରିମାଣରେ ରିହାତି ଦେବାକୁ ଯାଇ ରାଜ୍ୟଗୁଡ଼ିକର ରାଜସ୍ୱ ହ୍ରାସ ପାଇବାରେ ଲାଗିଛି। ଋଣର ବୋଝ ବଢୁଛି। ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଯେତେବେଳେ ସରକାରୀ ଅର୍ଥର ବଡ଼ ଅଂଶ ମାଗଣା ଯୋଜନାରେ ଖର୍ଚ୍ଚ ହୋଇଯାଏ, ସେତେବେଳେ ଶିକ୍ଷା, ସ୍ୱାସ୍ଥ୍ୟ, ଗବେଷଣା, ଶିଳ୍ପାୟନ ମୌଳିକ ସଂରଚନା ସଂଶ୍ଳିଷ୍ଟ ଭିତ୍ତିଭୂମି ବିକାଶ ପରି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକରେ ବ୍ୟୟବରାଦ କମିଯାଏ। ଦୀର୍ଘମିଆଦୀ କାଳରେ ଏହା ଦେଶର ସାମଗ୍ରିକ ଉତ୍ପାଦନ କ୍ଷମତାକୁ ଦୁର୍ବଳ କରେ। ଅର୍ଥବିତ୍‌ମାନଙ୍କ ମତରେ, ଏହିଧରଣର ବ୍ୟୟ ଉତ୍ପାଦନଶୀଳ ନୁହେଁ, କାରଣ ଏହା ସମ୍ପଦ ବା ଦକ୍ଷତା ସୃଷ୍ଟି କରେନା; ବରଂ ଏହା ନିର୍ଭରଶୀଳତାର ଏକ ଚକ୍ର ସୃଷ୍ଟି କରେ, ଯାହା ଭବିଷ୍ୟତରେ ଆହୁରି ରିହାତିକୁ ଜନ୍ମ ଦେବ।

ଯେକୌଣସି ବିକାଶଶୀଳ ଦେଶର କର୍ମସଂସ୍ଥାନ ହେଉଛି ବିକାଶର ପ୍ରକୃତ ଭିତ୍ତିଭୂମି। ଚାକିରି କେବଳ ମାସିକ ଆୟର ଉତ୍ସ ନୁହେଁ, ଏହା ମନୁଷ୍ୟର ଆତ୍ମସମ୍ମାନ, ସାମାଜିକ ନିରାପତ୍ତା ଏବଂ ଭବିଷ୍ୟତ ପରିକଳ୍ପନାର ଭିତ୍ତିର ମୂଳଦୁଆ। ଭାରତ ଭଳି ଜନବହୁଳ ଦେଶରେ ଯଦି ପର୍ଯ୍ୟାପ୍ତ ପରିମାଣରେ କାର୍ଯ୍ୟର ସୁଯୋଗ ସୃଷ୍ଟି ନ ହୁଏ, ତେବେ ଦାରିଦ୍ର୍ୟ, ବୈଷମ୍ୟ ଓ ସାମାଜିକ ଅସ୍ଥିରତା ବଢ଼ିବ। ତେଣୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ବକ୍ତବ୍ୟ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ - ସରକାରଙ୍କ ପ୍ରଧାନ କାର୍ଯ୍ୟ ହେଉଛି କର୍ମସଂସ୍ଥାନ ସୃଷ୍ଟି କରିବା, ମାଗଣା ଉପହାର ବଣ୍ଟନ ନୁହେଁ। ଶିଳ୍ପାୟନ, କ୍ଷୁଦ୍ର ଓ ମଧ୍ୟମ ଧରଣର ଉଦ୍ୟୋଗ, ଷ୍ଟାର୍ଟଅପ୍, କୃଷିଭିତ୍ତିକ ଶିଳ୍ପ ଓ ଦକ୍ଷତା ବିକାଶ -ଏହି କ୍ଷେତ୍ରଗୁଡ଼ିକରେ ବିନିଯୋଗ ହିଁ ଦୀର୍ଘମିଆଦରେ ଲକ୍ଷ ଲକ୍ଷ ମଣିଷର ଜୀବନରେ ସ୍ଥାୟୀ ପରିବର୍ତ୍ତନ ଆଣିପାରେ।

ଉଲ୍ଲେଖଯୋଗ୍ୟ ଯେ, ସର୍ବୋଚ୍ଚ ନ୍ୟାୟାଳୟ ପର୍ଯ୍ୟବେକ୍ଷଣ ଏହି ଦିଗକୁ ଇଙ୍ଗିତ କରୁଛି ଯେ ଜନସାଧାରଣଙ୍କୁ ମାଗଣା ଉପହାର ଉପରେ ନିର୍ଭରଶୀଳ ନ କରେଇ ଆତ୍ମନିର୍ଭରଶୀଳ ଓ କର୍ମକ୍ଷମ କରାଇବା ରାଷ୍ଟ୍ରର ଭୂମିକା ହେବା ଉଚିତ। ମାଗଣା ଉପହାର ଭୋଟବ୍ୟାଙ୍କ ରାଜନୀତିର ଏକ ଅବିଚ୍ଛେଦ୍ୟ ଅଙ୍ଗ ହେଲେ ଏହାର ବିପଜ୍ଜନକ ଦିଗ ହେଉଛି ଗଣତନ୍ତ୍ରକୁ ଏହା ଦୁର୍ବଳ କରେ। ସାମ୍ପ୍ରତିକ ସମୟରେ ଭାରତୀୟ ଗଣତାନ୍ତ୍ରିକ ରାଜନୀତିରେ ଭୋଟ ବିକାଶ ପରିକଳ୍ପନା ଭିତ୍ତିରେ ନୁହେଁ, ବରଂ ମାଗଣା ଉପହାର ପ୍ରାପ୍ତିର ପ୍ରତିଶ୍ରୁତି ଉପରେ ନିର୍ଭର କରୁଛି; ଯାହା ଗଣତାନ୍ତ୍ରିକ ମୂଲ୍ୟବୋଧ କ୍ଷୁଣ୍ଣ ହେବାରେ ଲାଗିଛି। ଆଜିକାଲି ରାଜନୈତିକ ଦଳଗୁଡ଼ିକ ଦୀର୍ଘମିଆଦୀ ନୀତି ନେଇ ତର୍କବିତର୍କ କରୁନାହାନ୍ତି, ବରଂ କ୍ଷିପ୍ର ଜନପ୍ରିୟତାର ରାସ୍ତାରେ ଚାଲିବାକୁ ବେଶ ପସନ୍ଦ କରୁଛନ୍ତି। ଫଳସ୍ୱରୂପ, ଗଣତନ୍ତ୍ରର ମୂଳ ଉଦ୍ଦେଶ୍ୟ - ସଚେତନ ନାଗରିକ ଓ ଦାୟିତ୍ୱବାନ ସରକାର; ଦୁଇଟି ଯାକ କ୍ଷତିଗ୍ରସ୍ତ ହେବାରେ ଲାଗିଛି।

ଏହି ପ୍ରେକ୍ଷାପଟରେ ନାଗରିକର ଭୂମିକା ବି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଗଣତନ୍ତ୍ର ଶାସନରେ ସରକାର ଯେମିତି ଦାୟିତ୍ୱଶୀଳ, ସେମିତି ଭୋଟରମାନଙ୍କର ବି ଦାୟିତ୍ୱ ରହିଛି। ନାଗରିକମାନେ ବି ପ୍ରଶ୍ନ କରିବା ଉଚିତ - ଏଇ ମାଗଣା ଯୋଜନା ପାଇଁ ଅର୍ଥ ଆସୁଛି କେଉଁଠୁ? ଏହା କ'ଣ ଆମ୍ଭମାନଙ୍କର ଉତ୍ତରସୂରୀମାନଙ୍କ ଭବିଷ୍ୟତ ସୁରକ୍ଷିତ କରିବ? ରାଜନୀତିକୁ ସଠିକ ପଥରେ ପରିଚାଳିତ କରିବାର ଦକ୍ଷତା ସଚେତନ ନାଗରିକ ପାଖରେ ଅଛି। ଏଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଜନ ସ୍ପଷ୍ଟ କରିନେବା ଦରକାର। ଯେକୌଣସି କଲ୍ୟାଣମୂଳକ ରାଷ୍ଟ୍ରର ମୁଖ୍ୟ ଲକ୍ଷ୍ୟ ହେଉଛି ଦାରିଦ୍ର୍ୟତାର ସୀମାରେଖା ତଳେ ଥିବା ନାଗରିକ ଓ ଦୁର୍ବଳ ଶ୍ରେଣୀର ଜନତା ପାଇଁ ସାମାଜିକ ନିରାପତ୍ତା ନିଶ୍ଚିତ କରିବା। ଖାଦ୍ୟ ନିରାପତ୍ତା, ସ୍ୱାସ୍ଥ୍ୟସେବା ବା ନୂନତମ ଆୟର ସୁରକ୍ଷା ଆଦି ଏହାର ଉଦାହରଣ। କିନ୍ତୁ କ୍ଷମତା ହାସଲ ପାଇଁ ନିର୍ବାଚନରେ ମାଗଣା ଉପହାର ଦେବା ଆଦୌ କଲ୍ୟାଣକର ନୁହେଁ, ଏହା ରାଜନୈତିକ ସ୍ୱାର୍ଥସିଦ୍ଧି ମାତ୍ର। ସର୍ବୋଚ୍ଚ ନ୍ୟାୟାଳୟଙ୍କ ମନ୍ତବ୍ୟ ମୂଳତଃ ଏହି ପାର୍ଥକ୍ୟଗୁଡ଼ିକୁ ସାମ୍ନାକୁ ଆଣିଛି।

ଭାରତ ସାମ୍ନାରେ ଆଜି ଦୁଇଟି ପଥ ଉନ୍ମୁକ୍ତ ଅଛି। ଗୋଟିଏ ପଥ ହେଉଛି - ସ୍ୱଳ୍ପମିଆଦୀ ଜନପ୍ରିୟତା ହାସଲ ପାଇଁ ମାଗଣା ଉପହାର ବଣ୍ଟନର ରାଜନୀତି ଏବଂ ଅନ୍ୟଟି କଠିନ ଅଥଚ ନ୍ୟାୟସଂଗତ ପଥ, ଯେଉଁଠି କାର୍ଯ୍ୟ, ଦକ୍ଷତା ଓ ଉତ୍ପାଦନଶୀଳତା ହିଁ ମୂଳଭିତ୍ତି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ସତର୍କ ବାର୍ତ୍ତା ଦ୍ୱିତୀୟ ପଥ ସପକ୍ଷରେ। ଏହି ବାର୍ତ୍ତା କେବଳ ସରକାର ବା ରାଜନୈତିକ ଦଳଗୁଡ଼ିକ ପାଇଁ ନୁହେଁ - ଏହା ଭାରତୀୟ ସମାଜରେ ବାସ କରୁଥିବା ପ୍ରତ୍ୟେକ ସଚେତନ ନାଗରିକମାନଙ୍କ ପାଇଁ ଏକ ଉପଦେଶମୂଳକ ବାର୍ତ୍ତା କହିଲେ ଅତ୍ୟୁକ୍ତି ହେବ ନାହିଁ। ମାଗଣା ଉପହାର ଦେଇ ଭୋଟ କିଣା ଯାଇପାରେ; କିନ୍ତୁ ନାଗରିକ ଜୀବନକୁ ଏବଂ ସେମାନଙ୍କ ଭବିଷ୍ୟତକୁ ସୁରକ୍ଷିତ କରିବା ସମ୍ଭବ ନୁହେଁ। ଅନ୍ୟପକ୍ଷରେ ସରକାର ଯଦି ଦେଶରେ ବଢୁଥିବା ବେକାରୀମାନଙ୍କ ପାଇଁ ଚାକିରିକ୍ଷେତ୍ର ପ୍ରଶସ୍ତ କରିପାରିବେ ଏହା ସରକାରଙ୍କର ଲକ୍ଷ୍ୟ -୨୦୪୭ ସୁଦ୍ଧା ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବାର ରାସ୍ତା ପ୍ରସ୍ତୁତ କରିବାରେ ସହାୟକ ହେବ। ଏହି ସତ୍ୟକୁ ଯେତେ ଦ୍ରୁତ ଆମ୍ଭେମାନେ ବୁଝି ପାରିବା, ସେତେ ଦ୍ରୁତ ଭାରତ ଏକ ଆତ୍ମନିର୍ଭର, ମର୍ଯ୍ୟାଦାଶୀଳ ଓ ଶକ୍ତିଶାଳୀ ରାଷ୍ଟ୍ରରେ ପରିଣତ ହେବ। କିନ୍ତୁ ଭାଷଣବାଜିରେ ନୁହେଁ।

କଟକ, ମୋ:୮୫୯୯୮୯୪୯୧୫

# ଅସ୍ଥିର ବିଶ୍ୱରେ ସନ୍ତୁଳିତ କୂଟନୀତିର ପରୀକ୍ଷା

ଡ. ପ୍ରବୀଣ କୁମାର ସାହୁ

ମଧ୍ୟପ୍ରାଚ୍ୟ ଅଞ୍ଚଳ ପୁନର୍ବାର ଯୁଦ୍ଧର ଅଗ୍ନିଶିଖାରେ ଆବୃତ। ଇରାନ ଉପରେ ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣ ଏବଂ ତେହେରାନ ପକ୍ଷରୁ ପ୍ରତିଆକ୍ରମଣ ଘଟଣା ବିଶ୍ୱ ରାଜନୀତିକୁ ଦୋହଲାଇ ଦେଇଛି। ଏଇ ଲଢ଼େଇରେ ନାଟୋର ଅନ୍ୟତମ ପ୍ରମୁଖ ସଦସ୍ୟ ଫ୍ରାନ୍ସ ପରୋକ୍ଷରେ ସାମିଲ ହୋଇଥିବା ବେଳେ ଇରାନ ଏକାକୀ ଯୁଦ୍ଧ ଲଢୁଛି। ରୁଷ, ଚୀନ ଓ ଉତ୍ତରକୋରିଆ ଭଳି ଆମେରିକା ବିରୋଧୀ ଦେଶ ଏହି ଆକ୍ରମଣକୁ ତୀବ୍ର ନିନ୍ଦା କରିଥିଲେ ମଧ୍ୟ ସଙ୍କଟ ସମୟରେ ଇରାନ ସପକ୍ଷରେ ଛିଡ଼ା ହୋଇନାହାନ୍ତି। ତୁର୍କୀ, ପାକିସ୍ତାନ ସମେତ ଅନେକ ରାଷ୍ଟ୍ର ଏବେ ଭୟରେ ଇରାନ ସପକ୍ଷରେ ବାହାରୁ ନାହାନ୍ତି। ଆଶ୍ଚର୍ଯ୍ୟର କଥା ହେଉଛି ଅଧିକାଂଶ ମୁସଲମାନ ରାଷ୍ଟ୍ର ଏବେ ନିରବ ଏବଂ ଉପସାଗରୀୟ ଅଞ୍ଚଳରେ ଅଧିକାଂଶ ଦେଶ ଏବେ ଇରାନର ବିରୋଧୀ ଭାବେ ଉଭା ହୋଇଛନ୍ତି। ଇରାନ ଏକାକୀ ଯେଉଁଳି ଭାବରେ ଆମେରିକା ଏବଂ ଏହାର ସମସ୍ତ ସହଯୋଗୀ ରାଷ୍ଟ୍ରମାନଙ୍କୁ ଆକ୍ରମଣ କରୁଛି କେତେବେଳେ ଏହା ପରମାଣୁ ଯୁଦ୍ଧ ଆଡ଼କୁ ଯିବ ତାହା ମଧ୍ୟ ଅସମ୍ଭବ ନୁହେଁ। ନିଜର ସୁରକ୍ଷା ପାଇଁ ଇରାନ ତାହାର ଅନେକ ରାସାୟନିକ ଘାତକ ଅସ୍ତ୍ର ବ୍ୟବହାର କରିପାରେ ଯାହା ବହୁତ ବିପଜ୍ଜନକ ଅଟେ।

ମଧ୍ୟପ୍ରାଚ୍ୟରେ ଆମେରିକା ଓ ଇସ୍ରାଏଲ ମିଶି ଇରାନ ବିରୋଧରେ ଏକ ପ୍ରଶସ୍ତ ସାମରିକ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏହି ଆକ୍ରମଣ 'ଅପରେସନ ଲାୟନସ୍ ରୋର' ଓ 'ଅପରେସନ ଏପିକ୍ ଫ୍ୟୁରି' ନାମରେ ପରିଚିତ, ଯାହାର ପ୍ରମୁଖ ଉଦ୍ଦେଶ୍ୟ ହେଉଛି ଇରାନର ଶାସନର ସାମରିକ ଢାଞ୍ଚା ଓ ନେତୃତ୍ୱ ଉପରେ ସଂଯୁକ୍ତ ଆକ୍ରମଣ କରିବା। ମଧ୍ୟପ୍ରାଚ୍ୟରେ ଇରାନ ଏକ ଉଦୀୟମାନ ଶକ୍ତି ଭାବରେ ଉଭା ହୋଇଛି। ନିଜର ସାମରିକ, ବୈଜ୍ଞାନିକ, ବୈଷୟିକ କାର୍ଯ୍ୟକ୍ରମ ଓ ତୈଳଭିତ୍ତିକ ଦ୍ରୁତ ଅଭିବୃଦ୍ଧି ଅର୍ଥନୀତି ବଳରେ ଏହି ଦେଶର ବିକାଶ ଆଖିଦୃଶିଆ ହୋଇପାରିଛି। କୌଣସି ପଶ୍ଚିମ ଦେଶ ସହିତ ସାଲିସ ନ କରି ନିଜର ସ୍ୱାଧୀନତା ପାଇଁ ସର୍ବଦା ନିଜକୁ ପ୍ରସ୍ତୁତି କରିପାରିଛି। କିନ୍ତୁ ସାମ୍ରାଜ୍ୟବାଦୀ ଆମେରିକା ନିଜର ସ୍ୱାର୍ଥ ପାଇଁ ଇରାନର ଶାସନତନ୍ତ୍ରର ପରିବର୍ତ୍ତନ ଚାହୁଁଥିଲା। ଆମେରିକା ଜାଣିଥିଲା ଯେ ଯଦି ଇରାନ ଆଣବିକ ବୋମାର ଅଧିକାରୀ ହେବ ତେବେ ମଧ୍ୟପ୍ରାଚ୍ୟରେ ଓ ଆରବରେ ଆମେରିକାର ପ୍ରଭାବ ହ୍ରାସ ପାଇବ ଏବଂ ଇସ୍ରାଏଲ ପ୍ରତି ବିପଦ ବଢ଼ିବ। ଇରାନରେ ଚାଲିଥିବା ଧର୍ମତନ୍ତ୍ରର ଅବସାନ ଘଟାଇବାକୁ ଆମେରିକାର ମୂଳ ଯୋଜନା ଥିଲା। ଇରାନର ସର୍ବୋଚ୍ଚ ଧର୍ମଗୁରୁ ତଥା ଶାସନ ମୁଖ୍ୟ ଆୟାତୋଲ୍ଲା ଖେମିନିଙ୍କୁ ଆକ୍ରମଣରେ ହତ୍ୟା କରାଯାଇଥିବା ଯେଉଁ ତଥ୍ୟ ଆମେରିକା ଦେଉଛି ତାହା ବର୍ତ୍ତମାନ ପର୍ଯ୍ୟନ୍ତ ସଠିକ୍ ପ୍ରମାଣ ମିଳିନାହିଁ। କିନ୍ତୁ ଆମେରିକା ଭାବୁଛି ଏହା ତାହାର ପ୍ରଥମ ସଫଳତା।

ଭାରତ ଏହି ସଙ୍କଟ ସମୟରେ ସନ୍ତୁଳିତ ଓ ଦାୟିତ୍ୱଶୀଳ ଭୂମିକା ଗ୍ରହଣ କରି ଆସିଛି। ଗୋଟିଏପଟେ ଭାରତ ଆତଙ୍କବାଦକୁ ଦୃଢ଼ ଭାବରେ ବିରୋଧ କରିଛି ଏବଂ ଇସ୍ରାଏଲର ସୁରକ୍ଷା ଅଧିକାରକୁ ସମର୍ଥନ କରିଛି। ଅନ୍ୟପଟେ ପାଲେଷ୍ଟାଇନର ସ୍ୱାଧୀନ ରାଷ୍ଟ୍ର ଆକାଂକ୍ଷା ପ୍ରତି ନିଜର ପାରମ୍ପରିକ ସମର୍ଥନ ପୁନଃଦୃଢ଼ କରିଛି। ମଧ୍ୟପ୍ରାଚ୍ୟରେ ଆରମ୍ଭ ହୋଇଥିବା ଯୁଦ୍ଧ କ୍ରମଶଃ ଉଗ୍ରରୂପ ଧାରଣ କରୁଥିବା ବେଳେ ସେଠାରେ ବସବାସ କରୁଥିବା ପ୍ରାୟତଃ ୯୦ ଲକ୍ଷରୁ ଅଧିକ ଭାରତୀୟମାନଙ୍କ ସୁରକ୍ଷା ନେଇ ଭାରତ ସରକାର ଚିନ୍ତା ପ୍ରକଟ କରିଛନ୍ତି। ଭାରତ ହେଉଛି ଗୋଟିଏ ଧର୍ମନିରପେକ୍ଷ ରାଷ୍ଟ୍ର। ଭାରତରେ ବସବାସ କରୁଥିବା ମୁସଲମାନଙ୍କ ସଂଖ୍ୟା ପ୍ରାୟ ୨୦କୋଟି। ଇରାନ ଘଟଣା ନେଇ ଭାରତର କେତେକ ଅଞ୍ଚଳରେ ପ୍ରତିକ୍ରିୟା ଓ ବିକ୍ଷୋଭ ଦେଖିବାକୁ ମିଳିଛି, ଯାହା ଭାରତର ଆଭ୍ୟନ୍ତରୀଣ ସୁରକ୍ଷା ପାଇଁ ଏକ ବଡ଼ ସମସ୍ୟା। ଏହାର ସୁଯୋଗ ନେଇ ଆଇଏସ୍ ଓ ଅଲକାଏଦା ଭଳି ଆତଙ୍କବାଦୀ ସଂଗଠନଗୁଡ଼ିକ ଦେଶରେ ହିଂସାର ସୂତ୍ରପାତ କରିପାରନ୍ତି। ଏଣୁ ନୂଆଦିଲ୍ଲୀ ସ୍ଥିତ ଆମେରିକା, ଇସ୍ରାଏଲ ଓ ଇରାନ ଆଦି ଏକାଧିକ ମଧ୍ୟପ୍ରାଚ୍ୟ ରାଷ୍ଟ୍ରର ଦୂତାବାସରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଭାରତ ସରକାର ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଭାରତ ଓ ଇରାନର କୂଟନୀତି, ଆର୍ଥିକ ଓ ସାଂସ୍କୃତିକ ସମ୍ପର୍କ ଖୁବ୍ ନିବିଡ଼ ଥିଲେ ମଧ୍ୟ ସାଂପ୍ରତିକ ପରିସ୍ଥିତିରେ ଇରାନ ସପକ୍ଷରେ ଛିଡ଼ା ହୋଇ ଆମେରିକାର କ୍ରୋଧର ଶିକାର ହେବାକୁ ଭାରତ ଚାହିଁବ ନାହିଁ। ଭାରତ ତା'ର ଜାତୀୟ ସ୍ୱାର୍ଥକୁ ସୁରକ୍ଷିତ ରଖିବା ପ୍ରଥମ ଆବଶ୍ୟକତା ମନେକରିବ। ବିଶ୍ୱ ସର୍ବଦା ସାମ୍ରାଜ୍ୟବାଦକୁ ବିରୋଧ କରିଆସିଛି ଏବଂ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିଛି। ଇରାନ ଉପରେ ଆମେରିକାର ଆକ୍ରମଣ ନିଶ୍ଚିତ ଭାବେ ଗୋଟିଏ ସ୍ୱାଧୀନ, ସାର୍ବଭୌମ ରାଷ୍ଟ୍ରର ରାଷ୍ଟ୍ରସତ୍ତା ଓ ସ୍ୱାଭିମାନର ବର୍ବର ଉଲ୍ଲଙ୍ଘନ। ଭାରତ ସମେତ ସମଗ୍ର ବିଶ୍ୱରେ ଲୋକେ ଆମେରିକାର ଏହି ଆକ୍ରମଣକୁ ତୀବ୍ର ନିନ୍ଦା କରିବା ସହିତ ଏହି ଆକ୍ରମଣ ବିରୋଧରେ ସ୍ୱର ଉତ୍ତୋଳନ କରି ରାଜାରାସ୍ତାକୁ ବାହାରିଛନ୍ତି। ଭାରତ ସଦାସର୍ବଦା ଦୁଇ-ରାଷ୍ଟ୍ର ସମାଧାନକୁ ସମର୍ଥନ କରିଆସିଛି, ଯାହା ଦୀର୍ଘକାଳୀନ ଶାନ୍ତି ପାଇଁ ଆବଶ୍ୟକ। ଭାରତ ଏକ ଉଦୀୟମାନ ବିଶ୍ୱଶକ୍ତି ଭାବେ ଶାନ୍ତି ଓ ସ୍ଥାୟୀ ସମାଧାନକୁ ସମର୍ଥନ କରୁଛି। ଯୁଦ୍ଧବନ୍ଦ ଓ ଶାନ୍ତି ପ୍ରତିଷ୍ଠା ପାଇଁ କୂଟନୀତିର ମାର୍ଗ ଏବେ ସବୁଠାରୁ ଗ୍ରହଣଯୋଗ୍ୟ।

ମଧ୍ୟପ୍ରାଚ୍ୟରେ ଚାଲୁଥିବା ଯୁଦ୍ଧ କେବଳ ଆଞ୍ଚଳିକ ସମସ୍ୟା ନୁହେଁ, ଏହାର ପ୍ରଭାବ ବିଶ୍ୱ ଅର୍ଥନୀତି ଓ ରାଜନୀତିରେ ପଡୁଛି। ଗୋଷ୍ଠୀ ନିରପେକ୍ଷତା ହିଁ ଭାରତୀୟ ବୈଦେଶିକ ନୀତିର ମୌଳିକ ନୀତି। ଭାରତର ଭୂମିକା ଓ ଦୃଷ୍ଟିକୋଣ ନିଶ୍ଚିତ ଭାବରେ ଯୁଦ୍ଧ ବନ୍ଦ ଓ ଶାନ୍ତି ପ୍ରତିଷ୍ଠା ପାଇଁ କୂଟନୀତିକ ପ୍ରୟାସ ଜାରି ରଖିବା ଉଚିତ୍, ଯାହାଦ୍ୱାରା ଆଗାମୀ ଦିନରେ ତୃତୀୟ ବିଶ୍ୱଯୁଦ୍ଧ ଆଶଙ୍କା ସୃଷ୍ଟି ହେବ ନାହିଁ।

(ଅଧ୍ୟାପକ, ରାଜା ମଧୁସୂଦନ ଦେବ ଡିଗ୍ରୀ କଲେଜ)
ଭୁବନେଶ୍ୱର

# ଆମ ବୃକ୍ଷଲତା ଆମ ଜୀବନ

## ଶାଳ ଗଛ

(Sal tree- Shorea robusta)

ପ୍ରକୃତି-ପରିବେଶ

ସୌଭାଗ୍ୟସୁନ୍ଦର

ଶାଳ ଗଛ ବାଂଲାଦେଶ, ନେପାଳ, ତିବ୍ବତ ଓ ହିମାଳୟ ଅଞ୍ଚଳ ସମେତ ଭାରତୀୟ ଉପମହାଦେଶର ମୂଳଜାତ ଉଦ୍ଭିଦ। ଭାରତରେ ଏହାର ପ୍ରାଧାନ୍ୟ ପୂର୍ବଘାଟ ପର୍ବତମାଳା ରାଜ୍ୟ ଛତିଶଗଡ଼, ଆସାମ, ବଙ୍ଗ, ଓଡ଼ିଶା ଓ ଝାଡ଼ଖଣ୍ଡରେ ରହିଛି। ଶାଳ ଗଛ ମୁଖ୍ୟତଃ ଉଷ୍ଣମଣ୍ଡଳୀୟ ଓ ଉପଉଷ୍ଣମଣ୍ଡଳୀୟ ଆର୍ଦ୍ର ପର୍ଣ୍ଣମୋଚୀ ଜଙ୍ଗଲରେ ଦେଖାଯାଏ। ଏହା ମଧ୍ୟ ଛତିଶଗଡ଼ ଓ ଝାଡ଼ଖଣ୍ଡର 'ରାଜ୍ୟ-ଗଛ'।

ଶାଳ ଏକ ବୃହତକାୟ ସମନ୍ୱିତ ବୃକ୍ଷ, ଯାହା ୨ ମିଟରରୁ ଅଧିକ ବ୍ୟାସର ଗଣ୍ଡି ସହିତ ୪୦ ମିଟର ଉଚ୍ଚ ପର୍ଯ୍ୟନ୍ତ ବଢ଼ିପାରେ। ଏହାର ଗଣ୍ଡି ସଫା, ସିଧା, ଗୋଲାକାର; ଛାଲି ଗାଢ଼ ମାଟିଆ ଓ ଘନ। ପତ୍ରଗୁଡ଼ିକ ସରଳ, ୧୦ ରୁ ୨୫ ସେମି ଲମ୍ବା ଏବଂ ୫ ରୁ ୧୫ ସେମି ଚଉଡ଼ା। ନୂତନ ପତ୍ର ଲାଲ ରଙ୍ଗର, ଯାହା ପରେ ସବୁଜ ହୋଇଯାଏ। ଫୁଲଗୁଡ଼ିକ ଗୁଚ୍ଛ ହୋଇ ପତ୍ରର ଅକ୍ଷ କିମ୍ବା ଡାଳର ଅଗ୍ରଭାଗରେ ଥାଏ। ଏଗୁଡ଼ିକ ହଳଦିଆ-ଧଳା, ସୁଗନ୍ଧିତ। ଫଳ ଏକ କଠିନ କ୍ୟାପସୁଲ୍, ଯେଉଁଥିରେ ଡେଣାଯୁକ୍ତ ବୀଜ ଥାଏ। ପ୍ରାୟ ୧୫ ବର୍ଷ ହେଲେ ଫୁଲ ଫୁଟିବା ଆରମ୍ଭ ହୁଏ।

ଶାଳକୁ ଆୟୁର୍ବେଦରେ ଏକ ମହତ୍ତ୍ୱପୂର୍ଣ୍ଣ ଔଷଧୀ ରୂପେ ମାନ୍ୟତା ଦିଆଯାଇଛି। ଏହାର ବ୍ୟବହାର ମୁଖ୍ୟତଃ ରକ୍ତସ୍ରାବ ରୋଧୀ ଓ ବିଷାକ୍ତ ରୋଧୀ ଭାବରେ ହେଉଥିଲେ ହେଁ କ୍ଷତ, ପୋଡ଼ାଜଳା, ଝାଡ଼ା, ଚର୍ମ ରୋଗ, ଅଜୀର୍ଣ୍ଣ, ହାକୁଟି, ଶ୍ୱାସ, ଯକ୍ଷ୍ମା, ଗଳାଯନ୍ତ୍ରଣା, ବାନ୍ତି, ପେଟଟ୍ୟୁମର ବା ଆବୁ ଘା, ଅର୍ଶ, କାନ ରୋଗ, ଚକ୍ଷୁ ରୋଗ, ହୃଦ୍‌ରୋଗ, ଜ୍ୱର, ମାଂସପେଶୀ ଦୁର୍ବଳତା, ବନ୍ଧ୍ୟାତ୍ୱ, ମୂତ୍ରନଳୀ ରୋଗ, ରକ୍ତସ୍ରାବ, ରକ୍ତହୀନତା, ଅନ୍ତନଳୀ କୃମି, ଯନ୍ତ୍ରଣାଦାୟକ ପ୍ରସବ, ଅପପୁଷ୍ଟି, ଜଳାପୋଡ଼ା, ଅତ୍ୟଧିକ ତୃଷା, ଚର୍ମ ରଙ୍ଗ, ବାର୍ଦ୍ଧକ୍ୟ ହ୍ରାସ ଇତ୍ୟାଦି ପ୍ରତିକାର ଭାବରେ ବ୍ୟବହୃତ ହୁଏ। ଶାଳରେ ଅନେକ ଜୈବିକ ସକ୍ରିୟ ଉପାଦାନ ଥାଏ ଯଥା ଆଲକାଲଏଡ୍, କାର୍ବୋହାଇଡ୍ରେଟ୍, ଫ୍ଲାଭୋନଏଡ୍, ଗ୍ଲାଇକୋସାଇଡ୍, ଫେନୋଲ୍ସ, ସାପୋନିନ୍, ଟାନିନ୍, ଟେର୍ପେନୋଏଡ୍ସ, ଡିପ୍ଟେରୋକାରପୋଲ୍, ନର୍-ଟ୍ରାଇଟରପିନ୍, ଡାମାରେନୋଲିକ୍ ଏସିଡ୍, ଏସିଆଟିକ୍ ଏସିଡ୍, ଟ୍ରାଇଟରପେନିକ୍ ଏସିଡ୍, ଟାନିକ୍ ଏସିଡ୍, ଉର୍ସୋନିକ୍ ଏସିଡ୍, ଓଲିଆନାନ୍, ଶୋରେଫେନୋଲ୍ ଓ ଫେନୋଲିକ୍ ସାମଗ୍ରୀ, ଚାଲକୋନ୍, ଗ୍ଲାଇକୋସାଇଡ୍ ଇତ୍ୟାଦି।

ଶାଳଗଛରୁ ଉତ୍ପନ୍ନ ଝୁଣା ହିନ୍ଦୁ ପର୍ବପର୍ବାଣୀରେ ଧୂପ ଭାବରେ ବ୍ୟବହୃତ ହୁଏ। ଏହା ସ୍ଥୂଳ-ଦାନା ସହିତ ଏକ କଠିନ କାଠ, ଯାହା ଚୌକାଠ, କବାଟ ଓ ଝରକା, ହାଇଡ୍ରୋଲିକ୍ ଇଞ୍ଜିନିୟରିଂ, ଜାହାଜ, ପୋଲ, ରେଳ ଧାରଣା ଓ ପୋଷ୍ଟ, ଡଙ୍ଗା, ଘରୋଇ କିମ୍ବା କୃଷି ଉପକରଣ ଏବଂ ଅନ୍ୟାନ୍ୟ ଅନେକ ଉପକରଣ ପାଇଁ ଉପଯୁକ୍ତ। ଶାଳ ପତ୍ର ଖଲି ଓ ଦନା ଖାଦ୍ୟ ପରିବେଷଣ ପାଇଁ ଏବଂ ଶାଳ ବିହନରୁ ଚିପୁଡ଼ା ତେଲ ରୋଷେଇ ଓ ଦୀପ ଜାଳିବା ପାଇଁ ବ୍ୟବହାର ହୁଏ। ଭାରତରେ ଶାଳବିହନ ଚୂର୍ଣ୍ଣରେ ରୁଟି ପ୍ରସ୍ତୁତ ହୁଏ। ଟସର ରେଶମ ଉତ୍ପାଦନକାରୀ ପତଙ୍ଗ ଲାର୍ଭାର ପ୍ରିୟ ଖାଦ୍ୟ ହେଉଛି ଶାଳପତ୍ର। ଏହାର ପତ୍ରକୁ ଗୋରୁଗାଈମାନେ ମଧ୍ୟ ଖାଆନ୍ତି। ଶାଳ ବିହନ କେକ୍ କୁକୁଡ଼ା ଓ ଘୁଷୁରୀଙ୍କ ଖାଦ୍ୟ। ହିନ୍ଦୁ, ଜୈନ ଓ ବୌଦ୍ଧ ଧର୍ମାବଲମ୍ବୀମାନେ ଶାଳକୁ ପବିତ୍ର ବୃକ୍ଷ ବୋଲି ବିବେଚନା କରନ୍ତି। ଆଦିବାସୀମାନେ 'ଦେବୀଙ୍କ ଘର' ଭାବରେ ଏହାକୁ ପୂଜା କରନ୍ତି। ଶାଳକୁ ଭଗବାନ ମହାବିଷ୍ଣୁଙ୍କ ଅବତାର ବୋଲି କୁହାଯାଏ। ଜୈନ ୨୪ତମ ତୀର୍ଥଙ୍କର ମହାବୀର ଏକ ଶାଳ ବୃକ୍ଷ ତଳେ ଜ୍ଞାନପ୍ରାପ୍ତ କରିଥିଲେ। ସରହୁଲ, ଅର୍ଥାତ୍ ଶାଳ ଗଛର ପୂଜା ଓଡ଼ିଶା, ଝାଡ଼ଖଣ୍ଡ, ବିହାର, ଛତିଶଗଡ଼ ଓ ପଶ୍ଚିମବଙ୍ଗରେ ଓରାଓଁ, ମୁଣ୍ଡା ଓ ସାନ୍ତାଳ ଭଳି ଜନଜାତିଙ୍କ ଏକ ପ୍ରମୁଖ ପର୍ବ। ବଙ୍ଗଳାର କିଛି ସଂସ୍କୃତି ଶାଳ ଗଛର ପବିତ୍ର ବଗିଚା ସହିତ ଜଡ଼ିତ ଦେବୀ ସାରନା ବୁଢ଼ୀଙ୍କୁ ପୂଜା କରେ। ଏହି ଗଛ ବିଷୟରେ ରାମାୟଣରେ ମଧ୍ୟ ଉଲ୍ଲେଖ ଅଛି। ନେପାଳର କାଠମାଣ୍ଡୁ ଉପତ୍ୟକାରେ ଅଧିକାଂଶ ମନ୍ଦିର ଇଟା ଓ ଶାଳ ଗଛ କାଠରେ ତିଆରି। ଶାଳଗଛ ଆଶ୍ରୟରେ ଗୌତମ ବୁଦ୍ଧ ଭୂମିଷ୍ଠ ଓ ଇହଧାମ ତ୍ୟାଗ କରିଥିଲେ। ଗୌତମ ବୁଦ୍ଧଙ୍କ ପୂର୍ବରୁ ପଞ୍ଚମ ଓ ଚବିଶତମ ବୁଦ୍ଧ ଯଥାକ୍ରମେ କୋଣ୍ଡଣ ଓ ଭେଷାଭୁ ଶାଳଗଛ ତଳେ ଜ୍ଞାନ ଲାଭ କରିଥିଲେ।

ଶାଳ ଜଙ୍ଗଲ ଜୈବ ବିବିଧତାରେ ସମୃଦ୍ଧ ଏବଂ ହାତୀ, ବାଘ ସମେତ ବିଭିନ୍ନ ପଶୁ ପକ୍ଷୀଙ୍କ ପ୍ରାକୃତିକ ଆବାସସ୍ଥାନ। ଏହା ଭାରତର ମୋଟ ଜଙ୍ଗଲ କ୍ଷେତ୍ରଫଳର ପ୍ରାୟ ୧୪%। ପ୍ରାୟ ୫୦-୬୦ ବର୍ଷ ପରେ ଗଛଗୁଡ଼ିକ ଅମଳ ପାଇଁ ଉପଯୁକ୍ତ।

ଭୁବନେଶ୍ୱର, ମୋ: ୯୪୩୭୨୯୦୪୭୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୪୦୦ ସ୍ଥାନରେ...

କରିଛି। ଆକ୍ରମଣ ଭୟରେ ଏହି ସବୁ ଦେଶରେ ରହୁଥିବା ବିଦେଶ ନାଗରିକ ସ୍ୱଦେଶ ଯିବାରେ ଲାଗିଛନ୍ତି। ଏପରି ସମୟରେ ଆମେରିକା ଏବଂ ଇସ୍ରାଏଲକୁ ଇରାନ ବୈଦେଶିକ ମନ୍ତ୍ରୀ ଚେତାବନୀ ଦେଇଛନ୍ତି। ଆମେ ଯୁଦ୍ଧ ଆରମ୍ଭ କରି ନାହୁଁ। ଇସ୍ରାଏଲ ଏବଂ ଆମେରିକା ଆମ ଉପରେ ଯୁଦ୍ଧ ଲଦି ଦେଇଛନ୍ତି। ତେଣୁ ଇରାନ ଅସ୍ତ୍ରବିରତି କରିବାର ପ୍ରଶ୍ନ ଉଠୁନାହିଁ ବୋଲି ଅରାଗଚି କହିଛନ୍ତି। ଏହି ଯୁଦ୍ଧ ପାଇଁ ବିଶ୍ୱରେ ଅଶୋଧିତ ତୈଳ ମୂଲ୍ୟ ବଢୁଥିବାବେଳେ ଏଥିପ୍ରତି ମୋର ଚିନ୍ତା ନାହିଁ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି। ଇସ୍ରାଏଲ ପରେ କ୍ୟୁବାରେ ଆକ୍ରମଣ କରାଯିବ ବୋଲି ସେ ଧମକ ଦେଇଛନ୍ତି। ମାତ୍ର ଏହି ଦେଶ ସହ ଚୁକ୍ତି କରିବା ପାଇଁ ସେ ପ୍ରଥମେ ନିଜ ବୈଦେଶିକ ସଚିବଙ୍କୁ ପଠାଇବେ ବୋଲି କହିଛନ୍ତି।

ଏ ପର୍ଯ୍ୟନ୍ତ ଯୁଦ୍ଧରେ ଉଭୟ ପକ୍ଷ ଉପରେ ୮ ହଜାରରୁ ଅଧିକ ଥର ଆକ୍ରମଣ ହେଲାଣି। କେବଳ ଇରାନର ୬,୬୮୮ ଜନବହୁଳ ଅଞ୍ଚଳକୁ ନିଶାଣ କରାଗଲାଣି। ଏହି ଆକ୍ରମଣରେ ୫,୫୩୫ ଘର ଏବଂ ୧୦୪୧ ଦୋକାନ କ୍ଷତିଗ୍ରସ୍ତ ହୋଇଛି। ୧୪ ମେଡିକାଲ କେନ୍ଦ୍ର ଏବଂ ୬୫ ସ୍କୁଲ୍‌ରେ ଆକ୍ରମଣ କରାଯାଇଛି। ଯୁଦ୍ଧ ଜନିତ ମୃତ୍ୟୁସଂଖ୍ୟା ୧୭୦୧ରେ ପହଞ୍ଚିଥିବାବେଳେ ଇସ୍ରାଏଲରେ କେବଳ ୧୭୬୫ ଜଣ ଆହତ ହୋଇଛନ୍ତି। ଅନ୍ୟପକ୍ଷରେ ଇସ୍ରାଏଲ-ଆମେରିକା ଆକ୍ରମଣରେ ସର୍ବୋଚ୍ଚ ନେତା ଅୟତୁଲ୍ଲା ଅଲ ଖାମନେଇଙ୍କ ମୃତ୍ୟୁ ପରେ ଇରାନକୁ ନୂଆ ଉତ୍ତରାଧିକାରୀ ମିଳି ଯାଇଛି। ଇରାନର ଶକ୍ତିଶାଳୀ 'ଆସେମ୍ବ୍ଲି ଅଫ୍ ଏକ୍ସପର୍ଟସ' ଦେଶର ପରବର୍ତ୍ତୀ ସୁପ୍ରିମ ଲିଡରଙ୍କ ନାମ ଉପରେ ଏକମତ ହୋଇସାରିଛନ୍ତି। ମାତ୍ର ଆନୁଷ୍ଠାନିକ ଭାବେ ଏହାର ଘୋଷଣା କରାଯାଇ ନାହିଁ। ଆସେମ୍ବ୍ଲିର ସଦସ୍ୟ ଅୟାତୁଲ୍ଲା ମହମ୍ମଦ ମେହେଦୀ ମୀରବାକେରୀ କହିଛନ୍ତି ଯେ ଇରାନର ପରବର୍ତ୍ତୀ ନେତାଙ୍କ ସମ୍ପର୍କରେ ଅଧିକାଂଶ ସଦସ୍ୟଙ୍କ ମଧ୍ୟରେ ସହମତି ପ୍ରକାଶ ପାଇଛି। ଅନ୍ୟପଟେ ଖାମନେଇଙ୍କ ପ୍ରତ୍ୟେକ ଉତ୍ତରାଧିକାରୀଙ୍କୁ ହତ୍ୟା କରାଯିବ ବୋଲି ଇସ୍ରାଏଲ ଧମକ ଦେଇଛି।

## ଆଜି ବାଚସ୍ପତିଙ୍କ...

ବୋଲି ପୂର୍ବରୁ ଘୋଷଣା କରିସାରିଛନ୍ତି। ଆସନ୍ତାମାସ ପଶ୍ଚିମବଙ୍ଗ ସମେତ ତାମିଲନାଡୁ, କେରଳ, ଆସାମ ଏବଂ ପୁଡୁଚେରୀରେ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ଶାସକ ଓ ବିରୋଧୀ ଦଳ ଏହି ଅଧିବେଶନରେ ବିଭିନ୍ନ ପ୍ରସଙ୍ଗରେ ମୁହାଁମୁହିଁ ହେବାର ସମ୍ଭାବନା ରହିଛି। ବିଶେଷ କରି ପଶ୍ଚିମ ବଙ୍ଗରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପ୍ରତି ରାଜ୍ୟ ସରକାରଙ୍କ 'ଅପମାନ' ପ୍ରସଙ୍ଗରେ ଟିଏମ୍‌ସିକୁ ବିଜେପି ଘେରିବାକୁ ଯୋଜନା କରିଥିବା ବେଳେ ମମତାଙ୍କ ଦଳ ମଧ୍ୟ ଏହାର ମୁକାବିଲା ଲାଗି ପ୍ରସ୍ତୁତ ଥିବା କହିଛି। ଅନ୍ୟପକ୍ଷରେ ମଧ୍ୟପ୍ରାଚ୍ୟ ଯୁଦ୍ଧ, ଏପଷ୍ଟିନ ଫାଇଲ ଏବଂ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ନେଇ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଟାର୍ଗେଟ କରିବା ଲାଗି ବିରୋଧୀ ଦଳ ସୂଚନା ଦେଇଛନ୍ତି। ଏସଂପର୍କରେ ରଣନୀତି ପାଇଁ ଆସନ୍ତାକାଲି ସକାଳେ ବିରୋଧୀ ଦଳର ମିଳିତ ବୈଠକ ବସିବ ବୋଲି ସୂଚନା ମିଳିଛି। କଂଗ୍ରେସ ଏବଂ ବିଶେଷ କରି ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କରିବା ଲାଗି ଶାସକ ଦଳ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିଥିବା ଜଣାପଡ଼ିଛି।

## ନେତୃତ୍ୱ ସଙ୍କଟ...

ମର୍ଯ୍ୟାଦା, ନିରାପତ୍ତା ଓ ସଶକ୍ତିକରଣ ପାଇଁ ବିଜେଡି ପ୍ରତିବଦ୍ଧତାର ସହ କାମ କରୁଛି। ବିଜେଡି ସରକାର ମା'ମାନଙ୍କ କଲ୍ୟାଣ ପାଇଁ ଅନେକ ଐତିହାସିକ ପଦକ୍ଷେପ ନେଇଥିଲା। ମା'ମାନଙ୍କୁ ବିକାଶର ମୁଖ୍ୟଧାରାକୁ ଆଣିଥିଲା। ମା'ମାନେ ହେଉଛନ୍ତି ବିଜେଡିର ନୀତି ଓ ଆଦର୍ଶର ବାର୍ତ୍ତାବହ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ।

ସମାଜର ବୃହତ୍ତର ବିକାଶରେ ମହିଳାମାନଙ୍କ ଗୁରୁତ୍ୱକୁ ବିଜୁ ବାବୁ ଭଲ ଭାବରେ ବୁଝିଥିଲେ ଏବଂ ସେ ଦିଗରେ ଅନେକ ଯୁଗାନ୍ତକାରୀ ପଦକ୍ଷେପ ନେଇଥିଲେ। ବାସ୍ତବରେ ବିଜୁବାବୁ ହିଁ ଥିଲେ ସାରା ଦେଶରେ ମହିଳା ସଶକ୍ତିକରଣର ପଥ ପ୍ରଦର୍ଶକ। ମା'ମାନଙ୍କ ପ୍ରକୃତ ସଶକ୍ତୀକରଣ ସହ ମା'ମାନଙ୍କ ନିରାପତ୍ତା ଓ ମର୍ଯ୍ୟାଦାର ସୁରକ୍ଷା ପାଇଁ ବିଜେଡିର ଲଢ଼େଇ ଜାରି ରହିବ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ଅନ୍ୟପଟେ ରାଜ୍ୟରେ ବଢୁଥିବା ମହିଳା ହିଂସା ପ୍ରସଙ୍ଗରେ କ୍ଷୋଭ ପ୍ରକାଶ କରିବା ସହ କେତେଦିନ ଏମିତି ଚାଲିବ ବୋଲି ନବୀନ ପ୍ରଶ୍ନ କରିଛନ୍ତି।

ଅନ୍ୟପଟେ ସକାଳେ ଏକ୍ସ ଯୋଗେ ନବୀନ ଉଲ୍ଲେଖ କରିଛନ୍ତି ଯେ, ମା'ଙ୍କ ପରିଚୟ 'ମିଶନ ଶକ୍ତି'। ଲକ୍ଷ ଲକ୍ଷ ମା'ଙ୍କ ସମୃଦ୍ଧି ଓ ସୁରକ୍ଷାର ଭରସା 'ମିଶନ ଶକ୍ତି'। ଦୀର୍ଘ ୨୫ବର୍ଷର ଯାତ୍ରାରେ ଅଗଣିତ ମା',ଭଉଣୀଙ୍କ ଜୀବନରେ ଏହା ପରିବର୍ତ୍ତନ ଆଣିଛି, ସେମାନଙ୍କୁ ବିକାଶରେ ସମଭାଗୀ କରିଛି। ହାଣ୍ଡିଶାଳରୁ ବାହାର କରି ଦୁନିଆ ଦେଖାଇଛି। ମା'ମାନଙ୍କ ବିକାଶ ପାଇଁ 'ମିଶନ ଶକ୍ତି' ଆମ ସଂକଳ୍ପକୁ ମଜଭୁତ କରିଛି ବୋଲି ନବୀନ ଉଲ୍ଲେଖ କରିଛନ୍ତି। ବିଜୁ ମହିଳା ଜନତା ଦଳର ସଭାପତି ସ୍ନେହାଙ୍ଗିନୀ ଛୁରିଆଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ନାରୀ ନେତ୍ରୀ ମାନେ ଉଦ୍‌ବୋଧନ ଦେଇଥିଲେ।

## ଆରମ୍ଭରୁ ତାତିବ...

ଚାଷୀ ହନ୍ତସନ୍ତ ପ୍ରସଙ୍ଗକୁ ନେଇ ବିରୋଧୀ ଗୃହ ହୁଲସ୍ଥୁଲ କରିଥିଲେ। ଏପରିକି ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଆଗତ ଧନ୍ୟବାଦ ପ୍ରସ୍ତାବ ଓ ବଜେଟ ଉପରେ ସାଧାରଣ ଆଲୋଚନାକୁ ବିରୋଧୀ ବର୍ଜନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ମଧ୍ୟ ବିଜେଡି ଗୃହରେ ଚାଷୀଙ୍କ ସ୍ୱାର୍ଥ ସହ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା, ମହାନଦୀ ଓ ପୋଲାଭରମ୍ ଲଢ଼େଇରେ ସରକାରଙ୍କ ନିରବତା ପରି ରାଜ୍ୟସ୍ୱାର୍ଥ ପ୍ରସଙ୍ଗ ଉତ୍ଥାପନ କରିବ ବୋଲି ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି।

ସେହିପରି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ କହିଛନ୍ତି ଯେ ଦ୍ୱିତୀୟ ପର୍ଯ୍ୟାୟରେ ଧାନ କିଣା ପ୍ରସଙ୍ଗ ସହ ଆମେ ଗୃହରେ ବେକାରୀ, ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟାନ୍ୱୟନରେ ମନ୍ଥରତା, ଆଇନଶୃଙ୍ଖଳା ଆଦି ପ୍ରସଙ୍ଗ ଉଠାଇବୁ। ରାଜ୍ୟ ସରକାର କ୍ରମାଗତ ଭାବେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗକୁ ଅବହେଳା କରି ଆସୁଛନ୍ତି। ରାଜ୍ୟର ମୁଖ୍ୟମନ୍ତ୍ରୀ, ଅନୁସୂଚିତ ଜାତି ଓ ଜନଜାତି ବିଭାଗର ମନ୍ତ୍ରୀ ଆଦିବାସୀ ଅଟନ୍ତି। ମାତ୍ର ପ୍ରଥମ ବିଧାନସଭା ଅଧିବେଶନରେ ରାଜ୍ୟରେ ପେସା ଆଇନ ଲାଗୁ କରିବା ପାଇଁ ସରକାର ପ୍ରତିଶ୍ରୁତି ପ୍ରଦାନ କରିଥିଲେ ହେଁ, ଏହାର ଅନୁପାଳନ କରୁନାହାନ୍ତି। ସରକାରଙ୍କ ଏପରି ମନୋଭାବ ଆଦିବାସୀ ବର୍ଗଙ୍କ ପାଇଁ ଧୋକା ହୋଇଥିବା ବେଳେ ଏହି ପ୍ରସଙ୍ଗକୁ ନେଇ କଂଗ୍ରେସ ଗୃହରେ ସରକାରଙ୍କୁ ଘେରିବ ବୋଲି ସେ ସୂଚନା ଦେଇଛନ୍ତି।

ଦ୍ୱିତୀୟ ପର୍ଯ୍ୟାୟରେ ବିଧାୟକ ଓ ପୂର୍ବତନ ବିଧାୟକଙ୍କ ଦରମା ଓ ଭତ୍ତା ସଂଶୋଧନ ନେଇ ବିଧେୟକ ଆସିପାରେ ବୋଲି ଜଣାପଡିଛି। ଅପରପକ୍ଷେ ଆସନ୍ତା ୧୬ ତାରିଖରେ ବିଧାନସଭା ସଚିବାଳୟ ପରିସରରେ ରାଜ୍ୟସଭା ଭୋଟ ଅନୁଷ୍ଠିତ ହେବାକୁ ଥିବାବେଳେ ଏହା ମଧ୍ୟ ଗୃହର ମାହୋଲ୍‌କୁ ବେଶ ପ୍ରଭାବିତ କରିବ ବୋଲି ଅନୁମାନ କରାଯାଉଛି। ବିଧାନସଭା କାର୍ଯ୍ୟସୂଚୀ ଅନୁଯାୟୀ ଆସନ୍ତାକାଲି ବିଭିନ୍ନ ବିଭାଗର ଷ୍ଟାଣ୍ଡିଂ କମିଟି ରିପୋର୍ଟ ଗୃହରେ ଉପସ୍ଥାପିତ ହେବ। ସେହିପରି ୧୦ ତାରିଖରୁ ୩୦ ତାରିଖ ଯାଏଁ ବିଭିନ୍ନ ବିଭାଗର ଖର୍ଚ୍ଚଦାବି ଉପସ୍ଥାପିତ ହେବ। ମାର୍ଚ୍ଚ ୩୧ ତାରିଖରେ ଗୃହରେ ବ୍ୟାୟମଞ୍ଜୁରୀ ବିଧେୟକ ଉପସ୍ଥାପିତ ହେବ। ଆସନ୍ତା ଏପ୍ରିଲ ୮ ତାରିଖ ଯାଏଁ ଗୃହ ଚାଲିବା ନେଇ ସ୍ଥିରୀକୃତ ହୋଇଛି।

## ୧୦୦ ଡଲାର...

ଅଭିବୃଦ୍ଧିକୁ ପ୍ରାୟ ୦.୫% ପ୍ରତିଶତ ହ୍ରାସ କରିପାରେ। ଫଳସ୍ୱରୂପ, ଦେଶର ମୁଦ୍ରାସ୍ଫୀତି ବୃଦ୍ଧି ହୋଇପାରେ।

ଉପସାଗର ଦେଶଗୁଡିକରୁ ତେଲ ଇରାନ ସୀମାବର୍ତ୍ତୀ ହରମୁଜ୍ ପ୍ରଣାଳୀ ଦେଇଯାଇଥାଏ। ଯୁଦ୍ଧକୁ ଦୃଷ୍ଟିରେ ରଖି ଇରାନ ଏହି ରୁଟ୍‌ରେ ଗୁରୁତ୍ୱପୂର୍ଣ୍ଣ କଟକଣା ଜାରି କରିଛି। ବିଶ୍ୱ ତୈଳ ପରିବହନର ୨୦-୨୫% ଏହି ମାର୍ଗ ଦେଇ ଯାଇଥାଏ। ଭାରତର ଅଶୋଧିତ ତୈଳ ଆମଦାନୀର ଅଧା ମଧ୍ୟ ଏହି ମାର୍ଗ ଦେଇ ଯାଇଥାଏ। ଏଠାରେ ବୃଦ୍ଧି ପାଉଥିବା ଉତ୍ତେଜନା କେବଳ ଯୋଗାଣ ବାଧା ସୃଷ୍ଟି କରିନାହିଁ, ବରଂ ପରିବହନ ବୀମା ଏବଂ ମାଲ ପରିବହନ ଖର୍ଚ୍ଚ ମଧ୍ୟ ବୃଦ୍ଧି କରିଛି, ଯାହା "ଯୁଦ୍ଧ ପ୍ରିମିୟମ୍" ଭାବରେ ଜଣାଶୁଣା। ଏଗେନ୍ କ୍ୟାପିଟାଲର ପାର୍ଟନର ଜନ୍ କିଲଡଫ୍ କହିଛନ୍ତି ଯେ ତୈଳ ମୂଲ୍ୟ ପ୍ରତି ବ୍ୟାରେଲ ୧୦୦ ଡଲାରରେ ପହଞ୍ଚିପାରେ। କାତାରର ଶକ୍ତି ମନ୍ତ୍ରୀ ଏକ ସାକ୍ଷାତକାରରେ କହିଛନ୍ତି ଯେ ସେ ଆଶା କରୁଛନ୍ତି ଯେ ସମସ୍ତ ଉପସାଗରୀୟ ତୈଳ ଉତ୍ପାଦନକାରୀ କିଛି ସପ୍ତାହ ମଧ୍ୟରେ ରପ୍ତାନି ବନ୍ଦ କରିଦେବେ। ଏହା ଦ୍ୱାରା ତୈଳ ମୂଲ୍ୟ ପ୍ରତି ବ୍ୟାରେଲ ୧୫୦ ଡଲାରରେ ପହଞ୍ଚିପାରେ। ଯଦି ଏହା ହୁଏ, ତେବେ ଭାରତରେ ମୁଦ୍ରାସ୍ଫୀତି ଆକାଶଛୁଆଁ ହେବ ଏବଂ ଅର୍ଥନୀତି ପଥଭ୍ରଷ୍ଟ ହୋଇପାରେ।

## ଶିଶୁ ନିଖୋଜ...

ଶିଶୁଙ୍କ ପତ୍ତା ମିଳିନାହିଁ। ଦ୍ୱିତୀୟ ସ୍ଥାନରେ ଥିବା ମଧ୍ୟପ୍ରଦେଶରେ ନିଖୋଜ ୪,୨୫୬ ଶିଶୁଙ୍କ ମଧ୍ୟରୁ ୩୧୯୭ ଶିଶୁଙ୍କ ଉଦ୍ଧାର କରାଯାଇଛି। ମାତ୍ର ୧,୦୫୯ ଜଣଙ୍କ ଖୋଜ ଖବର ଏ ପର୍ଯ୍ୟନ୍ତ ମିଳି ନାହିଁ। ସେହିପରି ହରିୟାଣାରେ ଗତ ବର୍ଷ ୨୨୦୯ ଶିଶୁ ନିଖୋଜ ହୋଇଥିବାବେଳେ ୧୮୫୬ ଜଣଙ୍କୁ ଠାବ କରାଯାଇଛି; ମାତ୍ର ୩୫୩ ଶିଶୁ ଏବେ ବି ନିଖୋଜ ଅଛନ୍ତି। କେରଳରୁ ୧୬୯୬ ଶିଶୁ ନିଖୋଜ ହୋଇଥିବାବେଳେ ୯୧୮ ଜଣଙ୍କୁ ଠାବ କରାଯାଇଥିଲା। ମାତ୍ର ୭୭୮ ଶିଶୁଙ୍କ କୌଣସି ସନ୍ଧାନ ମିଳି ନାହିଁ। ମହାରାଷ୍ଟ୍ରରେ ଗତ ବର୍ଷ ୪୫୩ ଶିଶୁ ନିଖୋଜ ହୋଇଥିବାବେଳେ ୫୭୭ ଜଣଙ୍କୁ ଠାବ କରାଯାଇଥିଲା। ଲଦାଖରେ ୨୨୫ ଜଣ ନିଖୋଜ ଥିବାବେଳେ ୨୯୪ ଜଣଙ୍କ ସନ୍ଧାନ ମିଳିଥିଲା। ତାମିଲନାଡୁରେ ୧୦ ନିଖୋଜ ଥିବାବେଳେ ତଦନ୍ତ ସମୟରେ ୩୪୪ ଜଣଙ୍କୁ ଉଦ୍ଧାର କରାଯାଇଥିଲା। ନାଗାଲାଣ୍ଡରେ ଗତବର୍ଷ କୌଣସି ଶିଶୁ ନିଖୋଜ ହୋଇ ନ ଥିବାବେଳେ ୨୧ ଜଣଙ୍କୁ ଉଦ୍ଧାର କରାଯାଇଥିଲା। ଏହାବ୍ୟତୀତ ଛତିଶଗଡ଼ରେ ୪୦୦, ଉତ୍ତରାଖଣ୍ଡରେ ୪୧୩, ରାଜସ୍ଥାନରେ ୨୪୬, ଗୋଆରେ ୨୧୬, ବିହାରରେ ୨୧୪, ଉତ୍ତର ପ୍ରଦେଶରେ ୧୦, ପଞ୍ଜାବରେ ୧୦, ଜମ୍ମୁ-କଶ୍ମୀରରେ ୪ ଜଣ, ଝାଡ଼ଖଣ୍ଡରେ ୯ ଜଣ, ଚଣ୍ଡିଗଡ଼ରୁ ୭ ଜଣ, ହିମାଚଳ ପ୍ରଦେଶର ୮ ଜଣ, ଦିଲ୍ଲୀର ୨ ଜଣ, ପୁଡୁଚେରୀର ୩ ଜଣ ଶିଶୁ ଏବେ ବି ନିଖୋଜ ଅଛନ୍ତି।

ଅନ୍ୟପଟେ ନାଗାଲାଣ୍ଡ, ଅରୁଣାଚଳ ପ୍ରଦେଶ, ମଣିପୁର, ତ୍ରିପୁରା, ଗୁଜରାଟ, ଲାକ୍ଷାଦ୍ୱୀପ ଏବଂ ଦାଦ୍ରା ନଗର ହାବେଳୀରେ କୌଣସି ଶିଶୁ ନିଖୋଜ ହୋଇଥିବାର ଅଭିଯୋଗ ଆସିନାହିଁ।

### ଦିଲ୍ଲୀପ ରାୟଙ୍କ ବିଜୁ ଲିଗାସୀ ଆଭିମୁଖ୍ୟକୁ ବିଜେଡିର କଟାକ୍ଷ

# ରାଜନୈତିକ ଫାଇଦା ପାଇଁ ବିଜୁଙ୍କୁ ନିଜ ମେଣ୍ଟର କହୁଛନ୍ତି

ଭୁବନେଶ୍ୱର,୮।୩(ସମିସ): ବିଜୁ ବାବୁଙ୍କୁ ଦିଲ୍ଲୀପ ରାୟ ନିଜର ମେଣ୍ଟର ବୋଲି କହୁଛନ୍ତି। ବିଜୁ ଲିଗାସୀ ମାଧ୍ୟମରେ ରାଜ୍ୟସଭା ନିର୍ବାଚନରେ କିଛି ଭୋଟ ପାଇବେ ବୋଲି ମଧ୍ୟ ଆଶା ରଖିଛନ୍ତି। ହେଲେ ସେ ଯେଉଁ ଆଶା କରୁଛନ୍ତି, ସେହି ଆଶାକୁ ବିଜେଡି କଡ଼ା ସମାଲୋଚନା କରିବା ସହ ତାଙ୍କର ନୈତିକତା ଉପରେ ପ୍ରଶ୍ନ ଉଠାଇଛି। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡଃ ଲେନିନ ମହାନ୍ତି କହିଛନ୍ତି, କେବଳ ରାଜନୈତିକ ଫାଇଦା ହାସଲ କରିବା ଲକ୍ଷ୍ୟରେ ବିଜୁଙ୍କୁ ଦିଲ୍ଲୀପ ରାୟ ନିଜର ମେଣ୍ଟର ବୋଲି କହୁଛନ୍ତି। ମାତ୍ର ବିଜୁଙ୍କୁ ନିରନ୍ତର ଭାବେ ଅପମାନିତ କରି ଆସୁଥିବା ଦଳ ସହିତ ସେ ଅଛନ୍ତି ଓ ସେହି ଦଳର ସମର୍ଥନରେ ରାଜ୍ୟସଭା ନିର୍ବାଚନ ଲଢୁଛନ୍ତି।



- ବିଜୁଙ୍କ ପ୍ରତିମୂର୍ତ୍ତି ଭଙ୍ଗା ଓ ପୋଡ଼ା ବେଳେ ଦିଲ୍ଲୀପ ମୁହଁ ଖୋଲି ନ ଥିଲେ
- ବିଜୁଙ୍କ ସମ୍ମାନ ଓ ପ୍ରତିଷ୍ଠାକୁ କ୍ଷୁଣ୍ଣ କରୁଥିବା ଦଳର ସମର୍ଥନରେ ଲଢୁଛନ୍ତି
- ବ୍ୟବସାୟରେ ସଫଳତା ହାସଲ ପାଇଁ ରାଜନୀତିରେ ଅଛନ୍ତି ଦିଲ୍ଲୀପ

ରାଜ୍ୟରେ ବିଜେପି ସରକାର ଆସିବା ପରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିକୁ ଭାଙ୍ଗି ଦିଆଗଲା ଓ ପୋଡ଼ି ଦିଆଗଲା। ବିଜୁ ବାବୁଙ୍କ ଜନ୍ମ ଦିନଟିକୁ ପଞ୍ଚାୟତିରାଜ ଦିବସ ଭାବେ ପାଳିତ ହେଉଥିଲା। ରାଜ୍ୟ ବିଜେପି ସରକାର ଏହାକୁ ବନ୍ଦ କରିଦେଲେ। ଏହି ଦିନଟିକୁ ସରକାରୀ ଛୁଟି ଦିଆଯାଉଥିଲା, ଯାହାକୁ ମଧ୍ୟ ରାଜ୍ୟ ସରକାର ଉଠାଇଦେଲେ। ବିଜୁଙ୍କ ନାମରେ ଥିବା ବିଏସ୍‌କେୱାଇ ଯୋଜନା ସହିତ ଅନ୍ୟ ଯୋଜନାଗୁଡ଼ିକର ନାମ ପରିବର୍ତ୍ତନ କରି ଦିଆଗଲା। ବିଜୁଙ୍କ ଦ୍ୱାରା ସ୍ଥାପିତ ସମ୍ମାନଜନକ କଳିଙ୍ଗ ପୁରସ୍କାରକୁ କେନ୍ଦ୍ର ସରକାର ସହଯୋଗ ଦେବା ବନ୍ଦ କରିଦେଲେ। କିନ୍ତୁ ବିଜୁଙ୍କୁ ନିଜ ମେଣ୍ଟର କହୁଥିବା ଦିଲୀପ ରାୟ ମୁହଁରେ ତୁଣ୍ଡି ବନ୍ଧା ହୋଇଛି। ବିଜୁଙ୍କ ସମ୍ମାନ ଓ ପ୍ରତିଷ୍ଠା ଉପରେ ବାରମ୍ବାର ବିଜେପି ସରକାର ଯୋଜନାବଦ୍ଧ ଆକ୍ରମଣ କରୁଥିଲା ବେଳେ ଦିଲ୍ଲୀପ ରାୟ ନୀରବ ଅଛନ୍ତି। ବିଜେପିର ସଦସ୍ୟ ହୋଇ ବିଜେପି ସମର୍ଥନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ରାଜ୍ୟସଭା ସାଂସଦ ପଦ ପାଇଁ ନିର୍ବାଚନ ଲଢୁଛନ୍ତି।

ଏହାସହିତ ବିଜେପି ସରକାର ଦ୍ୱାରା ବିଜୁଙ୍କ ବିରୋଧରେ ନିଆଯାଉଥିବା ନିଷ୍ପତ୍ତି ଓ କାର୍ଯ୍ୟକଳାପ ସମୟରେ ସେ କେଉଁଠି ଥିଲେ ବୋଲି ଡଃ ମହାନ୍ତି ପ୍ରଶ୍ନ କରିଛନ୍ତି।

ଡଃ ମହାନ୍ତି କହିଛନ୍ତି, ଦିଲ୍ଲୀପ ରାୟ ଜଣେ ବ୍ୟବସାୟୀ ବେଶୀ ରାଜନେତା କମ୍ ବୋଲି ରାଜ୍ୟବାସୀ ଜାଣନ୍ତି। ରାଜ୍ୟର ସ୍ୱାର୍ଥ ପାଇଁ ନୁହେଁ; ନିଜର ବ୍ୟବସାୟରେ ସଫଳତା ପାଇଁ ସେ ରାଜନୀତିରେ ରୁଚି ରଖନ୍ତି। ଆଜି ମଧ୍ୟ ନିଜର ରାଜନୈତିକ ଫାଇଦା ହାସଲ ପାଇଁ ବିଜୁଙ୍କୁ ନିଜର ମେଣ୍ଟର ବୋଲି କହୁଛନ୍ତି। ତାଙ୍କ ଅନ୍ତରରେ ବିଜୁଙ୍କ ପ୍ରତି ଯଦି ପ୍ରକୃତରେ ସମ୍ମାନ ଥାଆନ୍ତା, ତାହେଲେ ବିଜୁଙ୍କ ସମ୍ମାନ ଓ ପ୍ରତିଷ୍ଠାକୁ କ୍ଷୁଣ୍ଣ ହେଉଥିବା ବେଳେ ସେ ନିରବ ରହି ନ ଥା'ନ୍ତେ କି ଯେଉଁ ଦଳ ବିଜୁଙ୍କୁ ଅସମ୍ମାନ କରୁଛି ତା' ସମର୍ଥନରେ ନିର୍ବାଚନ ଲଢ଼ି ନ ଥା'ନ୍ତେ ବୋଲି ଡଃ ମହାନ୍ତି କହିଛନ୍ତି।

# ରେସ୍ତୋରାଁ ସମୂହ ଉପରେ ଆୟକର ଚଢ଼ଉ

### ବିପୁଳ ପରିମାଣର ଆୟକର ଫାଙ୍କିଥିବା ଅଭିଯୋଗ

ଭୁବନେଶ୍ୱର, ୮।୩ (ସମିସ): ବିପୁଳ ଆୟକର ଫାଙ୍କିବା ଅଭିଯୋଗରେ ରାଜଧାନୀରେ ଥିବା ଏକ ରେସ୍ତୋରାଁ ସମୂହ ଉପରେ ଆଜି ଆୟକର ବିଭାଗ ଚଢ଼ଉ କରିଛି। ଏହାର ମାଲିକ ଅଭୟ କୁମାର ନାୟକଙ୍କ ରଘୁନାଥପୁରସ୍ଥିତ ଘର ଏବଂ ବ୍ୟବସାୟିକ ପ୍ରତିଷ୍ଠାନ ଉପରେ ଚଢ଼ଉ ହୋଇଥିଲା। ରାଜଧାନୀ ଭୁବନେଶ୍ୱର ସମେତ କଟକ ଏବଂ ପୁରୀର ମୋଟ୍ ୬ ଟି ସ୍ଥାନରେ ଏହି ଚଢ଼ଉ ହୋଇଥିବା ସୂଚନା ମିଳିଛି। ଚଢ଼ଉ ହୋଇଥିବା ରେସ୍ତୋରାଁ ମଧ୍ୟରେ ରହିଛି ପଟିଆସ୍ଥିତ ମହୀଶୂର ଏକ୍ସପ୍ରେସ୍, ତନ୍ଦୁରିୱାଲା, ଚନ୍ଦ୍ରଶେଖରପୁରସ୍ଥିତ ଏକ୍ସପ୍ରେସ୍ ଲାଉଞ୍ଜ୍, ପୁରୀର ଏକ ରେସ୍ତୋରାଁ ଏବଂ ସ୍ୱେଶାଲ ଭିଲେଜ ନାମକ ରେସ୍ତୋରାଁ ଅନ୍ତର୍ଭୁକ୍ତ ରହିଛି। ଅଧିକାଂଶ ପେମେଣ୍ଟ୍ ନଗଦରେ ହେଉଥିବା ଦର୍ଶାଇ ଏମାନେ ବିପୁଳ ଟିକସ ଫାଙ୍କି ଆସୁଥିବା ଅଭିଯୋଗ ହୋଇଛି।

ଆୟକରବିଭାଗତଦନ୍ତରୁଜଣାପଡ଼ିଛିଯେରେସ୍ତୋରାଁ ପରିଚାଳନା ପାଇଁ 'ପେଟ୍ ପୂଜା' ନାମକ ଏକ ଆପ୍ ରହିଛି। ଏହି ଆପ୍‌ରେ ଗ୍ରାହକ ଖାଦ୍ୟ ଅର୍ଡର୍ କରୁଥିଲେ। ହେଲେ ରେସ୍ତୋରାଁ ମାଲିକ ବୁକିଂ ରଦ୍ଦ କରୁଥିଲେ। ଗ୍ରାହକ ଅନ୍‌ଲାଇନ୍ ମାଧ୍ୟମରେ ଟଙ୍କା ଦେଇଥିଲେ ମଧ୍ୟ ରେସ୍ତୋରାଁ ନଗଦରେ ଟଙ୍କା ନେଇଥିବା ଦର୍ଶାଉଥିଲା। ଏଭଳି କରି ରେସ୍ତୋରାଁ ମାଲିକ ବହୁ ପରିମାଣର ଆୟକର ଫାଙ୍କିଛନ୍ତି ବୋଲି ଆୟକର ବିଭାଗ ସୂତ୍ରରୁ ଜଣାପଡ଼ିଛି।

# ଫୌଜଦାରୀ ପ୍ରକ୍ରିୟାରେ ହସ୍ତକ୍ଷେପ କରିପାରିବେନି ସରପଞ୍ଚ: ହାଇକୋର୍ଟ

କଟକ, ୮।୩(ସମିସ): ଜଣେ ଶିଶୁଙ୍କୁ ଯୌନ ନିର୍ଯାତନା ଘଟଣା ଏକ ଗୁରୁତର ଅପରାଧ। ଏଭଳି ଘଟଣାର ପଞ୍ଚାୟତସ୍ତରରେ ସମାଧାନ କରାଯାଇପାରିବ ନାହିଁ। ଏଭଳି ଅପରାଧ ମାମଲାର ଆପୋଷ ବୁଝାମଣାରେ ବା ପଞ୍ଚାୟତସ୍ତରରେ ସମାଧାନ କରାଯିବା ଘଟଣାକୁ ନେଇ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଆଇନ ଏପରି କୌଣସି ସୀମା ସରହଦକୁ ସ୍ୱୀକୃତି ଦିଏ ନାହିଁ। ଏହା ମନେ ରଖିବା ଉଚିତ କୌଣସି ପଞ୍ଚାୟତ ଆଇନର ଅଦାଲତ ନୁହେଁ। ମାଜିଷ୍ଟ୍ରେଟ୍‌ଙ୍କ କ୍ଷମତା ସରପଞ୍ଚ ପ୍ରୟୋଗ କରିପାରିବେ ନାହିଁ ବୋଲି ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଏପରି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଫୌଜଦାରୀ ପ୍ରକ୍ରିୟାରେ ହସ୍ତକ୍ଷେପ କରିବା ପାଇଁ ସରପଞ୍ଚ ବା ପଞ୍ଚାୟତ ସଦସ୍ୟ ଭଳି ପଦରେ ଥିବା ବ୍ୟକ୍ତିଙ୍କୁ ଲାଇସେନ୍ସ ମିଳିନାହିଁ। ଯେଉଁମାନେ ଶିଶୁର ଅଭିଯୋଗକୁ ଦବାଇବାକୁ ଓ ପୁଲିସକୁ ଏପରି ଘଟଣାରୁ ଦୂରେଇ ରଖିବାକୁ କାର୍ଯ୍ୟ କରନ୍ତି, ସେମାନେ ଭୁଲ କରିଥିବା ଲୋକଙ୍କୁ ସୁରକ୍ଷା ଦେଇଥା'ନ୍ତି। ପଦ ଅଳଙ୍କୃତ କରିଥିବା ଏଭଳି ବ୍ୟକ୍ତି ଯଦି ଏପରି କରନ୍ତି, ତାଙ୍କ ବିରୋଧରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପ୍ରସଙ୍ଗ ବିଚାରକୁ ନିଆଯିବ ବୋଲି ହାଇକୋର୍ଟ କହିଛନ୍ତି। ସେହିଭଳି ଗ୍ରାମ ଅନୁଷ୍ଠାନରେ କର୍ତ୍ତୃପକ୍ଷ ପଦରେ ଥିବା ବ୍ୟକ୍ତିଙ୍କୁ ପୋକସୋ ଆଇନ ଅନୁସାରେ ସେମାନଙ୍କ କର୍ତ୍ତବ୍ୟ ବିଷୟରେ ସଚେତନ କରିବାକୁ ଜିଲ୍ଲା ପ୍ରଶାସନ ଓ ପୁଲିସ କର୍ତ୍ତୃପକ୍ଷ ପଦକ୍ଷେପ ଗ୍ରହଣ କରିବେ ବୋଲି ହାଇକୋର୍ଟ କହିଛନ୍ତି।

13001/514/2526

**OFFICE OF THE MUNICIPAL COUNCIL: DEOGARH**

e-mail: eo-deogarhmncp@gov.in

Bid Identification No. 627/DM, Dt. 05/03/2026

1. Name of the work for which tender invited – "Privatization of Sanitation work Deogarh Municipal Council for ward no.- 01 to 11".
2. Eligible class of bidder – Intending firms/Service Providers/N.G.Os/Contractors those are in similar nature of work and other criteria given in the D.T.C.N.
3. The Bid Documents will be available in the office from Dt. 06.03.2026 on 10.00 A.M. to Dt. 23.03.2026 up to 5.00 P.M.
4. Last date & time of receipt of Bid Documents through speed post, courier or by hand dropping the tender box: Dt. 24.03.2026 up to 4.00 P.M.
5. Opening the Bid documents: Date – 24.03.2026 up to 5.00 P.M
6. The Quotationer will purchase the tender Documents in working days after deposit of cash Rs.10000/- Rupees (Ten Thousand) only, BG or DD only on or before the publish last date.
7. The more details of the tender on deogarh.odishagov.in

Executive Officer
Deogarh Municipality

OIPR-13001/13088/1/25-26/0021

13001/523/2526

Email- municipalitybelpahar@gmail.com

**OFFICE OF THE MUNICIPAL COUNCIL, BELPAHAR**

"e" PROCUREMENT NOTICE

BID REFERENCE NO. EO/ BPHM/OM/01/25-26
BID IDENTIFICATION NO. 2026_ORULB_126872
TENDER CALL NOTICE NO. 584 DT. 05.03.2026

Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt, website i.e. www.tendersorissa.gov.in

| | |
|---|---|
| Name of the Work | Operation & Maintenance of Vehicles & Machineries with in Belpahar Municipality |
| No of Works | 01 No |
| Date & Time of availability of the bid documents in the portal | From dt. 06.03.2026 at 10.00 A.M. to dt. 16.03.2026 up to 5.00 P.M |
| Bids received online shall be opened on | 11.00 A.M. onwards on dt. 17.03.2026 |
| Name & address of the officer inviting EOI | Executive Officer, Belpahar Municipality. |

Further the details can be seen from the procurement portal: www.tendersorissa.gov.in. If any addendum /corrigendum/ cancellation tender shall be published in the above website only.

Executive Officer
Belpahar Municipality

OIPR-13001/13050/1/25-26/0041

25001/298/2526

**OFFICE OF THE SUPERINTENDING ENGINEER RURAL WORKS DIVISION, BALLIGUDA**

Government of Odisha e-Procurement Notice
Bid Identification No. Online Tender-24/EERWD BLG/2025-26
rw_balliguda@yahoo.com

Letter No: 1984//RWDBLG Date: 05.03.2026

| | | | |
|---|---|---|---|
| 1 | Name of the work | :: | Road Works |
| 2 | Estimated cost | :: | Rs.27.82 Lakhs to 42.51 lakhs |
| 3 | Period of Completion | :: | As per Annexure |
| 4 | Date & Time of availability of Bid documents in the Portal | :: | From 09.03.2026 at 10.00 AM to 17.03.2026 up to 5.00 PM |
| 5 | Last Date/ Time for receipt of Bids in the Portal | :: | 17.03.2026 up to 5.00 PM |
| 6 | Name and address of the Officer Inviting Bid | :: | Executive Engineer, Rural Works Division, Balliguda |

The Bidders have to participate in ONLINE bidding only. Further details can be displayed from the e-procurement portal website https://www.tendersodisha.gov.in . Any addendum / corrigendum / cancellation of tender can also be seen in the said website only.

Executive Engineer
Rural Works Division
Balliguda

OIPR-25001/25164/1/25-26/0002

**GOVERNMENT OF ODISHA** 25001/303/2526
**OFFICE OF THE SUPERINTENDING ENGINEER, RURAL WORKS DIVISION, KUCHINDA**
E-mail-eerw_kuchinda@yahoo.com

Identification No Online Tender /22/ RWD, Kuchinda / 2025-26.

Letter No. 2946 Date 07.03.2026

| | | | |
|---|---|---|---|
| 1. | The Superintending Engineer Rural Works, Division, Kuchinda behalf of the Governor of Odisha invites percentage rate bids to be received in **ONLINE MODE** Only for Roads Work. | | |
| 2. | No. of work | : | 01 Nos |
| 3. | Nature of Work | : | Road Repair |
| 4 | Class of Contractor | : | "D", "C" |
| 5 | Approx Value of Work | : | 17.94 |
| 6 | Tender Cost | : | Rs.6000/- |
| 7 | Availability of Bid Documents in the Website | : | 09.03.2026 at 11. A.M to 16.03.2026 at 5.00 P.M |
| 8 | Last date & time for seeking clarification | | 14.03.2026 at 5.00 P.M |
| 9 | Date of Opening of Bid | : | 17.03.2.2026 at 11.00 A.M |
| 10 | Other details can be Seen in the Bidding documents from the website : https://tendersodisha.gov.in | | |

Superintending Engineer
Rural Works Division,
Kuchinda

OIPR-25001/25151/1/25-26/0021

पावरग्रिड POWERGRID

**ନୋଟିସ**

୧. କେନ୍ଦ୍ରୀୟ ବିଦ୍ୟୁତ ନିୟାମକ ଆୟୋଗ (ବ୍ୟବସାୟ ସଂଚାଳନ) ବିନିୟମ, 1999 ର ବିନିୟମ-86 ଏବଂ କେନ୍ଦ୍ରୀୟ ବିଦ୍ୟୁତ ନିୟାମକ ଆୟୋଗ (ଟାରିଫ ଶର୍ତ୍ତ ଓ ନିୟମ) ବିନିୟମ, 2019 ଅନୁସାରେ ନିମ୍ନଲିଖିତ ବିଷୟ ସମ୍ବନ୍ଧରେ: (i) ଟାରିଫ ଅବଧି 2019-24 ପାଇଁ ଶୁଳ୍କ ସମନ୍ୱୟ।(ii) ଟାରିଫ ଅବଧି 2024-29 ପାଇଁ ଶୁଳ୍କ ନିର୍ଣ୍ଣୟ। ଯାଚିକା-୧: ବଙ୍ଗାଇଗାଓଁ – ମାଲଡା ଟ୍ରାନ୍ସମିଶନ ଲାଇନର ଏଲଆଇଏଲଓ (LILO), ସିଲିଗୁଡ଼ି ଏବଂ ସବ-ଷ୍ଟେସନ, ସିଲିଗୁଡ଼ି (ନୂଆ) ଅଧୀନରେ ଥିବା ସମ୍ପତ୍ତିଗୁଡ଼ିକ। ଯାଚିକା-୨: ଏନ୍‌ଟିପିସି ର ଉତ୍ତର କର୍ଣ୍ଣପୁରା (3×660 ମେଗାୱାଟ) ଉତ୍ପାଦନ ପ୍ରକଳ୍ପରୁ ବିଦ୍ୟୁତ ନିକାସ ପାଇଁ ପାୱରଗ୍ରିଡ୍ ଦ୍ୱାରା କରାଯାଇଥିବା କାମ ଅଧୀନରେ ଥିବା ସମ୍ପତ୍ତି (ପୂର୍ବ ଅଞ୍ଚଳ) ପାଇଁ ଅନୁମୋଦନ।

୨. ଉପରୋକ୍ତ ଉଲ୍ଲିଖିତ ସଞ୍ଚାରଣ ବ୍ୟବସ୍ଥାର ଉପଭୋକ୍ତା/ଲାଭଭୋଗୀ ହେଉଛନ୍ତି: (i) ବିହାର ଷ୍ଟେଟ୍ ପାୱାର (ହୋଲ୍ଡିଂ) କମ୍ପାନୀ ଲିମିଟେଡ୍, (ii) ପଶ୍ଚିମବଙ୍ଗ ରାଜ୍ୟ ଇଲେକ୍ଟ୍ରିସିଟି ଡିଷ୍ଟ୍ରିବ୍ୟୁସନ୍ କର୍ପୋରେସନ୍ ଲିମିଟେଡ୍,(iii) ଗ୍ରିଡ୍ କର୍ପୋରେସନ୍ ଅଫ୍ ଓଡ଼ିଶା ଲିମିଟେଡ୍,(iv) ଦାମୋଦର ଭ୍ୟାଲି କର୍ପୋରେସନ୍,(v) ପାୱାର ଡିପାର୍ଟମେଣ୍ଟ, ସରକାର ଅଫ୍ ସିକ୍କିମ୍, ଗ୍ୟାଙ୍ଗଟକ୍, (vi) ଝାଡ଼ଖଣ୍ଡ ବିଜଳୀ ବିତରଣ ନିଗମ ଲିମିଟେଡ୍, (vii) ଏନ୍‌ଟିପିସି ଏବଂ (viii) ଏନ୍‌ଭେଟିଏନ୍।

୩. ଟାରିଫ୍ ବିବରଣୀ:

କ) ୨୦୧୪-୧୯ ବ୍ଲକ୍ ଟଙ୍କା (ଲକ୍ଷରେ)

| ପିଟିସନ୍ ବିବରଣୀ | ସମ୍ପତ୍ତି ବିବରଣୀ | COD | ୩୧.୦୩.୨୦୨୪ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣତା ମୂଲ୍ୟ | ଟ୍ୟାରିଫ୍ |
|---|---|---|---|---|
| Petition-1 | Asset-I | 01.08.2003 | 4414.32 | Revised AFC based on truing up |
| Petition-2 | Asset-1 | 31.03.2021 | 1598.27 | |
| | Asset-2 | 09.09.2021 | 2642.16 | |

| 2019-20 | 2020-21 | 2021-22 | 2022-23 | 2023-24 |
|---|---|---|---|---|
| 630.79 | 637.04 | 643.65 | 651.90 | 662.94 |
| - | 0.84 | 308.16 | 326.49 | 328.88 |
| - | - | 224.28 | 418.50 | 447.19 |

b) 2024-29 Block Rs in lakhs

| ପିଟିସନ୍ ବିବରଣୀ | ସମ୍ପତ୍ତି ବିବରଣୀ | ୩୧.୦୩.୨୦୨୯ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣତା ମୂଲ୍ୟ | ଟ୍ୟାରିଫ୍ |
|---|---|---|---|
| Petition-1 | Asset-I | 4501.65 | AFC |
| Petition-2 | Asset-1 | 1613.27 | |
| | Asset-2 | 3269.97 | |

| 2024-25 | 2025-26 | 2026-27 | 2027-28 | 2028-29 |
|---|---|---|---|---|
| 545.55 | 556.69 | 572.70 | 600.41 | 635.12 |
| 317.84 | 315.03 | 312.19 | 307.53 | 300.85 |
| 476.36 | 506.18 | 532.80 | 534.57 | 522.04 |

୪. ଟ୍ୟାରିଫ୍ ନିର୍ଧାରଣ ପାଇଁ ଦାଖଲ କରାଯାଇଥିବା ଆବେଦନର ଏକ ପ୍ରତିଲିପି ଆବେଦନକାରୀଙ୍କ ୱେବସାଇଟ୍ www.powergridindia.com ରେ ପ୍ରକାଶିତ ହୋଇଛି।

୫. ଆବେଦନରେ ଥିବା ଟ୍ୟାରିଫ୍ ନିର୍ଧାରଣ ପ୍ରସ୍ତାବ ଉପରେ ଯଦି କୌଣସି ବ୍ୟକ୍ତିଙ୍କର (ଲାଭଭୋଗୀମାନଙ୍କୁ ଅନ୍ତର୍ଭୁକ୍ତ କରି) ପରାମର୍ଶ କିମ୍ବା ଆପତ୍ତି ଥାଏ, ତେବେ ସେଗୁଡ଼ିକୁ ଏହି ବିଜ୍ଞପ୍ତି ପ୍ରକାଶିତ ହେବାର ୩୦ ଦିନ ମଧ୍ୟରେ କେନ୍ଦ୍ରୀୟ ବିଦ୍ୟୁତ୍ ନିୟାମକ ଆୟୋଗର ସଚିବଙ୍କ ନିକଟରେ ଦାଖଲ କରିବାକୁ ହେବ। ଆୟୋଗର କାର୍ଯ୍ୟାଳୟ ଅବସ୍ଥିତ ଠିକଣା ହେଉଛି: ୬ମ, ୭ମ ଓ ୮ମ ତଳ, ଟାୱାର୍ ବି, ୱର୍ଲ୍ଡ ଟ୍ରେଡ୍ ସେଣ୍ଟର, ନୌରୋଜୀ ନଗର, ନୂଆଦିଲ୍ଲୀ - ୧୧୦୦୨୯ (କିମ୍ବା ଆୟୋଗର କାର୍ଯ୍ୟାଳୟ ଯେଉଁ ଅନ୍ୟ ଠିକଣାରେ ଥିବ, ସେଠାରେ)। ଏହାର ଏକ ପ୍ରତିଲିପି ଆବେଦନକାରୀଙ୍କ କର୍ପୋରେଟ୍ କାର୍ଯ୍ୟାଳୟର ଠିକଣାକୁ ମଧ୍ୟ ପଠାଇବାକୁ ହେବ।

ସ୍ଥାନ: ଗୁରୁଗ୍ରାମ ସ୍ୱା/-
ତାରିଖ: ୦୯.୦୩.୨୦୨୬ ମହା ପ୍ରବନ୍ଧକ (ବ୍ୟବସାୟିକ)

ପାୱାରଗ୍ରିଡ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ ଲିମିଟେଡ୍
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
କର୍ପୋରେଟ୍ କାର୍ଯ୍ୟାଳୟ: 'ସୌଦାମିନୀ', ପ୍ଲଟ ନଂ ୨, ସେକ୍ଟର-୨୯, ଗୁରୁଗ୍ରାମ-୧୨୨୦୦୧, ହରିୟାଣା
ପଞ୍ଜିକୃତ କାର୍ଯ୍ୟାଳୟ: ବି-୯, କୁତୁବ ଇନ୍‌ଷ୍ଟିଚ୍ୟୁସନାଲ ଏରିଆ, କଟୱାରିଆ ସରାଇ, ନୂଆ ଦିଲ୍ଲୀ-୧୧୦୦୧୬
Website: www.powergrid.in, CIN: L40101DL1989GOI038121
A Maharatna PSU

PG/CC/Notice-92/Advt-113/2025-26

**AVAILABLE FOR SALE**

Vehicle : ICV – EICHER PRO 3019, Model: 2023, Regn No. OD-05-BK-5479 & quot;IN AS IS WHERE IS CONDITION & quot; Contact: Sundaram Finance Ltd., 1st Floor, Plot No- 3071/7712 & amp; 3072 OLD CINEMA HALL LANE DIST- DHENKANAL,759001, PH. NO- 06762-225481,9437102167, WITHIN 7 WORKING DAYS

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 92, dated 19.01.2026, I, BHANU MAHURIA, S/o - Dambaru Mahuria permanent resident of Village - Jagannathpur, PO - Jagannathpur, PS - Khatiguda, Dist - Nabarangpur, Odisha, Pin - 754078, declare that I have changed the name of my Daughter from BABI MAHURIA to BABITA MAHURIA. Henceforth, she shall be known as BABITA MAHURIA for all purposes.

Sd/- Bhanu Mahuria

**AFFIDAVIT**

By virtue of an affidavit sworn before the Executuve Magistrate, Nabarangpur, Vide no - 460, dated 06.03.2026, I, LAXMI JANI, W/o - Ashish Jani permanent resident of Village - Teliguda, PO - Majhiguda, PS - Nabarangpur, Dist - Nabarangpur, Odisha, Pin - 764059, declare that I have changed my name from **LAXMI to LAXMI JANI.** Henceforth, I shall be known as LAXMI JANI for all purposes.

Sd/- Laxmi Jani

**AFFIDAVIT**

By virtue of an affidavit **No. A28, dtd. 06.03.2026** before the **Notary Public, Paralakhemundi, Gajapati,** I, G P Titus Pani, S/o- Birat Chandra Pani, Vill/Po- Nuagada, Ps-Serango, Dist- Gajapati - 761214, do hereby declare that my correct name is Titus Pani but in some documents my name has been wrongly mentioned as G P Titus Pani. That both the names **G P Titus Pani and Titus Pani** refer to one and the same person i.e. myself.

25001/300/2526 E-Mail- eerwelelect.bam @yahoo.com

**GOVERNMENT OF ODISHA**
**OFFICE OF THE EXECUTIVE ENGINEER RURAL WORKSELECTRICAL DIVISION BERHAMPUR**
e-Procurement Notice No –EERWELBAM- 27/2025-26

| | | | |
|---|---|---|---|
| 1 | Name of the Work | :: | Electrical Shifting works. |
| 2 | Estimated Cost | :: | Rs.5.60 to 22.67 lakhs (Excluding GST) |
| 3 | Period of Completion | :: | 4 Months |
| 4 | Date & Time of availability of Bid documents in the Portal | :: | From Dt. 13.03.2026 at 11.00 A.M.to Dt-23.03.2026 up to 5.00 P.M |
| 5 | Date & Time of opening of tender | :: | 24.03.2026 at 1.00 P.M |
| 6 | Bid Identification No | :: | EERWELBAM– 27/ 2025-26 |
| 7 | Procurement officer/ Name and address of the officer inviting Bids. | :: | Executive Engineer, R.W EL.DIVN.BAM At- Near I.T Office Ambapua. Dist. –Ganjam,Berhampur Odisha. -760011 |

Further detail can be seen from the Govt. Web site www.tenderorissa.gov.in

Executive Engineer,
Rural Works Elect. Divn BAM

OIPR-25001/25190/1/25-26/0001

ଶ୍ରୀରାମ ନବମୀ ମହୋତ୍ସବ

# ମାତୃଭୂମି ପାଇଁ ଗଣଦୌଡ଼ରେ ହଜାର ହଜାର ରାମ ଭକ୍ତ

ଭଦ୍ରକ,୮।୩(ସମିସ)

ଭଦ୍ରକ ଶ୍ରୀରାମ ମହାଯଜ୍ଞ ସମିତି ଆନୁକୂଲ୍ୟରେ ରବିବାର ମାତୃଭୂମି ପାଇଁ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ଏହି ଗଣଦୌଡ଼ଟି ସକାଳ ୭ଟାରେ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟସ୍ଥ ମା' ତାରିଣୀ ମନ୍ଦିରଠାରୁ ଆରମ୍ଭ ହୋଇ ସହର ମଧ୍ୟ ଦେଇ ବାଇପାସସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ନିକଟରେ ସମାପ୍ତ ହୋଇଥିଲା। ମା' ତାରିଣୀଙ୍କ ମନ୍ଦିରରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ଗଣଦୌଡ଼କୁ ଶ୍ରୀରାମ ମହାଯଜ୍ଞ ସମିତିର ବରିଷ୍ଠ ଉପଦେଷ୍ଟା, ପୂର୍ବତନ ମନ୍ତ୍ରୀ ତଥା ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ଶ୍ରୀରାମ ମହାଯଜ୍ଞ ସମିତିର ସଭାପତି ବରିଷ୍ଠ ଆଇନଜୀବୀ ନିତ୍ୟାନନ୍ଦ ନାୟକ, କାର୍ଯ୍ୟକାରୀ ସଭାପତି ବ୍ୟୋମକେଶ ସେନାପତି, ସମିତିର ଉପଦେଷ୍ଟା ତଥା ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ସାଧାରଣ ସମ୍ପାଦକ ଶରତ ପଡ଼ିଆରୀ, ସଂଯୋଜକ ଗୋବିନ୍ଦ ରାଉତ, କୋଷାଧ୍ୟକ୍ଷ ନିରଞ୍ଜନ ସାହୁ ଶ୍ରୀଫଳ ବାଡ଼େଇ ଗୈରିକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଦଳମତ ନିର୍ବିଶେଷରେ ମାତୃଭୂମି ପାଇଁ ଉତ୍ସର୍ଗୀକୃତ ହଜାର ହଜାର ଯୁବକ, ଛାତ୍ରଛାତ୍ରୀ, ସାଧାରଣ ଜନତା, ମହିଳା ସାମୂହିକ ଭାବରେ ଏହି ଗଣଦୌଡ଼ରେ ସାମିଲ୍ ହୋଇଥିଲେ। ଭାରତ ମାତା କି ଜୟ, ବନ୍ଦେ ମାତରମ୍, ଜୟ ଶ୍ରୀରାମ ଧ୍ୱନୀରେ ସମଗ୍ର ଭଦ୍ରକ ସହରରେ ନିଆରା ପରିବେଶ ସୃଷ୍ଟି ହୋଇଥିଲା। ସହରର ବିଭିନ୍ନ ଛକରେ ମାତୃଶକ୍ତିଙ୍କ ଦ୍ୱାରା ପୁଷ୍ପ ଅର୍ପଣ କରାଯାଇ ସ୍ୱାଗତ କରାଯାଇଥିଲା।

ଆୟୋଜିତ ଗଣଦୌଡ଼ରେ ଶ୍ରୀରାମ ମହାଯଜ୍ଞ ସମିତିର ଉପସଭାପତି ତ୍ରିଲୋଚନ ନାୟକ, ସମ୍ପାଦକ ତୁଷାରକାନ୍ତ ଦାସ, ସ୍ୱରୂପାନନ୍ଦ ମହାପାତ୍ର, ଉପଦେଷ୍ଟା ଭଗବାନ ପଣ୍ଡା, ଦୀନବନ୍ଧୁ ପତି, ଅମ୍ବିକା ଦାସ, ସୁବ୍ରତ ନାୟକ, ରଶ୍ମିରଞ୍ଜନ ରାଉତ, ଡ. ପ୍ରଦୀପ ନାୟକ, ବଦ୍ରି ନାରାୟଣ ଧଳ, ସୁଧାଂଶୁ ନାୟକ, ବାଣୀକଲ୍ୟାଣ ମହାନ୍ତି, ଉଦୟ ନାରାୟଣ ମଲ୍ଲିକ, ପ୍ରୟାସକାନ୍ତି ସାମଲ, ବିଭୁ ଚନ୍ଦନ ଜେନା, ମନୋଜ ବସନ୍ତରାୟ, ସମୀର ଗୋସ୍ୱାମୀ, ସଞ୍ଜୀବ ମହାନ୍ତି, ଶ୍ରୀକାନ୍ତ ଲେଙ୍କା, ବସନ୍ତ ରାଉତ, ପୁରୁଷୋତ୍ତମ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ରାଷ୍ଟ୍ରୀୟ ଚେତନା, ରାଷ୍ଟ୍ରର ଅଖଣ୍ଡତା ମାତୃଭୂମିର ସେବା ଓ ରାଷ୍ଟ୍ରବାଦ ଉଦ୍ଦେଶ୍ୟରେ ନେଇ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଜିଲ୍ଲାର ସମସ୍ତ ସାମାଜିକ ସଂଗଠନର କର୍ମକର୍ତ୍ତା, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବିବିଧ କ୍ଷେତ୍ରର କାର୍ଯ୍ୟକର୍ତ୍ତାଗଣ, କ୍ରୀଡ଼ାବିତ୍, ବିଭିନ୍ନ କ୍ଲବ୍‌ର ସଦସ୍ୟ, ଆଧ୍ୟାତ୍ମିକ ସଂଗଠନ ଏବଂ ବିଭିନ୍ନ ରାଜନୈତିକ ଦଳର ମାନ୍ୟଗଣ୍ୟ ବ୍ୟକ୍ତି ଏଥିରେ ଯୋଗଦେଇଥିଲେ। ବୃନ୍ଦାବନ ଜେନା, ବିଶ୍ୱରଞ୍ଜନ ଦାସ, ରଞ୍ଜିତ ମହାପାତ୍ର, ପ୍ରତାପ ଦାସ, ସୁରେଶ ସାମଲ, ସରୋଜ ରାଉତ, ସନ୍ତୋଷ ଲେଙ୍କା, ମାନସ ବାରିକ, ଜ୍ଞାନ ପାଣି, ସୀତାରାମ ସେଠୀ, ବିଜୟ ଦାଶ, ସଞ୍ଜିତ୍ ନାୟକ, ମିଲନ୍ ବଳ, ରବି ସାହୁ, ଟୁକୁନା ସ୍ୱାଇଁ, ଦୁର୍ଗାଶଙ୍କର ଜେନା, ସୁଧିର ଦ୍ୱିବେଦୀ, ରଶ୍ମି ରଞ୍ଜନ ସାହୁ, ଶିବାନନ୍ଦ ଭଟ୍ଟାଚାର୍ଯ୍ୟ, ପିଣ୍ଟୁ ମିଶ୍ର, ଅପୂର୍ବ ବେହେରା, ସୁଜିତ୍ ପତି, ହେମନ୍ତ ମହାପାତ୍ର, ଚନ୍ଦନ ମହାପାତ୍ର, ସତ୍ୟ ପ୍ରକାଶ ବିଶ୍ୱାଳ, ସୁମନ ମହାପାତ୍ର, ମୁକେଶ ବାରିକ, ଜ୍ୟୋତି ପ୍ରକାଶ ସାହୁ, ଓଁକାର ମହାନ୍ତି ପ୍ରମୁଖ ଏହି ଗଣଦୌଡ଼ର ନେତୃତ୍ୱ ନେଇଥିଲେ। ପରବର୍ତ୍ତୀ ସମୟରେ ସମିତି ପକ୍ଷରୁ ଗୋ-ପୂଜନ, ସାଧୁସନ୍ଥ ପୂଜନ, ବାଇକ୍ ଶୋଭାଯାତ୍ରା, ବାଲ୍ ବଜରଙ୍ଗୀଙ୍କ ଦ୍ୱାରା ସାଇକଲ ଶୋଭାଯାତ୍ରା, ଅଯୋଧ୍ୟା ସମେତ ବିଭିନ୍ନ ତୀର୍ଥକ୍ଷେତ୍ରରୁ ଆଜ୍ଞାମାଳ ଯାତ୍ରା, କଳସ ଶୋଭାଯାତ୍ରା, ଅଖଣ୍ଡ ହନୁମାନ ଚାଳିଶା ପାଠ, ନଗର ସଂକୀର୍ତ୍ତନ ଶୋଭାଯାତ୍ରା ଭଳି ବିଭିନ୍ନ ଦିବସରେ ବିଭିନ୍ନ କାର୍ଯ୍ୟକ୍ରମ ସ୍ଥିର ହୋଇଛି ବୋଲି ସମ୍ପାଦକ ତଥା ଗଣମାଧ୍ୟମ ଓ ସୋସିଆଲ ମିଡିଆ ସଂଯୋଜକ ସ୍ୱାଧୀନ ସୁନ୍ଦର ଦାସ ପ୍ରକାଶ କରିଛନ୍ତି। ଚଳିତ ବର୍ଷ ନଗର ସଂକୀର୍ତ୍ତନରେ ୧୦ରୁ ୧୨ ଲକ୍ଷ ଭକ୍ତଙ୍କର ସମାବେଶ ହେବାର ଆଶା କରାଯାଇଛି।





## ତିହିଡ଼ି ଥାନା ଅଞ୍ଚଳରେ ମାତିଛନ୍ତି ଚୋର

ଦୋଳସାହି,୮।୩(ସମିସ): ତିହିଡ଼ି ଥାନା ଅଞ୍ଚଳରେ ବ୍ରାଉନ୍‌ସୁଗର ଓ ଗଞ୍ଜେଇ ବେପାରୀ, ଚୋରା ଦେଶୀ ମଦ ବେପାରୀ, ଚୋରା ସରକାରୀ ଦେଶୀ ଓ ବିଦେଶୀ ମଦ ବେପାରୀ ଖୁଲମ୍‌ଖୋଲା ବେପାର କରୁଥିବାବେଳେ ଏହାର ପ୍ରଭାବରେ ଯୁବକରୁ ବୃଦ୍ଧ ପଥଭ୍ରଷ୍ଟ ହୋଇ ପରିବାର ମଧ୍ୟରେ ଅଶାନ୍ତି ଉପୁଯାଉଛନ୍ତି। କେବଳ ସେତିକି ନୁହେଁ, ଅର୍ଥ ଅଭାବରୁ ବିଭିନ୍ନ ଧରଣର ଚୋରି କାର୍ଯ୍ୟରେ ଲିପ୍ତ ହେଉଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଅନୁସାରେ, ଗୁଆମାଳ ପଞ୍ଚାୟତର ବିଶ୍ୱନାଥପୁର ଗାଁର ଗୋବିନ୍ଦ ତରାଇଙ୍କ ପୁତ୍ର ରମେଶ ଚନ୍ଦ୍ର ତରାଇ ତାଙ୍କ ମୋଟର ସାଇକଲ (ନମ୍ବର୨୨ଏଚ୍ ୮୭୫୮)ଟିକୁ ନିଜ ଘର ସମ୍ମୁଖରେ ତାଲା ପକାଇ ରଖିଥିବାବେଳେ ଶନିବାର ବିଳମ୍ବିତ ରାତିରେ ଏହି ବାଇକ୍ ଚୋରି ହୋଇଥିବା ରବିବାର ତିହିଡ଼ି ଥାନାରେ ଅଭିଯୋଗ କରିଛନ୍ତି। ସେହିଭଳି ଆଖପାଖ ଅଞ୍ଚଳରେ ନିୟମିତ ଛୋଟବଡ଼ ଚୋରି ଘଟୁଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି।

## ଗଣିଜାଙ୍ଗ ପଞ୍ଚାୟତରେ ମହିଳାଙ୍କ ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ଗ୍ରାମସଭା



ବନ୍ତ/ଆଗରପଡ଼ା,୮।୩(ସମିସ): ବନ୍ତ ବ୍ଲକ୍ ଗଣିଜାଙ୍ଗ ଗ୍ରାମ ପଞ୍ଚାୟତରେ ରବିବାର ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ରଶ୍ମିତା ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସେବା ସମବାୟ ସମିତିର ସଭାପତି ରଞ୍ଜନ ସାହୁ, ସମାଜସେବୀ ଭୀମସେନ ସାମଲ, ପ୍ରାକ୍ତନ ସେବା ସମବାୟ ସମିତି ସଭାପତି ଜଗନ୍ନାଥ ପାଣିଗ୍ରାହୀ, ଅବସରପ୍ରାପ୍ତ ବ୍ୟାଙ୍କ୍ ଶାଖା ପରିଚାଳକ ରତ୍ନାକର ଦାଶ, ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରିଣୀ କ୍ରିଷ୍ଣାରାଣୀ ସାହୁ ପ୍ରମୁଖ ଯୋଗଦେଇ ଅନ୍ତର୍ଜାତୀୟ ମହିଳା ଦିବସରେ ନିଜ ନିଜର ମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଗଣିଜାଙ୍ଗ ଗ୍ରାମ ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟ/ସଭ୍ୟା, ଅଙ୍ଗନବାଡ଼ି କର୍ମୀ, ଆଶା, ଏସ୍‌ଏଚ୍‌ଜିର ଶତାଧିକ ମହିଳା ଉପସ୍ଥିତ ଥିଲେ। ଶେଷରେ ୱାର୍ଡ ସଭ୍ୟ ରଘୁନାଥ ରାହୁଳ ଧନ୍ୟବାଦ ଅର୍ପଣ କରିଥିଲେ।

## ସୂଚନା ପ୍ରଦାନରେ ବିଳମ୍ବତା ନେଇ ଅଭିଯୋଗ

ଦୋଳସାହି,୮।୩(ସମିସ): ସୂଚନା ଅଧିକାର ଆଇନକୁ ଅଣଦେଖା କରି ସୂଚନା ପ୍ରଦାନରେ ବିଳମ୍ବତା କରୁଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ତିହିଡ଼ି ବ୍ଲକ୍ ଅଧୀନ ଗୁଆମାଳ ପଞ୍ଚାୟତରେ ହୋଇଥିବା ଓ ଚାଲିଥିବା ବିଭିନ୍ନ ସରକାରୀ ଉନ୍ନୟନ କାର୍ଯ୍ୟରେ ଅନିୟମିତତା ହେଉଥିବା ନେଇ ଅଭିଯୋଗ ହୋଇଆସୁଛି। ଏନେଇ ସୂଚନା କର୍ମୀ ଜଗବନ୍ଧୁ ତ୍ରିପାଠୀ ଉକ୍ତ କାର୍ଯ୍ୟଗୁଡ଼ିକ ନେଇ ସୂଚନା ଅଧିକାରୀ ଆଇନରେ ସୂଚନା ମାଗିଥିଲେ। ତେବେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଉକ୍ତ ସୂଚନା ପ୍ରଦାନ କ୍ଷେତ୍ରରେ ବିଳମ୍ବ କରୁଥିବା ନେଇ ଅଭିଯୋଗକାରୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଗୁଆମାଳ ପଞ୍ଚାୟତର ଗଣେଶ୍ୱରପୁର ଗାଁର ଶ୍ରୀ ତ୍ରିପାଠୀ ଗୁଆମାଳ ପଞ୍ଚାୟତରେ ୨୦୨୨ରୁ ୨୦୨୫ ଡିସେମ୍ବର ମାସ ପର୍ଯ୍ୟନ୍ତ ଗ୍ରାମ ପଞ୍ଚାୟତର କେଉଁ ସୂତ୍ରରୁ କେତେ ଟଙ୍କା ଆଦାୟ ହୋଇଛି ଏବଂ ଉକ୍ତ ଅର୍ଥ କେଉଁ ବାବଦରେ କେତେ ଟଙ୍କା ଖର୍ଚ୍ଚ ହୋଇଛି, କେତେ ଟଙ୍କା ବଳକା ଅଛି ଓ ଗ୍ରାମ ପଞ୍ଚାୟତର ବ୍ୟବହୃତ ହେଉଥିବା ପାସ୍‌ବୁକ୍ କେତୋଟି ଅଛି ଆଦି ବିଭିନ୍ନ ଅଭିଯୋଗର ତଥ୍ୟ ପ୍ରଦାନ କରିବାକୁ ଗତ ୨ ମାସ ତଳେ ଆବେଦନ କରିଥିଲେ। ତେବେ ତାଙ୍କୁ ସୂଚନା ପ୍ରଦାନ କରାଯାଉ ନ ଥିବା ଅଭିଯୋଗ କରିଛନ୍ତି ଜଗବନ୍ଧୁ। ଏହି ଅଭିଯୋଗ ସମ୍ପର୍କରେ ଗୁଆମାଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ଅରୁଣ କୁମାର ପଣ୍ଡାଙ୍କୁ ଫୋନ୍ ଯୋଗେ ପଚାରିବାରୁ ଖୁବ୍‌ଶୀଘ୍ର ତଥା ପ୍ରଦାନ କରାଯିବ ବୋଲି କହିଛନ୍ତି।

● ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ

## ରବିନ୍ଦ୍ରଙ୍କ ଅଭିଯୋଗ ପରେ ଆର୍‌ଆଇଙ୍କ ତଦନ୍ତ ଆରମ୍ଭ

ଦୋଳସାହି,୮।୩(ସମିସ): ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ନେଇ ଦୀର୍ଘଦିନ ଧରି ସ୍ୱର ଉତ୍ତୋଳନ କରି ଚର୍ଚ୍ଚାରେ ଥିବା ଗୁଆମାଳର ରବିନ୍ଦ୍ର ଦଳାଇଙ୍କ ଅଭିଯୋଗର ତଦନ୍ତ କରିଛନ୍ତି ଦୋଳସାହି ଆର୍‌ଆଇ। ସୂଚନାଯୋଗ୍ୟ, ତିହିଡ଼ି ତହସିଲ୍ ଅଧୀନ ଦୋଳସାହି ରାଜସ୍ୱ ବିଭାଗ ଅଧୀନରେ କେତେକ ବ୍ୟକ୍ତି ଦୀର୍ଘଦିନ ହେବ ସରକାରୀ ଜମିକୁ ଜବରଦଖଲ କରିଥିବା ନେଇ ଗୁଆମାଳ ପଞ୍ଚାୟତ କୁମାରପୁର ଗାଁର ରବିନ୍ଦ୍ର ତିହିଡ଼ି ତହସିଲ୍‌ରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ନେଇ ଦୈନିକ "ସକାଳ'ରେ ଖବର ପ୍ରକାଶିତ ହୋଇଥିଲା। ଖବର ପ୍ରକାଶ ପାଇବା ପରେ ତିହିଡ଼ି ତହସିଲ୍‌ଦାର ଜୟଦ୍ରଥ ଆଚାର୍ଯ୍ୟଙ୍କ ନିର୍ଦ୍ଦେଶ କ୍ରମେ ଗତ ଶନିବାର ତିହିଡ଼ି ତହସିଲ୍ ସୁପରଭାଇଜର ଧନେଶ୍ୱର ମାରାଣ୍ଡି ଓ ଦୋଳସାହି ରାଜସ୍ୱ ନିରୀକ୍ଷକ(ଆର୍‌ଆଇ) ସୁଜାତା ଦାସ କ୍ଷେତ୍ରୀୟ ତଦନ୍ତ କରିଛନ୍ତି। ସେହିପରି ଏହି ଅଭିଯୋଗକୁ ନେଇ ରାଜନୀତି ସରଗରମ ହେଉଥିବା ଦେଖିବାକୁ ମିଳୁଛି।

ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ

## ଦେଶର ପ୍ରଗତିରେ ନାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ




ଭଦ୍ରକ,୮।୩(ସମିସ): ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକଙ୍କ ପ୍ରଦତ୍ତ କାର୍ଯ୍ୟକ୍ରମ ଅନୁସାରେ ଭଦ୍ରକ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଭାରାପ୍ରାପ୍ତ ଅଧ୍ୟକ୍ଷ ପ୍ରଭାତ କୁମାର ରାଜଗୁରୁଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କ ଦ୍ୱାରା ଭଦ୍ରକ ଚରମ୍ପା ରହଣିଆଠାରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଭରପ୍ରାପ୍ତ ସଚିବ ଶ୍ରୀମତୀ ଶିବାନୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ଦେଶର ପ୍ରଗତୀରେ ନାରୀମାନଙ୍କ ଭୂମିକା ବହୁତ ଗୁରୁତ୍ୱପୂର୍ଣ୍ଣ। ନାରୀ ଓ ପୁରୁଷ ହେଉଛନ୍ତି ସମାଜର ଦୁଇଟି ମୁଖ୍ୟ ଅଙ୍ଗ। ଜଣଙ୍କ ବିନା ଅନ୍ୟ ଜଣଙ୍କ ସ୍ଥିତି ଅସମ୍ଭବ ଓ ସମାଜରେ ମହିଳାମାନଙ୍କ ଭୂମିକା ବହୁତ ଗୁରୁତ୍ୱପୂର୍ଣ୍ଣ। ମହିଳାମାନଙ୍କୁ ଶିକ୍ଷିତ କରିବା ସହ ସେମାନଙ୍କୁ ଉଚିତ୍ ସମ୍ମାନ ଦେବା। ଜିଲ୍ଲା ଆଇନ ସେବା ପ୍ରାଧିକରଣର ଏଏଲ୍‌ଡିଏସ୍ ସହାୟକ ଡ. ତାପସ କୁମାର ମହାନ୍ତି, ନେପାଳ ଚନ୍ଦ୍ର ଦାସ, ସଦସ୍ୟ, ସ୍ଥାୟୀ ଏବଂ ନିରନ୍ତର ଲୋକ ଅଦାଲତ, ଭଦ୍ରକ ତଥା ପାରା ଲିଗାଲ ସ୍ୱେଚ୍ଛାସେବୀ, ଭଦ୍ରକଙ୍କ ଦ୍ୱାରା ଏକ ଶୋଭାଯାତ୍ରା ବାହାରି ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ସଚେତନ କରାଯାଇଥିଲା। ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମୀଗଣ ପରିଚାଳନାରେ ସହଯୋଗ କରିଥିଲେ।

## ଜ୍ୟୋତିର୍ବିତ୍ ଅଶ୍ୱିନୀ ପଣ୍ଡାଙ୍କ ପରଲୋକ

ବନ୍ତ/ଆଗରପଡ଼ା,୮।୩(ସମିସ): ଆଗରପଡ଼ା ଅଞ୍ଚଳର ବିଶିଷ୍ଟ ଜ୍ୟୋତିର୍ବିତ୍ ତଥା ପୁରୁଷଣ୍ଡ ସେବା ସମବାୟ ସମିତିର ପୂର୍ବତନ ସଭାପତି ଅଶ୍ୱିନୀ ପଣ୍ଡା(୭୦)ଙ୍କ ପରଲୋକ ଘଟିଛି। ଗତ କିଛି ମାସ ଧରି ସେ ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସ୍ୱର୍ଗତ ପଣ୍ଡା ଜଣେ ସରଳ, ଧାର୍ମିକ, ପରୋପକାରୀ ବ୍ୟକ୍ତି ଥିଲେ। ବିଶିଷ୍ଟ ଜ୍ୟୋତିର୍ବିତ୍ ଭାବରେ ସେ ବେଶ୍ ଜଣାଶୁଣା ଥିଲେ। ସ୍ୱର୍ଗତ ପଣ୍ଡା ଆଗରପଡ଼ା ନିକଟସ୍ଥ ବଡ଼ ମହିଁଷଗୋଠ ପଞ୍ଚାୟତ ବଡ଼ଶାସନ ଗ୍ରାମର ବିଶିଷ୍ଟ ବ୍ୟକ୍ତି ସ୍ୱର୍ଗତ ଭାବଗ୍ରାହୀ ପଣ୍ଡାଙ୍କ ପୁତ୍ର ଅଟନ୍ତି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଏକମାତ୍ର ପୁତ୍ର ଲକ୍ଷ୍ମୀନାରାୟଣ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ସମଗ୍ର ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।



● ବାଲିମେଦ ପଞ୍ଚାୟତ ଦୋଳ ମହୋତ୍ସବ ଉଦ୍‌ଘାଟିତ

## 'ଆମ ସଂସ୍କୃତି ଆମ ପରମ୍ପରା ଏକତା ଡୋରିରେ ବାନ୍ଧି ରଖେ'





ବାସୁଦେବପୁର,୮।୩(ସମିସ): ବାସୁଦେବପୁର ବ୍ଲକ୍ ବାଲିମେଦ ପଞ୍ଚାୟତର ମେଳନ ପଡ଼ିଆର ଦୋଳ ମହୋତ୍ସବ-୨୦୨୬ ଉଦ୍‌ଘାଟିତ ହୋଇଯାଇଛି। ଆୟୋଜିତ ୨ୟ ବାର୍ଷିକ ଦୋଳ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦୈନିକ "ସମୟ'ର ମୁଖ୍ୟ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ମହାପାତ୍ର କହିଥିଲେ, ଆମ ସଂସ୍କୃତି ଓ ପାରମ୍ପରିକ ଉତ୍ସବ ଏକତା ଡୋରିରେ ଆମକୁ ବାନ୍ଧି ରଖେ। ମୁଖ୍ୟବକ୍ତା ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଯୋଗଦେଇ କହିଥିଲେ ଗାଁ ଗଣ୍ଡାର ପ୍ରଚଳିତ ସାଂସ୍କୃତିକ, ପାରମ୍ପରିକ ପର୍ବ ଆମକୁ ଭାଇଚାରାର ଝଲକ ମଧ୍ୟରେ ଭେଦଭାବ ଭୁଲି ଏକତା ଡୋରିରେ ବାନ୍ଧି ରଖେ। ବରେଣ୍ୟ ଅତିଥି ଭାବେ ଚଳଚ୍ଚିତ୍ର ଅଭିନେତା ଅଶ୍ରୁମୋଚନ ମହାନ୍ତି, ଏଏସ୍‌ପି ଅରୂପ ଅଭିଷେକ ବେହେରା, ବାଣୀକଲ୍ୟାଣ ମହାନ୍ତି, ସୁଶିଲ କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଦୋଳ ମହୋତ୍ସବ କମିଟିର ସଭାପତି ସୋମନାଥ ମହାକୁଡ଼ ଓ ସମ୍ପାଦକ ରଶ୍ମିରଞ୍ଜନ ପଟ୍ଟନାୟକ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ନରେନ୍ ବିଶ୍ୱାଳ ଆୟୋଜିତ ସଭାରେ ସଂଯୋଜନା କରିଥିଲେ। ଦୋଳ ମେଳନ କମିଟି ପକ୍ଷରୁ ପୁରାତନ କଳାକାରମାନଙ୍କୁ ଟ୍ରଫି ଓ ଉପଢ଼ୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଦୋଳ ମହୋତ୍ସବ ଦେଖିବାକୁ ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲା।

## ଧବଳେଶ୍ୱର ମହିଳା ମହାସଂଘ ପକ୍ଷରୁ ମହିଳା ଦିବସ

ବନ୍ତ/ଆଗରପଡ଼ା,୮।୩(ସମିସ): ବନ୍ତ ବ୍ଲକ୍ କାଦବରାଙ୍ଗ ପଞ୍ଚାୟତ ବାବା ଧବଳେଶ୍ୱର ମହିଳା ମହାସଂଘ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। କାଦବରାଙ୍ଗ ପଞ୍ଚାୟତ ଏମ୍‌ବିକେ କମଳା ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରାକ୍ତନ ସରପଞ୍ଚ ଭାଗିରଥି ସେଠୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଆଇନଜୀବୀ ବିନୟ କୁମାର ସ୍ୱାଇଁ, ମୁଖ୍ୟବକ୍ତା ଆଗରପଡ଼ା ଥାନା ଏସ୍‌ଆଇ ଇଭାରାଣୀ ପରିଡ଼ା, ସମ୍ମାନିତ ଅତିଥି ସ୍ୱେଚ୍ଛାସେବୀ ଡ. ସ୍ମୃତିରେଖା ରାଉତ୍, ବନ୍ତ ବ୍ଲକ୍ ମହିଳା ମହାସଂଘ ସଭାପତି ରୀନାରାଣୀ ମଲ୍ଲିକ, ସରପଞ୍ଚ ତଅପୋଇ ସେଠୀ, ଖଇରା ମହାବିଦ୍ୟାଳୟର ଅଧ୍ୟାପକ ଚିରଞ୍ଜିବୀ ଦାସ, ରିଲାଏନ୍ସ ଫାଉଣ୍ଡେସନର ସସ୍ମିତା ଦାସ, ପ୍ରାକ୍ତନ ସମିତିସଭ୍ୟ ରମେଶ ଚନ୍ଦ୍ର ପହି, ଶିକ୍ଷାବିତ୍ ଆଦିତ୍ୟ ପ୍ରସାଦ ଜେନା, ସମାଜସେବୀ କିଶୋର କୁମାର ରାଉତ ପ୍ରମୁଖ ଯୋଗଦେଇ ଜଗତର ନାଥ ଜଗନ୍ନାଥଙ୍କ ପାଖରେ ପୁଷ୍ପମାଲ୍ୟ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରି ଉକ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ମହିଳାମାନେ ଆଗକୁ ଆସିଲେ ରାଜ୍ୟ ଆଗେଇବା ସହିତ ଦେଶ ଆଗେଇବ ବୋଲି କହିଥିଲେ। ଏହା ସହିତ ପଞ୍ଚାୟତରେ ମଦ କିପରି ବିକ୍ରି କରା ନ ଯିବା ସହିତ ମଦମୁକ୍ତ ପଞ୍ଚାୟତ ପାଇଁ ମଧ୍ୟ ଶପଥ ନେଇଥିଲେ। ଏହି ଅବସରରେ ମହିଳା ମହାସଂଘର ବାର୍ଷିକ କ୍ରୀଡ଼ା ଉତ୍ସବର ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଏବଂ ୩ୟ ସ୍ଥାନ ଅଂଶ ଗ୍ରହଣ କରିଥିବା ପ୍ରତିଯୋଗୀଙ୍କୁ ଟ୍ରଫି ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ରବିବାର ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ବୟସ୍କ ମହିଳାଙ୍କୁ ସମ୍ମାନିତ କରାଯାଇଥିଲା ଏବଂ କୁନି କୁନି କଳାକାରଙ୍କୁ ମାନପତ୍ର ପ୍ରଦାନ କରିଥିଲେ ଅତିଥି। ଧବଳେଶ୍ୱର ମହିଳା ମହାସଂଘର ସଭାପତି ରୁନୁଲତା ଜେନା, ସମ୍ପାଦକ ସରୋଜିନୀ ନାୟକ, ଗୀତାଞ୍ଜଳି ପଣ୍ଡା, ବେବିନା ମହାନ୍ତି, ଦୀପ୍ତିମୟୀ ଗିରି, ଅନ୍ନପୂର୍ଣ୍ଣା ଜେନା, ନମିତା ଖଣ୍ଡା, ମିନତି ମହାନ୍ତି, ସନ୍ଧ୍ୟାରାଣୀ ରାଉତ୍, ସତ୍ୟସ୍ନିଗ୍ଧା ପାଣିଗ୍ରାହୀ, ଜୟନ୍ତୀ ପଢ଼ିହାରୀ, ମମତା ମଣ୍ଡଳ, ନମିତା ଜେନା, ସବିତା ଜେନା, ପୂର୍ଣ୍ଣିମା ଜେନାଙ୍କ ସମେତ ପିଜି ସଭ୍ୟା, ଗୀତାଞ୍ଜଳି ଟେଲର୍ଗିଂ, ଉତ୍ପାଦିକା ଗୋଷ୍ଠୀ ଓ ବାବା ଧବଳେଶ୍ୱର ପଞ୍ଚାୟତ ମହିଳା ମହାସଂଘର କର୍ମକର୍ତ୍ତା ସହଯୋଗ କରିଥିଲେ। ଏହି ଅବସରରେ ମହାସଂଘ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା।



## ଇରାନ ଉପରେ ମିଳିତ ଆକ୍ରମଣକୁ ସିପିଆଇ(ଏମ୍)ର ନିନ୍ଦା

ଭଦ୍ରକ,୮।୩(ସମିସ): ବିଶ୍ୱର ଅନ୍ୟତମ ସ୍ୱାଧୀନ ସାର୍ବଭୌମ ରାଷ୍ଟ୍ର ଭେନେଜୁଏଲାର ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କୁ ଯୁକ୍ତରାଷ୍ଟ୍ର ଆମେରିକାର ସେନାବାହିନୀ ଅପହରଣ ଓ ବନ୍ଦି କଲା ପରେ ଗତ ଫେବୃଆରୀ ୨୮ ତାରିଖରେ ଇରାନର ସର୍ବୋଚ୍ଚ ନେତା ଆୟୋତଲା ଅଲ୍ଲୀ ଖାମେନେଇଙ୍କୁ ହତ୍ୟା ସମେତ ଲଗାତର ଭାବେ ଇରାନ ଉପରେ ଆକ୍ରମଣ କରି ଇରାନର ହଜାର ହଜାର ସାଧାରଣ ନାଗରିକ ଓ ଶିଶୁମାନଙ୍କୁ ହତ୍ୟା କରିଛନ୍ତି। ଏହି ଯୁଦ୍ଧ ମଧ୍ୟପ୍ରାଚ୍ୟରୁ ଆରମ୍ଭ ହୋଇ ପୃଥିବୀର ୯ଟି ରାଷ୍ଟ୍ରକୁ ବ୍ୟାପିଛି। ମିଳିତ ଜାତିସଂଘ ଓ ଅନ୍ତର୍ଜାତୀୟ ଶାନ୍ତି ଆଇନକୁ ଯୁକ୍ତରାଷ୍ଟ୍ର ଆମେରିକା ଓ ଇସ୍ରାଏଲ୍ ମାନୁ ନ ଥିବାରୁ ବର୍ତ୍ତମାନ ୩ୟ ବିଶ୍ୱଯୁଦ୍ଧର ଆଶଙ୍କା ଦେଖାଯାଇଛି। ଯୁକ୍ତରାଷ୍ଟ୍ର ଆମେରିକା ଓ ଇସ୍ରାଏଲର ଏହି ଗଣହତ୍ୟାକୁ ବିରୋଧ କରି ସିପିଆଇ(ଏମ୍) ଭଦ୍ରକ ଜିଲ୍ଲା କମିଟି ପକ୍ଷରୁ ଏକ ପ୍ରତିବାଦ ସଭା ବନ୍ତ ଛକଠାରେ ଅନୁଷ୍ଠିତ ହୋଇଯାଇଛି। ପୃଥିବୀର ବିଭିନ୍ନ ରାଷ୍ଟ୍ର ଆମେରିକା ଓ ଇସ୍ରାଏଲର ଏହି ଗଣହତ୍ୟା ଓ ବେଆଇନ ଯୁଦ୍ଧ ଅଭିଯାନକୁ ବିରୋଧ କରିଥିବାବେଳେ ଭାରତ ସରକାର ଚୁପ୍ ରହିବା ଘଟଣାକୁ ସିପିଆଇ(ଏମ୍) ଭଦ୍ରକ ଜିଲ୍ଲା କମିଟି ତୀବ୍ର ନିନ୍ଦା କରିଛି। ଭାରତର ଚିର ଦିନର ବନ୍ଧୁ ରାଷ୍ଟ୍ର ଇରାନ ସପକ୍ଷରେ ଓ ଯୁଦ୍ଧ ବିରୋଧରେ ଭାରତ ସରକାର ନିଜର ଅବସ୍ଥାନ ସ୍ପଷ୍ଟ କରିବାକୁ ସିପିଆଇ(ଏମ୍) ଦାବି କରିଛି। ଋଷରୁ ଭାରତ ସରକାର ତୈଳ କିଣିବା ସମ୍ପର୍କରେ ୩୦ ଦିନ ଆମେରିକା ଅନୁମତି ଦେବା ଘଟଣା ଭାରତର ସାର୍ବଭୌମ ପ୍ରତି ଆକ୍ରମଣ ଓ ଏହି ଘଟଣାରେ ଭାରତର ପ୍ରଧାନମନ୍ତ୍ରୀ ଚୁପ୍ ରହିବା ଘଟଣାକୁ ସିପିଆଇ(ଏମ୍) ନେତୃମଣ୍ଡଳୀ ତୀବ୍ର ନିନ୍ଦା କରିଥିଲେ। ଏହି ପ୍ରତିବାଦ ସଭାରେ ସିପିଆଇ(ଏମ୍) ଭଦ୍ରକ ଜିଲ୍ଲା ସମ୍ପାଦକ ଦିବ୍ୟସିଂହ ନାୟକ, ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ପ୍ରଫୁଲ୍ଲ ପାଢ଼ୀ, ବିଷ୍ଣୁ ଦାଶ, ପ୍ରଭାସ ମହାପାତ୍ର, ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ମଳୟ ଭୋଇ, ଗିରିଧାରୀ ନାଥ, ଜୟନୂଲ ଆବେଦିନ, କାଳନ୍ଦି ପାତ୍ର, ପ୍ରତାପ ସେଠୀ, ବରିଷ୍ଠ ନେତା ନିରଞ୍ଜନ ପାଣି, ଚନ୍ଦ୍ରଶେଖର ନାୟକ, ଅଶୋକ ବେହେରା, ସତ୍ୟମୂର୍ତ୍ତି ବେହେରା, ବୀରସେନ ଯେନା, ଭାଗବତ ସେନାପତି ପ୍ରମୁଖ ଯୋଗଦେଇ ଆମେରିକା ସାମ୍ରାଜ୍ୟବାଦ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ଏହି ସାମ୍ରାଜ୍ୟବାଦୀ ଯୁଦ୍ଧ ବିରୋଧରେ ଆଗାମୀ ଦିନରେ ଜିଲ୍ଲାବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ସିପିଆଇ(ଏମ୍) ନେତୃତ୍ୱ ପ୍ରକାଶ କରିଥିଲେ।




# ଲେମ୍ବୁ ଦରକୁ ନେଇ ଚିନ୍ତାରେ ଗ୍ରାହକ

ବନ୍ତ/ଆଗରପଡ଼ା,୮।୩(ସମିସ):



ଭଦ୍ରକ ଜିଲ୍ଲାରେ ଲେମ୍ବୁ ଦର ଆକାଶଛୁଆଁ ହୋଇଛି। ଏହାର ପ୍ରଭାବ ବନ୍ତ ବ୍ଲକ୍‌ରେ ଦେଖିବାକୁ ମିଳିଛି। ଯାହାକି ଗ୍ରାହକଙ୍କ ଚିନ୍ତାର କାରଣ ପାଲଟିଛି। ଏବେ ବଜାରରେ ଗୋଟିଏ ଲେମ୍ବୁ ୫ ଟଙ୍କାରୁ ଅଧିକ ଦରରେ ବିକ୍ରି ହେଉଛି। ବନ୍ତ ବ୍ଲକ୍ ଏକ କୃଷିପ୍ରଧାନ ଅଞ୍ଚଳ ହୋଇଥିଲେ ସୁଦ୍ଧା ଚଳିତ ବର୍ଷ ଅଦିନିଆ ବର୍ଷାର ପ୍ରଭାବ ଚାଷ କ୍ଷେତ୍ରରେ ପଡ଼ିଥିବାରୁ ଲେମ୍ବୁର ଉତ୍ପାଦନ ଆବଶ୍ୟକତାଠାରୁ ଯଥେଷ୍ଟ କମ୍ ହୋଇଛି। ତେଣୁ ଆବଶ୍ୟକତାକୁ ଆଖି ଆଗରେ ରଖି ଏହାକୁ ଅନ୍ୟ ରାଜ୍ୟ ଓ ଜିଲ୍ଲାରୁ ଆମଦାନୀ କରାଯାଉଛି। ଯଦ୍ୱାରା ବେପାରୀମାନେ ଚଢ଼ା ଦରରେ କିଣିବାକୁ ବାଧ୍ୟ ହେଉଛନ୍ତି। ବେପାରୀମାନେ ଚଢ଼ା ଦରରେ କିଣୁଥିବାରୁ ବର୍ତ୍ତମାନ ୩/୪ଟି ଛୋଟ ଛୋଟ ଲେମ୍ବୁକୁ ଗ୍ରାହକମାନଙ୍କୁ ୨୦ ଟଙ୍କା ପାଖାପାଖି ଖର୍ଚ୍ଚ କରିବାକୁ ପଡୁଛି। ଏହି ଛୋଟ ଛୋଟ ଲେମ୍ବୁରୁ ଆବଶ୍ୟକୀୟ ପାଣି ମଧ୍ୟ ବାହାରୁ ନ ଥିବା ଜାଣିବାକୁ ମିଳିଛି।

ବର୍ତ୍ତମାନ ଦିନକୁ ଦିନ ଖରାର ପ୍ରଭାବ ବଢୁଥିବାବେଳେ ଲେମ୍ବୁର ଆବଶ୍ୟକତା ମଧ୍ୟ ବଢୁଛି। କିନ୍ତୁ ଲେମ୍ବୁର ଦର ବୃଦ୍ଧି ଚିନ୍ତାର କାରଣ ପାଲଟିଛି। ଆଗକୁ ବିଭିନ୍ନ ପର୍ବପର୍ବାଣି ରହିଥିବାରୁ ଏହାର ଅଭାବ ବେପାରୀଙ୍କଠାରୁ ଆରମ୍ଭ କରି ଗ୍ରାହକଙ୍କ ପାଇଁ ଆଉ ଏକ ସମସ୍ୟା ସୃଷ୍ଟି କରିବାକୁ ଯାଉଛି। ପୂର୍ବରୁ ଖରାଦିନେ ଲେମ୍ବୁ ସର୍ବତ ଦୋକାନମାନ କରି କିଛି ଲୋକ ନିଜର ପରିବାର ପ୍ରତିପୋଷଣ କରିଆସୁଥିଲେ। କିନ୍ତୁ ଚଳିତ ବର୍ଷ ଖରାର ପ୍ରଭାବ ଦିନକୁ ଦିନ ବଢ଼ି ଚାଲିଥିବାବେଳେ ଲେମ୍ବୁର ଚଢ଼ା ଦର ଯୋଗୁଁ ଆଉ ଲେମ୍ବୁ ସର୍ବତ ଦୋକାନ ଦେଖିବାକୁ ମିଳୁନି। ବିଭିନ୍ନ ହୋଟେଲ ଏବଂ ରେସ୍ତୋରାଁ ଆଦିକୁ ଖାଇବାକୁ ଗଲେ ସାଲାଟ୍‌ରେ ଆଉ ଲେମ୍ବୁ ଦେଖିବାକୁ ମିଳୁନି। ଆଧୁନିକ ଯୁଗରେ ନିଜର ଜୀବନଶୈଳୀରେ ପରିବର୍ତ୍ତନ ଆଣିବାକୁ ଯାଇ ମନୁଷ୍ୟ ବିଭିନ୍ନ ପ୍ରକାର ରୋଗରେ ଆକ୍ରାନ୍ତ ହେଉଥିବାବେଳେ ଲେମ୍ବୁ ଏପରି ଏକ ଫଳ ଯାହା ବହୁ ରୋଗ ଉପଶମ କରିବାରେ ସାହାଯ୍ୟ କରିଥାଏ। କିନ୍ତୁ ଏପରି କ୍ଷେତ୍ରରେ ଏହାର ଅଭାବ ମଧ୍ୟ ବହୁ ମାତ୍ରାରେ ପରିଲକ୍ଷିତ ହେଉଛି। ବନ୍ତ ବ୍ଲକ୍ ଏକ କୃଷିପ୍ରଧାନ ଅଞ୍ଚଳ ହୋଇଥିବାବେଳେ ଏଠାକାର ଚାଷୀ ପନିପରିବା ଚାଷ ପ୍ରତି ଆଗ୍ରହ ପ୍ରକାଶ କରୁଥିବାବେଳେ ଲେମ୍ବୁ ଚାଷ ପ୍ରତି ଆଗ୍ରହ ପ୍ରକାଶ କରୁ ନ ଥିବାରୁ ଏହାର ଉତ୍ପାଦନ କମ୍ ହେଉଥିବା ଜଣାପଡ଼ିଛି। ତେଣୁ ବିଭିନ୍ନ କ୍ଷେତ୍ରରେ ଏହାର ଅଭାବ ପରିଲକ୍ଷିତ ହେଉଛି। କୃଷି ବିଭାଗ ପକ୍ଷରୁ ଖରା ଦିନରେ ଲେମ୍ବୁର ଉତ୍ପାଦନ ପାଇଁ ଚାଷୀଙ୍କୁ ଉତ୍ସାହିତ କରାଯାଇପାରିଲେ ଏହାର ଅଭାବରେ ପରିବର୍ତ୍ତନ ଆସିପାରନ୍ତା ବୋଲି ବୁଦ୍ଧିଜୀବୀଙ୍କ ସମେତ ପରିବେଶବିତ୍‌ମାନେ ମତପ୍ରକାଶ କରିଛନ୍ତି। ତେଣୁ ବିଭିନ୍ନ ପ୍ରକାର ଯୋଜନା ମାଧ୍ୟମରେ ଖରାଦିନରେ ଲେମ୍ବୁର ଉତ୍ପାଦନ ମାତ୍ରାରେ ପରିବର୍ତ୍ତନ ଆଣିବା ପାଇଁ କୃଷି ବିଭାଗ ଚେଷ୍ଟିତ ହେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

# ପ୍ରସିଦ୍ଧ ଚୁଡ଼ାକୁଟି ମେଳଣ ମହାସମାରୋହରେ ଉଦ୍‌ଯାପିତ

ଧାମନଗର,୮।୩(ସମିସ)



ଧାମନଗର ବ୍ଲକ୍ ଚୁଡ଼ାକୁଟି ପଞ୍ଚାୟତଠାରେ ପ୍ରସିଦ୍ଧ ଐତିହାସିକ ଚୁଡ଼ାକୁଟି ମେଳଣ ମହାସମାରୋହରେ ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଛି। ପ୍ରକାଶ ଯେ, ଚୁଡ଼ାକୁଟି ପଞ୍ଚୁଦୋଳ ଦୀର୍ଘ ୫୧ ବର୍ଷର ପରମ୍ପରାକୁ ଅବିରତ ଜାରି ରଖିଛି। ସ୍ୱର୍ଗତ ନରେନ୍ଦ୍ର ପାଢ଼ୀ ଓ ସଚ୍ଚିଦାନନ୍ଦ ସାହୁଙ୍କ ପ୍ରୟାସରେ ଆରମ୍ଭ ହୋଇଥିବାବେଳେ ଏହି ମେଳଣ ଆଜି ସ୍ଥାନୀୟ ସାମାଜିକ ଓ ଧାର୍ମିକ ଜୀବନର ଏକ ଅବିଭାଜ୍ୟ ଅଂଶରେ ପରିଣତ ହୋଇଛି। ଏବେର ମେଳଣ କମିଟି ସଭାନେତ୍ରୀ ତଥା ବର୍ତ୍ତମାନର ସରପଞ୍ଚ କସ୍ତୁରୀ ବିଶ୍ୱାଳ, କାର୍ଯ୍ୟକାରୀ ସଭାପତି ନରେନ୍ଦ୍ର ଦାସ, ସମ୍ପାଦକ ଚକ୍ରଧର ଗୋଚ୍ଛାୟତ, ସମିତିସଭ୍ୟ ଜ୍ଞାନରଞ୍ଜନ ମହାକୁଡ଼, ସଦସ୍ୟ ରାହାସ ମଲ୍ଲିକ, ଉମାକାନ୍ତ ସାମଲ, ସନ୍ତୋଷ ପଲାଇ, ଶ୍ରୀଧର ରାଉତ, ନସିରୁଦ୍ଦିନ୍ ଶାହା, ଅନ୍ତ ପ୍ରସାଦ ଦାସ ପ୍ରମୁଖଙ୍କ ସମ୍ମିଳିତ ଏବଂ ଦଇପୁର ଓ ସରେଇ ଚୁଡ଼ାକୁଟି ପଞ୍ଚାୟତବାସୀଙ୍କ ସହଯୋଗରେ ଏବଂ ସମସ୍ତ ଠାକୁର ବାଡ଼ିଆଙ୍କ ପ୍ରୟାସରେ ଏହି ମେଳଣ ଗତ ଶୁକ୍ରବାର ରାତିରେ ଆରମ୍ଭ ହୋଇ ରବିବାର ସମସ୍ତ ବିମାନ ନିଜ ନିଜ ଠାକୁର ବାଡ଼ିକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଚଳିତ ବର୍ଷର ମେଳଣରେ ପ୍ରତିବର୍ଷ ପରି ବିଦ୍ୟାଧରପୁର ଥାନପତି ମେଢ଼ ପ୍ରଥମେ ମେଳଣ ପଡ଼ିଆରେ ପହଞ୍ଚିବା ପରେ, ଦ୍ୱିତୀୟରେ ଜାଗୁଳିସାହି, ପଳସା, ସୋରିଷଡିହ, ନାରାୟଣପୁର, କୁସୁମା, ମାଙ୍କିଡ଼ିଆ, ସରେଇ ଶେଷରେ ତାମ୍ପଳା ପ୍ରମୁଖ ୯ଟି ମେଢ଼ ବହୁ ସାଜସଜ୍ଜା ସହିତ ନିଜ ବିମାନକୁ ନେଇ ମେଳଣ ପଡ଼ିଆ ଭିତରକୁ ପ୍ରବେଶ କରିଥିଲେ। ଏହି ମେଳଣ ଦେଖିବା ପାଇଁ ଜିଲ୍ଲା ଓ ଜିଲ୍ଲା ବାହାରୁ ବହୁ ଦର୍ଶକ ଚୁଡ଼ାକୁଟି ବଜାରରେ ପହଞ୍ଚିଥିଲେ। ଭକ୍ତ ଓ ଭଗବାନଙ୍କ ମିଳନର ଏହି ଦୃଶ୍ୟକୁ ଦେଖିବା ପାଇଁ ଅନେକ ଶ୍ରଦ୍ଧାଳୁ ଏକତ୍ରିତ ହୋଇଥିଲେ। ରଙ୍ଗବେରଙ୍ଗର ଆଲୋକମାଳା, ଡିଜେ, ଆତସବାଜିର ଧ୍ୱନୀ ଓ ଭକ୍ତିମୟ ସଙ୍ଗୀତରେ ସମଗ୍ର ମେଳଣ ପଡ଼ିଆ ପ୍ରକମ୍ପିତ ହୋଇଥିଲା। ଚୁଡ଼ାକୁଟି ମେଳଣ କେବଳ ଧାର୍ମିକ ଉତ୍ସବ ନୁହେଁ, ଏହା ଗ୍ରାମୀଣ ସାମାଜିକ ସମ୍ମିଳନର ଏକ ପ୍ରତୀକ। ୫୧ ବର୍ଷର ଏହି ପରମ୍ପରା, ଭକ୍ତି, ଏକତା ଓ ସାମୁଦାୟିକ ସହଭାଗିତାର ଅବିରତ ପ୍ରବାହକୁ ପ୍ରକାଶ କରୁଛି। ଏହି ମେଳଣରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ଧାମନଗର ଥାନା ଅଧିକାରୀ ସୁବ୍ରଜିତ ଦାଶ, ପୂର୍ବତନ ଥାନା ଅଧିକାରୀ ରଞ୍ଜନ ସେଠୀଙ୍କ ତତ୍ତ୍ୱାବଧାନରେ ଥାନାର ଅନ୍ୟ ଅଧିକାରୀ ଓ ପୁଲିସ ଫୋର୍ସ ଉପସ୍ଥିତ ରହି ସୁରକ୍ଷା ପ୍ରଦାନ କରିଥିଲେ। ପ୍ରକାଶ ଥାଉକି, ଏହି ରଙ୍ଗ ଓ ଭାଇଚାରାର ପର୍ବ ହୋଲି ପାଳନ ବେଳେ ସୁପ୍ରିମକୋର୍ଟ ନିର୍ଦ୍ଦେଶକୁ ଫୁ' କରି ପାରମ୍ପରିକ ବାଦ୍ୟକୁ ଭୁଲି ଡିଜେ ଶବ୍ଦରେ ମେଳଣ ପଡ଼ିଆ ପ୍ରକମ୍ପିତ ହୋଇଥିଲା।

## ମଞ୍ଜୁରୀରୋଡ୍ ପଞ୍ଚ ମେଳଣ ଉଦ୍‌ଯାପିତ



**ବାରିକପୁର,୮।୩(ସମିସ):** ଭଣ୍ଡାରିପୋଖରୀ ବ୍ଲକ୍ ମଞ୍ଜୁରୀରୋଡ୍ ମେଡିକାଲ ପଡ଼ିଆଠାରେ ପ୍ରସିଦ୍ଧ ପଞ୍ଚ ମେଳଣ ଉଦ୍‌ଯାପିତ ହୋଇଯାଇଛି। ମେଳଣ ପାଇଁ ଗତ ଶନିବାର ସନ୍ଧ୍ୟାରୁ ରବିବାର ସକାଳ ଯାଏଁ ମେଳଣ ପଡ଼ିଆ ଓ ମଞ୍ଜୁରୀ ରୋଡ୍ ବଜାର ଉତ୍ସବମୁଖର ହୋଇଥିଲା। ମେଳଣ କମିଟି ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାବେଳେ ଏଥିରେ ଶହଶହ ଜନସାଧାରଣ ଯୋଗଦେଇଥିଲେ। ମଧ୍ୟରାତ୍ରରୁ ପଥରପଦା, ହଟପୁର, ଶାସନ, ରାଜେନ୍ଦ୍ରପୁର, ଖପୁରିଆପଦା, ବଳୀପୁର ପ୍ରମୁଖ ଗ୍ରାମରୁ ସୁସଜ୍ଜିତ ବିମାନରେ ରାଧାକୃଷ୍ଣ ବିରାଟ ଶୋଭାଯାତ୍ରାରେ ଆସି ମେଳଣ ପଡ଼ିଆରେ ପହଞ୍ଚିଥିଲେ। ସେଠାରେ କମିଟି ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଉତ୍ସବରେ ସ୍ଥାନୀୟ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଉପସ୍ଥିତ ରହି ରାଧାକୃଷ୍ଣଙ୍କୁ ପୂଜାର୍ଚ୍ଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷା ସଂଘମିତ୍ରା ପଣ୍ଡା, ବ୍ଲକ୍ କଂଗ୍ରେସ ସଭାପତି ଅଜୟ କୁମାର ସାହୁ, ସମବାୟ ସମିତି ସଭାପତି ଦୀପ୍ତି ସୂର୍ଯ୍ୟ ବିଶ୍ୱାଳ, ସରପଞ୍ଚ ପୂର୍ଣ୍ଣ ଚନ୍ଦ୍ର ମାଝୀ, ତ୍ରୈଲୋକ୍ୟ ସାହୁ, ସସ୍ମିତା ସେଠୀ, ମନୋରଞ୍ଜନ ସାହୁ, ସନ୍ତୋଷ ନାୟକ, ପ୍ରସନ୍ନ ସାହୁ ପ୍ରମୁଖ ଏଥିରେ ଯୋଗଦେଇଥିଲେ। କମିଟି ପକ୍ଷରୁ ନୃସିଂହ ଚରଣ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଥାନା ଅଧିକାରିଣୀ ରାଜଲକ୍ଷ୍ମୀ ନାୟକଙ୍କ ନେତୃତ୍ୱରେ ବ୍ୟାପକ ପୁଲିସ ମୁତୟନ ହୋଇଥିବାବେଳେ ଶାନ୍ତି ଶୃଙ୍ଖଳାର ସହିତ ମେଳଣ ଉତ୍ସବ ଉଦ୍‌ଯାପିତ ହୋଇଛି।

● ଆରକ୍ଷୀ ବିଭାଗ ପକ୍ଷରୁ ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ବଣ୍ଟନ

## 'ବରିଷ୍ଠ ନାଗରିକ ଆମ ସମାଜର ପରାମର୍ଶଦାତା'



**ବାସୁଦେବପୁର,୮।୩(ସମିସ):** ବାସୁଦେବପୁର ବ୍ଲକ୍‌ର ବ୍ରାହ୍ମଣଗାଁ ପଞ୍ଚାୟତର ବ୍ରାହ୍ମଣଗାଁ ହାଇସ୍କୁଲ ପରିସରରେ ଆରକ୍ଷୀ ବାହିନୀ ପକ୍ଷରୁ ବରିଷ୍ଠ ନାଗରିକମାନଙ୍କୁ ପରିଚୟ ପତ୍ର ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୁଲିସ ଓ ଜନସାଧାରଣଙ୍କ ମଧ୍ୟରେ ଦୂରତା ହ୍ରାସ କରି ଲୋକମାନଙ୍କର ନିକଟତର କରିବାକୁ ପୁଲିସ ବିଭାଗ ପକ୍ଷରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଆୟୋଜିତ ସଭାରେ ଭଦ୍ରକ ଆରକ୍ଷୀ ଅଧୀକ୍ଷକ ମନୋଜ କୁମାର ରାଉତ ଯୋଗଦେଇ କହିଥିଲେ ସମାଜର ବରିଷ୍ଠ ନାଗରିକ ପରିବାରର ବୋଝ ନୁହନ୍ତି। ଅଭିଜ୍ଞ ସମ୍ପନ୍ନ ବରିଷ୍ଠ ନାଗରିକ ଆମ ପରିବାରର ପରାମର୍ଶଦାତା। ତାଙ୍କର ସୁଚିନ୍ତିତ ମତାମତ ଜୀବନର ଚଲାପଥ ସୁଗମ ଓ ସରଳ ହେବ। ସଫଳତାର ପାହାଚ ଅତିକ୍ରମ କରିବ। ବରିଷ୍ଠ ନାଗରିକମାନଙ୍କର ସାମାଜିକ ଦାୟିତ୍ୱ ରହିଛି। ଭଦ୍ରକ ସଦର ଏସ୍‌ଡିପିଓ ବିଚିତ୍ରାନନ୍ଦ ସେଠୀ ଓ ବାସୁଦେବପୁର ଥାନା ଇନ୍ସପେକ୍ଟର ସୁଧିର ସାମଲ, ବ୍ରାହ୍ମଣଗାଁ ସରପଞ୍ଚ ଶୁଭଶ୍ରୀ ତ୍ରିପାଠୀ, ବରିଷ୍ଠ ନାଗରିକ ସଂଘର ସଭାପତି କୈଳାସ ଚନ୍ଦ୍ର ସାହୁ, ସମ୍ପାଦକ ତାପସ ମିଶ୍ର ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ବ୍ରାହ୍ମଣଗାଁ ହାଇସ୍କୁଲର ପ୍ରଧାନଶିକ୍ଷକ ରତ୍ନାକର ମହାଳିକ ଆୟୋଜିତ ସଭାର ସଂଯୋଜନା କରିଥିଲେ। ବିଭିନ୍ନ ପଞ୍ଚାୟତ ଓ ପୌରପାଳିକାରୁ ଆସିଥିବା ୨୦୧ ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ଓ ଉପଢ଼ୌକନ ପ୍ରଦାନ କରାଯାଇଥିଲା। ଆଗାମୀ ଦିନରେ ବରିଷ୍ଠ ନାଗରିକମାନଙ୍କ ପାଇଁ ଆରକ୍ଷୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରି ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ ବୋଲି ଆରକ୍ଷୀ ଅଧୀକ୍ଷକ ମନୋଜ କୁମାର ରାଉତ ଘୋଷଣା କରିଥିଲେ। ଅରୁଣ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଆକାଉଣ୍ଟରେ ଆସୁନାହିଁ ଭତ୍ତା ଟଙ୍କା

**ବାରିକପୁର,୭।୩(ସମିସ):** ଭଣ୍ଡାରିପୋଖରୀ ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ଗ୍ରାମର ବୃଦ୍ଧବୃଦ୍ଧା ଓ ଭିନ୍ନକ୍ଷମ ହିତାଧିକାରୀମାନେ ଏଯାଏଁ ମାସିକିଆ ଭତ୍ତାରୁ ବଞ୍ଚିତ ହୋଇଛନ୍ତି। ମୋଟ ୨୩ଟି ପଞ୍ଚାୟତରେ ପ୍ରାୟ ୫ହଜାରରୁ ଅଧିକ ହିତାଧିକାରୀ ବ୍ୟାଙ୍କ ଖାତା ଜରିଆରେ ଭତ୍ତା ପାଇଥା'ନ୍ତି। ଏଥିରେ ୬୦ ଓ ୮୦ ବର୍ଷୀୟ ବୃଦ୍ଧବୃଦ୍ଧା ଏବଂ ଭିନ୍ନକ୍ଷମ ଅଛନ୍ତି। ସେମାନେ ନିୟମିତ ମାସିକିଆ ଭତ୍ତା ଟଙ୍କାକୁ ନିର୍ଭର କରି ଦୈନିକ ଖର୍ଚ୍ଚ କରିଥା'ନ୍ତି। ଏବେ କିଛି ମାସ ହେବ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ସଠିକ୍ ତାରିଖ ଅନୁଯାୟୀ ଟଙ୍କା ଆସୁ ନ ଥିବା ବିଭିନ୍ନ ଅଞ୍ଚଳର ହିତାଧିକାରୀ ଅଭିଯୋଗ କରିଛନ୍ତି। ଠିକ୍ ସମୟରେ ଭତ୍ତା ମିଳୁ ନ ଥିବା କାରଣରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ବିଭାଗୀୟ ଅଧିକାରୀଙ୍କ ମତାମତ ନେବାରୁ ଯଥାଶୀଘ୍ର ସମସ୍ତ ହିତାଧିକାରୀଙ୍କ ଖାତାକୁ ଟଙ୍କା ଯିବ ବୋଲି କହିଛନ୍ତି।

## ଉତରବାହିନୀ ଶ୍ମଶାନରେ ସଫେଇ କାର୍ଯ୍ୟକ୍ରମ



**ଦୋବଲ,୮।୩(ସମିସ):** ଦୋବଲ ନିକଟସ୍ଥ ଆନନ୍ଦପୁର ପଞ୍ଚାୟତର ବିକାଶ ପୁରୁଷ ତଥା ନବନିର୍ମାତା ସ୍ୱର୍ଗତ ରାମଚନ୍ଦ୍ର ଦାଶଙ୍କ ସ୍ମୃତିରେ ଗଠିତ 'ରାମଚନ୍ଦ୍ର ଦାଶ ସ୍ମୃତି ସଂସଦ' ପକ୍ଷରୁ ସ୍ଥାନୀୟ ଉତରବାହିନୀ ଶ୍ମଶାନ ପରିସରରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୌରାଣିକ ଓ ଐତିହାସିକ ଦୃଷ୍ଟିକୋଣରୁ ଉତରବାହିନୀ କ୍ଷେତ୍ରର ଅନେକ ଗୁରୁତ୍ୱ ରହିଛି। ଏଠାରେ ମା' ବୈତରଣୀ ଉତର ଦିଗକୁ ପ୍ରବାହିତ ହେଉଥିବାବେଳେ ଏହା ମା' ବିରଜାଙ୍କୁ ପରିବେଷ୍ଟନ କରିଥିବା ୬୮ଟି କ୍ଷେତ୍ର ମଧ୍ୟରୁ ଅନ୍ୟତମ। କିମ୍ବଦନ୍ତୀ ଅନୁଯାୟୀ, ପ୍ରଭୁ ଶ୍ରୀକୃଷ୍ଣଙ୍କ ପୁତ୍ର ପ୍ରଦ୍ୟୁମ୍ନ ଏଠାରେ ବାସ କରି ମା' ସିଦ୍ଧେଶ୍ୱରୀଙ୍କ ନିକଟରେ ତପସ୍ୟା କରିଥିଲେ ଏବଂ ଶମ୍ବରାସୁରକୁ ବଧ କରିଥିଲେ। ପଣସମାହାରା ଘାଟରେ ଅସ୍ଥି ବିସର୍ଜନ କରି ସିଦ୍ଧେଶ୍ୱରଙ୍କ ନିକଟରେ ଥିବା ଅସ୍ଥିଶ୍ୱରଙ୍କୁ ଦର୍ଶନ କଲେ ପିତୃପୁରୁଷଙ୍କୁ ମୋକ୍ଷ ପ୍ରାପ୍ତି ହୁଏ ବୋଲି ବିଶ୍ୱାସ ରହିଛି। ଏଭଳି ଏକ ପବିତ୍ର କ୍ଷେତ୍ର ଦୀର୍ଘ ଦିନ ଧରି ରକ୍ଷଣାବେକ୍ଷଣ ଅଭାବରୁ ଅପରିଷ୍କାର ହୋଇ ପଡ଼ିଥିଲା। ଶ୍ମଶାନ ପରିସରରେ ଘାସବୁଦା ଓ ଜଙ୍ଗଲ ମାଡ଼ିଯିବା ସହ ଶବଦାହ ପରେ ବ୍ୟବହୃତ ସାମଗ୍ରୀ ଏଣେତେଣେ ପଡ଼ି ରହୁଥିଲା। ଏହାକୁ ଦୃଷ୍ଟିରେ ରଖି ସ୍ମୃତି ସଂସଦ ପକ୍ଷରୁ ଏହି ପରିବେଶ ସଫା କରିବାକୁ ପଦକ୍ଷେପ ନିଆଯାଇଥିଲା। ଏହି ସେବା ମୂଳକ କାର୍ଯ୍ୟରେ ସ୍ମୃତି ସଂସଦର କର୍ମକର୍ତ୍ତା ହିମାଂଶୁ ଶେଖର ଦାଶ, ତ୍ରିଲୋଚନ ବେହେରା, ଅଜୟ ଦାସ, ରମେଶ ଚନ୍ଦ୍ର ପତି, ମାନସ ମିଶ୍ର, ସୁଧାକର ଖୁଣ୍ଟିଆ, ସରୋଜ ଦାସ, ବାସୁଦେବ ପାଗଳ, ଅଶୋକ ପତି, ସୁରେନ୍ଦ୍ର ସାହୁ, ନାରାୟଣ ଚନ୍ଦ୍ର ଦାସ, ତରଣୀ ଯେନା, ଅମୂଲ୍ୟ ମହାନ୍ତି, ବୁବୁନା ମିଶ୍ର ପ୍ରମୁଖ ସାମିଲ୍ ହୋଇ ଶ୍ରମଦାନ କରିଥିଲେ। ନିକଟରେ ଏହି ସଂସଦ, ଭଗବତୀ ଯୁବକ ସଂଘ ଓ ରାଜ୍ୟ ସଂସ୍କୃତି ବିଭାଗର ମିଳିତ ସହଯୋଗରେ ବିଭିନ୍ନ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ସଫଳତାର ସହ ଆୟୋଜିତ ହୋଇଯାଇଛି। ସୂଚନାଯୋଗ୍ୟ ଯେ, ସ୍ୱର୍ଗତ ରାମଚନ୍ଦ୍ର ଦାଶ ଆନନ୍ଦପୁର ଅଞ୍ଚଳର ଉନ୍ନତି ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ତାଙ୍କରି ଉଦ୍ୟମରେ ଅଞ୍ଚଳରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ପଶୁ ଚିକିତ୍ସା କେନ୍ଦ୍ର ଏବଂ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ଭଳି ଅନୁଷ୍ଠାନ ଗଢ଼ିଉଠିଛି। ବୈତରଣୀ ଓ ଗେଙ୍ଗୁଟି ନଦୀର ବନ୍ୟା ଦାଉରୁ ଅଞ୍ଚଳବାସୀଙ୍କୁ ରକ୍ଷା କରିବା ପାଇଁ ତାଙ୍କ ଦ୍ୱାରା ନିର୍ମିତ 'ଗୋଲେଇ ବନ୍ଧ' ଆଜି ବି ତାଙ୍କ ସ୍ମୃତି ବହନ କରୁଛି।

## ଭଦ୍ରକରେ ସୁଭଦ୍ରା ଯୋଜନାର ୪ର୍ଥ କିସ୍ତି ବଣ୍ଟନ



**ଭଦ୍ରକ,୮।୩(ସମିସ):** ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ରବିବାର ଭଦ୍ରକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ସୁଭଦ୍ରା ଯୋଜନାର ୪ର୍ଥ କିସ୍ତି ବଣ୍ଟନ ସମାରୋହ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର କହିଥିଲେ ଯେ ମହିଳାମାନଙ୍କର ସଶକ୍ତୀକରଣ କାର୍ଯ୍ୟକ୍ରମକୁ ଆହୁରି କ୍ରିୟାଶୀଳ କରିବା ପାଇଁ ସମସ୍ତଙ୍କୁ ମିଳିତ ଭାବରେ ପ୍ରୟାସ କରିବା ଆବଶ୍ୟକ। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ, ରବିନାରାୟଣ ସାହୁ, ବ୍ଲକ୍ ଅଧ୍ୟକ୍ଷା ଉର୍ମିଳା ନାୟକ ଏବଂ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ରୂପାଲୀ ମିତ୍ର ଉପସ୍ଥିତ ରହି ମହିଳା ସଶକ୍ତୀକରଣ ଉପରେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ମହିଳାମାନଙ୍କ ସହିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ, କ୍ଷେତ୍ର ପରିଦର୍ଶିକା, ଅଙ୍ଗନବାଡ଼ି କର୍ମୀ ଓ ଛାତ୍ରଛାତ୍ରୀମାନଙ୍କୁ ସମ୍ମାନିତ କରାଯାଇଥିଲା। ଜିଲ୍ଲା ପ୍ରଶାସନର ମିଳିତ ଉଦ୍ୟମରେ କାର୍ଯ୍ୟକ୍ରମଟି ସଫଳ ଭାବେ ଆୟୋଜିତ ହୋଇଥିଲା। ଶେଷରେ ଜିଲ୍ଲା ସୁରକ୍ଷା ଓ ଯୋଜନା ଅଧିକାରିଣୀ ସବିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଗୁରୁ ପୂଜନ ଓ ବନ୍ଧୁ ମିଳନ ଉତ୍ସବ

**ଭଦ୍ରକ,୮।୩(ସମିସ):** ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ଅନ୍ତର୍ଗତ ମତୋ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ମତୋ ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁ ପୂଜନ ଓ ବନ୍ଧୁ ମିଳନ ଉତ୍ସବ ପାଳିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସନ୍ଥଚରଣ ନାୟକ, ଅର୍ଜୁନ ଚରଣ ସାହୁ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଦିବଂଗତ ଗୁରୁମାନଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ କରାଯାଇଥିଲା। ପୂର୍ବତନ ଗୁରୁମାନଙ୍କ ବନ୍ଦାପନା ଓ ସମ୍ବର୍ଦ୍ଧନା ପରେ ଦିବଂଗତ ଗୁରୁଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଅପରାହ୍ଣରେ ପ୍ରାକ୍ତନ ଛାତ୍ରଛାତ୍ରୀ ଓ ସେମାନଙ୍କ କୁନି ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ପୂର୍ବତନ ଶିକ୍ଷକଶିକ୍ଷୟିତ୍ରୀ ତଥା କର୍ମଚାରୀମାନେ ଉପସ୍ଥିତ ଥିଲେ। ପୂର୍ବତନ ଶିକ୍ଷୟିତ୍ରୀ ମଞ୍ଜୁଲତା ସାହୁ, ତୁଳସୀ ମଞ୍ଜରୀ ନାୟକ, ରୋହିତ ସାହୁ, ଭୀମସେନ ଦାସ, ତ୍ରିଲୋଚନ ଦାସ, ରାଜେଶ ସାହୁ ଉପସ୍ଥିତ ଥିବାବେଳେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦିବ୍ୟରଞ୍ଜନ ସ୍ୱାଇଁ, ଶଶିକାନ୍ତ ନାୟକ,



ସଂଗ୍ରାମ ପୁହାଣ, ସରୋଜ ସ୍ୱାଇଁ, ସରୋଜ ପତି, ଭରତ ବଳ, ଦୀନେଶ ରଞ୍ଜନ ସାହୁ, ପ୍ରଦୀପ ସାହୁ, ଉଗ୍ରସେନ ବେହେରା, ଦିଲ୍ଲୀପ ଦାସ, ବିନୋଦ ବରାଳ, ଭାରତୀ ସାହୁ, ଲିଶାରାଣୀ ବେହେରା, ସ୍ୱାଗତିକା ନାୟକ, ସସ୍ମିତା ସାହୁ, ଲିପିକା ସେଠୀ, ମମିତା ବେହେରା, ସୋନାଲି ସାହୁ, ଧରିତ୍ରୀ ଦାସ, ସୁଶ୍ରୀ ସଙ୍ଗୀତା ବାରିକଙ୍କ ସମେତ ଶତାଧିକ ପୂର୍ବତନ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

ବିଶ୍ୱ ମହିଳା ଦିବସ

## ଅନୁକମ୍ପା ମହିଳା ସଂଗଠନ ପକ୍ଷରୁ ସାଧାରଣ ସଭା



**ଅସୁରାଳି,୮।୩(ସମିସ):** ବିଶ୍ୱ ମହିଳା ଦିବସ ଅବସରରେ ଅନୁକମ୍ପା ମହିଳା ସଂଗଠନ ପକ୍ଷରୁ ପଞ୍ଚାୟତ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଏକ ସୁବିସ୍ତୃତ ସଭା ଆୟୋଜିତ ହୋଇଥିଲା। ସଭାରେ ମହିଳା ସଶକ୍ତୀକରଣ, ସମାଜରେ ମହିଳାଙ୍କର ଅବଦାନ ଓ ଭବିଷ୍ୟତରେ ସେମାନଙ୍କର ଭୂମିକା ବିଷୟରେ ସମସ୍ତ ସଦସ୍ୟ ଆଲୋକପାତ କରିଥିଲେ। ସଭାର ସଭାପତିତ୍ୱ କରିଥିଲେ ବରିଷ୍ଠ ସାମ୍ବାଦିକ ସନ୍ତୋଷ ଦାସ। ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ଧୂଷୁରୀ ଥାନାର ଏସ୍‌ଆଇ ସୁଜାତା ସାହୁ, ଯିଏ ମହିଳାଙ୍କ ସୁରକ୍ଷା, ସ୍ୱାଧୀନତା ଓ ସମାଜରେ ସମାନ ସ୍ଥାନ ପାଇବାର ପ୍ରୟାସକୁ ଉଲ୍ଲେଖ କରିଥିଲେ। "ମହିଳାଙ୍କୁ ସଶକ୍ତ କରିବା ମାନେ କେବଳ ପରିବାରକୁ ନୁହେଁ, ସମଗ୍ର ସମାଜକୁ ସଶକ୍ତ କରିବା' ବୋଲି ସେ କହିଥିଲେ। ମିଛ କବିତା ପତ୍ରିକାର ସମ୍ପାଦକ ଦୀପ୍ତି ରଞ୍ଜନ ନାୟକ ସାହିତ୍ୟ ଓ ସାମାଜିକ ଚେତନାରେ ମହିଳାଙ୍କର ଅବଦାନକୁ ଉଲ୍ଲେଖ କରିଥିଲେ। ସମ୍ମାନିତ ଅତିଥି ସାମ୍ବାଦିକ ରତିକାନ୍ତ ନାୟକ ମହିଳାଙ୍କୁ ସମାଜରେ ନେତୃତ୍ୱ ଦେବାର ପ୍ରୟୋଜନିୟତା ବିଷୟରେ ମତ ପ୍ରକାଶ କରିଥିଲେ। ସଭାରେ ଅନୁକମ୍ପା ମହିଳା ସଂଗଠନର ସଭାପତି କବିତା ସାହୁ, ସମ୍ପାଦିକା ଅଞ୍ଜନା ମହାକୁଡ଼, ଉପସଭାପତି ବିମଳା ନାଥ, ଉପସଭାପତି ନମିତା ପଣ୍ଡା, ସଂଘମିତ୍ରା ବାରିକ, ଗୀତାଞ୍ଜଳି ମଲ୍ଲିକ ସହିତ ଆଖପାଖ ଅଞ୍ଚଳର ବହୁ ମହିଳା ଯୋଗଦେଇଥିଲେ। ସଭାରେ ମହିଳା ସଦସ୍ୟମାନେ ସ୍ୱୟଂ ସହାୟତା, ଶିକ୍ଷା, ସ୍ୱାସ୍ଥ୍ୟ, ନିଜସ୍ୱତା ଓ ସମାଜରେ ସମାନ ଅଧିକାର ପାଇଁ ସଚେତନତା ବୃଦ୍ଧି କରିବାର ପ୍ରୟାସକୁ ଆଲୋଚନା କରିଥିଲେ। ସଭାର ମୁଖ୍ୟ ସନ୍ଦେଶ ମହିଳା ସଶକ୍ତୀକରଣ ସମାଜର ପ୍ରଗତି ପାଇଁ ଅତ୍ୟାବଶ୍ୟକ। ଶିକ୍ଷା ଓ ସଚେତନତା ମହିଳାଙ୍କୁ ସ୍ୱାଧୀନ କରିବାର ପ୍ରଥମ ପଦକ୍ଷେପ। ସମାନ ଅଧିକାର ତଥା ପରିବାର, କାର୍ଯ୍ୟକ୍ଷେତ୍ର ଓ ସମାଜରେ ସମାନ ସ୍ଥାନ। ସମାଜରେ ନେତୃତ୍ୱ ତଥା ମହିଳାଙ୍କୁ ନେତୃତ୍ୱ ଦେବାର ପ୍ରୟୋଜନିୟତା। ସଭାର ଶେଷରେ ସମସ୍ତଙ୍କୁ ମହିଳାଙ୍କୁ ସମ୍ମାନ, ସୁରକ୍ଷା ଓ ସଶକ୍ତୀକରଣ ପାଇଁ ସମାଜରେ ସଚେତନ ହେବାର ଆହ୍ୱାନ ଦିଆଯାଇଥିଲା।

● ଧାମନଗର ବ୍ଲକ୍‌ରେ ଅନ୍ତର୍ଜାତୀୟ ମହିଳା ଦିବସ

## ସ୍ୱାବଲମ୍ବୀ ହେବା ପାଇଁ ମହିଳାଙ୍କ ଶପଥ

**ଅସୁରାଳି,୮।୩(ସମିସ):** ସାରା ବିଶ୍ୱରେ ରବିବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହେଉଥିବାବେଳେ ଧାମନଗର



ବ୍ଲକ୍‌ର ବିଭିନ୍ନ ସ୍ଥାନରେ ଏହି ଦିବସ ବେଶ୍ ଉତ୍ସାହର ସହ ପାଳିତ ହୋଇଯାଇଛି। ମହିଳାମାନେ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ ହେବା ସହ ନିଜକୁ ଆର୍ôଥକସ୍ତରରେ ସ୍ୱାବଲମ୍ବୀ କରିବା ପାଇଁ ଏହି ଅବସରରେ ସଂକଳ୍ପ ନେଇଛନ୍ତି। ଭଟସାହି ପଞ୍ଚାୟତ ମିଶନ ଶକ୍ତି କାର୍ଯ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସିଆର୍‌ପି, ଏମ୍‌ବିକେ ଓ ବ୍ୟାଙ୍କ ମିତ୍ରଙ୍କ ସମେତ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଯୋଗଦେଇଥିଲେ। ମହିଳାମାନେ କିପରି ନିଜ ଗୋଡ଼ରେ ନିଜେ ଛିଡ଼ା ହୋଇ ରୋଜଗାରକ୍ଷମ ହୋଇପାରିବେ, ପରିବାର ପ୍ରତିପୋଷଣ କରିବେ ଏବଂ ସମାଜର ଉନ୍ନତିରେ ସହଭାଗୀ ହେବେ, ସେ ନେଇ ଶପଥପାଠ କରିଥିଲେ। ମହିଳାମାନଙ୍କ ମଧ୍ୟରେ ଥିବା ଏହି ଦୃଢ଼ ମନୋବଳ ଅଞ୍ଚଳରେ ଏକ ନୂତନ ପରିଚୟ ସୃଷ୍ଟି କରିଛି। ଏହି କାର୍ଯ୍ୟକ୍ରମରେ ଏମ୍‌ବିକେ ଗୀତାଞ୍ଜଳି ବେହେରା, ସିଆର୍‌ପି ଅନୁପମା ରଣା, ସୁରତି ନାୟକ, ଗୀତାଞ୍ଜଳି ସୂତାର, ସ୍ମୃତିରେଖା ସୁତାର, ରିନାରାଣୀ ବିଶ୍ୱାଳ, ମମତା ସାହୁ, ଲକ୍ଷ୍ମୀ ଦଳାଇ, ସୁଜାତା ପାଣିଗ୍ରାହୀ, ନିରୁପମା ପଣ୍ଡା, ରିଙ୍କୁ ମହାଳିକ ପ୍ରମୁଖ ଉପସ୍ଥିତ ହୋଇ ନିଜ ନିଜର ମତ ରଖିଥିଲେ। ସେହିପରି ଫଳପୁରଠାରେ ଅରଲେଶ୍ୱର ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ମଧ୍ୟ ଅନ୍ତର୍ଜାତୀୟ ମହିଳା ଦିବସ ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି। ଗୋଷ୍ଠୀର ସଦସ୍ୟାମାନେ ଏକତ୍ରିତ ହୋଇ ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱାରୋପ କରିବା ସହ ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

କୌଳିକ ବୃତ୍ତିରେ ପେଟ ଅପୋଷା

# ଆଧୁନିକତା ମଧ୍ୟରେ ବିଲୁପ୍ତ ପ୍ରାୟ କମାର ଶାଳ

ବାରିକପୁର,୮।୩(ସମିସ)



ଅତ୍ୟାଧୁନିକ ଇଣ୍ଟରନେଟ ଓ ଯନ୍ତ୍ରଚାଳିତ ଯୁଗରେ ବୁଡ଼ିଯାଉଛି ଅନେକ ପାରମ୍ପରିକ କୁଳବେଉସା। ତନ୍ମଧ୍ୟରୁ ଆଧୁନିକତା ମଧ୍ୟରେ ସତେ ଯେମିତି ବିଲୁପ୍ତ ହେବାକୁ ବସିଛି ଗ୍ରାମ୍ୟ ବଜାରର କମାର ଶାଳ। ଏବେ ପୁରୁଷାନୁକ୍ରମିକ ଚାଲି ଆସିଥିବା କୌଳିକ ବୃତ୍ତିକୁ ଭରସା କରି ଆଉ ପେଟ ପୋଷି ପାରୁନାହାନ୍ତି ଉତରଦାୟଦମାନେ। ଯାହା କେବଳ ପରିଚୟ ବଞ୍ଚେଇ ରଖିବା ପାଇଁ ପାରମ୍ପରିକ ବୃତ୍ତିକୁ ଏଯାଏଁ ଛାଡ଼ିପାରି ନାହାନ୍ତି ଲୋକେ।

ସୂଚନା ମୁତାବକ, ଏଭଳି ଏକ ପାରମ୍ପରିକ ବୃତ୍ତି ଭାବେ ଭଣ୍ଡାରିପୋଖରୀ ବ୍ଲକ୍ ଅଞ୍ଚଳରେ ପୂର୍ବରୁ ରହିଥିବା କମାର ଶାଳଗୁଡ଼ିକ ଏବେ ପ୍ରାୟତଃ ବନ୍ଦ ହୋଇଗଲାଣି। ଯଦିଓ ଯେଉଁ କେତୋଟି ଶାଳ ରହିଛି ସେଗୁଡ଼ିକ ଅତି ଦୟନୀୟ ଅବସ୍ଥାରେ ଗତି କରୁଛି। ବିଶେଷ କରି ପୂର୍ବରୁ କମାର ଶାଳଗୁଡ଼ିକରେ କୃଷିଭିତ୍ତିକ ଯନ୍ତ୍ରପାତି ତିଆରି ହେଉଥିବାବେଳେ ଘରୋଇ ଲୁହା ଉପକରଣ ମଧ୍ୟ ତିଆରି ହୋଇଥାଏ। ଚାଷ ପାଇଁ ଏବେ ଆଉ ହଳ ବଳଦର ଆବଶ୍ୟକତା ପଡୁ ନ ଥିବାବେଳେ ଆଧୁନିକ ଇଞ୍ଜିନ୍ ପରିବେଷ୍ଟିତ ଟ୍ରାକ୍ଟର ହଳ ସହିତ ଅନ୍ୟାନ୍ୟ କୃଷି କାର୍ଯ୍ୟ କରୁଛି। ତେଣୁ କମାର ଶାଳଗୁଡ଼ିକରେ ହଳ ପାଇଁ ଆଉ ଆଗ ଭଳି ଫାଳ ଲଙ୍ଗଳ ତିଆରି ହେଉନାହିଁ। ଏହାଛଡ଼ା ଧାନ ଅମଳ ଏବେ ମେସିନ ଦ୍ୱାରା ହେଉଥିବା ଯୋଗୁଁ ଶସ୍ୟ କାଟିବା ପାଇଁ ଆଉ ଦା'ର ଆବଶ୍ୟକତା ପଡୁନାହିଁ। ତେଣୁ ଚାଷୀମାନେ ନୂଆ ତ ଦୂରର କଥା ପୁରୁଣା ଦା'ରେ ଧାର ଦେବା ପାଇଁ କମାର ଶାଳକୁ ପ୍ରାୟତଃ ଆସୁନାହାନ୍ତି। କେବଳ ଯାହା ଘରୋଇ ଲୁହା ଉପକରଣ ଯଥା- ଶାବଳ, ଟାଙ୍ଗିଆ, କୋଦାଳ, ପନିକି ତିଆରି ପାଇଁ ଲୋକେ ଗ୍ରାମାଞ୍ଚଳରେ ଥିବା ଶାଳକୁ ବେଳେବେଳେ ଆସୁଛନ୍ତି। ଆଗରୁ ବାପା ଜେଜେବାପାମାନେ ଯେଉଁଭଳି କମାର ଶାଳକୁ ବେଉସା କରି ପରିବାର ପ୍ରତିପୋଷଣ କରୁଥିଲେ ଏବେ ଆଉ ତାହା ସମ୍ଭବ ନୁହେଁ ବୋଲି ମଞ୍ଜୁରୀ ରୋଡ୍, ଭଣ୍ଡାରିପୋଖରୀ, ବାରିକପୁର, ମାଳଦା ପ୍ରମୁଖ ସ୍ଥାନରେ ଥିବା ଶାଳ ମାଲିକ ତଥା କାରିଗରମାନେ କହିଛନ୍ତି। ସମ୍ପ୍ରତି ଯନ୍ତ୍ରଚାଳିତ ଯୁଗରେ ପୁରାତନ କୁଳ ବେଉସା ବୁଡ଼ି ବୁଡ଼ି ଯାଉଥିବାବେଳେ ଏବେକାର କମାର ଶାଳ କାରିଗର ଓ ତାଙ୍କ ପିଲାମାନେ ଏହା ଉପରେ ଆଉ ନଜର ଦେଉନାହାନ୍ତି। ପରିବାର ପ୍ରତିପୋଷଣ ପାଇଁ ରୋଜଗାରର ଭିନ୍ନ ପନ୍ଥାକୁ ବାଛି ନେଉଛନ୍ତି। ଏବେ ଶାଳକୁ ଭରସା କଲେ ପେଟକୁ ଖାଦ୍ୟ ନିଅଣ୍ଟ ହେବ ବୋଲି କାରିଗରମାନେ କହିଛନ୍ତି। ତେଣୁ ବାଧ୍ୟ ହୋଇ ପିଲାମାନେ ଅନ୍ୟ ବୃତ୍ତିରେ ରହୁଛନ୍ତି। ସମ୍ପ୍ରତି ସରକାର ଯଦି କମାର ଶାଳ କାରିଗରମାନଙ୍କୁ ଆର୍ôଥକ ସହାୟତା ଯୋଗାଇ ଦିଅନ୍ତେ ତାହେଲେ ଲୌହ କୁଟୀର ଶିଳ୍ପ ଭାବେ ପରିଚିତ କମାର ଶାଳଗୁଡ଼ିକ ଆପାତତଃ କ୍ରିୟାଶୀଳ ହୋଇପାରନ୍ତା ବୋଲି କାରିଗର କମଳାକାନ୍ତ ଓଝା କହିଛନ୍ତି।

## ସ୍ୱାବଲମ୍ବନର ଉଦାହରଣ

# ବେଲମତୀଙ୍କୁ ଆତ୍ମନିର୍ଭରଶୀଳ କରିଛି 'ଦିଦି କାଫେ'

ଯୋଡ଼ା, ୮ ।୩(ସମିସ)

ଦୃଢ଼ ଆତ୍ମବିଶ୍ୱାସର ସହ ସ୍ୱାବଲମ୍ବୀ ହେବାର ଏକ ନିଆରା ଉଦାହରଣ ସୃଷ୍ଟି କରିଛନ୍ତି କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ ଅଧୀନ ଜୁରୁଡି ଗ୍ରାମର ବେଲମତୀ ଲୋହାର। ଦିନେ ପରିବାର ପ୍ରତିପୋଷଣ ପାଇଁ ସଂଘର୍ଷ କରୁଥିବା ବେଲମତୀ, ଆଜି ନିଜର 'ଦିଦି କାଫେ' ମାଧ୍ୟମରେ ଜଣେ ସଫଳ ମହିଳା ଉଦ୍ୟୋଗୀ ହୋଇପାରିଛନ୍ତି। ଟାଟା ଷ୍ଟିଲ୍ ଫାଉଣ୍ଡେସନର ସଠିକ୍ ମାର୍ଗଦର୍ଶନ ଏବଂ ବେଲମତୀଙ୍କ ଅଦମ୍ୟ ଇଚ୍ଛାଶକ୍ତି, ତାଙ୍କୁ ଆଜି ସଫଳତା ଦେଇଛି।

୨୦୧୮ରେ ସ୍ୱାମୀ ଚାକିରି ହରାଇବା ପରେ ବେଲମତୀଙ୍କ ଜୀବନର ଅସଲ ସଂଘର୍ଷ ଆରମ୍ଭ ହୋଇଥିଲା। ଘରର ଆୟ ବନ୍ଦ ହୋଇଯିବା ଫଳରେ ପିଲାଙ୍କ ପାଠପଢ଼ା ଏବଂ ଦୈନନ୍ଦିନ ଖର୍ଚ୍ଚ ତୁଲାଇବା କଷ୍ଟକର ହୋଇପଡିଥିଲା। ଏହି ସମୟରେ ପରିବାରର ଖର୍ଚ୍ଚ ତୁଲାଇବା ପାଇଁ ସେ ଏକ ଛୋଟ ଦୋକାନ ଆରମ୍ଭ କରିଥିଲେ। ସୀମିତ ସମ୍ବଳ ଏବଂ ସ୍ୱଳ୍ପ ଆୟ ସତ୍ତ୍ୱେ ସେ ହାର୍ ମାନି ନଥିଲେ। ପରବର୍ତ୍ତୀ ସମୟରେ ଏକ ସ୍ୱୟଂ ସହାୟକ ଗୋଷ୍ଠୀ ବୈଠକରେ ତାଙ୍କର ଏହି ନିଷ୍ଠା ଯୋଗୁଁ ତାଙ୍କୁ ଜଣେ ମହିଳା ଉଦ୍ୟୋଗୀ ଭାବେ ଚିହ୍ନଟ କରାଯାଇ ଟାଟା ଷ୍ଟିଲ୍ ଫାଉଣ୍ଡେସନ ସହାୟତାରେ ତାଙ୍କୁ ଏକ ଷ୍ଟଲ୍ ଯୋଗାଇ ଦିଆଯାଇଥିଲା, ଯାହା ତାଙ୍କ ବ୍ୟବସାୟକୁ ଘର ଚାରିକାନ୍ଥରୁ ବାହାରକୁ ଆଣିବାରେ ସାହାଯ୍ୟ କରିଥିଲା। ୨୦୨୫ ଏପ୍ରିଲରେ ବେଲମତୀ ଆନୁଷ୍ଠାନିକ ଭାବେ ନିଜର 'ଦିଦି କାଫେ' ଆରମ୍ଭ କରିଥିଲେ। ବର୍ତ୍ତମାନ ସେ ପ୍ରତିଦିନ ଭୋର ୪ଟା ୩୦ରୁ ପୂର୍ବାହ୍ନ ୧୧ଟା ୩୦ ଏବଂ ଅପରାହ୍ନ ୪ଟାରୁ ରାତି ୧୦ଟା ୩୦ ପର୍ଯ୍ୟନ୍ତ କାଫେ ଖୋଲୁଛନ୍ତି। ସକାଳ ଏବଂ ସନ୍ଧ୍ୟା ସମୟରେ ବିଭିନ୍ନ ପ୍ରକାରର ସୁସ୍ୱାଦୁ ଜଳଖିଆ ଖାଇବା ପାଇଁ ଜଜାଙ୍ଗ, ଜୁରୁଡି ଏବଂ କପୁର ହଟିଂ ପରି ନିକଟସ୍ଥ ଅଞ୍ଚଳରୁ ଅନେକ ଗ୍ରାହକ ଏହି କାଫେକୁ ଆସିଥାନ୍ତି। ବର୍ତ୍ତମାନ ସେ ଏହି କାଫେରୁ ମାସିକ ପ୍ରାୟ ୩୦,୦୦୦ ଟଙ୍କା ରୋଜଗାର କରିପାରୁଛନ୍ତି।

ନିଜ ଅନୁଭୂତି ସମ୍ପର୍କରେ ବେଲାମତି କହନ୍ତି, "ଟାଟା ଷ୍ଟିଲ୍ ଫାଉଣ୍ଡେସନର ଉପଯୁକ୍ତ ମାର୍ଗଦର୍ଶନ ଓ ସହାୟତା ବିନା ଏହା ସମ୍ଭବ ହୋଇ ନଥାନ୍ତା। ଆର୍ଥିକ ଅନଟନରେ ଦିନ କଟୁଥିବା ବେଳେ ଟିଏସଏଫ୍ କେବଳ ଏକ ଷ୍ଟଲ୍ ଦେଇନାହିଁ, ବରଂ ନିଜ ଗୋଡରେ ଠିଆ ହେବା ପାଇଁ ଆତ୍ମବିଶ୍ୱାସ ଓ ଏକ ନୂଆ ଦିଗ ଦେଖାଇଛି। ସେମାନଙ୍କ ସମର୍ଥନ ଯୋଗୁଁ ହିଁ ମୁଁ ସମସ୍ତ ଅସୁବିଧାକୁ ଦୂର କରି ନିଜ ପରିବାର ପାଇଁ ଏକ ସ୍ଥାୟୀ ରୋଜଗାରର ପନ୍ଥା ସୃଷ୍ଟି କରିପାରିଛି'। ଟାଟା ଷ୍ଟିଲ୍ ଫାଉଣ୍ଡେସନର ଯୋଡା ଇମ୍ପାକ୍ଟ କ୍ଲଷ୍ଟର ମୁଖ୍ୟ ରବିନ୍ଦ୍ର କୁମାର ଏ ସମ୍ପର୍କରେ କହିଛନ୍ତି, "ବେଲମତୀଙ୍କ ସଫଳତା ଆମର ଜୀବିକା ନିର୍ବାହ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟକୁ ପ୍ରତିଫଳିତ କରୁଛି। ଉପଯୁକ୍ତ ସୁଯୋଗ ଏବଂ ଅନୁଷ୍ଠାନିକ ସହାୟତା ମିଳିଲେ ଗ୍ରାମୀଣ ମହିଳାମାନେ କିଭଳି ସ୍ଥାୟୀ ଉଦ୍ୟୋଗ ପ୍ରତିଷ୍ଠା କରିପାରିବେ, ବେଲମତୀ ତାହାର ଏକ ଜ୍ୱଳନ୍ତ ଉଦାହରଣ'।

ବେଲମତୀ ଲୋହାରଙ୍କ ଏହି ଯାତ୍ରା କେବଳ ତାଙ୍କ ପରିବାରର ଆର୍ଥିକ ଅବସ୍ଥା ସୁଧାରି ନାହିଁ, ବରଂ ସମାଜରେ ତାଙ୍କୁ ଜଣେ ସ୍ୱାଧୀନ, ସ୍ୱାବଲମ୍ବୀ ମହିଳା ଭାବେ ପ୍ରତିଷ୍ଠିତ କରାଇଛି। ପରିବାରର ପ୍ରତିକୂଳ ପରିସ୍ଥିତିରେ ସ୍ୱାମୀଙ୍କୁ ସହଯୋଗ କରିବା ସହ ପିଲାଙ୍କ ପାଠପଢ଼ାରେ ଯେପରି ବାଧା ନଉପୁଜିବ,




ତା'ର ବ୍ୟବସ୍ଥା କରାଇପାରିଛନ୍ତି। ତାଙ୍କର ଏହି କାହାଣୀ ଆଜି ଅନେକ ମହିଳାଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିଛି।

# ଲକ୍ଷାଧିକ ଟଙ୍କାର ବାଣ ସହ ଅନ୍ୟାନ୍ୟ ସାମଗ୍ରୀ ଲୁଟିନେଲେ ଦୁର୍ବୃତ୍ତ

ବୈଶିଙ୍ଗା,୮ ।୩(ସମିସ): ବୈଶିଙ୍ଗା ଥାନା ଅଧୀନସ୍ଥ ଅଞ୍ଚଳରେ କମୁନି ଲୁଟେରାଙ୍କ ପ୍ରାଦୁର୍ଭାବ। କିଛି ଦିନର ବ୍ୟବଧାନ ପରେ ପୁଣି ଶୁକ୍ରବାର ବିଳମ୍ବିତ ରାତିରେ ବୈଶିଙ୍ଗା-ରୁପ୍ସା ରାସ୍ତା ପାଶ୍ୱର୍ ପଣସିଆ ଛକ ନିକଟରେ ଥିବା ଏକ ବାଣ ଦୋକାନରୁ ଲକ୍ଷାଧିକ ଟଙ୍କାର ବାଣ ସହିତ ଅନ୍ୟାନ୍ୟ ସାମଗ୍ରୀ ଲୁଟିନେଲେ ଦୁର୍ବୃତ୍ତ। ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ ସହିତ ପୁଲିସର ଛାନଭିନ କରିଛି। ମହୁଲପାଟଣା ଗ୍ରାମର ଲକ୍ଷ୍ମୀଧର ସାହୁଙ୍କ ପୁଅ ପ୍ରଶାନ୍ତଙ୍କର ବୈଶିଙ୍ଗା-ରୁପ୍ସା ରାସ୍ତା ପାଶ୍ୱର୍ ପଣସିଆ ଛକ ଉପକଣ୍ଠରେ ଏକ ଲାଇସେନ୍ସପ୍ରାପ୍ତ ବାଣ ଗୋଦାମ ରହିଛି। ତେବେ ଶୁକ୍ରବାର ବିଳମ୍ବିତ ରାତିରେ ଗୋଦାମ ଘର କାନ୍ଥ କଣା କରି ଦୁର୍ବୃତ୍ତମାନେ ଗୋଦାମ ଗୃହ ଭିତରକୁ ପ୍ରବେଶ କରିଥିଲେ। ପରେ ଗୃହ ଭିତରେ ଗଛିତ ଥିବା ପ୍ରାୟ ୨ଲକ୍ଷ ଟଙ୍କାର ବାଣ ସମେତ ଗୋଟେ ହୋଣ୍ଡା ପାଣି ପମ୍ପ ଓ ସୋଲାର ବ୍ୟାଟେରୀ ସହିତ ଅନ୍ୟାନ୍ୟ ସାମଗ୍ରୀ ଲୁଟିନେଇଥିଲେ। ଏନେଇ ପ୍ରଶାନ୍ତ ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ ଦେବାପରେ ପୁଲିସ ଏକ ମାମଲା ରୁଜୁ କରି ସାଇଣ୍ଟିଫିକ ଟିମ ସହିତ ଘଟଣାସ୍ଥଳରେ ଛାନଭିନ୍ କରି ଫେରିଛନ୍ତି।

# ଜଳିଗଲା ସିମେଣ୍ଟ ବୋଝେଇ ଟ୍ରକ୍



ଆନନ୍ଦପୁର, ୮ ।୩ (ସମିସ): ୨୦ନଂ ଜାତୀୟରାଜପଥ ବେଲବାହାଳି ଗୁଞ୍ଜନ ହୋଟେଲ ସାମ୍ନାରେ ହୁତୁହୁତୁ ହୋଇ ଜଳିଗଲା ୧୬ ଚକିଆ ସିମେଣ୍ଟ ବୋଝେଇ ଟ୍ରକ୍। ଅଗ୍ନିଶମ ବିଭାଗ ପକ୍ଷରୁ ନିଆଁକୁ ଆୟତ୍ତ କରାଯାଇଥିଲା। ରାମଚନ୍ଦ୍ରପୁର ଥାନା ବେଲବାହାଳି ଗାଁ ନିକଟ ସିଆପଡ଼ା ଛକ ନିକଟରେ ଥିବା ଗୁଞ୍ଜନ ହୋଟେଲକୁ ଡ୍ରାଇଭର ଗାଡ଼ି ରଖି ଖାଇବା ପାଇଁ ଯାଇଥିବା ବେଳେ ଅଚାନକ ଜଳିବା ଆରମ୍ଭ କରିଥିଲା ଗାଡ଼ି। ସ୍ଥାନୀୟ ଲୋକେ ଗାଡ଼ିଟି ହୁ ହୁ ହୋଇ ଜଳୁଥିବା ଦେଖି ଡ୍ରାଇଭରକୁ ଡାକିବା ସହିତ ଘଷିପୁରା ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଓଡି୦୫ ବିଏ ୭୨୦୬ ନମ୍ବର ବିଶିଷ୍ଟ ଏହି ଗାଡ଼ିଟି କଟକରୁ ସିମେଣ୍ଟ ବୋଝେଇ କରି କେନ୍ଦୁଝର ଯାଉଥିବା ସୂଚନା ମିଳିଛି।

# ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ



ରାସଗୋବିନ୍ଦପୁର,୮ ।୩(ସମିସ): ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉନ୍ନୟନ ଆୟୋଜନରେ ରସଗୋବିନ୍ଦପୁର ବ୍ଲକର ଗାଡିଘାଟି, ପୂର୍ଣଚନ୍ଦ୍ରପୁର, କସାଫଳିଆ, ନଳଗଜା, ଗୋବରା ଠାରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଛି। ଗାଡିଘାଟି ଶିବମନ୍ଦିର ପ୍ରାଙ୍ଗଣରେ ବିନତି ମଣି ଦାସଙ୍କ ସଭାପତିତ୍ୱରେ ଅତିଥି ଭାବେ ଶିକ୍ଷୟିତ୍ରୀ ଅନିତା ଆଚାର୍ଯ୍ୟ, ପ୍ରାଧ୍ୟାପକ ଜଗନାଥ ସାହୁ ଆଇନଜୀବୀ ପ୍ରଜ୍ଞା ପରମିତା, ସମାଜସେବୀ ଶିଶିର ହୁଇ, ପ୍ରଶାନ୍ତ ପରିଡ଼ା, ନାରୀନେତ୍ରୀ ସୁବାସିନୀ ସୁର, ବିକର୍ତ୍ତନ କବି, ଖଗେଶ୍ୱର କବି, ଅଙ୍ଗନବାରୀ ଦିଦି ଯୋଗ ଦେଇ ମହିଳାମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଅମରଦା ପଞ୍ଚାୟତର ପୁର୍ଣଚନ୍ଦ୍ରପୁର ଠାରେ ମଞ୍ଜୁଲତା ରାଣା ଙ୍କ ସଭାପତିତ୍ୱରେ ଅତିଥିଭାବେ ସରପଞ୍ଚ ଦୁଲାରୀ ହାଁସଦା, ପୂର୍ବତନ ନାଏବ ସରପଞ୍ଚ ଛବିରାଣୀ ଜେନା, ଯୁବ ସମାଜସେବୀ ମାନବ ମହାନ୍ତି ଉପସ୍ଥିତ ଥିଲେ। କସାଫାଳିଆ ଉନ୍ନୟନ କାର୍ଯ୍ୟାଳୟର ସଂଯୋଜକ ତପନ ବେହେରାଙ୍କ ପରିଚାଳନାରେ ଅତିଥି ଭାବେ ସମିତିସଭ୍ୟ ହୀରାମଣି ସୋରେନ, ଅଙ୍ଗନବାଡ଼ି ଦିଦି ସବିତା ପଢିଆରି, ନିତୁରାଣୀ ଜେନା, ହରିପ୍ରିୟା ଦାସ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ । ନାଲଗଜ ପଂଚାୟତର ନଳଗଜା ଏବଂ ସାରମୁଳା ପଞ୍ଚାୟତରେ ଗୋବରା ଠାରେ ମଧ ଶତାଧିକ ମହିଳା ମାନଙ୍କୁ ନେଇ ୱାର୍ଡମେମ୍ବର, ଅଙ୍ଗନବାଡ଼ି ଦିଦି, ଆଶା ଦିଦିଙ୍କ ଉପସ୍ଥିତରେ ମହିଳା ଦିବସ ପାଳନ କରାଯାଇଥିଲା। କାର୍ଯ୍ୟକ୍ରମକୁ ପରିଚାଳନରେ ସୁଷମା ସାହୁ, ଉମା ରାଣୀ ବେହେରା, ସୋନାଲି ମହାନ୍ତି, ଅର୍ଚ୍ଚନା ଦାସ, ଗାୟତ୍ରୀ ପ୍ରଧାନ, ପ୍ରଶାନ୍ତ ସାହୁ, ସଞ୍ଜୁ, ଦୁର୍ଲଭ, ଗୀତାରାଣୀ ଚାନ୍ଦ, ରଶ୍ମୀତା ପାତ୍ର, ସ୍ୱଗତିକା, ଚନ୍ଦନ ଦାସ, ଲିଲି ମଣି ପାତ୍ର, ନହାଁ ସୋରେନ, ସହଯୋଗ କାରିଥିଲେ।

# ବାରିପଦାରେ ସାରଥୀ ଦେବଙ୍କ ସତ୍‌ସଙ୍ଗ



ବାରିପଦା, ୮ ।୩(ସମିସ): ମୟୂରଭଞ୍ଜ ସାରଥୀ ପରିବାର ଆନୁକୂଲ୍ୟରେ ବାରିପଦା ତଖତପୁର ଠାରେ 'ସାରଥୀ ଦେବଙ୍କ ଦିବ୍ୟ ସ୍ୱଚରଣ ପାଦୁକା ସତସଙ୍ଗ' ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ତଥା ରାଜ୍ୟ ବାହାରୁ ହଜାର ହଜାର ଶ୍ରଦ୍ଧାଳୁ ଯୋଗଦେଇ ଥିଲେ। ରବିବାର ପୂର୍ବାହ୍ନରେ ପ୍ରଭୁ ସାରଥୀ ଦେବଙ୍କ ସ୍ୱଚରଣ ପାଦୁକା ମୁଖ୍ୟ ଆଶ୍ରମରୁ ବାହାରି ବିଭିନ୍ନ ଜିଲ୍ଲା ଅତିକ୍ରମ କରିବା ପରେ ଅପରାହ୍ନ ୪ଟା ସମୟରେ ବାରିପଦା ତଖତପୁର ବିଶ୍ୱବିଦ୍ୟାଳୟ ଖେଳପଡ଼ିଆ ଠାରେ ପହଞ୍ଚିଥିଲା। ସେଠାରେ ଶହ ଶହ ଆଶ୍ରିତ ଓ ଶ୍ରଦ୍ଧାଳୁ ଏକ ବିଶାଳ ଶୋଭାଯାତ୍ରାରେ ହରିନାମ ସଂକୀର୍ତ୍ତନ ଓ ଭଜନ ମାଧ୍ୟମରେ ପାଦୁକାକୁ ସଭାସ୍ଥଳ ପର୍ଯ୍ୟନ୍ତ ପାଛୋଟି ଆଣିଥିଲେ। ଆଶ୍ରମରୁ ପାଦୁକା ଆସୁଥିବା ବେଳେ ରାସ୍ତାର ବିଭିନ୍ନ ସ୍ଥାନରେ ଭକ୍ତମାନେ ପୂଜାର୍ଚ୍ଚନା କରିବା ସହ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସନ୍ଧ୍ୟା ୫ଟାରୁ ସତସଙ୍ଗ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଆଶ୍ରମରୁ ଆସିଥିବା ପ୍ରଭୁଙ୍କ ମୁଖ୍ୟ ଆଶ୍ରିତ ଅମୂଲ୍ୟ ଓଝା ପ୍ରଭୁଙ୍କ ଦିବ୍ୟ ଗୁଣଗାନ କରିବା ସହ ଭଜନ ପରିବେଷଣ କରିଥିଲେ। ତାଙ୍କର ଭକ୍ତିପୁତ ପ୍ରବଚନ ଓ ସଙ୍ଗୀତ ଶ୍ରଦ୍ଧାଳୁମାନଙ୍କୁ ବିଭୋର କରିଥିଲା। ଏହି ଅବସରରେ ମୟୂରଭଞ୍ଜ ଜିଲ୍ଲା ସମେତ ପଡ଼ୋଶୀ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ରାଜ୍ୟରୁ ମଧ ବହୁ ସଂଖ୍ୟାରେ ସାରଥି ଆଶ୍ରିତ ଯୋଗ ଦେଇଥିଲେ। ସାରଥୀ ପରିବାରର ସଦସ୍ୟମାନଙ୍କ ସହଯୋଗରେ ସମଗ୍ର କାର୍ଯ୍ୟକ୍ରମଟି ଅତ୍ୟନ୍ତ ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଛି। ଏହି କାର୍ଯ୍ୟକ୍ରମ ମୟୂରଭଞ୍ଜ ଜିଲ୍ଲାରେ ଆଧ୍ୟାତ୍ମିକ ଜାଗରଣ ସୃଷ୍ଟି କରିଛି ଏବଂ ଭକ୍ତମାନଙ୍କ ମଧ୍ୟରେ ପ୍ରଭୁ ସାରଥି ଦେବଙ୍କ ପ୍ରତି ଭକ୍ତିଭାବନାକୁ ଆହୁରି ଦୃଢୀଭୂତ କରିଛି।

# ଏମ୍‌ଶ୍ରୀ ଦେଉଳିଆ ହାଇସ୍କୁଲ୍‌ର ଛାତ୍ରଙ୍କ କୃତିତ୍ୱ



ବଡ଼ସାହି,୮ ।୩(ସମିସ): ମୟୁରଭଞ୍ଜ ଜିଲ୍ଲାସ୍ତରୀୟ ପିଏମ୍‌ଶ୍ରୀ' ଉତ୍ସବରେ ପି ଏମ ଶ୍ରୀ ଦେଉଳିଆ ଉଚ୍ଚ ବିଦ୍ୟାଳୟର ଛାତ୍ର ସାଇକୃପା ସଦୁଆଳ ନିଜର ପ୍ରତିଭା ପ୍ରଦର୍ଶନ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ବାରିପଦାସ୍ଥିତ ପିଏମ୍‌ଶ୍ରୀ ଏମ.କେ.ସି ହାଇସ୍କୁଲ୍ ପରିସରରେ ଦୁଇଦିନ ଧରି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ମୋଟ ୩୨ଟି ପି ଏମ ଶ୍ରୀ ବିଦ୍ୟାଳୟ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଆୟୋଜିତ 'ଜିଜ୍ଞାସା' ପ୍ରତିଯୋଗିତାରେ ଦେଉଳିଆ ଉଚ୍ଚ ବିଦ୍ୟାଳୟର ଛାତ୍ର ସାଇକୃପା ସଦୁଆଳ ନିଜର ବୈଜ୍ଞାନିକ ତଥା ବୌଦ୍ଧିକ ଦକ୍ଷତା ପ୍ରତିପାଦନ କରି ଜିଲ୍ଲାସ୍ତରରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଉଦ୍‌ଯାପନୀ ସମାରୋହରେ ଅତିଥିମାନଙ୍କ ଗହଣରେ ତାଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଛି। ଏହି ସଫଳତା ପଛରେ ବିଦ୍ୟାଳୟର ସହାୟକ ଶିକ୍ଷକ ହୃଷୀକେଶ ଦେହୁରୀ, ଚିନ୍ମୟ ଶୁଭ୍ରାଂଶୁ ସିଂ, ସୁନିଲ ମାର୍ଣ୍ଡି, ଗାୟତ୍ରୀ ଦାଶ ଏବଂ ପ୍ରଦୀପ ଜେନାଙ୍କ ସୁପରିଚାଳନା ଓ ମାର୍ଗଦର୍ଶନ ପ୍ରମୁଖ ଭୂମିକା ଗ୍ରହଣ କରିଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଣବ କୁମାର ପ୍ରଧାନ ଏବଂ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟବୃନ୍ଦ କୃତୀ ଛାତ୍ର ସାଇକୃପା ଓ ସହାୟକ ଶିକ୍ଷକମାନଙ୍କୁ ସାଧୁବାଦ ଜଣାଇଥିଲେ।

# ତତ୍ତ୍ୱମସି ପ୍ରତିଷ୍ଠାନର ସ୍ୱନକ୍ଷତ୍ର ଓ ବାର୍ଷିକ ଉତ୍ସବ 'ଉଦୟାବର୍ତ୍ତ' ପାଳିତ



ବାରିପଦା, ୮ ।୩ (ସମିସ): ସାହିତ୍ୟ, ସେବା ଓ ସାଧୁତାର ବାର୍ତ୍ତାବହ ତତ୍ତ୍ୱମସି ପ୍ରତିଷ୍ଠାନର ତୃତୀୟ ସ୍ୱନକ୍ଷତ୍ର ଓ ବାର୍ଷିକ ଉତ୍ସବ 'ଉଦୟାବର୍ତ୍ତ' ସ୍ଥାନୀୟ ବାରିପଦା ଡିଗ୍ରୀ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ପାଳିତ ହୋଇଛି। ଉକ୍ତ ଉତ୍ସବରେ ପ୍ରତିଷ୍ଠାନର ପୂର୍ବତନ ସଭାପତି ଆଶିଷ କୁମାର ବଶା ପୌରୋହିତ୍ୟ କରିଥିବା ବେଳେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ବାରିପଦାର ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡା ମୁଖ୍ୟବକ୍ତା ଓ ବେତନଟୀ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ଓଡିଶା ସାହିତ୍ୟ ଏକାଡେମିର ପୂର୍ବତନ ସଦସ୍ୟ ଡଃ ରମାକାନ୍ତ ସିଂହ, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ସେବାନିବୃତ୍ତ ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ମିଶ୍ର, ପୁରୀର ସୁରକ୍ଷା ନେଚୁରାଲ ହେଲଥ କେୟରର ଅଧ୍ୟକ୍ଷ ଡାକ୍ତର ରାଧେଶ୍ୟାମ ରଥ ଏବଂ ବାରିପଦା ଡିଗ୍ରୀ ମହାବିଦ୍ୟାଳୟର ଉପାଧ୍ୟକ୍ଷ ଡ. ଯଦୁନାଥ ନାୟକ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଅତିଥିମାନେ ସେମାନଙ୍କ ବକ୍ତବ୍ୟରେ କ୍ଷୋଭ ପ୍ରକାଶ କରିଥିଲେ ଯେ ସମ୍ପ୍ରତି ଭୋଗବାଦୀ ସମାଜରୁ ପ୍ରକୃତ ସମାଜସେବା ଓ ସାଧୁତା ବିଲୁପ୍ତ ହେବାକୁ ବସିଲାଣି। ତେଣୁ ଆଜିର ସାହିତ୍ୟ ସ୍ୱଚ୍ଛ ସେବା ଓ ସାଧୁତାର ଜୟଗାନ କରି ଭ୍ରଷ୍ଟ ସମାଜକୁ ସେବା ତଥା ସାଧୁତା ପ୍ରତି ପ୍ରୋତ୍ସାହିତ କରିବା ନିତ୍ୟାନ୍ତ ଆବଶ୍ୟକ। ଏହି ଉତ୍ସବରେ ପ୍ରତିଷ୍ଠାନର ପ୍ରତିଷ୍ଠାତା ତଥା ସଭାପତି ରାଜେନ୍ଦ୍ର ସାମଲ ସମ୍ପାଦକ କାର୍ଯ୍ୟ ନିର୍ବାହ କରି ଅନୁଷ୍ଠାନର ଆଭିମୁଖ୍ୟ ଓ ବାର୍ଷିକ ସଫଳତା ସମ୍ପର୍କରେ ବିବରଣୀ ପ୍ରଦାନ କରିଥିବାବେଳେ ସଦସ୍ୟ ତଥା କ୍ଷେତ୍ରବାସୀ ଡିଏଭି କଲେଜ, ନିରାକାରପୁର, ଖୋର୍ଦ୍ଧାର ଓଡିଆ ବିଭାଗର ମୁଖ୍ୟ ଅଧ୍ୟାପକ ଡ. ପ୍ରଭାତ କୁମାର ସାହୁ ସମ୍ପୂର୍ଣ୍ଣ ମଞ୍ଚ ସଂଚାଳନା କରିଥିଲେ ଏବଂ ଏମଏସସିବି ବିଶ୍ୱବିଦ୍ୟାଳୟର ଓଡିଆ ବିଭାଗର ସହକାରୀ ପ୍ରଫେସର ଡ. ବିଚିତ୍ରନାଥ ସାହୁ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଏଥିରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରତିଷ୍ଠାନର ବାର୍ଷିକ ମୁଖପତ୍ର 'ଦର୍ପଣ-୨୦୨୬' ଲୋକାର୍ପିତ ହୋଇଥିଲା। ଏହି ଅବସରରେ ବିଶିଷ୍ଟ ସାହିତ୍ୟିକ କୃଷ୍ଣଚନ୍ଦ୍ର ମିଶ୍ରଙ୍କୁ 'ତତ୍ତ୍ୱମସି ସାହିତ୍ୟ' ସମ୍ମାନରେ, ସମର୍ପିତ ସେବକ ଡାକ୍ତର ରାଧେଶ୍ୟାମ ରଥଙ୍କୁ 'ତତ୍ତ୍ୱମସି ସେବା' ସମ୍ମାନରେ ତଥା ସେବାନିବୃତ୍ତ ବର୍ଷୀୟାନ୍ ଆଇଏଏସ୍ ଅଫିସର ଶଶଧର ପାଣିଗ୍ରାହୀଙ୍କୁ 'ତତ୍ତ୍ୱମସି ସାଧୁତା' ସମ୍ମାନରେ ସମ୍ମାନିତ କରାଇଥିଲା। ପରିଚାଳନାରେ ଡ. ସଞ୍ଜୀବ କୁମାର ପାଣିଗ୍ରାହୀ, ପାର୍ବତୀ ଦେ, ରାଜକୁମାର, ସୌମ୍ୟା ଦାସ, ଡ. ଦୀପାଞ୍ଜଳି ଭଞ୍ଜ ଓ ରାକେଶ ସିଂ ପ୍ରମୁଖ ସହଯୋଗ କରିଥିଲେ। ରାଜ କିରଣ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅନେକ ଲେଖକ, ସାହିତ୍ୟିକ ଯୋଗ ଦେଇଥିଲେ।

# ଭାଲିଆଡାଳରେ ଗ୍ରାମସଭା ଓ ମହିଳା ଦିବସ



ମହୁଲଡିହା,୮ ।୩(ସମିସ): ଠାକୁରମୁଣ୍ଡା ବ୍ଲକ ଭାଲିଆଡାଳ ପଞ୍ଚାୟତରେ ରବିବାର ଗ୍ରାମସଭା ଓ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ସରପଞ୍ଚ ଜାହ୍ନବୀ ସୟଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଡିଓ ସ୍ୱପ୍ନେଶ୍ୱର ବେହେରା ଯୋଗଦେଇ ମହିଳାଙ୍କ ସହଯୋଗ ବିନା ସମସ୍ତ ଅଧୁରା। ମହିଳା ହେଉଛନ୍ତି ସୃଷ୍ଟିର ଆଧାର, ତାଙ୍କ ବିନା ସମାଜ ସମ୍ପୂର୍ଣ୍ଣ ଅନ୍ଧାର। ଏଣୁ ପୁରୁଷ ସମାଜ ମାଆ ଭଉଣୀଙ୍କୁ ଯଥା ସମ୍ଭବ ସାହାଯ୍ୟ କରିବା ଦରକାର ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସାତକୋଶିଆ ସରପଞ୍ଚ ଚାନ୍ଦମଣି ଜାରିକା, ସମିତି ସଭ୍ୟ ବାମିଆ ବାନରା,ପେଷା ସଂଯୋଜକ ମଦନମୋହନ ମହାନ୍ତ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀକାନ୍ତ ରାଉତ ଓ ସ୍ୱେଚ୍ଛାସେବୀ ସଂଗଠନ ପ୍ରଦାନ ର କାର୍ଯ୍ୟକର୍ତ୍ତା ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସଭା ମାଧ୍ୟମରେ ପ୍ରଦାନର କାର୍ଯ୍ୟକର୍ତ୍ତା ଜୈବିକ କୃଷି ଓ ସ୍ଥାୟୀ କୃଷି ପ୍ରଣାଳୀ ଆଲୋଚନା କରି କୃଷି ଉତ୍ପାଦନ ବୃଦ୍ଧି ସହ ପରିବେଶ ସୁରକ୍ଷା ଏବଂ ଗ୍ରାମୀଣ ଜୀବିକାକୁ ସୁଦୃଢ କରାଯାଇପାରିବ ବୋଲି କହିଥିଲେ। ଏହି ବୈଠକରେ ପଞ୍ଚାୟତର ପ୍ରତ୍ୟେକ ଗ୍ରାମରୁ ଶତାଧିକ ସ୍ୱୟଂସହାୟକ ଗୋଷ୍ଠୀର ମହିଳା ଉପସ୍ଥିତ ଥିଲେ। ସ୍ୱେଚ୍ଛାସେବୀ ସଂଗଠନ ପ୍ରଦାନ ସସୁପ୍ରଭା ଦାଶ, ପଙ୍କଜ କୁମାର ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ଏସଏଚ୍‌ଜି ଗ୍ରୁପର ସଦସ୍ୟାମାନେ ମଞ୍ଚ ପରିଚାଳନା ଏବଂ ଧନ୍ୟବାଦ ଅର୍ପଣ କରିଥିଲେ।

# ବେତନଟୀ ଥାନା ଆଇଆଇସିଙ୍କ ଯୋଗଦାନ



ବେତନଟୀ,୮ ।୩(ସମିସ): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ବେତନଟୀ ଥାନାରେ ନୂତନ ଆଇ ଆଇ ସି ଭାବେ କ୍ରିଷ୍ଟା ପିଙ୍ଗୁଆ ଯୋଗ ଦେଇଛନ୍ତି। ସେ ପୂର୍ବରୁ ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନାର ଆଇଆଇସି ଭାବେ କାର୍ଯ୍ୟ ତୁଲାଉଥିଲେ। ସରକାରଙ୍କ ନିର୍ଦ୍ଦେଶ କ୍ରମେ ବାଲେଶ୍ୱର ଜିଲ୍ଲାରୁ ମୟୂରଭଞ୍ଜ ଜିଲ୍ଲାର ପୁଲିସ ମୁଖ୍ୟାଳୟରେ ପହଞ୍ଚିବା ପରେ ମୟୂରଭଞ୍ଜ ଏସପିଙ୍କ ନିର୍ଦ୍ଦେଶ କ୍ରମେ ତାଙ୍କୁ ବେତନଟୀ ଥାନାଆଇଆଇସି ଭାବରେ ବଦଳି କରାଯାଇଛି। ସେ ଆଜି ମଧ୍ୟାହ୍ନରେ ବେତନଟୀ ଥାନାର ପୂର୍ବତନ ଆଇଆଇସି ସସ୍ମିତା ମହାନ୍ତ ଓ ସବୁ ଥାନା କର୍ମଚାରୀଙ୍କ ଉପସ୍ଥିତିରେ ବେତନଟୀ ଥାନାରେ ଯୋଗଦାନ କରିଥିଲେ। ସେହିଭଳି ବେତନଟୀ ଥାନାଆଇଆଇସି ଭାବେ ଦାୟିତ୍ୱରେ ଥିବା ସସ୍ମିତା ମହାନ୍ତଙ୍କୁ ବେତନଟୀ ଥାନାରୁ ବାରିପଦା ସଦର ଥାନାକୁ ବଦଳି କରାଯାଇଛି। ନୂତନ ଆଇ ଆଇ ସି ଭାବେ ଥାନାରେ ଯୋଗ ଦେବା ପରେ ବେତନଟୀ ବ୍ଲକ ମିଡିଆ ଆସୋସିଏସନ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ଏଥିରେ ସାମ୍ବାଦିକ ରାଜେଶ ଖଣ୍ଡେଲୱାଲ, ଧରଣୀଧର ମହାନ୍ତି, ଭବାନୀ ଶଙ୍କର ପରିଡା, ଉଦିତ କୁମାର ପରିଡା, ହରିଶଚନ୍ଦ୍ର ସାମଲ, ଲାଲମୋହନ ନାଏକ, ପ୍ରକଶ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

# ବାରୁଣୀ ମେଳା ପ୍ରସ୍ତୁତି ବୈଠକ

କୁଆମରା ,୮ ।୩(ସମିସ): ଗୋପବନ୍ଧୁ ନଗର ବ୍ଲକ୍ ବାଲଡିହା ନିକଟସ୍ଥ ଢୁଢୁଆ ଠାରେ ପ୍ରବାହିତ ଗଙ୍ଗାହାର ନଦୀ କୂଳରେ ଆସନ୍ତା ୧୭ ତାରିଖରେ ବାରୁଣୀ ମେଳା ଅନୁଷ୍ଠିତ ହେବ। ଏଥି ନିମନ୍ତେ ବ୍ଲକ ପରିସରରେ ବଡିଓ ପୃଥିରାଜ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ତହସିଲଦାର ଓମ୍ ପ୍ରକାଶ ମହାନ୍ତିଙ୍କ ସମେତ ପୁଲିସ ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗ, ବିଦ୍ୟୁତ ବିଭାଗ, ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ସମେତ କମିଟିର ସଭାପତି ଗୋପିନାଥ ବେହେରା, ସଂପାଦକ କରୁଣାକର ପାତ୍ର, ସୁମନ୍ତ କୁମାର ନାୟକ, ମାନଗୋବିନ୍ଦ ଖିଲାର, ଉଦୟନାଥ ମହାପାତ୍ର, ବ୍ୟମକେଶ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିବର୍ଷ ଭଳି ଚଳିତ ବର୍ଷ ପରମ୍ପରା ଅନୁସାରେ ଚୈତ୍ର କୃଷ୍ଣ ପକ୍ଷ ତ୍ରୟୋଦଶୀ ତିଥିରେ ଢୁଢେଶ୍ୱର ମହାଦେବଙ୍କ ବାର୍ଷିକ ପୂଜା ଅନୁଷ୍ଠିତ ହେବ।

# ବେଲବାହାଳିରେ ୧୯୮୦ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁ ମିଳନ



ଆନନ୍ଦପୁର, ୮।୩ (ସମିସ): ଆନନ୍ଦପୁର ବ୍ଲକ ବେଲବାହାଳି କୁଣ୍ଡୁଳାଇ ସରକାରୀ ଉଚ୍ଚବିଦ୍ୟାଳୟର ୧୯୭୬-୧୯୮୦ ମାଟ୍ରିକ ବ୍ୟାଚର ପୁରାତନ ଛାତ୍ରଛାତ୍ରୀଙ୍କୁ ନେଇ କୁଣ୍ଡୁଳାଇ ହାଇସ୍କୁଲରେ ଏକ ବନ୍ଧୁ ମିଳନ ଏବଂ ପୂଜ୍ୟପୂଜା ସମ୍ବର୍ଦ୍ଧନା, ଗୁରୁ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶେଷ କରି ଆଜି ବିଶ୍ୱ ମହିଳା ଦିବସ ଅବସରରେ ସମସ୍ତ ପୁରାତନ ଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପୁରାତନ ଛାତ୍ର ଏକାଦଶୀ ସାହୁ ଏବଂ ସନାତନ ସାହୁ, ରାମଚନ୍ଦ୍ର ସାହୁ, କଳାକାର ସାହୁଙ୍କ ସଂଯୋଜନାରେ ସଭାକାର୍ଯ୍ୟରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ କମଳ ଲୋଚନ ସାହୁ ସଭାପତିତ୍ୱ କରିଥିଲେ। ପୁରାତନ ଶିକ୍ଷକ ଅଭିମନ୍ୟୁ ପଣ୍ଡା, ପ୍ରୀତବାସ ପରିଡା, ଅନନ୍ତ ଚରଣ ଖୁଣ୍ଟିଆ, ଚୈତନ ଚରଣ ନାୟକ, ଗଣେଶ୍ୱର ନନ୍ଦ, ଗୋବିନ୍ଦଚନ୍ଦ୍ର ସାହୁ ଏବଂ କର୍ମଚାରୀ ଅନାମ ଚରଣ ସାହୁଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ ପୂର୍ବକ ନିରାମୟ ଜୀବନ କାମନା କରାଯାଇଥିଲା। ଦୀର୍ଘ ୪୬ ବର୍ଷ ବ୍ୟବଧାନ ପରେ ପୁରାତନ ଛାତ୍ରଛାତ୍ରୀମାନେ ଏକତ୍ରିତ ହୋଇ ସ୍କୁଲ ଜୀବନର ସ୍ମୃତି ମନେ ପକାଇଥିଲେ। ପୁରାତନ ଛାତ୍ରଛାତ୍ରୀ ଏକାଦଶୀ ସାହୁ, ସନାତନ ସାହୁ, କଳାକାର ସାହୁ, ପ୍ରଫୁଲ ସାହୁ, ରାମଚନ୍ଦ୍ର ସାହୁ, ନକୁଳ ସାହୁ, ମନୋରଞ୍ଜନ ପଣ୍ଡା, ପ୍ରହଲ୍ଲାଦ ସାହୁ, ପ୍ରାଣବନ୍ଧୁ ସାହୁ, ତରଣୀସେନ ସାହୁ, ଦୁଃଶାସନ ଜେନା, ପୂର୍ଣ୍ଣଚନ୍ଦ୍ର ସାହୁ, ଆନନ୍ଦଚନ୍ଦ୍ର ସାହୁ, ସବିତା ସାହୁ, ବାସନ୍ତୀ ନାଥ ସମେତ ୫୦ରୁ ଅଧିକ ପୁରାତନ ଛାତ୍ରଛାତ୍ରୀ ଏବଂ ପରିବାର ବର୍ଗ ଯୋଗ ଦେଇଥିଲେ। ଏହି ଦିନର ସ୍ମୃତିରେ ପୁରାତନ ଛାତ୍ରମାନେ ଏକ କମିଟି ମାଧ୍ୟମରେ ଆଗାମୀ ଦିନରେ ବିଭିନ୍ନ ଜନହିତକର କାର୍ଯ୍ୟ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ବ୍ୟାଚ ମଧ୍ୟରେ ଯେଉଁ ସାଙ୍ଗମାନେ ଅସୁବିଧାରେ ପଡ଼ିଛନ୍ତି ସାହାଯ୍ୟ କରାଯିବା ନେଇ ମତ ପ୍ରକାଶ କରିଥିଲେ।

# ଲକ୍ଷ୍ମୀନାରାୟଣ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

ଆନନ୍ଦପୁର, ୮।୩ (ସମିସ): ଘସିପୁରା ବ୍ଲକ୍ ରାମଚନ୍ଦ୍ରପୁରସ୍ଥିତ ଲକ୍ଷ୍ମୀନାରାୟଣ ସରକାରୀ ଉଚ୍ଚବିଦ୍ୟାଳୟ ୨୦୧୪ ବ୍ୟାଚର ଛାତ୍ରଛାତ୍ରୀଙ୍କ ଦ୍ୱାରା ବନ୍ଧୁ ମିଳନ କାର୍ଯ୍ୟକ୍ରମ ଗଁପୁର କଜଲେଇ ପାହାଡ଼ ପାଦଦେଶରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ଦୀପକ ମଲ୍ଲିକ ଏବଂ ବାପୁନି ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକାର୍ଯ୍ୟରେ ସମସ୍ତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଛାତ୍ରଙ୍କ



ମଧ୍ୟରେ ସ୍ନେହ ଭାବର ଆଦାନ ପ୍ରଦାନର ମାଧ୍ୟମ ହେଉଛି ବନ୍ଧୁ ମିଳନ। ସ୍କୁଲର ଶିକ୍ଷକଙ୍କ ଗୁଣଗାନ କରିବା ସହିତ ସେମାନଙ୍କର ଭଲପାଇବା ଶିକ୍ଷା ଓ ଆଦର୍ଶକୁ ମନେ ପକାଇଥିଲେ। ସମସ୍ତ ପୂରାତନ ଛାତ୍ରଛାତ୍ରୀ ନିଜ ନିଜ ମଧ୍ୟରେ ସ୍କୁଲ ଜୀବନର ସ୍ମୃତି ଆଦାନ ପ୍ରଦାନ କରିଥିଲେ। ଶିଶିର, ବାପୁନି, ଦୀପକ, ମଣ୍ଟୁ, ସୁଟୁ, ଚିଣ୍ଟୁ, ରାଜୁ, ବିଜୟ, ସରୋଜ, ରଞ୍ଜନ, ପ୍ରତାପ, ବାଇନ, ସିପୁ, ଚିନୁ, ବିଜୁ, ବୁଲୁ, ବାପୁନୁ, ମିଲୁ, ଲିରା, ସୁନି, ରତି, ରୋଜି, ସୀମା, ସସ୍ମିତା, ଅର୍ଚ୍ଚନା ସହଯୋଗ କରିଥିଲେ।

## ଆଜିର ରାଶିଫଳ

**ମେଷ:** ଅଚାନକ ଖୁସି ଖବର ପାଇବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଦୀର୍ଘ ଦିନର ଆଶା ପୂରଣ ହେବ। ରାଜନେତାଙ୍କ ପାଇଁ ଦିନଟି ଭଲ। ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ।

**ବୃଷ:** କୋର୍ଟ କଚେରୀ ମାମଲାର ଶୁଣାଣି ହେବ। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିବେ। ପରିବାର ସହିତ ସମୟ ଅତିବାହିତ କରିବେ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**ମିଥୁନ:** ଅଫିସ୍ କାର୍ଯ୍ୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି। ବିଦ୍ୟାର୍ଥୀ ଖେଳକୁଦରେ ଅଧିକ ସମୟ ବିତାଇବେ। ନିଜ ଲୋକ ଶତ୍ରୁ ସାଜିପାରନ୍ତି।

**କର୍କଟ:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ସଫଳତା ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିପାରେ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ପାରିବାରିକ ଜୀବନ ସୁଖମୟ ହେବ।

**ସିଂହ:** ବ୍ୟବସାୟରୁ କ୍ଷତି ସହିପାରନ୍ତି। ପୈତୃକ ସମ୍ପତ୍ତିକୁ ନେଇ ବାଦ ବିବାଦ ଦେଖା ଦେଇପାରେ। ଧୈର୍ଯ୍ୟ ରଖି ଚାଲନ୍ତୁ। ପୁରୁଣା ବନ୍ଧୁଙ୍କ ସହ ଭେଟ ହୋଇପାରେ। ବ୍ୟବହାରରେ ସଂଯମତା ରକ୍ଷା କରିବେ।

**କନ୍ୟା:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ପରିବାର ସଦସ୍ୟଙ୍କ ସହ ଖୁସିର ସମୟ ବିତାଇବେ। ଯାନବାହନ ଚଳାଚଳ ସମୟରେ ସତର୍କତା ଅବଲମ୍ବନ କରନ୍ତୁ।

**ତୁଳା:** କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ଆଶା କରିଥିବା ଦିଗରୁ ଧନ ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ନୂତନ ଜମି କିଣିପାରନ୍ତି। ସମ୍ପର୍କୀୟଙ୍କଠାରୁ ଉପହାର ପାଇବେ।

**ବିଛା:** ପିଲାମାନଙ୍କ ସହିତ ସମୟ ବିତାଇବେ। ଚିନ୍ତା ମୁକ୍ତ ହେବେ। ମହିଳାମାନେ ସାମାଜିକ କାର୍ଯ୍ୟରେ ସାମିଲ ହେବେ। ହାତେ ମାପି ଚାଖଣ୍ଡେ ଚାଲନ୍ତୁ। ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିପାରେ।

**ଧନୁ:** ବିନା କାରଣରେ ଉଦାସ ରହିପାରନ୍ତି। ପୁରୁଣା ବନ୍ଧୁଙ୍କ ସହିତ ସାକ୍ଷାତ ଯୋଗ ରହିଛି। ବ୍ୟବସାୟ ଜନିତ ସମସ୍ୟାର ସମାଧାନ ହେବ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ।

**ମକର:** ନୂତନ କାମରେ ଯୋଗ ଦେଇପାରନ୍ତି। ଅନ୍ୟମାନଙ୍କୁ ସାହାଯ୍ୟ କରି ପ୍ରଶଂସିତ ହୋଇପାରନ୍ତି। ଦୀର୍ଘ ଦିନରୁ ଲାଗିରହିଥିବା ବିବାଦର ସମାଧାନ ହେବ। ଉଧାର ଟଙ୍କା ଫେରିପାଇବେ।

**କୁମ୍ଭ:** ଗର୍ଭବତୀ ମହିଳା ସତର୍କ ରୁହନ୍ତୁ। ବନ୍ଧୁଙ୍କୁ ଉଧାର ଦେଇପାରନ୍ତି। ସମୟର ସଦୁପଯୋଗ କରନ୍ତୁ। ପଡୋଶୀଙ୍କ ସହିତ ସୁସମ୍ପର୍କ ରହିବ। ମହିଳାମାନେ ଧାର୍ମିକ କାର୍ଯ୍ୟରେ ସାମିଲ ହେବେ।

**ମୀନ:** ବିଚାରଧାରାକୁ ସକାରାତ୍ମକ ରଖନ୍ତୁ। ଦାନ ଧର୍ମ କରନ୍ତୁ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଧର୍ମପତ୍ନୀଙ୍କୁ ଦାମୀ ଉପହାର ଦେବେ।

## ଆଜିର ଇତିହାସ

- ୧୯୧୬- ଜର୍ମାନୀ ପର୍ତ୍ତୁଗାଲ ବିରୋଧରେ ଯୁଦ୍ଧ ଘୋଷଣା କଲା।
- ୧୯୪୮ - ଏୟାର୍ ଇଣ୍ଡିଆ ଇଣ୍ଟରନ୍ୟାସ୍‌ନାଲର ସ୍ଥାପନା।
- ୧୯୫୧- ଭାରତର ପ୍ରସିଦ୍ଧ ତବଲା ବାଦକ ଉସ୍ତାଦ ଜାକିର୍ ହୁସେନ୍‌ଙ୍କ ଜନ୍ମ।
- ୧୯୭୩- ଉତ୍ତର ଆୟରଲ୍ୟାଣ୍ଡରେ ହୋଇଥିବା ଏକ ଜନମତ ସଂଗ୍ରହରେ ଜନତା ବ୍ରିଟେନ ସହିତ ରହିବା ସପକ୍ଷରେ ଭୋଟ ଦେଲେ।



# ଡିଜିଟାଲ ସନ୍‌ସେଟ୍

ଆଜିକାଲିର ଯୁବପିଢ଼ିଙ୍କ ଅଧାରୁ ଅଧିକ ସମୟ ମୋବାଇଲ, ଲାପଟପ୍‌ରେ ଅତିବାହିତ ହେଉଛି। ତେବେ ଏହି ଅଭ୍ୟାସକୁ ନେଇ ଜେନ୍ ଜେଡ୍‌ଙ୍କ ମଧ୍ୟରେ ଏକ ନୂଆ ଟ୍ରେଣ୍ଡ ଖୁବ୍ ଭାଇରାଲ ହେଉଛି। ଯାହାକୁ ଡିଜିଟାଲ ସନ୍‌ସେଟ୍ ବୋଲି କୁହାଯାଉଛି। ଏହା ଏକ ସାଧାରଣ ଟ୍ରେଣ୍ଡ ନୁହେଁ, ବରଂ ଏହାକୁ ସ୍ୱାସ୍ଥ୍ୟକର ଜୀବନ ପ୍ରତି ବଢ଼ୁଥିବା ଏକ ଛୋଟ ତଥା ପ୍ରଭାବଶାଳୀ ପଦକ୍ଷେପ ବୋଲି କୁହାଯାଇ ପାରିବ। ବିଶେଷକରି କର୍ମଜୀବୀ ଏବଂ କଲେଜ ଛାତ୍ରଛାତ୍ରୀ ଏହି ଧାରାକୁ ଆପଣାଉଥିବାର ଦେଖାଯାଉଛି। ଏହାଦ୍ୱାରା ପରିବାର ସହିତ ଅଧିକ ସମୟ ଅତିବାହିତ କରିହେଉଛି ଏବଂ ଲୋକେ ନିଜ ପାଇଁ ବି ସମୟ ବାହାର କରିପାରୁଛନ୍ତି। ରାତିରେ ଶୋଇବାର କିଛି ଘଣ୍ଟା ପୂର୍ବରୁ ମୋବାଇଲ, ଲାପ୍‌ଟପ୍, ଟିଭି ଆଦିର ସ୍କ୍ରିନ୍‌କୁ ବନ୍ଦ କରିବାକୁ ଡିଜିଟାଲ ସନ୍‌ସେଟ୍ କୁହାଯାଉଛି। ଏହାଦ୍ୱାରା ମସ୍ତିଷ୍କକୁ ଆରାମ ମିଳିବା ସହ ନିଦର ଗୁଣବତ୍ତାରେ ଉନ୍ନତି ଘଟୁଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ଜେନ୍‌ଜେଡ୍ ଏହାକୁ ଅନୁସରଣ କରି ଅବସାଦ କମ୍ କରିବା ଏବଂ ନିଜକୁ ଶାରୀରିକସ୍ତରରେ ଅଧିକ ସକ୍ରିୟ କରିବାକୁ ଚେଷ୍ଟା କରୁଛନ୍ତି। ଯେଉଁମାନେ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ରିଲ୍ସ ଦେଖୁଛନ୍ତି, ଏହି ଟ୍ରେଣ୍ଡ ସେମାନଙ୍କଠାରେ ବହୁଳ ଭାବେ ଲୋକପ୍ରିୟ ହେବାରେ ଲାଗିଛି। ତେବେ ଏହି ଟ୍ରେଣ୍ଡ ଯୋଗୁଁ ଲୋକେ ଶୋଇବାର ଘଣ୍ଟାଏ ତଥା ଦୁଇ ଘଣ୍ଟା ପୂର୍ବରୁ ଫୋନ୍ ସାଇଲେଣ୍ଟ କରିକି ଦୂରରେ ରଖନ୍ତି। ଏହି ସମୟରେ କିଛି ଲୋକ ବହି ପଢ଼ିବା ସହିତ ଆଉ କିଏ ଧ୍ୟାନ, ପ୍ରାଣାୟାମ ଆଦି କରିଥାନ୍ତି। କେହିକେହି ଗୀତ ଶୁଣିବା ତଥା ପରିବାର ସହିତ ସମୟ ଅତିବାହିତ କରିବାକୁ ପସନ୍ଦ କରିଥାନ୍ତି। ଏହାଦ୍ୱାରା ଲୋକେ ବେଶ୍ ଆରାମରେ ଶୋଉଥିବା କହୁଛନ୍ତି। ଏହା ସହ ଅନେକ ଯୁବପିଢ଼ି ଏନେଇ ନିଜ ଅନୁଭୂତି ସାମାଜିକ ଗଣମାଧ୍ୟମରେ ସେୟାର୍ ମଧ୍ୟ କରିଛନ୍ତି। ଏହି ଟ୍ରେଣ୍ଡକୁ ଆପଣାଇ ସେମାନେ ଶୀଘ୍ର ଶୋଇବା ସହ ସକାଳୁ ଉଠିବା ପରେ ବେଶ୍ ସତେଜ ଅନୁଭବ କରୁଥିବା କହିଛନ୍ତି। ଏହା କେବଳ ନିଦ ପାଇଁ ନୁହେଁ, ବରଂ ମାନସିକ ସ୍ୱାସ୍ଥ୍ୟ ଲାଗି ଉପକାରୀ ବୋଲି କୁହାଯାଉଛି।

# 'ରାମାୟଣ' ଲିକ୍ ହେଲା ରଣବୀରଙ୍କ ଲୁକ୍





ନୀତେଶ ତିୱାରିଙ୍କ ଫିଲ୍ମ 'ରାମାୟଣ'କୁ ନେଇ ଅନେକ ଦିନରୁ ଚର୍ଚ୍ଚା ଲାଗି ରହିଛି। ଏଥିରେ ରଣବୀର କପୁର (ଭଗବାନ ରାମଙ୍କ ଭୂମିକାରେ), ସାଇପଲ୍ଲବୀ (ମାତା ସୀତାଙ୍କ ଭୂମିକାରେ) ଓ ୟଶ୍ (ରାବଣ ଭୂମିକାରେ) ନଜର ଆସିବେ। ଇତିମଧ୍ୟରେ 'ରାମାୟଣ' ସେଟ୍‌ରୁ କିଛି ଫଟୋ ଲିକ୍ ହୋଇଛି। ଏହି ଫଟୋଗୁଡ଼ିକରେ ରଣବୀର ଲମ୍ବା କେଶ ସହ ପାରମ୍ପରିକ ଆଭୂଷଣ ପିନ୍ଧିଥିବାର ଦେଖାଯାଇଛନ୍ତି। ସେ ଏକ ଧୋତି ଉପରେ କଳାରଙ୍ଗର ଲଙ୍ଗ୍ ଜ୍ୟାକେଟ୍ ପିନ୍ଧିଥିବାବେଳେ ମଥାରେ ତିଳକ ଲଗାଇଛନ୍ତି। ତେବେ ରଣବୀରଙ୍କ ଲୁକ୍‌କୁ ଦର୍ଶକେ ଏତେଟା ପସନ୍ଦ କରିନାହାନ୍ତି। ଏଭଳି ଲୁକ୍ ଟିଭି ଶୋ'ଗୁଡ଼ିକରେ ଦେଖିବାକୁ ମିଳିଥାଏ ବୋଲି ଅନେକ ଏଥିରେ ପ୍ରତିକ୍ରିୟା ରଖିଛନ୍ତି। ସେହିପରି ଆଉ କେହି କେହି ୪୦୦୦ କୋଟିର ଫିଲ୍ମରେ ପ୍ରଯୋଜକ କଳାକାରଙ୍କୁ ୪୦୦ ଟଙ୍କାର ୱିଗ୍ ପିନ୍ଧାଇ କାମ ଚଳାଉଥିବା କହିଛନ୍ତି। କିଛି ଲୋକ ଏହା ଦ୍ୱିତୀୟ 'ଆଦିପୁରୁଷ' ବୋଲି ମତ ଦେଇଛନ୍ତି। 'ରାମାୟଣ'କୁ ଭାରତର ସବୁଠୁ ବଡ଼ ବଜେଟ୍‌ର ଫିଲ୍ମ ବୋଲି କୁହାଯାଉଛି। ଏହା ଦୁଇଟି ପାର୍ଟରେ ଆସିବ। ଏହାର ପ୍ରଥମ ପାର୍ଟ ଏଇ ବର୍ଷ ଦୀପାବଳି ଓ ଏହାର ଦ୍ୱିତୀୟ ପାର୍ଟ ଆସନ୍ତା ବର୍ଷ ଦୀପାବଳି ଅବସରରେ ଆସିବ।

# ୫୫ ମିଟର ଲମ୍ବା ଚକଲେଟ୍ ଟ୍ରେନ୍



ଚକଲେଟ୍‌କୁ ନେଇ ଅନେକ ସମୟରେ କଳାକୃତିମାନ ତିଆରି ହୋଇଛି। ଏହି କ୍ରମରେ ଇଟାଲୀରେ ନିର୍ମିତ ୫୫.୨୭ ମିଟର ଲମ୍ବା ଏକ ଚକଲେଟ୍ ଟ୍ରେନ୍ ଗିନିଜ୍ ବିଶ୍ୱ ରେକର୍ଡରେ ସ୍ଥାନ ପାଇଛି। ଏହାକୁ ମାଲ୍ଟାର ପେଷ୍ଟ୍ରି ସେଫ୍ ଆଣ୍ଡ୍ର୍ୟୁ ଫରୁଜିୟା ନିର୍ମାଣ କରିଛନ୍ତି। ସେ ଏହାକୁ ମାଲ୍ଟା ଏବଂ ଇଟାଲୀର ପାକ କଳା ଛାତ୍ରଙ୍କ ସହ ମିଶି ପ୍ରସ୍ତୁତ କରିଛନ୍ତି। ଆଣ୍ଡ୍ର୍ୟୁ ଏହି ବିଶାଳକାୟ ଚକେଲଟ୍ ଟ୍ରେନ୍‌ଟିକୁ ୩୦୦୦ କେଜି ବେଲିଜିୟମ୍ ଚକଲେଟ୍‌ରୁ ପ୍ରସ୍ତୁତ କରିଥିଲେ। ଜାନୁୟାରୀ ୨୬ରେ ଇଟାଲୀର ମିନାଲରେ ଏହାକୁ ପ୍ରଦର୍ଶନ କରାଯାଇଥିଲା। ଚକଲେଟ୍‌ରେ ନିର୍ମିତ ଏହି ଟ୍ରେନ୍‌ର ସମ୍ମୁଖ ଭାଗ ଆଗକାଳର ବାଷ୍ପଚାଳିତ ଇଞ୍ଜିନ୍ ଭଳି ହୋଇଛି। ଏଥିରେ ଗୋଟିଏ ଇଞ୍ଜିନ୍ ସହ ୨୨ଟି ବଗି ରହିଛି। ଏନେଇ ଆଣ୍ଡ୍ର୍ୟୁଙ୍କ କହିବା କଥା, ଏଥିରେ ୯୫% ଚକଲେଟ୍ ଓ ମାତ୍ର ୫% ମୋଲ୍ଡ ବ୍ୟବହାର କରାଯାଇଛି। ଏହାକୁ ଅବିକଳ ଟ୍ରେନ୍‌ର ରୂପ ଦେବା ଲାଗି ରେଳଧାରଣାଗୁଡ଼ିକ ମଧ୍ୟ ଚକଲେଟ୍‌ରେ ନିର୍ମାଣ କରାଯାଇଥିଲା। ବଗି ମଧ୍ୟରେ ଯାତ୍ରୀଙ୍କ ନିମନ୍ତେ ଉଦ୍ଦିଷ୍ଟ ଚେୟାର୍‌ଗୁଡ଼ିକ ନିର୍ମାଣ କରିବା ପାଇଁ ତାଙ୍କୁ ଯଥେଷ୍ଟ ସତର୍କତା ଅବଲମ୍ବନ କରିବାକୁ ହୋଇଥିଲା ବୋଲି ଆଣ୍ଡ୍ର୍ୟୁ କହିଛନ୍ତି।

## ସ୍ୱସ୍ତି

# ଅକ୍ଷତର ମହତ୍ତ୍ୱ

ଦେବୀ ଦେବତାଙ୍କ ପୂଜା ହେଉ ଅବା ପିତୃପୁରୁଷଙ୍କ ପିଣ୍ଡଦାନ କିମ୍ବା ମଥାରେ ତିଳକ ଲଗାଇବା ତଥା ବିବାହ ଭଳି ମାଙ୍ଗଳିକ କାର୍ଯ୍ୟ ଆଦି ସମସ୍ତ ଧର୍ମ କର୍ମ ଚାଉଳ ବିନା ଅଧୁରା। ଚାଉଳକୁ ଅକ୍ଷତ କୁହାଯାଏ। ଅକ୍ଷତର ଅର୍ଥ ଯାହା ଭାଙ୍ଗି ନ ଥିବ। ପୂଜାପାଠରେ ଭଗବାନଙ୍କୁ ଚାଉଳ ଅର୍ପଣ କରି ଭକ୍ତ ପ୍ରାର୍ଥନା କରନ୍ତି। ପୂଜା ପ୍ରାରମ୍ଭରେ ସଂକଳ୍ପ ନେବା ସମୟରେ ହାତରେ ଚାଉଳ ରଖାଯାଏ।



- ପୂଜାରେ ସିନ୍ଦୂର, ଚନ୍ଦନ, ଫୁଲ ଆଦିରେ ଚାଉଳ ରଖିବା ପରମ୍ପରା ରହିଛି।
- ମଥାରେ ତିଳକ ସମୟରେ ଚାଉଳ ଲଗାଯାଏ।
- ସୂର୍ଯ୍ୟଦେବଙ୍କୁ ଅର୍ଘ୍ୟ ଦେବା ସମୟରେ ଲୋଟା ପାଣିରେ ଚାଉଳ ପକାଯାଏ।
- ମାନ୍ୟତା ଅଛି ଚାଉଳ ଦାନ ଦ୍ୱାରା ଆଜୀବନ ଶୁଭଫଳ ପ୍ରଦାନ ମିଳିଥାଏ।
- ମଙ୍ଗଳ ଗ୍ରହ ପୂଜାରେ ଚାଉଳର ବ୍ୟବହାର ବିଶେଷ ଭାବେ କରାଯାଏ।
- ତିଳକ ସମୟରେ ଚାଉଳ ଲଗାଇବାର ଅର୍ଥ ହେଉଛି ଘର-ପରିବାର ଓ ସମାଜରେ ମାନସମ୍ମାନ ସହିତ ସଫଳତା ମିଳେ। ଏହାବାଦ୍ ଚାଉଳ ଯେଭଳି ଦୀର୍ଘାୟୁ ଠିକ୍‌ସେହିପରି ଜଣକ ମଥାରେ ତିଳକରେ ଅକ୍ଷତ ଲଗାଇ ଜଣକ ଦୀର୍ଘାୟୁ କାମନା କରାଯାଏ।

# ପର୍ସରେ ଠାକୁରଙ୍କ ଫଟୋ ରଖୁଥିଲେ...



**ଧାର୍ମିକ ମାନ୍ୟତାନୁସାରେ, ବାସ୍ତୁ ନିୟମ ପାଳନ କଲେ ଜୀବନରେ ଅନେକ ସମସ୍ୟାରୁ ମୁକ୍ତି ମିଳିଥାଏ। ପର୍ସରେ କିଛି ଲୋକ ବାପା ମାଆଙ୍କ ଫଟୋ ରଖନ୍ତି ତ ଆଉ କିଏ ଦେବୀ ଦେବତାଙ୍କ ଫଟୋ। ତେବେ ବାସ୍ତୁ ନିୟମ ଅନୁସାରେ ପର୍ସରେ ଠାକୁରଙ୍କ ଫଟୋ ରଖିବା ଉଚିତ କି ଅନୁଚିତ, ସେ ସମ୍ପର୍କରେ ଜାଣିବା।**

- ବାସ୍ତୁ ନିୟମ ଅନୁସାରେ, ପର୍ସରେ ଦେବୀ ଦେବତାଙ୍କ ଫଟୋ ରଖିବା ଠିକ୍ ନୁହେଁ। ପର୍ସରେ ଦେବୀ ଦେବତାଙ୍କ ଫଟୋ ରଖୁଥିଲେ ଜୀବନରେ ଆର୍ଥିକ ସମସ୍ୟା ଦେଖା ଦେଇପାରେ।
- ତେବେ ଏହାକୁ ନ ରଖିବା ପଛରେ କାରଣ ଅଛି। କୁହାଯାଏ ଦେବୀ ଦେବତାଙ୍କ ଫଟୋ ନ ରଖିବାର କାରଣ ହେଉଛି, ପର୍ସକୁ ଅଲଗା ଅଲଗା ସ୍ଥାନରେ ରଖାଯାଏ। ଦେବୀ ଦେବତାଙ୍କୁ କୌଣସି ଗୋଟିଏ ସ୍ଥାନରେ ସ୍ଥାପନ କରି ତାଙ୍କ ପୂଜା କରିବା ଉଚିତ।
- ଦେବୀ ଦେବତାଙ୍କ ଫଟୋ ସ୍ଥାନରେ ମୟୂର ପୁଚ୍ଛ, ଅକ୍ଷତ, ଶ୍ରୀଯନ୍ତ୍ର ଆଦି ରଖିପାରିବେ। ଏସବୁ ରଖିବା ଦ୍ୱାରା ଆର୍ଥିକ ଉନ୍ନତି ହୁଏ।
- ବାସ୍ତୁ ଅନୁସାରେ ପର୍ସର ରଙ୍ଗ ମଧ୍ୟ ଆର୍ଥିକ ସ୍ଥିତି ଉପରେ ଗଭୀର ପ୍ରଭାବ ପକାଏ। ତେଣୁ କିଛି ରଙ୍ଗ ଏମିତି ଅଛି, ଯାହାଠୁ ଦୂରତ୍ୱ ରକ୍ଷା କରିବା ଉଚିତ। କେବେ ବି କଳା ଓ ନୀଳ ରଙ୍ଗ ପର୍ସ ରଖିବା ଅନୁଚିତ। ଏହି ରଙ୍ଗ ପର୍ସ ରଖିବା ଦ୍ୱାରା ଆର୍ଥିକ ସ୍ଥିତି ଖରାପ ହୁଏ।
- ତେବେ ପର୍ସରେ ଦେବୀ ଦେବତାଙ୍କ ଫଟୋ ରଖି ବୁଲୁଥିଲେ କିମ୍ବା ଏହାକୁ ବାହାର କରିବାକୁ ଚାହୁଁଥିଲେ ଫଟୋକୁ ମନ୍ଦିର ତଥା କୌଣସି ଜଳରେ ପ୍ରବାହିତ କରନ୍ତୁ।

# ଘରେ ଶଙ୍ଖ ରଖିବା ଶୁଭ



**ଶାସ୍ତ୍ରରେ ଶଙ୍ଖର ମହତ୍ତ୍ୱ ଖୁବ୍ ବେଶି। କୌଣସି ଶୁଭକାର୍ଯ୍ୟର ପ୍ରାରମ୍ଭ ଶଙ୍ଖ ବାଦନରୁ ହୋଇଥାଏ। ବାସ୍ତୁ ଶାସ୍ତ୍ରରେ ଶଙ୍ଖକୁ ଖୁବ୍ ପବିତ୍ର ଓ ପ୍ରଭାବଶାଳୀ ବୋଲି କୁହାଯାଇଛି। ଘରେ ଶଙ୍ଖ ରଖିଲେ କେବଳ ସକାରାତ୍ମକ ଶକ୍ତି ନୁହେଁ, ବରଂ ଧନ, ସୁଖ ସମୃଦ୍ଧିର ପଥ ମଧ୍ୟ ଉନ୍ମୁକ୍ତ ହୁଏ। ସେହିପରି ଶାସ୍ତ୍ର ଅନୁସାରେ, ଶଙ୍ଖରେ ଦେବୀ ଦେବତା ବାସ କରନ୍ତି। ଠିକ୍ ଦିଗ ଏବଂ ଠିକ୍ ପ୍ରକାର ଶଙ୍ଖ ଘରର ବାସ୍ତୁ ସମସ୍ୟାକୁ ଦୂର କରିପାରେ।**

ମାନ୍ୟତା ଅଛି ଶଙ୍ଖର ମଧ୍ୟ ଭାଗରେ ବରୁଣ ଦେବତା, ପଛ ପାର୍ଶ୍ୱରେ ବ୍ରହ୍ମା ଏବଂ ଅଗ୍ର ଭାଗରେ ଗଙ୍ଗା ତଥା ସରସ୍ୱତୀ ମାତା ବାସ କରନ୍ତି। ତେଣୁ ଏହାକୁ ଘରେ ରଖିବା ଶୁଭ। ବାସ୍ତୁ ଅନୁସାରେ, ଶଙ୍ଖ ସକାରାତ୍ମକ ଶକ୍ତିକୁ ଆକର୍ଷିତ କରେ ଏବଂ ନକାରାତ୍ମକତାକୁ କମ୍ କରିଥାଏ। ତେବେ ଘରର କୌଣସି କୋଣରେ ବାସ୍ତୁ ଦୋଷ ଥିଲେ ସେଠାରେ ଶଙ୍ଖ ରଖିଲେ ପରିବେଶରେ ସନ୍ତୁଳନ ରହେ ଏବଂ ମାନସିକ ଶକ୍ତି ମିଳିଥାଏ।

ଶଙ୍ଖ ମୁଖ୍ୟତଃ ତିନି ପ୍ରକାରର। ଦକ୍ଷିଣାବୃତ୍ତି ଶଙ୍ଖ, ମଧ୍ୟାବୃତ୍ତି ଶଙ୍ଖ ଓ ବାମାବୃତ୍ତି ଶଙ୍ଖ। ଯେଉଁ ଶଙ୍ଖକୁ ଡାହଣ ହାତରେ ଧରାଯାଏ, ତାହାକୁ ଦକ୍ଷିଣାବୃତ୍ତି କୁହାଯାଏ। ଯେଉଁ ଶଙ୍ଖର ମୁହଁ ମଝିରେ ଖୋଲା ଥାଏ, ତାହା ମଧ୍ୟାବୃତ୍ତି ଶଙ୍ଖ ଏବଂ ଯାହାକୁ ବାମ ହାତରେ ଧରାଯାଏ, ତାହାକୁ ବାମାବୃତ୍ତି ଶଙ୍ଖ ବୋଲି କୁହାଯାଏ। ଦକ୍ଷିଣାବୃତ୍ତି ଶଙ୍ଖକୁ ବିଶେଷ ଭାବେ ମା' ଲକ୍ଷ୍ମୀଙ୍କ ସହ ଜଡ଼ିତ। ଏହାକୁ ଘରେ ରଖିବା ଦ୍ୱାରା ଧନ, ସମ୍ପତିରେ ବୃଦ୍ଧି ଘଟେ। ଆର୍ଥିକ ସ୍ଥିରତା ବଜାୟ ରହେ। ବାସ୍ତୁ ଅନୁସାରେ, ଠିକ୍ ସ୍ଥାନରେ ରଖାଯାଉଥିବା ଶଙ୍ଖ ଆରୋଗ୍ୟ ଓ ସମୃଦ୍ଧି ପ୍ରଦାନ କରିଥାଏ।

# ବ୍ରତ ରଖିବାର ନିୟମ

**ହିନ୍ଦୁ ଧର୍ମରେ ଶୁଭ ଅବସରରେ ଲୋକମାନେ ବ୍ରତ ରଖନ୍ତି। ଏହାଦ୍ୱାରା ଦେବୀ ଦେବତାଙ୍କ ଆଶୀର୍ବାଦ ପ୍ରାପ୍ତ ହୁଏ। କୁହାଯାଏ, ବ୍ରତ ତପ ସହିତ ସମାନ। ଏଣୁ ବ୍ରତ ରଖିବା ସମୟରେ କେଉଁ କଥାକୁ ଧ୍ୟାନରେ ରଖିବା ଉଚିତ, ଜାଣିବା ସେ ସମ୍ପର୍କରେ।**



- ବ୍ରତଧାରୀଙ୍କୁ ସକାଳୁ ଶୀଘ୍ର ଉଠିବା ଦରକାର। ନିତ୍ୟକର୍ମ ଶେଷକରି ପରିଷ୍କାର ବସ୍ତ୍ର ଧାରଣ କରନ୍ତୁ।
- ବ୍ରତ ରଖିବା ସମୟରେ ଶୋଇବା ଅନୁଚିତ। ନ ଶୋଇ ଭଗବାନଙ୍କ ଭଜନ କରିବା ଉଚିତ।
- ବ୍ରତ ରଖିବା ସମୟରେ ନିଜ ସାଧ ମୁତାବକ ଲୋକଙ୍କୁ ଦାନ ଦେବା ଉଚିତ। ତା'ସହ ଦୁଃଖୀ ଲୋକଙ୍କ ସେବା କଲେ ପୁଣ୍ୟ ପ୍ରାପ୍ତ ହୁଏ।
- ବ୍ରତଧାରୀ ପର ନିନ୍ଦା ଓ ଚର୍ଚ୍ଚାରୁ ନିଜକୁ ଦୂରେଇ ରଖିବା ଜରୁରି।
- ବ୍ରତଧାରୀଙ୍କୁ ମିଛ କଥା କହିବା ମନା।
- ବ୍ରତଧାରୀଙ୍କୁ କ୍ରୋଧ ଉପରେ ନିୟନ୍ତ୍ରଣ ରଖିବା ଉଚିତ।
- ବ୍ରତ ଶେଷ ପରେ ସାତ୍ତ୍ୱିକ ଭୋଜନ ଗ୍ରହଣ କରନ୍ତୁ।

## ଟି-୨୦ ବିଶ୍ୱକପ୍‌ରେ ସାମସନଙ୍କ ହ୍ୟାଟ୍ରିକ ଅର୍ଦ୍ଧଶତକ

# ଟାଇଟଲ ବଜାୟ ରଖିଲା ଭାରତ

ଅହମ୍ମଦାବାଦ,୮।୩(ଏଜେନ୍ସି)

ସଞ୍ଜୁ ସାମସନ (୪୬ବଲ୍‌ରେ ୮୯ରନ୍), ଅଭିଷେକ ଶର୍ମା (୨୧ ବଲ୍‌ରେ ୫୨ରନ) ଓ ଇଶାନ କିଶାନ (୨୫ବଲ୍‌ରେ ୫୪ରନ)ଙ୍କ ବିସ୍ଫୋରକ ଅର୍ଦ୍ଧଶତକ, ଯଶପ୍ରୀତ୍ ବୁମ୍‌ରା ଓ ଅକ୍ଷର ପଟେଲଙ୍କ ଦମ୍‌ଦାରବୋଲିଂ ବଳରେ ଭାରତ ୨୦୨୬ ଟି-୨୦ ବିଶ୍ୱକପ୍‌ରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଡିଫେଣ୍ଡିଂ ଚାମ୍ପିଅନ ଭାରତ ୯୬ ରନ୍‌ରେ ନ୍ୟୁଜିଲାଣ୍ଡକୁ ହରାଇ କ୍ରମାଗତ ଦ୍ୱିତୀୟ ଓ ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ତୃତୀୟଥର ଟାଇଟଲ ବିଜୟୀ ହୋଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୨୫୫ ରନ୍ କରିଥିଲା। ଜବାବରେ ବୁମ୍‌ରା ସର୍ବାଧିକ ୪ଟି ଓ ଅକ୍ଷର ୩ଟି ଲେଖାଏଁ ୱିକେଟ ନେବା ଫଳରେ ୨୫୬ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ନ୍ୟୁଜିଲାଣ୍ଡ ୧୯ ଓଭରରେ ୧୫୯ ରନ୍ କରି ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ଓପନର ଟିମ୍ ସେଇଫର୍ଟ ୨୬ବଲ୍‌ରେ ୫୨ ଓ ଅଧିନାୟକ ମିଚେଲ ସାଣ୍ଟନର ୩୮ ବଲ୍‌ରେ ୪୩ ରନ୍ କରିଥିଲେ। ଫିନ୍ ଆଲେନ ୯, ରାଚିନ ରବୀନ୍ଦ୍ର ୧, ଗ୍ଲେନ ଫିଲିପ୍ସ ୫ ଓ ମାର୍କ ଚାପମ୍ୟାନ୍ ୩ ରନ୍‌ରେ ଆଉଟ ହେବା ଦଳଲାଗି ମହଙ୍ଗା ପଡ଼ିଥିଲା।

ଆଜିର ବିଜୟ ପରେ ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଥିବା ପରାଜୟର ଧାରା ଭାଙ୍ଗିବାରେ ସମର୍ଥ ହୋଇଛି ଭାରତ। ଏହା ପୂର୍ବରୁ ଉଭୟଙ୍କ ମଧ୍ୟରେ ୩ଟି ମୁକାବିଲା ହୋଇଥିଲା ଓ ସମସ୍ତ ୩ଟି ଯାକ ମ୍ୟାଚ୍‌ରେ ଭାରତ ପରାଜିତ ହୋଇଥିଲା। ସେହିପରି ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତ ୨୦୨୪ରେ ଚାମ୍ପିଅନ ହୋଇଥିଲା। ଆଜି ଚାମ୍ପିଅନ ହେବା ପରେ କ୍ରମାଗତ ଟାଇଟଲ ଓ ସର୍ବାଧିକ ୩ଟି ଟାଇଟଲ ଜିତିବାରେ ଭାରତ ପ୍ରଥମ ଦଳ ଭାବେ ବିବେଚିତ ହୋଇଛି।

ପୂର୍ବରୁ ନ୍ୟୁଜିଲାଣ୍ଡ ଅଧିନାୟକ ମିଚେଲ ସାଣ୍ଟନର ଟସ୍ ଜିତିବା ପରେ ପ୍ରଥମେ ବ୍ୟାଟିଂ ଲାଗି ଭାରତକୁ ଆମନ୍ତ୍ରଣ କରିଥିଲେ। ଭାରତ ଆରମ୍ଭରୁ ଆକ୍ରମଣାତ୍ମକ ବ୍ୟାଟିଂ କରି ୪ ଓଭରରେ ୫୦ ଓ ପାୱାରପ୍ଲେ'ରେ ୯୨ ରନ୍ ଉଠାଇଥିଲେ। ୮ମ ଓଭର ବୋଲିଂ କରିବାକୁ ଆସି ଅଭିଷେକଙ୍କୁ ରାଚିନ ରବୀନ୍ଦ୍ର କଟ୍‌ବିହାଇଣ୍ଡ ଆଉଟ କରାଇ ଏହି ଯୋଡ଼ିକୁ ଭାଙ୍ଗିଦେଇଥିଲେ। ତାଙ୍କ ଆଉଟ ପରେ ସାମସନ ଓ ଇଶାନ କିଶାନ ହାତଖୋଲା ସଟ୍ ଖେଳି ୧୦୪ ରନ୍ ଉଠାଇଥିଲେ। ୧୬ତମ ଓଭରର ପ୍ରଥମ ବଲ୍‌ରେ ସାମସନ୍‌ଙ୍କୁ ଆଉଟ କରି ଜେମ୍ସ ନୀଶାମ କେବଳ ଏହି ଯୋଡି ଭାଙ୍ଗି ନ ଥିଲେ, ୫ମ ବଲ୍‌ରେ ଇଶାନ ଓ ୬ଷ୍ଠ ବଲ୍‌ରେ ସୂର୍ଯ୍ୟକୁମାରଙ୍କୁ ଆଉଟ କରି ଭାରତୀୟ ରନ୍ ହାରରେ ବ୍ରେକ୍ ଲଗାଇଦେଇଥିଲେ। ଫାଇନାଲରେ ସାମସନ ସର୍ବାଧିକ ୮୯ ରନ୍ କରିଥିଲେ। ସେ ୪୬ବଲ୍ ଖେଳି ୫ ଚୌକା ଓ ୮ ଛକା ସହ ଚଳିତ ଟୁର୍ଣ୍ଣାମେଣ୍ଟରେ ହ୍ୟାଟ୍ରିକ ଅର୍ଦ୍ଧଶତକ ହାସଲ କରିଥିଲେ। ପ୍ରଥମେ କର ଅବା ମର ୱେଷ୍ଟଇଣ୍ଡିଜ୍ ବିପକ୍ଷ ସୁପର ଏଇଟସ ମ୍ୟାଚ୍‌ରେ ଅପରାଜିତ ୯୭, ଇଂଲଣ୍ଡ ବିପକ୍ଷ ସେମିଫାଇନାଲରେ ୮୯ ଓ ଏହି ମ୍ୟାଚ୍‌ରେ ମଧ୍ୟ ୮୯ ରନ୍ କରିଥିଲେ। ଇଶାନ ୨୫ବଲ୍‌ରେ ୪ ଚୌକା ଓ ୪ ଛକା ସହ ୫୪ରନ୍‌ର ଯୋଗଦାନ ଦେଇଥିଲେ। ଦଳର ପ୍ରଥମ ୩ଜଣ ଖେଳାଳି କ୍ଲିକ୍ କଲାପରେ ଭାରତ ୧୬ତମ ଓଭରରେ ୧, ୧୭ତମ ଓଭରରେ ୭ ଓ ୧୮ତମ ଓଭରରେ ୯ ଓ ୧୯ତମ ଓଭରରେ ୧୧ ରନ୍‌ସଂଗ୍ରହ କରିଥିଲା। ଏହି ୪ ଓଭରରେ ୩ ୱିକେଟ ହରାଇ ୨୮ ରନ୍ କରିବା ଫଳରେ ଦଳର ରନ୍ ହାର କମିଯାଇଥିଲା। ଶେଷ ଓଭରରେ ଶିବମ ଦୁବେ ୩ଟି ଚୌକା ଓ ୨ଟି ଛକା ସହାୟତାରେ ୨୪ ରନ୍ ଉଠାଇବା ଫଳରେ ଭାରତର ସ୍କୋର ୨୫୦ ରନ୍ ଅତିକ୍ରମ କରିଥିଲା। ଏକଦା ଦଳ ୨୮୦ରୁ ୨୯୦ ରନ୍ କରିବ ବୋଲି ଆଶା କରାଯାଉଥିଲାବେଳେ ଏହି ୪ ଓଭର ସେଥିରେ ପ୍ରତିବନ୍ଧକ ସୃଷ୍ଟି କରିଥିଲା। ନ୍ୟୁଜିଲାଣ୍ଡ ପକ୍ଷରୁ ସମସ୍ତ ବୋଲର ଭାରତର ପ୍ରଥମ ୩ଜଣ ବ୍ୟାଟରଙ୍କ ଆକ୍ରମଣର ଶିକାର ବନିଥିଲେ। ଦଳ ପକ୍ଷରୁ ଜେମ୍ସ ନୀଶାମ ଗୋଟିଏ ଓଭରରେ ୩ଟି ୱିକେଟ ନେଇଥିଲେ। ରାଚିନ ରବୀନ୍ଦ୍ର ଓ ମ୍ୟାଟ ହେନରୀଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଥିଲା।

**ପାୱାର ପ୍ଲେ'ରେ ସର୍ବାଧିକ ସ୍କୋର**

ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିବାର ସୁଯୋଗ ପାଇଥିବା ଭାରତ ପାୱାର ପ୍ଲେ ବା ପ୍ରଥମ ୬ ଓଭରରେ କୌଣସି ୱିକେଟ ନ ହରାଇ ୯୨ ରନ୍ କରିଥିଲା। ଏହା ଫଳରେ ଟି-୨୦ ବିଶ୍ୱକପ୍‌ର ପାୱାର ପ୍ଲେ'ରେ ଏହା ୱେଷ୍ଟଇଣ୍ଡିଜ୍‌ର ରେକର୍ଡ ସହ ସମକକ୍ଷ ହୋଇଛି। ୨୦୨୪ ବିଶ୍ୱକପ୍‌ର ବ୍ରିଜ୍‌ଟାଉନ୍‌ରେ ଅନୁଷ୍ଠିତ ଆଫଗାନିସ୍ତାନ ବିପକ୍ଷ ମୁକାବିଲାରେ ୱେଷ୍ଟଇଣ୍ଡିଜ୍ ୧ ୱିକେଟ ହରାଇ ୯୨ ରନ୍ କରିଥିଲା। ଚଳିତ ଟୁର୍ଣ୍ଣାମେଣ୍ଟରେ ନାମିବ୍ୟା ବିପକ୍ଷରେ ଭାରତ ୧ୱିକେଟରେ ୮୬ ଓ ଦକ୍ଷିଣ ଆଫ୍ରିକା ବିପକ୍ଷ ସେମିଫାଇନାଲରେ ନ୍ୟୁଜିଲାଣ୍ଡ କୌଣସି ୱିକେଟ ନ ହରାଇ ୮୪ ରନ୍ କରିଥିଲେ। ଏହି ଇନିଂସରେ ଭାରତ ୪ ଓଭରରେ ୫୦ ରନ୍ ପୂରଣ କରିଥିଲା। ଟି-୨୦ ବିଶ୍ୱକପ୍ ନକ୍‌ଆଉଟ ସେମିଫାଇନାଲ ଓ ଫାଇନାଲରେ ଏହା ଗୋଟିଏ ଦଳର ସର୍ବାଧିକ ସ୍କୋର। ପାୱାର ପ୍ଲେ'ରେ ନ୍ୟୁଜିଲାଣ୍ଡ ୮ଟି ୱାଇଡ୍ ବଲ୍ ପକାଇ ଯୁଗ୍ମ ସର୍ବାଧିକ ୱାଇଡ୍ ଦେବାର ରେକର୍ଡ କରିଛି।

**ଗୋଟିଏ ସଂସ୍କରଣରେ ସର୍ବାଧିକ ରନ କଲେ ସଞ୍ଜୁ**

ଭାରତୀୟ ବ୍ୟାଟର ଭାବେ ଟି-୨୦ ବିଶ୍ୱକପ୍‌ର ଗୋଟିଏ ସଂସ୍କରଣରେ ସର୍ବାଧିକ ରନ ସଂଗ୍ରହ କରିବାରେ ସଞ୍ଜୁ ସାମସନ ରେକର୍ଡ କରିଛନ୍ତି। ଶେଷ ହୋଇଥିବା ଏହି ସଂସ୍କରଣରେ ସଞ୍ଜୁ ଏହି ବିଶ୍ୱକପ୍‌ରେ ୫ଟି ମ୍ୟାଚରୁ ୮୦.୨୫ ହାରରେ ୩୨୧ ରନ ସଂଗ୍ରହ କରିଛନ୍ତି। ଯେଉଁଥିରେ ୩ଟି ଅର୍ଦ୍ଧଶତକୀୟ ପାଳି ସାମିଲ ରହିଛି। ଏହିକ୍ରମରେ ସେ ବିରାଟ କୋହଲିଙ୍କୁ ପଛରେ ପକାଇ ଦେଇଛନ୍ତି। ୨୦୧୪ ସଂସ୍କରଣରେ ବିରାଟ ୩୧୯ ରନ ସଂଗ୍ରହ କରି ତାଲିକାର ଶୀର୍ଷରେ ରହିଥିଲେ। ଇଶାନ କିଶାନ ମଧ୍ୟ ଏହି ବିଶ୍ୱକପରେ ୯ଟି ମ୍ୟାଚରୁ ୩୫.୨୨ ହାରରେ ୩୧୭ ରନ ନିଜ ନାମରେ ଲିପିବଦ୍ଧ କରିଛନ୍ତି। ଉଭୟ ସଞ୍ଜୁ ସାମ୍‌ସନ୍ ଅଭିଷେକ ଶର୍ମାଙ୍କ ଉପରେ ଟିମ୍ ମ୍ୟାନେଜମେଣ୍ଟ ଯେଉଁ ଭରସା ରଖିଥିଲା ତାହା ସେମାନେ ଭାରତକୁ ଚାମ୍ପିଅନ କରାଇ ଅତୁଟ ରଖିବାରେ ସମର୍ଥ ହୋଇଛନ୍ତି।



### ସ୍କୋରବୋର୍ଡ

**ଭାରତ ଇନିଂସ: ୨୫୫/୫, ୨୦ ଓଭର**

| ଖେଳାଳି | ଆଉଟମୋଡ | ରନ | ବଲ୍ | ଚୌକା | ଛକା |
|---|---|---|---|---|---|
| ସାମସନ | କ୍ୟା.(କୋଲ) ବୋ.ନୀଶାମ | ୮୯ | ୪୬ | ୫ | ୮ |
| ଅଭିଷେକ | କ୍ୟା.ସେଇଫର୍ଟ ବୋ.ରବୀନ୍ଦ୍ର | ୫୨ | ୨୧ | ୬ | ୩ |
| ଇଶାନ | କ୍ୟା.ଚାପମ୍ୟାନ୍ ବୋ.ନୀଶାମ | ୫୪ | ୨୫ | ୪ | ୪ |
| ହାର୍ଦ୍ଦିକ | କ୍ୟା.ସାଣ୍ଟନର ବୋ.ହେନରୀ | ୧୮ | ୧୩ | ୧ | ୧ |
| ସୂର୍ଯ୍ୟକୁମାର | କ୍ୟା.ରବୀନ୍ଦ୍ର ବୋ.ନୀଶାମ | ୦୦ | ୦୧ | ୦ | ୦ |
| ତିଳକ ବର୍ମା | ଅପରାଜିତ | ୦୮ | ୦୬ | ୦ | ୦ |
| ଶିବମ ଦୁବେ | ଅପରାଜିତ | ୨୬ | ୦୮ | ୩ | ୨ |
| ଅତିରିକ୍ତ | | ୦୮ (ୱାଇଡ୍-୮) | | | |

ୱିକେଟ ପତନ : ୧/୯୮, ୨/୨୦୩, ୩/୨୦୪, ୪/୨୦୪, ୫/୨୨୬।

ବୋଲିଂ ବିଶ୍ଳେଷଣ (ନ୍ୟୁଜିଲାଣ୍ଡ)- ମ୍ୟାଟ ହେନରୀ: ୪-୦-୪୯-୦, ଗ୍ଲେନ୍ ଫିଲିପ୍ସ: ୧-୦-୫-୦, ଜ୍ୟାକବ ଡଫି: ୩-୦-୪୨-୦, ଲକି ଫର୍ଗୁସନ: ୨-୦-୪୮-୦, ମିଚେଲ ସାଣ୍ଟନର: ୪-୦-୩୩-୦, ରାଚିନ ରବୀନ୍ଦ୍ର: ୨-୦-୩୨-୧, ଜେମ୍ସ ନୀଶାମ: ୪-୦-୪୬-୩।

**ନ୍ୟୁଜିଲାଣ୍ଡ ଇନିଂସ: ୧୫୯/୧୦, ୧୯ ଓଭର**

| ଖେଳାଳି | ଆଉଟମୋଡ | ରନ | ବଲ୍ | ଚୌକା | ଛକା |
|---|---|---|---|---|---|
| ସେଇଫର୍ଟ | କ୍ୟା.ଇଶାନ ବୋ.ବରୁଣ | ୫୨ | ୨୬ | ୨ | ୫ |
| ଆଲେନ୍ | କ୍ୟା.ତିଳକ ବୋ.ଅକ୍ଷର | ୦୯ | ୭ | ୧ | ୦ |
| ରବୀନ୍ଦ୍ର | କ୍ୟା.ଇଶାନ ବୋ.ବୁମ୍‌ରା | ୦୧ | ୨ | ୦ | ୦ |
| ଫିଲିପ୍ସ | ବୋ.ଅକ୍ଷର ପଟେଲ | ୦୫ | ୫ | ୧ | ୦ |
| ଚାପମ୍ୟାନ୍ | ବୋ.ହାର୍ଦ୍ଦିକ ପାଣ୍ଡ୍ୟା | ୦୩ | ୮ | ୦ | ୦ |
| ମିଚେଲ | କ୍ୟା.ଇଶାନ ବୋ.ଅକ୍ଷର | ୧୭ | ୧୧ | ୦ | ୨ |
| ସାଣ୍ଟନର | ବୋ.ଯଶପ୍ରୀତ୍ ବୁମ୍‌ରା | ୪୩ | ୩୫ | ୩ | ୨ |
| ନୀଶାମ | ବୋ.ଯଶପ୍ରୀତ୍ ବୁମ୍‌ରା | ୦୮ | ୭ | ୧ | ୦ |
| ହେନରୀ | ବୋ.ଯଶପ୍ରୀତ୍ ବୁମ୍‌ରା | ୦୦ | ୧ | ୦ | ୦ |
| ଫର୍ଗୁସନ | ଅପରାଜିତ | ୦୬ | ୭ | ୦ | ୦ |
| ଡଫି | କ୍ୟା.ତିଳକ ବୋ.ଅଭିଷେକ | ୦୩ | ୫ | ୦ | ୦ |
| ଅତିରିକ୍ତ- | ୧୨ (ବାଇ-୪, ଲେଗ୍‌ବାଇ-୧,ୱାଇଡ୍-୭) | | | | |

ୱିକେଟ ପତନ : ୧/୩୧, ୨/୩୨, ୩/୪୭, ୪/୭୦, ୫/୭୨, ୬/୧୨୪, ୭/୧୪୧, ୮/୧୪୧, ୯/୧୫୨, ୧୦/୧୫୯।

ବୋଲିଂ ବିଶ୍ଳେଷଣ (ଭାରତ)- ଅର୍ଶଦୀପ ସିଂ: ୪-୦-୩୨-୦, ହାର୍ଦ୍ଦିକ ପାଣ୍ଡ୍ୟା: ୪-୦-୩୬-୧, ଅକ୍ଷର ପଟେଲ: ୩-୦-୨୭-୩, ଯଶପ୍ରୀତ୍ ବୁମ୍‌ରା: ୪-୦-୧୫-୪, ବରୁଣ ଚକ୍ରବର୍ତ୍ତୀ: ୩-୦-୩୯-୧, ଅଭିଷେକ ଶର୍ମା: ୧-୦-୫-୧।

## ଉଦ୍‌ଯାପନୀରେ ସମାରୋହରେ ରିକିଙ୍କ କମାଲ୍

ଅହମ୍ମଦାବାଦ, ୮।୩ (ଏଜେନ୍ସି): ଟି-୨୦ ବିଶ୍ୱକପ୍ ଗ୍ରାଣ୍ଡ ଫାଇନାଲ ପୂର୍ବରୁ ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ପକ୍ଷରୁ ଉଦ୍‌ଯାପନୀ ସମାରୋହ ଆୟୋଜିତ କରାଯାଇଥିଲା। ଏଥିରେ ପପ୍ ଷ୍ଟାର୍ ତଥା ଦୁଇଥରର ଗ୍ରାମୀ ପୁରସ୍କାର ବିଜେତା ରିକି ମାର୍ଟିନଙ୍କ ଝଲକ ଦେଖିବାକୁ ମିଳିଥିଲା। ରିକି ଏଠାରେ 'ଲିଭିନ ଲା ଭିଡା ଲୋକା' ଓ 'ଦି କପ୍ ଅଫ୍ ଲାଇଫ୍' ସଙ୍ଗୀତ ପରିବେଶଷ କରି ଷ୍ଟାଡିୟମରେ ଉପସ୍ଥିତ ଏକ ଲକ୍ଷରୁ ଊର୍ଦ୍ଧ୍ୱ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ରିକିଙ୍କ ସହ ଭାରତୀୟ କଣ୍ଠଶିଳ୍ପୀ ସୁଖବୀର ସିଂହ ଓ ଫାଲଗୁନି ପାଠକ ପରବର୍ତ୍ତୀ ସମୟରେ ଯୋଗ ଆହୁରି ରୋମାଞ୍ଚ ଭରିଥିଲେ। 'ପ୍ରିନ୍ସ ଅଫ୍ ଭାଙ୍ଗ୍ରା' ଭାବେ ପରିଚିତ ସୁଖବୀର ଡ୍ରାମ୍ବରଙ୍କ ସହ ପଞ୍ଜାବୀ ହିଟ୍ ସଙ୍ଗୀତ 'ଓହ ହୋ ହୋ ହୋ' ଗାନ ଆରମ୍ଭ କରିବା ମାତ୍ରେ ଦର୍ଶକ ଗୀତର ତାଳେ ତାଳେ ଝୁମି ଉଠିଥିଲେ। ସେହିଭଳି ୫୦ ଡ୍ୟାନ୍ସରଙ୍କ ସହ ଫାଲଗୁନି ଗୁଜରାଟୀ ଲୋକନୃତ୍ୟ ଓ ବଲିଉଡ୍ ସଙ୍ଗୀତ ପରିବେଶଷ କରିଥିଲେ।

■ ଅଲ୍‌ଇଂଲଣ୍ଡ ଚାମ୍ପିଅନସିପ୍

## ଲକ୍ଷ୍ୟ ସେନ ପୁଣି ନିରାଶ; ଲିନ୍‌ଙ୍କୁ ଟାଇଟଲ୍

ବର୍ମିଂହାମ, ୮।୩ (ଏଜେନ୍ସି): ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଅଲ୍ ଇଂଲଣ୍ଡ ଚାମ୍ପିଅନସିପ୍‌ର ୧୧୬ତମ ସଂସ୍କରଣରେ ଚାଇନିଜ ତାଇପେଇ'ର ଲିନ୍ ଚୁନ-ୟି ଚାମ୍ପିଅନ ହୋଇଛନ୍ତି। ବର୍ମିଂହାମରେ ରବିବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ଫାଇନାଲ ମୁକାବିଲାରେ ଲିନ୍ ୨୧-୧୫, ୨୨-୨୦ ସିଧାସଳଖ



ଗେମରେ ଭାରତର ଲକ୍ଷ୍ୟ ସେନଙ୍କୁ ପରାସ୍ତ କରିଥିଲେ। କ୍ୟାରିୟରର ପ୍ରଥମ ସୁପର୍ ୧୦୦୦ ଟାଇଟଲ୍ ଜିତିଥିବା ଲନ୍ ୫୭ ମିନିଟ ମଧ୍ୟରେ ଲକ୍ଷ୍ୟକୁ ହରାଇ ଦେଇଥିଲେ। ଅପରପକ୍ଷରେ ୨୪ ବର୍ଷୀୟ ଲକ୍ଷ୍ୟ ଦ୍ୱିତୀୟଥର ଲାଗି ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପରାସ୍ତ ହୋଇ ରନର୍ସଅପ୍ ହୋଇଛନ୍ତି। ଏଥିପୂର୍ବରୁ ୨୦୨୨ ସଂସ୍କରଣରେ ମଧ୍ୟ ଲକ୍ଷ୍ୟ ଏଠାରେ ଫାଇନାଲରେ ଭିକ୍ଟର ଆକ୍ସେଲସେନଙ୍କ ନିକଟରୁ ପରାଜୟବରଣ କରିଥିଲେ। ଲକ୍ଷ୍ୟଙ୍କ ମେଣ୍ଟର ପ୍ରକାଶ ପାଦୁକୋନ ଦୁଇଥର (୧୯୮୦ ଓ ୧୯୮୧) ଏଠାରେ ଫାଇନାଲରେ ପ୍ରବେଶ କରିଥିଲେ। କିନ୍ତୁ ୧୯୮୦ରେ ଥରେ କେବଳ ଚାମ୍ପିଅନ ହୋଇଥିଲେ।

## ମାର୍ଚ୍ଚ ୨୮ ରୁ ଆଇପିଏଲ୍-୧୯

ଅହମ୍ମଦାବାଦ, ୮।୩ (ଏଜେନ୍ସି): ଆଇପିଏଲ୍‌ର ଆଗାମୀ ୧୯ତମ ସଂସ୍କରଣ ଆରମ୍ଭ ତାରିଖକୁ ନେଇ ଲାଗି ରହିଥିବା କଳ୍ପନାଜଳ୍ପନାର ଅନ୍ତ ଘଟିଛି। ଚଳିତ ମାସ ୨୮ ତାରିଖରୁ ଆଇପିଏଲ୍‌ର ଆଗାମୀ ସଂସ୍କରଣ ଆରମ୍ଭ ହେବ। ରବିବାର ଏଠାରେ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯାଇଥିବା ବିଶ୍ୱକପ୍ ଫାଇନାଲ ମ୍ୟାଚ୍ ପୂର୍ବରୁ ପ୍ରସାରଣକାରୀ ସଂସ୍ଥା ଷ୍ଟାର୍ ସ୍ପୋର୍ଟ୍ସ ପକ୍ଷରୁ ଏହି ସୂଚନା ଦିଆଯାଇଛି। ତେବେ ମ୍ୟାଚ୍ କାର୍ଯ୍ୟସୂଚୀ ଖୁବ ଶୀଘ୍ର ଘୋଷଣା କରାଯିବ ବୋଲି ଜଣାପଡ଼ିଛି। ଗତ ବର୍ଷ ଫାଇନାଲରେ ପଞ୍ଜାବ କିଙ୍ଗ୍‌ସକୁ ପରାସ୍ତ କରି ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଚାମ୍ପିଅନ ହୋଇଥିଲା। ନିକଟରେ କର୍ଣ୍ଣାଟକ କ୍ରିକେଟ୍ ସଂଘ ପକ୍ଷରୁ ସମ୍ପାଦକ ସନ୍ତୋଷ ମେନନ କହିଥିଲେ ଯେ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଆର୍‌ସିବିର ୫ଟି ମ୍ୟାଚ୍ ଖେଳାଯିବ। ସେହିଭଳି ଫାଇନାଲ ମ୍ୟାଚ୍ ମଧ୍ୟ ଏଠାରେ ଅନୁଷ୍ଠିତ ହେବ ବୋଲି ସେ ସୂଚନା ଦେଇଥିଲେ। ସେହିଭଳି ଆରସିବିର ଅନ୍ୟ ଦୁଇଟି ଘରୋଇ ମ୍ୟାଚ୍ ଛତିଶଗଡ଼ର ସହିଦ ବୀର ନାରାୟଣ ସିଂହ ଷ୍ଟାଡିୟମରେ ଖେଳାଯିବ ବୋଲି ଜଣାପଡ଼ିଛି।

## ଦିନିକିଆରୁ ଲିଆ ତାହୁହୁଙ୍କ ଅବସର

ଅକ୍‌ଲାଣ୍ଡ,୮।୩(ଏଜେନ୍ସି): ନ୍ୟୁଜିଲାଣ୍ଡ ମହିଳା କ୍ରିକେଟ ଦଳର ଫାଷ୍ଟ ବୋଲର ଲିଆ ତାହୁହୁ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ନେବାକୁ ଘୋଷଣା କରିଛନ୍ତି। ଏହା ଫଳରେ ଦୀର୍ଘ ୧୫ ବର୍ଷର ଅନ୍ତର୍ଜାତୀୟ କ୍ୟାରିୟରରେ ବ୍ରେକ୍ ଲାଗିଛି। କିନ୍ତୁ ଏହି ୩୫ ବର୍ଷୀୟ ଖେଳାଳି ଟି-୨୦ରେ ଖେଳିବେ ବୋଲି ଘୋଷଣା କରିଛନ୍ତି।

■ ହିଲୀଙ୍କୁ ଅଷ୍ଟ୍ରେଲିଆର ବିଜୟ ଭେଟି

## ପିଙ୍କବଲ୍ ଟେଷ୍ଟରେ ହାରିଲା ଭାରତ

ପର୍ଥ, ୮।୩ (ଏଜେନ୍ସି): ଘରୋଇ ଅଷ୍ଟ୍ରେଲିଆ ମହିଳା କ୍ରିକେଟ୍ ଦଳ ଏଠାରେ ଚାଲିଥିବା ଏକମାତ୍ର ଟେଷ୍ଟ ମ୍ୟାଚରେ ୧୦ ୱିକେଟ୍‌ରେ ଏକପାଖିଆ ଭାବେ ଭାରତକୁ ହରାଇଦେଇଛି। ଏହି ପିଙ୍କବଲ୍ ଟେଷ୍ଟ ମ୍ୟାଚରେ ଭାରତୀୟ ମହିଳା ଦଳ ମାତ୍ର ୨୫ ରନର ଟାର୍ଗେଟ୍ ଧାର୍ଯ୍ୟ କରିଥିଲା। ଯାହାକୁ ଅଷ୍ଟ୍ରେଲିଆ ରବିବାର ୩ୟ ଦିବସରେ କୌଣସି ୱିକେଟ୍ ନ ହରାଇ ୨୭ଟି ବଲରେ ହାସଲ କରିନେଇଥିଲା। ଏଥିସହ ଅଷ୍ଟ୍ରେଲିଆ ଦଳ ଏହାର ଅଧିନାୟିକା ଆଲିସା ହିଲୀଙ୍କୁ ବିଜୟ ଭେଟି ଦେଇ ବିଦାୟୀ ଦେଇଛି। ହିଲୀଙ୍କ କ୍ୟାରିୟରର ଏହା ଶେଷ ଅନ୍ତର୍ଜାତୀୟ ମ୍ୟାଚ୍ ଥିଲା। ପୂର୍ବରୁ ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୧୯୮ରେ ସୀମିତ ରହିଥିଲା। ଏହାପରେ ଆନାବେଲ୍ ସଦରଲାଣ୍ଡ (୧୨୯)ଙ୍କ ଶତକ ବଳରେ ଅଷ୍ଟ୍ରେଲିଆ ପ୍ରଥମ ପାଳିରେ ୩୨୩ ରନର ସମ୍ମାନଜନକ ସ୍କୋର କରିଥିଲା। ୧୨୫ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଭାରତ ରବିବାର ୧୪୯ ରନରେ ଅଲ୍‌ଆଉଟ୍ ହୋଇଥିଲା। ଭାରତ ପକ୍ଷରୁ ପ୍ରତୀକା ରାୱଲ (୬୩ ରନ) ଓ ସ୍ନେହ ରାଣା (୩୦) ଉପଯୋଗୀ ପାଳି ଖେଳିଥିଲେ। ଅଷ୍ଟ୍ରେଲିଆର ଲୁସି ହାମିଲଟନଙ୍କୁ ୩ ଏବଂ ସଦରଲାଣ୍ଡ, ଆଲାନ କିଙ୍ଗ୍ ଓ ସଦରଲାଣ୍ଡଙ୍କୁ ୨ଟି ଲେଖାଏ ୱିକେଟ୍ ମିଳିଥିଲା। ଶତକୀୟ ପାଳି ସହ ମ୍ୟାଚରେ ମୋଟ୍ ୬ଟି ୱିକେଟ୍ ନେଇଥିବା ସଦରଲାଣ୍ଡ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

## ଫିବା ବିଚ୍ ଭଲିବଲ୍‌ରେ ଆମେରିକା, ବେଲ୍‌ଜିୟମକୁ ସ୍ୱର୍ଣ୍ଣ




ଭୁବନେଶ୍ୱର, ୮।୩ (ସମିସ): କିଟ୍ ବିଶ୍ୱବିଦ୍ୟାଳୟରେ ଚାଲିଥିବା ଫିବା ବିଚ୍ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମହିଳା ବିଭାଗରେ ଆମେରିକାର ଡୁରିଶ ଓ କୋଏନିଗ ଯୋଡ଼ି ଚାମ୍ପିଅନ ହୋଇଛନ୍ତି। ଫାଇନାଲରେ ଏହି ଆମେରିକୀୟ ଯୋଡ଼ି ୨-୦ ସେଟରେ ଜାପାନର ଶିବା ଓ ରେଇକା ଯୋଡ଼ିଙ୍କୁ ପରାସ୍ତ କରିଥିଲେ। ମହିଳା ବିଭାଗର କାଂସ୍ୟ ପଦକ ଆମେରିକାର ହ୍ୟୁଗ୍ସ ଓ ବାତେନହର୍ଷ୍ଟ ବିଜୟୀ ହୋଇଥିଲେ। ଅପରପକ୍ଷରେ ପୁରୁଷ ବିଭାଗରେ ବେଲ୍‌ଜିୟମର ଭାନ ଲାଙ୍ଗେଡୋଙ୍କ ଓ ଭକ୍ୟୁଟେରେନ ଯୋଡ଼ି ୨-୦ ସେଟରେ ଚେକ ରିପବ୍ଲିକର ଯୋଡ଼ିଙ୍କୁ ହରାଇ ଟାଇଟଲ୍ ଜିତିଛନ୍ତି। ତୃତୀୟ/୪ର୍ଥ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚରେ ଇସ୍ରାଏଲ୍‌ର ଏଲାଜାର ଓ କୁଜମିଚିଓଭ ଯୋଡ଼ି ୨-୦ରେ ଡେନମାର୍କ ଯୋଡ଼ିଙ୍କୁ ହରାଇ କାଂସ୍ୟ ପଦକ ହାତେଇନେଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ କିଟ୍ ଓ କିସର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ, ଓସିଏ ସଭାପତି ପଙ୍କଜଲୋଚନ ମହାନ୍ତି, କୁଳପତି ଶରନଜିତ୍ ସିଂହ, ରେଜିଷ୍ଟ୍ରାର ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

## ପ୍ରଶାନ୍ତ-ଶୁଭାଶିଷ ସ୍ମାରକୀ ବରିଷ୍ଠ କ୍ରିକେଟ୍ ୧୩ରୁ

ଭୁବନେଶ୍ୱର, ୮।୩ (ସମିସ)

ମୁକ୍ତେଶ୍ୱର କ୍ଲବ ଆନୁକୂଲ୍ୟରେ ଅଲ୍ ଓଡ଼ିଶା ସିନିଅର ଟୁର୍ଣ୍ଣାମେଣ୍ଟର ୧୫ତମ ସଂସ୍କରଣ ଚଳିତ ମାସ ୧୩ ତାରିଖରୁ ଆରମ୍ଭ ହେବ। ଦୁଇ ପୂର୍ବତନ ରଣଜୀ କ୍ରିକେଟର୍ ପ୍ରଶାନ୍ତ ମହାପାତ୍ର ଓ ଶୁଭାଶିଷ



ଭୂୟାଁଙ୍କ ମେମୋରିଆଲ୍‌ରେ ଆୟୋଜିତ ହେଉଥିବା ଏହି ଟୁର୍ଣ୍ଣାମେଣ୍ଟର ଚଳିତ ସଂସ୍କରଣ ନାମ 'ଖିମଜୀ ଟ୍ରଫି' ରଖାଯାଇଛି। ମାର୍ଚ୍ଚ ୨୨ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଏଥିର ସାରା ଓଡ଼ିଶାରୁ ୧୦ଟି ଦଳ ଅଂଶଗ୍ରହଣ କରୁଛନ୍ତି। ନିମପୁର ସ୍ପୋର୍ଟିଂ-କିଶୋର ସ୍ପୋର୍ଟିଂ ଏବଂ ଟାଉନ କ୍ଲବ-ପାୟୋନିୟର କ୍ଲବ ପ୍ରି-କ୍ୱାର୍ଟର ଫାଇନାଲ ଖେଳିବେ। ସେହିଭଳି ପାରାମାଉଣ୍ଟ ସ୍ପୋର୍ଟିଂ, ପ୍ରଗତି ସ୍ପୋର୍ଟିଂ, ମୁକ୍ତେଶ୍ୱର କ୍ରିକେଟ୍ କ୍ଲବ, ସହିଦ ସ୍ପୋର୍ଟିଂ, ରାମେଶ୍ୱର ସ୍ପୋର୍ଟିଂ ଓ ରାଉରକେଲା ୟୁଥ୍ କ୍ରିକେଟ୍ କ୍ଲବ ସିଧାସଳଖ କ୍ୱାର୍ଟର ଫାଇନାଲ ଖେଳିବେ। ଟୁର୍ଣ୍ଣାମେଣ୍ଟରେ ମୋଟ୍ ୨

**ପୁରସ୍କାରରେ ଦିଆଯିବ ୨.୭୨ ଲକ୍ଷ**

ଲକ୍ଷ ୭୨ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯିବ। ଚାମ୍ପିଅନ ଦଳ ଟ୍ରଫି ସହ ଏକ ଲକ୍ଷ ଟଙ୍କା ଓ ରନର୍ସଅପ୍ ଦଳ ଟ୍ରଫି ସହ ୬୦ ହଜାର ଟଙ୍କା ପୁରସ୍କାର ପାଇବ। ସେହିଭଳି ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି (୧୫ ହଜାର), ଫାଇନାଲର ଶ୍ରେଷ୍ଠ (୧୦ହଜାର), ସେମିଫାଇନାଲର ଶ୍ରେଷ୍ଠ (୮ ହଜାର), କ୍ୱାର୍ଟରର ଶ୍ରେଷ୍ଠ (୬ ହଜାର) ଓ ପ୍ରି-କ୍ୱାର୍ଟର ଶ୍ରେଷ୍ଠ (୪ ହଜାର) ଖେଳାଳିଙ୍କୁ ଆର୍ଥିକ ପୁରସ୍କାର ଦିଆଯିବ ବୋଲି ଆୟୋଜକ କ୍ଲବର କାର୍ଯ୍ୟକାରୀ ସଭାପତି ଗୁରଜିତ୍ ସିଂହ ଚୌହାନ ରବିବାର ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ସେହିଭଳି ଶ୍ରେଷ୍ଠ ବ୍ୟାଟର ଓ ବୋଲର (୧୨ ହଜାର), ଶ୍ରେଷ୍ଠ ଫିଲ୍ଡର ଓ ୱିକେଟକିପର (୭.୫ ହଜାର)ଙ୍କୁ ମଧ୍ୟ ପୁରସ୍କୃତ କରାଯିବ। ବିଜେବି କଲେଜ ଗ୍ରାଉଣ୍ଡରେ ସମସ୍ତ ମ୍ୟାଚ୍ ଖେଳାଯିବ। ପ୍ରତ୍ୟେକ ମ୍ୟାଚ୍ ୪୦ ଓଭର ବିଶିଷ୍ଟ ହେବ ବୋଲି ସମ୍ପାଦକ ଗୌର ପ୍ରସାଦ ନନ୍ଦ କହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଶରଣଜିତ୍ ସିଂହ, ପ୍ରଦୋଷ ମହାନ୍ତି, ସଞ୍ଜୀବ ହଂସ, ଅଜିତ ବିଶ୍ୱାଳ, ସହ-ସମ୍ପାଦକ ଆଞ୍ଜେଲ ରୋମି ମିଶ୍ର, କୋଷାଧ୍ୟକ୍ଷ ଦତ୍ତାତ୍ରେୟ ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।

● ପ୍ରଥମଶ୍ରେଣୀ କ୍ରିକେଟରେ ରେକର୍ଡ

## ୫ଟି ବଲ୍‌ରେ ୫ ୱିକେଟ ନେଲେ ରାଣ୍ଡେଲ

ନାପିଏର୍,୮।୩(ଏଜେନ୍ସି): ବିଶ୍ୱର ପ୍ରଥମ ଖେଳାଳି ଭାବେ ପ୍ରଥମଶ୍ରେଣୀ କ୍ରିକେଟରେ ୫ଟି ବଲ୍‌ରେ ୫ ୱିକେଟ ନେଇ ନ୍ୟୁଜିଲାଣ୍ଡର ସେଣ୍ଟ୍ରାଲ ଡ୍ରିଷ୍ଟ୍ରିକ୍ଟରର ଫାଷ୍ଟ ବୋଲର ବ୍ରେଟ୍ ରାଣ୍ଡେଲ ଇତିହାସ ସୃଷ୍ଟି କରିଛନ୍ତି। ସେ ମଧ୍ୟ ପ୍ରଥମ ବୋଲର ଭାବେ ୮ଟି ବଲ୍‌ରେ ୬ଟି ୱିକେଟ ନେଇ ଆଉ ଏକ ଐତିହାସିକ ରେକର୍ଡ କରିବାରେ ସମର୍ଥ ହୋଇଛନ୍ତି। ଏଠାରେ ଚାଲିଥିବା ନଦର୍ଣ୍ଣ ଡିଷ୍ଟ୍ରିକ୍ସ ବିପକ୍ଷ ପ୍ଲଙ୍କେଟ ଶିଲ୍ଡ ମ୍ୟାଚ୍‌ରେ ରାଣ୍ଡେଲ ଏହି ଇତିହାସ ସୃଷ୍ଟି କରିବାରେ ସମର୍ଥ ହୋଇଛନ୍ତି। ରାଣ୍ଡେଲ ତାଙ୍କ ଦ୍ୱିତୀୟ ଓଭରର ଶେଷ ବଲ୍‌ରେ ପ୍ରତିପକ୍ଷ ଓପନର କୁପରଙ୍କୁ ବୋଲ୍ଡ କରିଥିଲେ। ପରେ ତୃତୀୟ ଓଭରର ପ୍ରଥମ ୪ଟି ବଲ୍‌ରେ ହ୍ୟାଟ୍ରିକ ସହ ୪ଟି ୱିକେଟ ନେଇଥିଲେ। ଏହି ସମୟରେ ତାଙ୍କ ବୋଲିଂ ୨.୪ ଓଭରରେ ଗୋଟିଏ ମେଡେନ୍ ସହ ୫ଟି ୱିକେଟ ନେଇଥିଲେ। ଏହାର ପରବଲ୍‌ରେ ବେନ୍ ପୋମାରେ ରନ୍ ନେବା ଫଳରେ ରାଣ୍ଡେଲଙ୍କ ୱିକେଟ ନେବା ଧାରାରେ ବ୍ରେକ୍ ଲାଗିଥିଲା। କିନ୍ତୁ ସେ ୮ଟି ବଲ୍‌ରେ ଆଉ ଏକ ୱିକେଟ ନେଇ ଇତିହାସ ସୃଷ୍ଟି କରିଥିଲେ। ୮ଟି ବଲରେ ୬ଟି ୱିକେଟ ନେବା ପ୍ରଥମଶ୍ରେଣୀ କ୍ରିକେଟରେ ପ୍ରଥମ। ଏହି ଇନିଂସରେ ସେ ୧୧ ଓଭର ବୋଲିଂ କରି ଗୋଟିଏ ମେଡେନ ସହ ୨୫ ରନ୍‌ରେ ୭ ୱିକେଟ ନେବା ଫଳରେ ନଦର୍ଣ୍ଣ ଡିଷ୍ଟ୍ରିକ୍ଟସ ୮୨ ରନ୍‌ରେ ଅଲଆଉଟ ହୋଇଥିଲା। ରାଣ୍ଡେଲ ପ୍ରଥମଶ୍ରେଣୀ କ୍ରିକେଟରେ ଇତିହାସ ସୃଷ୍ଟି କରିବାରେ ସମର୍ଥ ହୋଇଛନ୍ତି।



**କଳାହାଣ୍ଡି କପ୍: ପ୍ରିୟାଂଶୁ, ସୌମ୍ୟ ଓ ସତ୍ୟଙ୍କ କମାଲ**

## ସେମିରେ କଟକ-ଏ, ସୁନ୍ଦରଗଡ଼, ଅନୁଗୋଳ


ପ୍ରିୟାଂଶୁ ମହାନ୍ତି


ସୌମ୍ୟ ଲେଙ୍କା


ସତ୍ୟ ବେହେରା

ଭୁବନେଶ୍ୱର, ୮।୩ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା କଳାହାଣ୍ଡି କପ୍‌ରେ ରବିବାର ୩ଟି କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଡ୍ରିମ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ କଟକ-ଏ ୯ ୱିକେଟରେ ବଲାଙ୍ଗିରକୁ, ରେଭେନସା ଗ୍ରାଉଣ୍ଡ-୧ରେ ସୁନ୍ଦରଗଡ଼ ରୋମାଞ୍ଚକ ଭାବେ ୧ ୱିକେଟରେ ଝାରସୁଗୁଡ଼ାକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। କଟକ-ଏ'ର ପ୍ରିୟାଂଶୁ ମହାନ୍ତି (୬ ୱିକେଟ) ଓ ସୁନ୍ଦରଗଡ଼ର ସୌମ୍ୟ ଲେଙ୍କା (୫୯ ରନ ଓ ୩ଟି ୱିକେଟ) ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ତେବେ ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ୩ୟ କ୍ୱାର୍ଟର ଫାଇନାଲରେ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ଶକ୍ତିଶାଳୀ ଭୁବନେଶ୍ୱର-ଏ ଦଳକୁ ପରାସ୍ତ କରି ଅନୁଗୋଳ ସେମିଫାଇନାଲରେ ସ୍ଥାନ ପକ୍କା କରିଛି। ସତ୍ୟ ବେହେରା (୫/୨୯) ଓ ମିଳନ ସାମଲ (୩/୪୧)ଙ୍କ ବୋଲିଂକୁ ସାମ୍ନା କରି ନ ପାରି ପ୍ରଥମେ ବ୍ୟାଟିଂ କରିଥିବା ଭୁବନେଶ୍ୱର-ଏ ୩୫.୨ ଓଭରରେ ୧୬୦ ରନରେ ସୀମିତ ରହିଥିଲା। ଦଳ ପକ୍ଷରୁ ସୌରଭ ଗୌଡ଼ା ସର୍ବାଧିକ ୬୮ ରନ କରିଥିଲେ। ଜବାବରେ ଅନୁଗୋଳ ଶ୍ରେୟାଂସ ଭରଦ୍ୱାଜଙ୍କ ୯୫ ରନ ବଳରେ ୨୫.୩ ଓଭରରେ ୩ ୱିକେଟ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ସନସାଇନ ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ୪ର୍ଥ କ୍ୱାର୍ଟରରେ ରେଳବାଇ ଦଳ ଅନୁପସ୍ଥିତ ରହିବାରୁ ରାଉରକେଲାକୁ ୱାକଓଭର ମିଳିଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS